# ଧରିତ୍ରୀ
DHARITRI

ସମ୍ବଲପୁର, ଗୁରୁବାର, ଜୁନ୍ ୨୪/୨୦୨୧ (୧୨ ପୃଷ୍ଠା) | Sambalpur, Thursday, June 24/2021 | ★★

୧୭ଶ ଭାଗ ୧୮୭ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ₹୭/-




**ଜାଡେଜା ନମ୍ବର ଓ୍ୱାନ୍ ଅଲରାଉଣ୍ଡର**
ଆଇସିସି ଟେଷ୍ଟ ଅଲରାଉଣ୍ଡର ର୍ୟାଙ୍କିଙ୍ଗରେ ଜାସନ ହୋଲ୍ଡରଙ୍କୁ ହଟାଇ ରବୀନ୍ଦ୍ର ଜାଡେଜା ବିଶ୍ୱର ନମ୍ବର ଓ୍ୱାନ ହୋଇଛନ୍ତି। ୧୨

୧୧ **ସ୍ୱିଟିରୁ ଅନୁଷ୍କା**
ବାହୁବଳୀ ଫେମ୍ ଅନୁଷ୍କା ସେଟ୍ଟୀ ଦକ୍ଷିଣ ଭାରତୀୟ ସିନେମାର ଏବେ ଏକ ପରିଚିତ ନାମ। ଅଭିନୟକୁ କ୍ୟାରିୟର କରିବା ପୂର୍ବରୁ ତାଙ୍କର ପ୍ରକୃତ ନାମ ଥିଲା ସ୍ୱିଟି ।



# କେବଳ ପୁରୀରେ ରଥଯାତ୍ରା

## ସରକାରଙ୍କ ନିଷ୍ପତ୍ତିରେ ହସ୍ତକ୍ଷେପ କରିବାକୁ ମନା କଲେ ହାଇକୋର୍ଟ

**କଟକ ଅଫିସ, ୨୩।୬**

ରାଜ୍ୟର ବିଭିନ୍ନ ସ୍ଥାନରେ ରଥଯାତ୍ରା ହେବାକୁ ନେଇ ଆବେଦନ ଉପରେ ବୁଧବାର ହାଇକୋର୍ଟ ପୂର୍ଣ୍ଣଚ୍ଛେଦ ପକାଇଛନ୍ତି। ପୁରୀ ଛଡ଼ା ଅନ୍ୟ କୌଣସି ସ୍ଥାନରେ ରଥଯାତ୍ରା ହେବନି ବୋଲି ରାଜ୍ୟ ସରକାର ପୂର୍ବରୁ ନେଇଥିବା ନିଷ୍ପତ୍ତିରେ ଉଚ୍ଚ ଅଦାଲତ କୌଣସି ହସ୍ତକ୍ଷେପ କରିବେ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି। କେନ୍ଦ୍ରାପଡ଼ାରେ ଶ୍ରୀ ବଳଦେବ ଜୀଉ ଏବଂ ଭଟଲି ଠାରେ ରଥଯାତ୍ରା ପାଇଁ ଅନୁମତି ଦେବାକୁ ହାଇକୋର୍ଟରେ ୫ଟି ଆବେଦନ କରାଯାଇଥିଲା। ବୁଧବାର ମୁଖ୍ୟ ବିଚାରପତି ଏସ୍.ମୁରଲୀଧର ଏବଂ ବିଚାରପତି ଏସ୍.କେ. ପାଣିଗ୍ରାହୀଙ୍କୁ ନେଇ ଗଠିତ ଖଣ୍ଡପୀଠ ଉକ୍ତ ଆବେଦନଗୁଡ଼ିକର ଏକତ୍ର ଶୁଣାଣି କରି ସରକାର ନେଇଥିବା ନିଷ୍ପତ୍ତିକୁ ଯଥାର୍ଥ ବୋଲି କହିବା ସହ ଆବେଦନକାରୀଙ୍କ



ପ୍ରାର୍ଥନାକୁ ଖାରଜ କରିଛନ୍ତି। ଅନ୍ୟପଟେ ହାଇକୋର୍ଟଙ୍କ ଏହି ରାୟ ବିରୋଧରେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହେବେ ବୋଲି ଆବେଦନକାରୀ କହିଛନ୍ତି।

ସୂଚନାଯୋଗ୍ୟ, ଗତ ବର୍ଷ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଶେଷ ମୁହୂର୍ତ୍ତରେ କୋଭିଡ୍ କଟକଣା ମଧ୍ୟରେ କେବଳ ପୁରୀରେ ନବ ଦିନାତ୍ମକ ରଥଯାତ୍ରା ଆୟୋଜନ କରାଯାଇଥିଲା। ଏବର୍ଷ ମଧ୍ୟ କୋଭିଡ୍ ସଂକ୍ରମଣ ଭୟ ଥିବାରୁ ରାଜ୍ୟ ସରକାର ପୁରୀ ବ୍ୟତୀତ ଅନ୍ୟ କେଉଁଠି ରଥଯାତ୍ରା ଆୟୋଜନକୁ ଅନୁମତି ଦେଇନାହାନ୍ତି। ଜଗନ୍ନାଥ ମହାପ୍ରଭୁଙ୍କ ରଥଯାତ୍ରା ସହ କୋଟି କୋଟି ଓଡ଼ିଆଙ୍କ ଧାର୍ମିକ ଭାବାବେଗ ଜଡ଼ିତ ଥିବା କାରଣରୁ ପୁରୀ ସହ ଅନ୍ୟ ସ୍ଥାନରେ କୋଭିଡ୍ କଟକଣା ମଧ୍ୟରେ ରଥଯାତ୍ରା କରିବାକୁ ରାଜ୍ୟ ☞ପୃଷ୍ଠା-୪

## ଛେରାପହଁରା କରିବେନି ଗଜପତି

**ସ୍ନାନପୂର୍ଣ୍ଣିମା ପାଇଁ ପ୍ରସ୍ତୁତି ଶେଷ**

- ରାତି ୧ଟାରେ ହେବ ପହଣ୍ଡି
- ଦାୟିତ୍ୱ ତୁଲାଇବେ ମୁଦିରସ୍ତ

**ପୁରୀ ଅଫିସ, ୨୩।୬**

ଦେବସ୍ନାନ ପୂର୍ଣ୍ଣିମା ପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ଶୃଙ୍ଖଳିତ ଭାବେ କାର୍ଯ୍ୟ ସବୁ ସରିଥିବାବେଳେ ଗତବର୍ଷ ଭଳି ଏଥର ମଧ୍ୟ ଗଜପତି ଛେରା ପହଁରା କରିବେ ନାହିଁ। ଏଥିପାଇଁ ଦଇତାପତି ସେବାୟତମାନେ ବାହୁଟକଣ୍ଟ ନୀତି ଓ କୋଠସୁଆଁସିଆ ସେବକମାନେ ରତ୍ନ ସିଂହାସନ ତଳେ ☞ପୃଷ୍ଠା-୪

# ଭାଜପାକୁ ମିଳିଛି ୨୭୬.୪୫ କୋଟି ଚାନ୍ଦା

**ଇଲେକ୍ଟୋରାଲ ଟ୍ରଷ୍ଟରୁ ୨୦୧୯-୨୦ରେ ବିଭିନ୍ନ ଦଳକୁ ମିଳିଥିବା ଚାନ୍ଦା ସମ୍ପର୍କରେ ଏଡିଆର୍ ରିପୋର୍ଟ**

ADR
Association for Democratic Reforms

**ନୂଆଦିଲ୍ଲୀ, ୨୩।୬(ପି.ଟି.)**

୨୦୧୯-୨୦ ଆର୍ଥିକ ବର୍ଷରେ ଭାଜପାକୁ ଇଲେକ୍ଟୋରାଲ ଟ୍ରଷ୍ଟରୁ ସର୍ବାଧିକ ୨୭୬.୪୫ କୋଟି ଟଙ୍କା ଚାନ୍ଦା ମିଳିଛି। ସବୁ ରାଜନୈତିକ ଦଳଙ୍କୁ ମିଳିଥିବା ମୋଟ ଚାନ୍ଦାର ଏହା ୭୬.୧୭% ବୋଲି ବୁଧବାର ଆସୋସିଏଶନ ଫର୍ ଡେମୋକ୍ରାଟିକ୍ ରିଫର୍ମସ୍ (ଏଡିଆର୍) ରିପୋର୍ଟରେ ପ୍ରକାଶ ପାଇଛି। ଚାନ୍ଦା ସଂଗ୍ରହରେ ଭାଜପା ପଛକୁ ରହିଛି କଂଗ୍ରେସ। ଏହି ଦଳକୁ ୫୮ କୋଟି ଟଙ୍କା ଇଲେକ୍ଟୋରାଲ ଟ୍ରଷ୍ଟରୁ ମିଳିଛି, ଯାହାକି ମୋଟ ଚାନ୍ଦାର ୧୫.୯୮ ପ୍ରତିଶତ। ରାଜନୈତିକ ଦଳଗୁଡ଼ିକୁ ୭ଟି ଟ୍ରଷ୍ଟ ଜରିଆରେ ଚାନ୍ଦା ଦେବାରେ ଶୀର୍ଷରେ ରହିଛନ୍ତି ଜେଏସ୍‌ଡବ୍ଲ୍ୟୁ, ଆପୋଲୋ ଟାୟାର୍ସ, ଇଣ୍ଡିଆବୁଲ୍, ଦିଲ୍ଲୀ ଇଣ୍ଟରନ୍ୟାଶନାଲ ଏୟାରପୋର୍ଟ ଏବଂ ଡିଏଲ୍ଏଫ୍ ଗ୍ରୁପ୍ । ଜେଏସ୍‌ଡବ୍ଲ୍ୟୁ ଷ୍ଟିଲ୍ ଲିଃ ସର୍ବାଧିକ ୩୯.୧୦ କୋଟି ଟଙ୍କା ଚାନ୍ଦା ଦେଇଥିବାବେଳେ ଆପୋଲୋ ଟାୟାର୍ସ ୩୦ କୋଟି, ଇଣ୍ଡିଆବୁଲ୍ସ ଇନ୍‌ଫ୍ରାଇଷ୍ଟେଟ୍ ଲିଃ ୨୫ କୋଟି ଟଙ୍କା ବିଭିନ୍ନ ଟ୍ରଷ୍ଟକୁ ଦେଇଛି। ସେହିପରି ୨୦୧୯-୨୦ରେ ୧୮ ଜଣ ବ୍ୟକ୍ତି ଇଲେକ୍ଟୋରାଲ ଟ୍ରଷ୍ଟକୁ ଚାନ୍ଦା ଦେଇଛନ୍ତି। ପ୍ରୁଡେଣ୍ଟ ଇଲେକ୍ଟୋରାଲ ଟ୍ରଷ୍ଟକୁ ୧୦ ଜଣ ମୋଟ ୨.୮୭ କୋଟି ଟଙ୍କା ଦେଇଥିବାବେଳେ ସ୍ମଲ୍ ଡୋନେଶନ୍ସ ଇଲେକ୍ଟୋରାଲ ଟ୍ରଷ୍ଟକୁ ୪ ଜଣ ୫.୫୦ ଲକ୍ଷ, ସ୍ୱଦେଶୀ ଇଲେକ୍ଟୋରାଲ ଟ୍ରଷ୍ଟକୁ ୪ ଜଣ ୧ ଲକ୍ଷ ଟଙ୍କା ଚାନ୍ଦା ପୈଠ କରିଥିବା ଜଣାପଡ଼ିଛି। ଏହା ବ୍ୟତୀତ ଅନ୍ୟ ୧୨ଟି ଦଳ ଏଏପି, ଏସ୍ଏଚ୍ଏସ୍, ଏସ୍‌ପି, ଯୁବ ଜନଜାଗୃତି ପାର୍ଟି, ଜନନାୟକ ପାର୍ଟି, ଜେଡିୟୁ, ଜେଏମ୍ଏମ୍, ☞ପୃଷ୍ଠା-୪

# ସ୍କୁଲ ପାଠ୍ୟକ୍ରମରେ 'ବନ୍ଦେ ଉତ୍କଳ ଜନନୀ'

**ଏଥର ବି କମିଲା ନବମ, ଦଶମ ପାଠ୍ୟକ୍ରମ**

**ଭୁବନେଶ୍ୱର, ୨୩।୬(ବ୍ୟୁରୋ)**

ବିଦ୍ୟାଳୟ ପାଠ୍ୟକ୍ରମରେ ରାଜ୍ୟ ସଙ୍ଗୀତ 'ବନ୍ଦେ ଉତ୍କଳ ଜନନୀ' ସ୍ଥାନ ପାଇଛି। ପ୍ରଥମ ଭାଷା ଓଡ଼ିଆ ବିଷୟରେ 'ବନ୍ଦେ ଉତ୍କଳ ଜନନୀ'କୁ ସ୍ଥାନ ମିଳିଛି। ନବମ ଓ ଦଶମ ଶ୍ରେଣୀରେ ଏହି ରାଜ୍ୟ ସଙ୍ଗୀତ ପଢ଼ାଯିବ। ଏ ନେଇ ବୁଧବାର ମାଧ୍ୟମିକ ଶିକ୍ଷା ବୋର୍ଡ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଅନ୍ୟପକ୍ଷରେ ଗତବର୍ଷ ଭଳି ଏଥର ମଧ୍ୟ ନବମ ଓ ଦଶମ ଶ୍ରେଣୀର ପାଠ୍ୟକ୍ରମ ୩୦ ପ୍ରତିଶତ ହ୍ରାସ କରାଯାଇଛି। ଗତବର୍ଷ ହ୍ରାସ କରାଯାଇଥିବା ପାଠ୍ୟକ୍ରମ ଏଥର ମଧ୍ୟ ଲାଗୁ ହେବ ବୋଲି ବୋର୍ଡ ପକ୍ଷରୁ ପ୍ରକାଶିତ ଉକ୍ତ ବିଜ୍ଞପ୍ତିରେ ଉଲ୍ଲେଖ ହୋଇଛି। ସୂଚନାଯୋଗ୍ୟ, ଗତବର୍ଷ କରୋନା ଯୋଗୁ ନବମ ଓ ଦଶମ ଶ୍ରେଣୀ ପାଠ୍ୟକ୍ରମରେ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ଜିଭର ମିଥ୍ୟା ପ୍ରତିଶ୍ରୁତି**


DSPL - 57

ଓଡ଼ିଶା ସରକାର

## ଓଡ଼ିଶାରେ ସ୍ୱାସ୍ଥ୍ୟ ସେବାର ଉନ୍ନତି ନିମନ୍ତେ ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ

### ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ

**ଗଞ୍ଜାମ ଜିଲ୍ଲା**

- ସିଟି ହସ୍ପିଟାଲ, ବ୍ରହ୍ମପୁର ଠାରେ ୧୨ ଶଯ୍ୟା ବିଶିଷ୍ଟ ସ୍ୱତନ୍ତ୍ର ନବଜାତକ ଶିଶୁ କେୟାର ୟୁନିଟ୍ (ଏସ୍.ଏନ୍.ସି.ୟୁ. କମ୍ପ୍ଲେକ୍ସ) ଏବଂ ବହିର୍ବିଭାଗ (G+2)।
- ଉପଖଣ୍ଡ ସ୍ତରୀୟ ଚିକିତ୍ସାଳୟ, ଭଞ୍ଜନଗର ଠାରେ ୪ ଶଯ୍ୟା ବିଶିଷ୍ଟ ଡାୟାଲିସିସ୍ ୟୁନିଟ୍।
- କୁକୁଡାଖଣ୍ଡି ବ୍ଲକ ଅନ୍ତର୍ଗତ ହୁଗୁଲାପଟା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର।
- ଦିଗପହଣ୍ଡି ବ୍ଲକ୍ ଅନ୍ତର୍ଗତ ବମକେଇ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଠାରେ ବହିର୍ବିଭାଗ (G+1)।

### ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ

**ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ବରଗଡ**

- ଲିକୁଇଡ୍ ମେଡିକାଲ ଅକ୍ସିଜେନ (6 KL) ସଂରକ୍ଷଣ ଓ ବଣ୍ଟନ ବ୍ୟବସ୍ଥା।
- ଚାପ ଅବଶୋଷଣ ପ୍ରଣାଳୀରେ ମେଡିକାଲ ଅକ୍ସିଜେନ (167 LPM)ର ଉତ୍ପାଦନ ଓ ବଣ୍ଟନ ବ୍ୟବସ୍ଥା।

**ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ଗଞ୍ଜାମ**

- ଲିକୁଇଡ୍ ମେଡିକାଲ ଅକ୍ସିଜେନ (6 KL) ସଂରକ୍ଷଣ ଓ ବଣ୍ଟନ ବ୍ୟବସ୍ଥା।
- ଏମ୍.କେ.ସି.ଜି. ମେଡିକାଲ କଲେଜ ଓ ହସ୍ପିଟାଲ, ବ୍ରହ୍ମପୁର ଠାରେ ଚାପ ଅବଶୋଷଣ ପ୍ରଣାଳୀରେ ମେଡିକାଲ ଅକ୍ସିଜେନ (833 LPM)ର ଉତ୍ପାଦନ ଓ ବଣ୍ଟନ ବ୍ୟବସ୍ଥା।
- ସିଟି ହସ୍ପିଟାଲ, ବ୍ରହ୍ମପୁର ଠାରେ ଚାପ ଅବଶୋଷଣ ପ୍ରଣାଳୀରେ ମେଡିକାଲ ଅକ୍ସିଜେନ (500 LPM)ର ଉତ୍ପାଦନ ଓ ବଣ୍ଟନ ବ୍ୟବସ୍ଥା ଏବଂ ବଟଲିଂ ପ୍ଲାଣ୍ଟ (250 LPM)।

**ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ଯାଜପୁର**

- ଲିକୁଇଡ୍ ମେଡିକାଲ ଅକ୍ସିଜେନ (6 KL) ସଂରକ୍ଷଣ ଓ ବଣ୍ଟନ ବ୍ୟବସ୍ଥା।
- ଚାପ ଅବଶୋଷଣ ପ୍ରଣାଳୀରେ ମେଡିକାଲ ଅକ୍ସିଜେନ (500 LPM)ର ଉତ୍ପାଦନ ଓ ବଣ୍ଟନ ବ୍ୟବସ୍ଥା।

**ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, କନ୍ଧମାଳ**

- ଲିକୁଇଡ୍ ମେଡିକାଲ ଅକ୍ସିଜେନ (6 KL) ସଂରକ୍ଷଣ ଓ ବଣ୍ଟନ ବ୍ୟବସ୍ଥା।
- ଚାପ ଅବଶୋଷଣ ପ୍ରଣାଳୀରେ ମେଡିକାଲ ଅକ୍ସିଜେନ (500 LPM)ର ଉତ୍ପାଦନ ଓ ବଣ୍ଟନ ବ୍ୟବସ୍ଥା।

**ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, କେନ୍ଦ୍ରାପଡ଼ା**

- ଲିକୁଇଡ୍ ମେଡିକାଲ ଅକ୍ସିଜେନ (6 KL) ସଂରକ୍ଷଣ ଓ ବଣ୍ଟନ ବ୍ୟବସ୍ଥା।
- ଚାପ ଅବଶୋଷଣ ପ୍ରଣାଳୀରେ ମେଡିକାଲ ଅକ୍ସିଜେନ (500 LPM)ର ଉତ୍ପାଦନ ଓ ବଣ୍ଟନ ବ୍ୟବସ୍ଥା।

**ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, କେଉଁଝର**

- ଲିକୁଇଡ୍ ମେଡିକାଲ ଅକ୍ସିଜେନ (6 KL) ସଂରକ୍ଷଣ ଓ ବଣ୍ଟନ ବ୍ୟବସ୍ଥା।
- ଚାପ ଅବଶୋଷଣ ପ୍ରଣାଳୀରେ ମେଡିକାଲ ଅକ୍ସିଜେନ (833 LPM)ର ଉତ୍ପାଦନ ଓ ବଣ୍ଟନ ବ୍ୟବସ୍ଥା।



ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ
**ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ ଦ୍ୱାରା**
**ଶୁଭ ଉଦ୍‌ଘାଟନ ଏବଂ ଶିଳାନ୍ୟାସ**
୨୪ ଜୁନ ୨୦୨୧

**ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ରାୟଗଡା**

- ଲିକୁଇଡ୍ ମେଡିକାଲ ଅକ୍ସିଜେନ (6 KL) ସଂରକ୍ଷଣ ଓ ବଣ୍ଟନ ବ୍ୟବସ୍ଥା।
- ଚାପ ଅବଶୋଷଣ ପ୍ରଣାଳୀରେ ମେଡିକାଲ ଅକ୍ସିଜେନ (833 LPM)ର ଉତ୍ପାଦନ ଓ ବଣ୍ଟନ ବ୍ୟବସ୍ଥା।

**ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ମାଲକାନଗିରି**

- ଲିକୁଇଡ୍ ମେଡିକାଲ ଅକ୍ସିଜେନ (6 KL) ସଂରକ୍ଷଣ ଓ ବଣ୍ଟନ ବ୍ୟବସ୍ଥା।
- ଚାପ ଅବଶୋଷଣ ପ୍ରଣାଳୀରେ ମେଡିକାଲ ଅକ୍ସିଜେନ (833 LPM)ର ଉତ୍ପାଦନ ଓ ବଣ୍ଟନ ବ୍ୟବସ୍ଥା।

OIPR-10112/13/0033/2122

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ

## ୧୨ ମହଲାରୁ ପୁଅ ସହ ଡେଇଁଲେ ମା'

ପଡ଼ୋଶୀ ଗାଳି କରିବାରୁ ନିଜ ୭ ବର୍ଷର ପୁଅକୁ ଧରି ଏକ ଆପାର୍ଟମେଣ୍ଟରୁ ୧୨ ମହଲାରୁ ଡେଇଁ ଜଣେ ମହିଳା ଆତ୍ମହତ୍ୟା କରିଛନ୍ତି। ମୁମ୍ବାଇର ଚାନ୍ଦିବାଲିଠାରେ ସୋମବାର ଏହି ଘଟଣା ଘଟିଛି। ସୁଇସାଇଡ ନୋଟ୍‌ରେ ଲେଖାଥିବା ୩ ଜଣଙ୍କ ମଧ୍ୟରୁ ପୋଲିସ ଜଣଙ୍କୁ ଗିରଫ କରିଛି। ମୃତା ରେଶମା ତ୍ରେଞ୍ଚିଲ (୪୪)ଙ୍କ ସ୍ୱାମୀ କିଛି ଦିନ ତଳେ କରୋନାରେ ସଂକ୍ରମିତ ହୋଇ ମୃତ୍ୟୁ ଘଟିଥିଲା। ଉକ୍ତ ଆପାର୍ଟମେଣ୍ଟରେ ରେଶମା ପୁଅ ସହ ରହୁଥିଲେ। ତାଙ୍କ ପୁଅ ଜୋର୍‌ରେ ପାଟି କରୁଥିବା ନେଇ ପଡ଼ୋଶୀ ବାରମ୍ବାର ଗାଳି କରି ତାଙ୍କୁ ମାନସିକ ନିର୍ଯାତନା ଦେଉଥିଲେ ବୋଲି ସୁଇସାଇଡ ନୋଟ୍‌ରେ ଉଲ୍ଲେଖ ରହିଛି।

### ସଂକ୍ଷେପରେ

## ନଭେମ୍ବର ଯାଏ ମାଗଣା ରାଶନକୁ କ୍ୟାବିନେଟ ମଞ୍ଜୁରୀ

**ନୂଆଦିଲ୍ଲୀ, ୨୩।୬:** ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନା (ପିଏମ୍‌ଜିକେଏୱାଇ)ରେ ରାଶନ କାର୍ଡଧାରୀମାନଙ୍କୁ ଆସନ୍ତା ନଭେମ୍ବର (ଆଉ ୫ ମାସ) ପର୍ଯ୍ୟନ୍ତ ମାଗଣା ଖାଦ୍ୟଶସ୍ୟ ଯୋଗାଇଦେବା ପ୍ରସ୍ତାବକୁ ବୁଧବାର କେନ୍ଦ୍ର କ୍ୟାବିନେଟ ଅନୁମୋଦନ କରିଛି। ଏହାଦ୍ୱାରା ୮୦ କୋଟିରୁ ଊର୍ଦ୍ଧ୍ୱ ଗରିବ ହିତାଧିକାରୀ ଉପକୃତ ହେବେ। କରୋନା ମହାମାରୀର ଦ୍ୱିତୀୟ ଲହରରେ କାମଧନ୍ଦା ହରାଇଥିବା ଲୋକମାନଙ୍କୁ ୨ ମାସ ପାଇଁ ମାଗଣା ରାଶନ ଯୋଗାଇବା ଲାଗି ଗତ ଜୁନ୍‌ରେ ଘୋଷଣା କରାଯାଇଥିଲା। ସଂକ୍ରମଣ ବଢ଼ିବା ସହ ବିଭିନ୍ନ ରାଜ୍ୟରେ ଲକ୍‌ଡାଉନ ହେବାରୁ ଲୋକଙ୍କ ଅସୁବିଧା ଆହୁରି ବଢ଼ିଯାଇଛି। ଏହାକୁ ଦୃଷ୍ଟିରେ ରଖି ପିଏମ୍‌ଜିକେଏୱାଇକୁ ନଭେମ୍ବର ପର୍ଯ୍ୟନ୍ତ ବଢ଼ାଇବାକୁ ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଘୋଷଣା କରିଥିଲେ।

## ଟିକା ନ ନେଲେ ଭାରତ ଯାଅ: ଫିଲିପାଇନ୍ସ ରାଷ୍ଟ୍ରପତି



**ମାନିଲା, ୨୩।୬:** ଯେଉଁମାନେ କୋଭିଡ୍ ଟିକା ନେବାକୁ ଅନିଚ୍ଛା ପ୍ରକାଶ କରୁଛନ୍ତି ସେମାନଙ୍କୁ ଗିରଫ କରାଯିବ ବୋଲି ଫିଲିପାଇନ୍ସ ରାଷ୍ଟ୍ରପତି ରୋଡ୍ରିଗୋ ଡୁଟେର୍ଟେ ଏକ ପ୍ରାକ୍ ରେକର୍ଡେଡ୍ ଟେଲିଭିଜନ ବାର୍ତ୍ତାରେ କହିଥିବା ଜଣାପଡ଼ିଛି। ଟିକା ନେବା ପାଇଁ ମନା କରୁଥିବା ଲୋକେ ଭାରତ କିମ୍ବା ଆମେରିକା ପଳାଇଯାଆନ୍ତୁ ବୋଲି ସେ କହିଛନ୍ତି। ଦକ୍ଷିଣପୂର୍ବ ଏସିଆରେ ଫିଲିପାଇନ୍ସ କୋଭିଡ୍ ଯୋଗୁ ସର୍ବାଧିକ ପ୍ରଭାବିତ ହୋଇଛି। ଦେଶରେ ଜାତୀୟ ଜରୁରୀ ପରିସ୍ଥିତି ଦେଖାଦେଇଛି। ଯିଏ ଟିକା ନ ନେବେ ତାଙ୍କୁ ଗିରଫ କରାଯାଇ ଜବରଦସ୍ତ ଟିକା ଦିଆଯିବ। ଦେଶ ଗୁରୁତର ସଙ୍କଟର ସମ୍ମୁଖୀନ ହୋଇଥିବାବେଳେ ଟିକା ନେବାକୁ ମନାକରୁଥିବା ଲୋକେ ଆହୁରି ବୋଝ ସୃଷ୍ଟି କରୁଛନ୍ତି ବୋଲି ରୋଡ୍ରିଗୋ କହିଥିଲେ।

## ପୋଲିସ ମାଡ଼ରେ ଯୁବକ ମୃତ: ସବ୍-ଇନ୍ସପେକ୍ଟର ଗିରଫ

**ଚେନ୍ନାଇ, ୨୩।୬:** ପୋଲିସ ମାଡ଼ରେ ଗୁରୁତର ହୋଇଥିବା ତାମିଲନାଡୁର ଜଣେ ୪୫ ବର୍ଷୀୟ ବ୍ୟକ୍ତିଙ୍କ ମୃତ୍ୟୁ ଘଟିବା ପରେ ସାଲେମ ଜିଲାର ଇଟାପୁର ପୋଲିସ ଷ୍ଟେଶନର ଜଣେ ସବ୍‌ଇନ୍ସପେକ୍ଟରଙ୍କୁ ଗିରଫ କରାଯାଇଛି। ମଙ୍ଗଳବାର ସକାଳେ ସବ୍‌ଇନ୍ସପେକ୍ଟର ପେରିୟାସାମି ଦାୟିତ୍ୱରେ ଥିବାବେଳେ ଏହି ଘଟଣା ଘଟିଥିଲା। ମୁରୁଗେସାନ ପଡୋଶୀ ଗ୍ରାମରୁ ମଦ୍ୟପାନ କରି ଫେରୁଥିବାବେଳେ ତାଙ୍କ ସମେତ ୩ ଜଣଙ୍କୁ ଚେକ୍‌ପୋଷ୍ଟରେ ପୋଲିସ ଅଟକାଇଥିଲା। ପୋଲିସ ସହ ସେମାନଙ୍କ ଝଗଡ଼ା ହେଉଥିବା ଏକ ଭିଡିଓରେ ଦେଖିବାକୁ ମିଳିଛି। ସେଠାରେ ପୋଲିସ ମାଡ଼ରେ ମୁରୁଗେସାନ ଗୁରୁତର ହୋଇପଡ଼ିଥିଲେ। ବୁଧବାର ସକାଳେ ଡାକ୍ତରଖାନାରେ ତାଙ୍କର ମୃତ୍ୟୁ ଘଟିଥିଲା।

## 'ମେହବୁବାଙ୍କୁ ପାକିସ୍ତାନ ପଠାଅ'

**ନୂଆଦିଲ୍ଲୀ, ୨୩।୬:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁରୁବାର ଜମ୍ମୁ-କଶ୍ମୀରର ନେତାମାନଙ୍କୁ ଆଲୋଚନା ପାଇଁ ଆମନ୍ତ୍ରଣ କରିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ବାସଭବନରେ ହେବାକୁ ଥିବା ଏହି ବୈଠକରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ମଧ୍ୟ ଯୋଗଦେବେ। ୨୦୧୯ ଅଗଷ୍ଟ ୫ରେ କେନ୍ଦ୍ର ସରକାର ଜମ୍ମୁ-କଶ୍ମୀରରୁ ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦ କରିଥିଲେ। ଏହାର ୨୨ ମାସ ପରେ ପ୍ରଥମ ଥର ପାଇଁ କଶ୍ମୀରୀ ନେତାମାନଙ୍କୁ ମୋଦି ଭେଟିବାକୁ ଯାଉଛନ୍ତି। ପିପୁଲ୍ସ ଆଲାଏନ୍ସ ଫର ଗୁପ୍‌କାର ଡିକ୍ଲାରେଶନ୍ (ପିଏଜିଡି)ରେ ସାମିଲ ଥିବା ଦଳଗୁଡ଼ିକର ନେତାମାନେ ଉକ୍ତ ବୈଠକରେ ଯୋଗଦେବେ ବୋଲି ଏହାର ଅଧ୍ୟକ୍ଷ ଫାରୁକ୍ ଅବ୍‌ଦୁଲ୍ଲା ସୂଚନା ଦେଇଛନ୍ତି। ଇତିମଧ୍ୟରେ ପିପୁଲ୍ସ ଡେମୋକ୍ରାଟିକ୍ ପାର୍ଟି (ପିଡିପି) ଅଧ୍ୟକ୍ଷା ମେହବୁବା ମୁଫ୍‌ତି ପାକିସ୍ତାନ ସହ ଆଲୋଚନା କରିବାକୁ କେନ୍ଦ୍ରକୁ ପ୍ରସ୍ତାବ ଦେଇଥିବାରୁ ତାଙ୍କ ବିରୋଧରେ କଶ୍ମୀରର ବିଭିନ୍ନ ସ୍ଥାନରେ ଶିବସେନା ଓ ଡୋଗ୍ରା ଫ୍ରଣ୍ଟ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ମେହବୁବାଙ୍କୁ ପାକିସ୍ତାନକୁ ପଠାଇ ଦିଆଯାଉ ବୋଲି ବିକ୍ଷୋଭକାରୀମାନେ ଦାବି କରିଛନ୍ତି।



## ନୁସ୍‌ରତଙ୍କ ସମସ୍ୟା ବଢ଼ିଲା

ବ୍ୟବସାୟୀ ନିଖିଲ ଜୈନଙ୍କ ସହ ବିବାହ ଭାରତୀୟ ଆଇନ ଅନୁସାରେ ବୈଧ ନୁହେଁ ବୋଲି ଟିଏମ୍‌ସି ଏମ୍‌ପି ନୁସ୍‌ରତ ଜହାଁ କହିବା ପରଠାରୁ ବିବାଦ ଘନେଇବାରେ ଲାଗିଛି। ପ୍ରଥମେ ଶଙ୍ଖା ସିନ୍ଦୂର ପିନ୍ଧି ଜଣେ ବ୍ୟକ୍ତିଙ୍କୁ ସ୍ୱାମୀ ବୋଲି କହିବା ଏବଂ ପରେ ବିବାହିତ ନୁହେଁ ବୋଲି ମନ୍ତବ୍ୟ ଦେଇ ନୁସ୍‌ରତ ଭାରତୀୟ ସଂସ୍କୃତିକୁ ଅପମାନିତ କରିଥିବା ପଶ୍ଚିମବଙ୍ଗର ଭାଜପା ସଭାପତି ଦିଲୀପ ଘୋଷ କହିଛନ୍ତି। ଟିଏମ୍‌ସି ତାଙ୍କୁ ଲୋକ ସଭାରୁ ନିଲମ୍ବନ କରୁ ବୋଲି ଦିଲୀପ ଦାବି କରିଛନ୍ତି। ଏଥିସହ ନୁସ୍‌ରତ ପାର୍ଲାମେଣ୍ଟରେ ମିଥ୍ୟା ପ୍ରମାଣପତ୍ର ରଖିଥିବାରୁ ତାଙ୍କ ବିରୋଧରେ ଲୋକ ସଭା ବାଚସ୍ପତି ଓମ୍ ବିର୍ଲା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ ବୋଲି ଭାଜପା ଏମ୍‌ପି ସଂଘମିତ୍ରା ମୌର୍ଯ୍ୟ ଚିଠି ଲେଖିଛନ୍ତି। ତୁର୍କୀରେ ସେଠାକାର ରୀତିନୀତି ଅନୁଯାୟୀ ନିଖିଲଙ୍କ ସହ ବିବାହ ହୋଇଥିବାରୁ ଭାରତରେ ତାହାକୁ 'ଲିଭ୍-ଇନ୍' ରିଲେଶନ କୁହାଯିବ ବୋଲି ଜୁନ ୯ରେ ନୁସ୍‌ରତ କହିଥିଲେ। ନୁସ୍‌ରତ ଏବେ ଗର୍ଭବତୀ ଥିବାବେଳେ ପିଲାର ବାପା ସେ ନୁହନ୍ତି ବୋଲି ନିଖିଲ ପୂର୍ବରୁ କହିଛନ୍ତି।

## ହାଇକୋର୍ଟ ଗଲେ ସୁଶାନ୍ତଙ୍କ ବାପା



ବଲିଉଡ୍ ଅଭିନେତା ସ୍ୱର୍ଗତ ସୁଶାନ୍ତ ସିଂଙ୍କ ଉପରେ ବାୟୋପିକ୍ ନିର୍ମାଣ ଓ ଏହାର ମୁକ୍ତିଲାଭ ଉପରେ ରୋକ ଲଗାଯିବା ଆବେଦନକୁ ଏକକ ବିଚାରପତିଙ୍କ ଖଣ୍ଡପୀଠ ଖାରଜ କରିଦେବା ପରେ ତାଙ୍କ ବାପା କେ. କେ. ସିଂ ବୁଧବାର ଦିଲ୍ଲୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଏକ ଅବକାଶକାଳୀନ ଖଣ୍ଡପୀଠର ବିଚାରପତି ଜଷ୍ଟିସ୍ ଜଏରାମ ଭମ୍ବାନୀ ଏବଂ ଜଷ୍ଟିସ୍ ଜସ୍‌ମିତ୍ ସିଂ ଆସନ୍ତା ୨୫ ତାରିଖ ପର୍ଯ୍ୟନ୍ତ ମାମଲାକୁ ସ୍ଥଗିତ ରଖିବା ସହ ଗତ ୧୧ ତାରିଖରେ ରିଲିଜ ହେବାକୁ ଥିବା 'ନ୍ୟାୟ ଦି ଜଷ୍ଟିସ୍' ମୁକ୍ତିଲାଭ କରିଛି କି ନା ତାହାର ଜବାବ ମାଗିଥିଲେ। କେ. କେ. ସିଂଙ୍କ ଓକିଲ ଉକ୍ତ ମୁଭି ରିଲିଜ ହୋଇ ନ ଥିବା କହିଥିବାବେଳେ ଓଟିଟିରେ ଧାର୍ଯ୍ୟ ତାରିଖରେ ତାହା ମୁକ୍ତିଲାଭ କରିଥିବା ଅପରପକ୍ଷ ଓକିଲ ଜଣାଇଥିଲେ।

# ମିଳିମିଳା ଟିକା ଶିଶୁଙ୍କ ସୁରକ୍ଷା କବଚ

## କୋଭିଡ୍ ବିରୋଧରେ ଏହି ଭାକ୍ସିନ୍ ୮୭.୫% ଫଳପ୍ରଦ: ଅଧ୍ୟୟନ

**ନୂଆଦିଲ୍ଲୀ, ୨୩।୬**

କରୋନା ସଂକ୍ରମଣର ତୃତୀୟ ଲହର ଶିଶୁମାନଙ୍କୁ ଅଧିକ ପ୍ରଭାବିତ କରିବା ନେଇ ଚିନ୍ତା ପ୍ରକଟ କରାଯାଉଥିବାବେଳେ ମିଳିମିଳା ଟିକା ଏଥିରୁ ସୁରକ୍ଷା ଦେଇପାରିବ ବୋଲି ଭାରତୀୟ ଗବେଷକମାନେ ଏକ ଅଧ୍ୟୟନରୁ ଜାଣିବାକୁ ପାଇଛନ୍ତି। ଅଧ୍ୟୟନରୁ ମିଳିମିଳା ଟିକା ନେଇଥିବା ଶିଶୁଙ୍କଠାରେ କୋଭିଡ୍ ସଂକ୍ରମଣର ସାମାନ୍ୟ ଲକ୍ଷଣ ଦେଖାଯାଇଛି। ପୁଣେର ବି.ଜେ. ମେଡିକାଲ କଲେଜ ପକ୍ଷରୁ କରାଯାଇଥିବା ଏହି ଅଧ୍ୟୟନ ଅନୁଯାୟୀ ସାର୍ସ-ସିଓଭି-୨ ଭୂତାଣୁ ବିରୋଧରେ ମିଳିମିଳା ଟିକା ୮୭.୫ ପ୍ରତିଶତ ଫଳପ୍ରଦ। ହ୍ୟୁମ୍ୟାନ ଭାକ୍ସିନ୍ସ ଆଣ୍ଡ ଇମ୍ୟୁନୋଥେରାପ୍ୟୁଟିକ୍ସ ପତ୍ରିକାରେ ଏହା ପ୍ରକାଶ ପାଇଛି। ପିଲାଙ୍କୁ କରୋନା ବିରୋଧରେ ଏହି ଟିକା ଦୀର୍ଘମିଆଦୀ ସୁରକ୍ଷା ଦେଇପାରିବ।




ଏହା ଉପରେ ଗବେଷକମାନେ ଅଧିକ ପରୀକ୍ଷା ଚଳାଇଛନ୍ତି। ରୁବେଲା ଭୂତାଣୁ ଭଳି କରୋନା ଭୂତାଣୁରେ ଆମିନୋ ଏସିଡ୍ ସିକ୍ୱେନ୍ସ ୩୦% ରହୁଥିବାରୁ ମିଳିମିଳା ଟିକା ଉପରେ ଅଧ୍ୟୟନ କରାଯାଇଥିଲା। ସାର୍ସ-ସିଓଭି-୨ର ସ୍ପାଇକ୍ ପ୍ରୋଟିନ୍ ମିଳିମିଳା ଟିକାର ହେମାଗ୍ଲୁଟିନିନ୍ ପ୍ରୋଟିନ୍ ଅନୁରୂପ। ସେଥିପାଇଁ ମିଳିମିଳା ଟିକା ଭଲ ଫଳାଫଳ ଦେଉଥିବା ଶିଶୁରୋଗ ବିଶେଷଜ୍ଞ ଡ. ନିଲେଶ ଗୁଜର କହିଛନ୍ତି।

## ଟିକା ପାଇଁ କମ୍ପାନୀ ରିହାତି

**ବେଙ୍ଗାଲୁରୁ, ୨୩।୬**

କୋଭିଡ୍ ଟିକାକୁ ନେଇ କେତେକଙ୍କ ମଧ୍ୟରେ ରହିଥିବା କୁଣ୍ଠାବୋଧ ଦୂର କରିବା ଓ ଟିକାକରଣ ଅଭିଯାନରେ ବହୁସଂଖ୍ୟାରେ ସାମିଲ ହେବାକୁ ପ୍ରୋତ୍ସାହିତ କରିବା ଲାଗି ବିଭିନ୍ନ କମ୍ପାନୀ ପକ୍ଷରୁ ରିହାତି ଘୋଷଣା କରାଯାଇଛି। ଯେଉଁମାନେ କୋଭିଡ୍ ଟିକାର ଡବଲ ଡୋଜ୍ ନେଇଛନ୍ତି, ସେମାନଙ୍କୁ ଇଣ୍ଡିଗୋ ଏୟାରଲାଇନ୍ସ ମୂଳ ଭଡ଼ାରେ ୧୦ ପ୍ରତିଶତ ରିହାତି ଦେବ ବୋଲି କହିଛି। ସେହିପରି ଫାଷ୍ଟଫୁଡ୍ କମ୍ପାନୀ ମାକ୍‌ଡୋନାଲ୍ଡର ଭାରତୀୟ ଶାଖା ମିଲ୍ ଉପରେ ୨୦% ରିହାତି ଦେଉଛି। ହୋମ୍ ଆପ୍ଲିଆନ୍ସ ନିର୍ମାତା ଗଡ୍‌ରେଜ ଟିକା ନେଇଥିବା ଗ୍ରାହକମାନଙ୍କୁ ଏହାର ଉତ୍ପାଦ ଉପରେ ଅଧିକ ୱାରେଣ୍ଟି ଦେଉଛି। ଏଥିପାଇଁ ଗ୍ରାହକଙ୍କୁ ଟିକା ସାର୍ଟିଫିକେଟ ଦେଖାଇବାକୁ ହେବ। ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆ ଅନ୍ୟୂନ ଗୋଟିଏ ଡୋଜ୍ ଟିକା ନେଇଥିବା ଏହାର ଗ୍ରାହକମାନଙ୍କୁ ଜମାରାଶି ଉପରେ ଅଧିକ ସୁଧ ଦେଉଛି। ଏହା ସତ୍ତ୍ୱେ ଭାରତରେ ଟିକାଦାନ ହାର ଯଥେଷ୍ଟ କମ୍ ରହିଛି। ବର୍ତ୍ତମାନ ସୁଦ୍ଧା ମାତ୍ର ୨୯ କୋଟିରୁ ସାମାନ୍ୟ ଅଧିକ ଡୋଜ୍ ଦିଆଯାଇଛି।

## ଟିକା ଦିଅ, ଇଲିଶି ନିଅ

### ଭାରତକୁ ବାଂଲାଦେଶର ପ୍ରସ୍ତାବ

**ନୂଆଦିଲ୍ଲୀ, ୨୩।୬**

ଭାରତର ଇଲିଶି ଚାହିଦା ମେଣ୍ଟାଇବା ପାଇଁ ବାଂଲାଦେଶରୁ ଏହି ମାଛକୁ ଆମଦାନୀ କରାଯାଇଥାଏ। ତେବେ ଭାରତ ଉକ୍ତ ଦେଶକୁ କୋଭିଡ୍ ଟିକା ଯୋଗାଇବାରେ ବିଳମ୍ବ କରୁଥିବାରୁ ଏହା ନୂଆଦିଲ୍ଲୀକୁ ଇଲିଶି ରପ୍ତାନି ବନ୍ଦ ରଖିଥିବା ଏକ ସୂତ୍ରରୁ ଜଣାପଡ଼ିଛି। ଭାରତ ଯୋଗାଇଥିବା କୋଭିଡ୍ ଟିକା ୧୪ ଲକ୍ଷ ବାଂଲାଦେଶୀଙ୍କୁ ଦିଆଯାଇଛି। ଏବେ ଅଧିକ ଟିକା ଯୋଗାଇବା ସମ୍ଭବ ନୁହେଁ ବୋଲି ନୂଆଦିଲ୍ଲୀ କହିବାରୁ ବାଂଲାଦେଶ କ୍ଷୁବ୍ଧ ହୋଇଛି। ସେଥିପାଇଁ କିଛିଦିନ ହେଲା ବାଂଲାଦେଶରୁ ଆଉ ଇଲିଶି ଆସୁନାହିଁ।

## ଗେଟ୍ସ ଫାଉଣ୍ଡେଶନରୁ ୱାରେନ୍‌ଙ୍କ ଇସ୍ତଫା



**ୱାଶିଂଟନ୍, ୨୩।୬**

ମାଇକ୍ରୋସଫ୍ଟ ସହପ୍ରତିଷ୍ଠାତା ବିଲ୍ ଗେଟ୍ସ ଓ ମେଲିଣ୍ଡା ଫ୍ରେଞ୍ଚ ଗେଟ୍ସ ଗତ ମାସରେ ଛାଡ଼ପତ୍ର ଘୋଷଣା କରିବା ପରେ ଦୁନିଆର ସବୁଠାରୁ ବଡ଼ ଦାତବ୍ୟ ସଂସ୍ଥା ବିଲ୍ ଆଣ୍ଡ ମେଲିଣ୍ଡା ଗେଟ୍ସ ଫାଉଣ୍ଡେଶନ ପୂର୍ବପରି ଚଳାଇବାକୁ ନିଷ୍ପତ୍ତି ନେଇଥିଲେ। ଏହି ଫାଉଣ୍ଡେଶନରେ ଟ୍ରଷ୍ଟି ଥିବା ଆମେରିକୀୟ ବ୍ୟବସାୟୀ, ନିବେଶକ ତଥା ୱର୍କଶାୟାର ହାଥାୱେର ସିଇଓ ୱାରେନ ବଫେଟ୍ ତାଙ୍କ ପଦରୁ ଇସ୍ତଫା ଦେଇଛନ୍ତି। ଗେଟ୍ସ ଦମ୍ପତି ପରସ୍ପରଠାରୁ ଅଲଗା ହେବା ପରେ ଉକ୍ତ ଫାଉଣ୍ଡେଶନରେ ଅସ୍ଥିରତା ବଢ଼ିଥିବାବେଳେ ୯୦ ବର୍ଷୀୟ ବଫେଟ୍ ସେଥିରୁ ବାହାରି ଯାଇଥିବା ବୁଧବାର ଘୋଷଣା କରିଛନ୍ତି। ଗତ ୧୫ ବର୍ଷ ମଧ୍ୟରେ ବଫେଟ୍ ୨୭ ବିଲିୟନ ଡଲାରରୁ ଅଧିକ ଅର୍ଥ ଦାନ କରିଛନ୍ତି। ଗତ ବର୍ଷ ସେ ୨ ବିଲିୟନ ଡଲାରରୁ ଅଧିକ ମୂଲ୍ୟର ୱର୍କଶାୟାର ଶେୟାର ଗେଟ୍ସ ଫାଉଣ୍ଡେଶନକୁ ଦେଇଥିଲେ। ମୃତ୍ୟୁ ପୂର୍ବରୁ ସେ ତାଙ୍କର ସମସ୍ତ ସମ୍ପତ୍ତି ଦାନ କରିବେ ବୋଲି ଘୋଷଣା କରିଥିଲେ।

## ନୀରବଙ୍କ ଆବେଦନ ଖାରଜ

### ପ୍ରତ୍ୟର୍ପଣ ବିରୋଧରେ ଯାଇଥିଲେ ବ୍ରିଟେନ ହାଇକୋର୍ଟ

**ଲଣ୍ଡନ, ୨୩।୬(ପି.ଟି.)**



ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ (ପିଏନ୍‌ବି)ରୁ ୧୪,୦୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଋଣ ନେଇ ଦେଶ ଛାଡ଼ି ପଳାଇଥିବା ହୀରା ବ୍ୟବସାୟୀ ନୀରବ ମୋଦି ଭାରତ ପ୍ରତ୍ୟର୍ପଣ ବିରୋଧରେ କରିଥିବା ଅପିଲ୍‌କୁ ବ୍ରିଟେନର ଏକ ହାଇକୋର୍ଟ ଖାରଜ କରିଦେଇଛନ୍ତି। ନୀରବଙ୍କୁ ଭାରତ ପ୍ରତ୍ୟର୍ପଣ କରିବା ଲାଗି ଗତ ଏପ୍ରିଲରେ ବ୍ରିଟେନ୍ ଗୃହମନ୍ତ୍ରୀ ପ୍ରୀତି ପଟେଲ ନିର୍ଦ୍ଦେଶ ଦେଇଥିଲେ। ଏହା ବିରୋଧରେ ସେ ଗତ ମାସରେ ଅପିଲ୍ କରିଥିଲେ। ଆବେଦନ ଖାରଜ ହୋଇଯାଇଥିବାରୁ ନୀରବ ଭାରତ ଫେରିବା ଆଶା ଉଜ୍ଜ୍ୱଳ ହୋଇଛି। ତେବେ ମୌଖିକ ଶୁଣାଣି ଲାଗି ଆବେଦନ କରିବାକୁ ଅଦାଲତ ତାଙ୍କୁ ୫ ଦିନ ସମୟ ଦେଇଛନ୍ତି। ସାନି ଆବେଦନ ପାଇଁ ନୀରବ ଯୋଜନା କରୁଥିବା ଜଣାପଡ଼ିଛି। ପଳାତକ ହୀରା ବ୍ୟବସାୟୀ ୨୦୧୮ ଜାନୁୟାରୀ ୧ରେ ଭାରତରୁ ଖସି ପଳାଇଥିଲେ। ତାଙ୍କ ବିରୋଧରେ ଭାରତୀୟ କୋର୍ଟ ଜାମିନ ବିହୀନ ଗିରଫ ପରୱାନା ଜାରି କରିବା ପରେ ଇଣ୍ଟରପୋଲ୍ ରେଡ୍ କର୍ନର ନୋଟିସ ଜାରି କରିଥିଲା। ୨୦୧୯ ମାର୍ଚ୍ଚ ୧୯ରେ ବ୍ରିଟେନ ପୋଲିସ ତାଙ୍କୁ ଲଣ୍ଡନରୁ ଗିରଫ କରିଥିଲା। ୱେଷ୍ଟମିନିଷ୍ଟର ମାଜିଷ୍ଟ୍ରେଟ୍ କୋର୍ଟ ଏବଂ ଲଣ୍ଡନ ହାଇକୋର୍ଟ ତାଙ୍କ ଜାମିନ ଆବେଦନ ଖାରଜ କରିଦେବା ପରେ ସେ ଲଣ୍ଡନସ୍ଥିତ ୱାଣ୍ଡସ୍‌ୱର୍ଥ ଜେଲ୍‌ରେ ରହିଛନ୍ତି।

## ଦାଉଦ୍‌ଙ୍କ ଭାଇଙ୍କୁ ଏନ୍‌ସିବି ଜେରା

**ମୁମ୍ବାଇ, ୨୩।୬**

ମୁମ୍ବାଇ ସିରିଏଲ୍ ବିସ୍ଫୋରଣର ମାଷ୍ଟରମାଇଣ୍ଡ ଅଣ୍ଡରୱାର୍ଲ୍ଡ ଡନ୍ ଦାଉଦ୍ ଇବ୍ରାହିମ୍‌ଙ୍କ ଭାଇ ଇକ୍‌ବାଲ କସ୍କରଙ୍କୁ ଆନ୍ତଃରାଜ୍ୟ ନିଶାଦ୍ରବ୍ୟ ଯୋଗାଣ ମାମଲାରେ ମୁମ୍ବାଇର ଏନ୍‌ସିବି ବୁଧବାର ଜେରା କରିଛି। ଠାଣେର ବିଲ୍ଡର ଏବଂ ବ୍ୟବସାୟୀମାନଙ୍କଠାରୁ ବଟି ଆଦାୟ କରିବା ମାମଲାରେ ଇକ୍‌ବାଲଙ୍କୁ ୨୦୧୭ରେ ଗିରଫ କରାଯାଇଥିଲା। ତାଙ୍କ ବିରୋଧରେ ଏମ୍‌ସିଓସିଏରେ ମାମଲା ରୁଜୁ ହୋଇଛି। ଇକ୍‌ବାଲଙ୍କୁ ୨୦୦୩ରେ ୟୁଏଇ ଭାରତକୁ ପ୍ରତ୍ୟର୍ପଣ କରିଥିଲା। ସେ ୨୦୦୭ରେ ଦୋଷମୁକ୍ତ ହୋଇଥିଲେ। ଅନ୍ୟ ଏକ ବଟି ଆଦାୟ ମାମଲାରେ ୨୦୧୫ରେ ଇକ୍‌ବାଲ ଗିରଫ ହୋଇ ଜାମିନରେ ବାହାରିଥିଲେ।

## ହାଫିଜ୍‌ଙ୍କ ଘର ପାଖରେ ବିସ୍ଫୋରଣ




୩ ନିହତ

**ଲାହୋର, ୨୩।୬(ପି.ଟି.)**

ମୁମ୍ବାଇ ଆତଙ୍କବାଦୀ ଆକ୍ରମଣର ମାଷ୍ଟରମାଇଣ୍ଡ ଜମାତ୍-ଉଦ୍-ଦାୱା (ଜେୟୁଡି) ମୁଖ୍ୟ ହାଫିଜ୍ ସୟିଦଙ୍କ ଲାହୋରସ୍ଥିତ ବାସଭବନ ବାହାରେ ବୁଧବାର ଶକ୍ତିଶାଳୀ କାର୍ ବୋମା ବିସ୍ଫୋରଣ ହୋଇଛି। ଏଥିରେ ୩ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୨୦ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ଜୌହର ସହରର ବିଓଆର୍ ସୋସାଇଟିରେ ଥିବା ହାଫିଜ୍ ଘର ବାହାରେ ଥିବା ପୋଲିସ ପିକେଟ୍‌ଠାରେ ବିସ୍ଫୋରଣ ଘଟିଥିଲା। ହାଫିଜଙ୍କ ଘରକୁ ଟାର୍ଗେଟ କରାଯାଇଥିବାବେଳେ ପୋଲିସ ପିକେଟ ଥିବାରୁ ବିସ୍ଫୋରକ ଭର୍ତ୍ତି କାର୍ ଏହାକୁ ଅତିକ୍ରମ କରିପାରି ନ ଥିଲା। ଏହା ଆତ୍ମଘାତୀ ବିସ୍ଫୋରଣ ଥିଲା କି ନାହିଁ ଆତଙ୍କବାଦ ନିରୋଧୀ ବିଭାଗ (ସିଟିଡି) ଏହାର ତଦନ୍ତ କରୁଛି। ଆକ୍ରମଣ ପଛରେ ଶତ୍ରୁପକ୍ଷର ଗୋଇନ୍ଦା ସଂସ୍ଥା ସମ୍ପୃକ୍ତ ଥାଇପାରେ ବୋଲି ପଞ୍ଜାବ ପୋଲିସ ଆଇଜି ସନ୍ଦେହ ବ୍ୟକ୍ତ କରିଛନ୍ତି। ଆହତମାନଙ୍କୁ ଜିନ୍ନା ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

# 'ଆପଲ ଡେଲି'ର ଅପମୃତ୍ୟୁ

ହଂକଂରେ ୨୬ ବର୍ଷ ପୁରୁଣା ତଥା ଚାଇନା ବିରୋଧୀ 'ଆପଲ ଡେଲି'ର ଶେଷ ଅଧ୍ୟାୟ ଗତ ସପ୍ତାହରେ ଲେଖାଯାଇଥିଲା, ଯେତେବେଳେ ବେଜିଂ ପରିଚାଳିତ ସ୍ଥାନୀୟ କର୍ତ୍ତୃପକ୍ଷ ନୂଆ ସୁରକ୍ଷା ଆଇନ ବଳରେ ଏହି ଖବରକାଗଜର ନ୍ୟୁଜ୍‌ରୁମ୍‌ରେ ଚଢ଼ାଉ କରିଥିଲେ। ବରିଷ୍ଠ କାର୍ଯ୍ୟନିର୍ବାହୀମାନଙ୍କୁ ଗିରଫ କରି ଏହାର ସମ୍ପତ୍ତି ବାଜ୍ୟାପ୍ତ କରିବା ପରେ 'ଆପଲ ଡେଲି' ନିଜ କର୍ମଚାରୀମାନଙ୍କୁ ଆଉ ଦରମା ଦେଇପାରି ନାହିଁ। ଷ୍ଟାଫ୍‌ଙ୍କ ନିରାପତ୍ତାକୁ ଦୃଷ୍ଟିରେ ରଖି ମୁଦ୍ରଣ ବନ୍ଦ କରିବାକୁ ବୁଧବାର ଖବରକାଗଜ ପକ୍ଷରୁ ଘୋଷଣା କରାଯାଇଛି। ଏପରି କି 'ଆପଲ ଡେଲି'ର ୱେବ୍‌ସାଇଟ୍‌କୁ ମଧ୍ୟ ରାତାରାତି ବନ୍ଦ କରିବାକୁ ନିଷ୍ପତ୍ତି ନିଆଯାଇଛି। ହଂକଂ କର୍ତ୍ତୃପକ୍ଷଙ୍କ କାର୍ଯ୍ୟାନୁଷ୍ଠାନ ଅଭିବ୍ୟକ୍ତି ସ୍ୱାଧୀନତା ଅଧିକାରକୁ ହନନ କରିଥିବା ପାଶ୍ଚାତ୍ୟ ଦେଶଗୁଡ଼ିକ ନିନ୍ଦା କରିଛନ୍ତି।

**ହଂକଂ, ୨୩।୬**

ହଂକଂର ନୂଆ ସୁରକ୍ଷା ଆଇନ ଓ ଗଣତନ୍ତ୍ର ସପକ୍ଷବାଦୀ ଲଢ଼େଇ ମଝିରେ ବଳିପଡ଼ିଛି ପ୍ରସିଦ୍ଧ ଦୈନିକ ଖବରକାଗଜ 'ଆପଲ୍ ଡେଲି'। ୧୯୯୫ ଜୁନ୍ ୨୦ରେ ଜିମି ଲାଇଙ୍କ ଦ୍ୱାରା ପ୍ରତିଷ୍ଠିତ 'ଆପଲ୍ ଡେଲି' ପ୍ରଥମେ ଚାଞ୍ଚଲ୍ୟକର ଖବର ପ୍ରକାଶ କରୁଥିଲା। ସେକ୍ସ, ଡ୍ରଗ୍ସ ଓ ସ୍କାଣ୍ଡାଲ ଆଦିକୁ ନେଇ ଏହାର ଶିରୋନାମା ପାଠକୀୟ ଦୃଷ୍ଟି ଆକର୍ଷଣ କରୁଥିଲା। କିନ୍ତୁ ଗତ ୨୬ ବର୍ଷ ମଧ୍ୟରେ ଏହି ପେପର୍ ନିଜକୁ ପରିବର୍ତ୍ତିତ କରି ଶକ୍ତିଶାଳୀ ଚାଇନାର ବିରୋଧୀ ପାଲଟିଯାଇଥିଲା। ୨୦୨୧ ଜୁନ୍ ୨୬ରୁ ଏହାର ମୁଦ୍ରିତ ସଂସ୍କରଣ ଆଉ ପ୍ରକାଶ ପାଇବ ନାହିଁ ବୋଲି 'ଆପଲ ଡେଲି' ପକ୍ଷରୁ ବୁଧବାର ଘୋଷଣା କରାଯାଇଛି। ହଂକଂ କର୍ତ୍ତୃପକ୍ଷ ବିବାଦୀୟ ସୁରକ୍ଷା ଆଇନ ବଳରେ 'ଆପଲ ଡେଲି'ର ସମ୍ପତ୍ତି ବାଜ୍ୟାପ୍ତ କରିବା ପରେ ଏହି ମିଡିଆ ଆଉଟ୍‌ଲେଟ୍ ଖବରକାଗଜର କେବଳ ଚୂଡ଼ାନ୍ତ ସଂସ୍କରଣ ପ୍ରକାଶ କରାଯିବ। ଉକ୍ତ ନିଷ୍ପତ୍ତି ଫଳରେ ହଂକଂର ସ୍ୱାଧୀନତା ପାଇଁ ଚାଲିଥିବା ଆନ୍ଦୋଳନକୁ ଶକ୍ତ ଝଟ୍‌କା ଲାଗିଛି।




ବିରୋଧ, ବିକ୍ଷୋଭ ଓ ଆନ୍ଦୋଳନର ସ୍ୱରକୁ ଚାଇନା ଚପାଇଦେବାକୁ ଉଦ୍ୟମ ଚଳାଇଥିବାରୁ ୭୫ ଲକ୍ଷ ଜନସଂଖ୍ୟା ବିଶିଷ୍ଟ ଏହି ଅନ୍ତର୍ଜାତୀୟ ଆର୍ଥିକ କେନ୍ଦ୍ର ମିଡିଆ ହବ୍ ରୂପେ ଏକପ୍ରକାର ଅଭିବ୍ୟକ୍ତିର ସ୍ୱାଧୀନତା ହରାଇଛି। ଏଥିସହ ଖବରକାଗଜରେ କାର୍ଯ୍ୟରତ ପ୍ରାୟ ୧,୦୦୦ ଏଡିଟୋରିଆଲ ଷ୍ଟାଫ୍ ଓ ଅନ୍ୟ କର୍ମଚାରୀ ନିଯୁକ୍ତି ହରାଇଛନ୍ତି।

### ହଂକଂର ନୂଆ ସୁରକ୍ଷା ଆଇନ ପାଇଁ ବଳିପଡ଼ିଲା ଖବରକାଗଜ

> ଆପଲ ଡେଲିକୁ ଜୋର୍‌ଜବରଦସ୍ତ ବନ୍ଦ କରିଦେବା ବିରୋଧୀଙ୍କ ସ୍ୱର ଚପାଇବା ପାଇଁ କର୍ତ୍ତୃପକ୍ଷଙ୍କ ମନ୍ଦ ଅଭିଯାନକୁ ସାମ୍ନାକୁ ଆଣିଛି।
> —ଡୋମିନିକ୍ ରାବ୍, ବ୍ରିଟେନର ବହିର୍ବ୍ୟାପାର ସଚିବ

'ଆପଲ ଡେଲି' ମୁଖ୍ୟାଳୟ ବାହାରେ ଖବରଦାତାମାନେ ବୁଧବାର ସନ୍ଧ୍ୟାରେ କହିଛନ୍ତି, ସେମାନେ ଗୋଟିଏ ରାତିରେ ପ୍ରାୟ ୧୦ ଲକ୍ଷ କପି ଖବରକାଗଜ ଛାପିବେ। ଏହି ଖବରକାଗଜର ପ୍ୟାରେଣ୍ଟ କମ୍ପାନୀ ନେକ୍ସ୍ଟ ଡିଜିଟାଲ୍‌ର ଅଧ୍ୟକ୍ଷ ଇପ୍ ୟୁଟ୍-କିନ୍ କହିଛନ୍ତି, ମୋ ହୃଦୟରେ ଲକ୍ଷ ଲକ୍ଷ ଶବ୍ଦ ଅଛି, କିନ୍ତୁ ବର୍ତ୍ତମାନ ମୁଁ କିଛି କହିବା ଅବସ୍ଥାରେ ନାହିଁ। 'ଆପଲ ଡେଲି' ହଂକଂ ଗଣତନ୍ତ୍ର ସପକ୍ଷବାଦୀ ଆନ୍ଦୋଳନକୁ ସମର୍ଥନ କରି ଚାଇନାର ଏକଛତ୍ରବାଦୀ ନେତାଙ୍କ ଆକ୍ରୋଶର ଶିକାର ହୋଇଛି। ସେମାନେ ନୂଆ ସିକ୍ୟୁରିଟି ଲ' ଆଣି ଏହାର ଅପମୃତ୍ୟୁ ଘଟାଇଛନ୍ତି। 'ଆପଲ ଡେଲି' ମାଲିକ ତଥା ଚାଇନା କମ୍ୟୁନିଷ୍ଟ ପାର୍ଟିର ସମାଲୋଚକ ଜିମି ଲାଇ ଗଣତନ୍ତ୍ର ଆନ୍ଦୋଳନରେ ସାମିଲ ହୋଇ ଜେଲ ଯାଇଛନ୍ତି। ଗତବର୍ଷ ହଂକଂବାସୀଙ୍କ ଉପରେ ଉକ୍ତ ଆଇନ ଲଦି ଦିଆଯିବା ପରେ ଏହା ବଳରେ ଜେଲ୍ ଯିବାରେ ଜିମି ହେଉଛନ୍ତି ପ୍ରଥମ। ଚାଇନାର ଜାତୀୟ ନିରାପତ୍ତାକୁ ନ୍ୟୂନ କରୁଥିବା ବିଦେଶୀ ଶକ୍ତିଙ୍କ ସହ ହାତ ମିଳାଇବା ଅଭିଯୋଗରେ ଏହାର ମାଲିକ ଜିମି ଲାଇ, ମୁଖ୍ୟ ସମ୍ପାଦକ ର୍ୟାନ୍ ଲ' ଏବଂ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ) କିମ୍-ହଙ୍ଗ୍‌ଙ୍କୁ ଜେଲରେ ରଖାଯାଇଛି। 'ଆପଲ ଡେଲି'ର ବରିଷ୍ଠ ସ୍ତମ୍ଭକାର ୟେଉଙ୍ଗ୍ ଚିଙ୍ଗ୍‌କିଙ୍କୁ ବୁଧବାର ଗିରଫ କରାଯାଇଛି। ଚାଇନା ବିରୋଧୀ ନିବନ୍ଧ ଓ ସ୍ତମ୍ଭ ପ୍ରକାଶ ଏବଂ ବେଜିଂ ବିପକ୍ଷରେ ଅନ୍ତର୍ଜାତୀୟ କଟକଣାକୁ ସମର୍ଥନ କରିବା କାରଣରୁ ଖବରକାଗଜକୁ ଜାତୀୟ ସୁରକ୍ଷା ପାଇଁ ବିପଦ ବିବେଚନା କରି ଏହା ଉପରେ କାର୍ଯ୍ୟାନୁଷ୍ଠାନ ନିଆଯାଇଥିବା କର୍ତ୍ତୃପକ୍ଷ କହିଛନ୍ତି। ଗତ ଗୁରୁବାର ପ୍ରାୟ ୫୦୦ ପୋଲିସ ଅଫିସର 'ଆପଲ ଡେଲି'ର ପ୍ରକାଶନ ନ୍ୟୁଜ୍‌ରୁମ୍‌ରେ ଚଢ଼ାଉ କରିଥିଲେ। ସିକ୍ୟୁରିଟି ଲ' ଅନୁସାରେ ସମ୍ପତ୍ତି ବାଜ୍ୟାପ୍ତି ପାଇଁ କୌଣସି କୋର୍ଟ ଅର୍ଡର କିମ୍ବା ଆପରାଧିକ ଦଣ୍ଡବିଧାନ ଆବଶ୍ୟକ ନାହିଁ। ହଂକଂରେ ଆଞ୍ଚଳିକ ମୁଖ୍ୟାଳୟ ଥିବା ଅନେକ ଅନ୍ତର୍ଜାତୀୟ ଗଣମାଧ୍ୟମ ସିଟିର ମିନି ସମ୍ବିଧାନ ପ୍ରଦତ୍ତ ଅଭିବ୍ୟକ୍ତି ସ୍ୱାଧୀନତା ଓ ବ୍ୟବସାୟ ଅନୁକୂଳ ନିୟମଗୁଡ଼ିକୁ ମାନି ଚଳୁଛନ୍ତି। କିନ୍ତୁ କେତେକ ସ୍ଥାନୀୟ ଗଣମାଧ୍ୟମ ଓ ଅନ୍ତର୍ଜାତୀୟ ଆଉଟ୍‌ଲେଟ୍ ପ୍ରଶ୍ନ କରୁଛନ୍ତି, ଏଠାରେ ଆମର ଭବିଷ୍ୟତ ଅଛି କି?



ହଂକଂ ପୋଲିସ 'ଆପଲ ଡେଲି' ମୁଖ୍ୟାଳୟରେ ଚଢ଼ାଉ କରିବା ପରେ ହକର୍‌ଙ୍କଠାରୁ ଶେଷ ଖବରକାଗଜ କିଣୁଛନ୍ତି ଜଣେ ପାଠିକା।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୧୮,୦୦,୮୩,୨୦୪ | ୩୯,୦୧,୦୦୬ | ୧୬,୪୮,୨୬,୦୧୫ |
| ଭାରତ | ୩,୦୦,୬୭,୩୦୫ | ୩,୯୧,୩୮୫ | ୨,୯୦,୩୪,୨୨୪ |
| ଓଡ଼ିଶା | ୮,୮୬,୯୪୬ | ୩୭୧୭(+୫୩) | ୮,୫୩,୦୧୨ |

ବୁଧବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର




## ଡେଲ୍‌ଟା ପ୍ଲସ୍: ଆସନ୍ତା ୬ ସପ୍ତାହ ଗୁରୁତ୍ୱପୂର୍ଣ୍ଣ

**ଭୁବନେଶ୍ୱର, ୨୩।୬(ବ୍ୟୁରୋ):** ଏବେ 'ଡେଲ୍‌ଟା ପ୍ଲସ୍' ଭାରିଆଣ୍ଟକୁ ନେଇ ଚିନ୍ତା ବଢ଼ିଲାଣି। ଓଡ଼ିଶାରେ ଏ ପର୍ଯ୍ୟନ୍ତ କୌଣସି ଡେଲ୍‌ଟା ପ୍ଲସ୍ ଆକ୍ରାନ୍ତ ଚିହ୍ନଟ ହୋଇ ନ ଥିଲେ ମଧ୍ୟ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଏଥିପ୍ରତି ସଜାଗ ରହିଥିବା ବୁଧବାର ଡିଏମ୍ଇଟି ଡା. ସି.ବି.କେ. ମହାନ୍ତି କହିଛନ୍ତି। ଏହି ଭାରିଆଣ୍ଟର ସଂକ୍ରମଣ, ଗୁରୁତର ଅସୁସ୍ଥ କରିବା କ୍ଷମତା ଓ ଟିକା ନେଇଥିବା ବ୍ୟକ୍ତିଙ୍କ ଉପରେ ପ୍ରଭାବ ନେଇ ଅନୁଧ୍ୟାନ କରାଯାଉଛି। ସ୍ୱାସ୍ଥ୍ୟ ବିଶେଷଜ୍ଞ ଡା. ନିରୋଜ ମିଶ୍ର କହିଛନ୍ତି, ଆସନ୍ତା ୪ରୁ ୬ସପ୍ତାହ ଗୁରୁତ୍ୱପୂର୍ଣ୍ଣ। ଯଦି ଏହି ସମୟ ମଧ୍ୟରେ ଡେଲ୍‌ଟା ପ୍ଲସ୍ ସଂକ୍ରମଣ ବଢ଼େ ତା'ହେଲେ ତୃତୀୟ ଲହର ଆଗୁଆ ଆସିପାରେ। ସେହିପରି ଭୁବନେଶ୍ୱର ଏମ୍ସର ପୂର୍ବତନ ନିର୍ଦ୍ଦେଶକ ଡା. ଅଶୋକ ମହାପାତ୍ର କହିଛନ୍ତି, ଏହି ଭାରିଆଣ୍ଟର ଆକ୍ରାନ୍ତଙ୍କ ସଂଖ୍ୟା ବହୁତ କମ୍। ତେବେ ପ୍ରଚଳିତ ଟିକା ଡେଲ୍‌ଟା ଭାରିଆଣ୍ଟ ଭଳି 'ଡେଲ୍‌ଟା ପ୍ଲସ୍' ବିରୋଧରେ ମଧ୍ୟ କାମ କରିବ ବୋଲି ଆଶା କରାଯାଉଛି।

# ମାଲ୍ୟା, ନୀରବ,ଚୋକ୍‌ସିଙ୍କ ୯,୩୭୧ କୋଟିର ସମ୍ପତ୍ତି ବ୍ୟାଙ୍କକୁ ହସ୍ତାନ୍ତର

**ନୂଆଦିଲ୍ଲୀ,୨୩।୬**

ପଳାତକ ଆର୍ଥିକ ଅପରାଧୀ ଘୋଷିତ ବିଜୟ ମାଲ୍ୟା, ନୀରବ ମୋଦି ଏବଂ ମେହୁଲ ଚୋକ୍‌ସିଙ୍କ ମୋଟ୍ ୯,୩୭୧ କୋଟି ମୂଲ୍ୟର ଜବତ ସମ୍ପତ୍ତିକୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ବୁଧବାର ବ୍ୟାଙ୍କଗୁଡ଼ିକୁ ହସ୍ତାନ୍ତର କରିଛି। ଏହା ମଧ୍ୟରେ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକ ୮,୪୪୪ କୋଟି ଟଙ୍କା ଲାଭ କରିଛନ୍ତି। ଏହି ୩ ବ୍ୟକ୍ତିବିଶେଷ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକରୁ ମୋଟ ୨୨,୫୮୬ କୋଟି ଟଙ୍କା ଠକେଇ କରିଛନ୍ତି। ଏହା ମଧ୍ୟରୁ ୧୮,୧୭୦ କୋଟିର ସମ୍ପତ୍ତି ଇଡି ଜବତ, ବାଜ୍ୟାପ୍ତ କରିଥିବା ଜଣାପଡ଼ିଛି। ବର୍ତ୍ତମାନ ବ୍ୟାଙ୍କଗୁଡ଼ିକ ନିକଟକୁ ଯେତେ ପରିମାଣରେ ଅର୍ଥ ଫେରିଛି ତାହା ସେମାନଙ୍କ ମୋଟ କ୍ଷତିର ପ୍ରାୟ ୪୦% ହେବ। ଏହା ମଧ୍ୟରେ ନିକଟରେ ବାଜ୍ୟାପ୍ତ ହୋଇଥିବା ୩୧୯ କୋଟି ଟଙ୍କା ମୂଲ୍ୟର ସମ୍ପତ୍ତି ମଧ୍ୟ ସାମିଲ ରହିଛି। ସେହିଭଳି ବିଜୟ ମାଲ୍ୟାଙ୍କ ୫,୮୦୦ କୋଟି ଟଙ୍କାର ଶେୟାର ବିକ୍ରି କରାଯାଇ ଏହାକୁ ବ୍ୟାଙ୍କଗୁଡ଼ିକୁ ପ୍ରଦାନ କରାଯାଇଛି।

**ମୋଟ ୧୮,୧୭୦ କୋଟିର ସମ୍ପତ୍ତି ଜବତ**

ଏହି ପରିପ୍ରେକ୍ଷୀରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଟୁଇଟ କରି କହିଛନ୍ତି, ପଳାତକ ଏବଂ ଆର୍ଥିକ ଅପରାଧରେ ସମ୍ପୃକ୍ତ ଥିବା ବ୍ୟକ୍ତିବିଶେଷଙ୍କ ବିରୋଧରେ ସରକାର କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି। ସେମାନଙ୍କ ସମ୍ପତ୍ତି ଜବତ କରାଯିବା ସହ ଅର୍ଥ ଅସୁଲ କରାଯାଉଛି। ସେ ପୁଣି କହିଛନ୍ତି, ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକ ଏହି ମାମଲାଗୁଡ଼ିକରେ ସମ୍ପୃକ୍ତ ଶେୟାର ବିକି ୧୩୫୭ କୋଟି ଟଙ୍କା ଆଦାୟ କରିଛନ୍ତି। ଜବତ ସମ୍ପତ୍ତି ବିକ୍ରିରୁ ୯୦୪୧ କୋଟି ଟଙ୍କା ବ୍ୟାଙ୍କ ଫେରିପାଇବେ।

ଏହି ଅଭିଯୁକ୍ତ ବ୍ୟକ୍ତିବିଶେଷ ଜାଲ୍ କମ୍ପାନୀ ଦ୍ୱାରା ବ୍ୟାଙ୍କଗୁଡ଼ିକର ଅର୍ଥକୁ ହେରଫେର କରିବାକୁ ସକ୍ଷମ ହୋଇଥିବା ତଦନ୍ତରୁ ସାମ୍ନାକୁ ଆସିଛି। ପ୍ରତ୍ୟର୍ପଣ ଲାଗି ସେମାନେ ରହୁଥିବା ଦେଶଗୁଡ଼ିକ ଅନୁରୋଧ କରାଯାଇଥିବା ଇଡି ସୂଚନା ଦେଇଛି। ଉଲ୍ଲେଖଯୋଗ୍ୟ, ମାଲ୍ୟା ଏବଂ ମୋଦି ଲଣ୍ଡନରେ ରହୁଥିବା ବେଳେ ଚୋକ୍‌ସି ଆଣ୍ଟିଗୁଆରେ ରହୁଛନ୍ତି। ବ୍ରିଟେନ ସୁପ୍ରିମକୋର୍ଟରେ ଆବେଦନ କରିବା ଲାଗି ମାଲ୍ୟାଙ୍କୁ ଅନୁମତି ମିଳିନାହିଁ। ତାଙ୍କର ଭାରତ ପ୍ରତ୍ୟର୍ପଣ ନେଇ ଏକ ପ୍ରକାର ଚୂଡ଼ାନ୍ତ ହୋଇଛି। ସେହିଭଳି ନୀରବ ମୋଦିଙ୍କ ପ୍ରତ୍ୟର୍ପଣ ପ୍ରକ୍ରିୟା ଶେଷ ପର୍ଯ୍ୟାୟରେ ରହିଛି। ଏହାବାଦ ପ୍ରତ୍ୟାର୍ପଣ ମାମଲା ବିରୋଧରେ ଚୋକ୍‌ସି ଆଣ୍ଟିଗୁଆରେ ଆଇନଗତ ମାମଲା ଲଢୁଛନ୍ତି।


ମେହୁଲ ଚୋକ୍‌ସି, ନୀରବ ମୋଦି ଏବଂ ବିଜୟ ମାଲ୍ୟା।

# ବିଆର୍‌ପିଏଲ୍‌ରେ ଏସ୍‌ପିସିବିର ତଦନ୍ତ ଆଜି

**ଯାଜପୁର ଅଫିସ,୨୩।୬**

କଳିଙ୍ଗନଗର ବ୍ରାହ୍ମଣୀ ରିଭର୍ସ ପେଲେଟ ଲିଃ (ବିଆର୍‌ପିଏଲ୍) କାରଖାନାର ବିଷାକ୍ତ ବର୍ଜ୍ୟଜଳ ବାହାରକୁ ଛାଡିବା ଅଭିଯୋଗ ଉପରେ ଗୁରୁବାର ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ(ଏସ୍‌ପିସିବି) ପକ୍ଷରୁ ତଦନ୍ତ ଆରମ୍ଭ ହେବ। ଏନେଇ ଏସ୍‌ପିସିବି ପକ୍ଷରୁ କଳିଙ୍ଗନଗର ପରିବେଶ ସୁରକ୍ଷା ସମିତିର ସଭାପତିଙ୍କୁ ତଦନ୍ତ ସମୟରେ ଉପସ୍ଥିତ ରହିବାକୁ ସୂଚିତ କରାଯାଇଛି। ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲ(ଏନ୍‌ଜିଟି)ରେ ହୋଇଥିବା ମାମଲା(ନଂ.୧୪୯/୨୦୧୭/ଇଜେଡ) ଉପରେ ଗତ ୧୫।୬।୨୦୨୧ ନିର୍ଦ୍ଦେଶ ଅନୁସାରେ ଏହି ତଦନ୍ତ କରାଯାଉଛି ବୋଲି ଏସ୍‌ପିସିବି ପକ୍ଷରୁ ସଦସ୍ୟ ସଚିବ ତାଙ୍କ ପତ୍ରରେ ଦର୍ଶାଇଛନ୍ତି। ତେବେ ଧରିତ୍ରୀରେ ଗତ ୨୨ ତାରିଖରେ ସବିଶେଷ ତଥ୍ୟ ସହ 'ବିଆର୍‌ପିଏଲ୍: ଟୋପାଏ ପ୍ରଦୂଷଣ' ଶୀର୍ଷକ ଖବର ପ୍ରକାଶ ପାଇବା ପରେ ଏସ୍‌ପିସିବି ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଅନ୍ୟପକ୍ଷେ ଏସ୍‌ପିସିବି ପକ୍ଷରୁ ନିରପେକ୍ଷ ଏବଂ ସ୍ୱଚ୍ଛ ଭାବେ ଏହି ତଦନ୍ତ କରାଯାଇ ଏନ୍‌ଜିଟିରେ ରିପୋର୍ଟ ଦାଖଲ ହେବ ବୋଲି ସମିତି ଆଶା ପ୍ରକାଶ କରିଛି। ଏସ୍‌ପିସିବିର ପରିବେଶବିତ୍ ହିରଣ୍ୟ କୁମାର ନାୟକ ଓ କଳିଙ୍ଗନଗର ଆଞ୍ଚଳିକ ଅଧିକାରୀ ପ୍ରମୋଦ କୁମାର ବେହେରା ଏହି ତଦନ୍ତ କରିବେ ବୋଲି ସୂଚନା ମିଳିଛି। ଅନ୍ୟପକ୍ଷେ ତଦନ୍ତକୁ ବାଟବଣା କରିବାକୁ ବିଆର୍‌ପିଏଲ୍ କର୍ତ୍ତୃପକ୍ଷ ସବୁପ୍ରକାର ପ୍ରସ୍ତୁତି ଚଳାଇଛନ୍ତି ବୋଲି ଚର୍ଚ୍ଚା ହେଉଛି। ଏସ୍‌ପିସିବିର ଆଞ୍ଚଳିକ ଅଧିକାରୀ କହିଛନ୍ତି ଯେ, ତଦନ୍ତ ନିରପେକ୍ଷ ଭାବେ କରାଯିବ। ମୁଖ୍ୟ କାର୍ଯ୍ୟାଳୟ ପକ୍ଷରୁ ରିପୋର୍ଟ ପ୍ରସ୍ତୁତ କରାଯାଇ ଏନ୍‌ଜିଟିରେ ଦାଖଲ ହେବ।


EPABX: 2561909/2562847
Tel: 2562822, 2560955
Email: paribesh1@ospcboard.org
Website: www.ospcboard.org

STATE POLLUTION CONTROL BOARD, ODISHA
[DEPARTMENT OF FOREST AND ENVIRONMENT, GOVERNMENT OF ODISHA]
Paribesh Bhawan, A/118, Nilakanthanagar, Unit – VIII,
Bhubaneswar – 751 012, INDIA

No. 8016 Date: 22/06/2021
VII – L – Misc 629

Through E-mail

To

Mr. Aswini Kumar Dhal
President
Kalinga Nagar Paribesh Surakshya Samitee
At/PO/PS – Jakhapura
Dist – Jajpur, Odisha
E-mail:knpssamitee@gmail.com

Sub: OA No.149/2017/EZ – In the matter of Kalinga Nagar Paribesh Surakshya Samitee v. RO, SPCB & Others.

Sir,

In pursuance of the order dtd.15.06.2021 of the Hon'ble Tribunal in the above case, it is to inform you that the officials of this Board will inspect the R.No.4 unit on 24.06.2021 at 8 AM. You are requested to remain present during inspection on the above schedule date and time.

Yours faithfully,
Member Secretary

Memo No. 8017 / Date: 22/06/2021 Through E-mail

Copy to the Regional Officer, SPC Board, Kalinga Nagar for information and necessary action.

Member Secretary

ତଦନ୍ତ ସମ୍ପର୍କରେ କଳିଙ୍ଗନଗର ପରିବେଶ ସୁରକ୍ଷା ସମିତି ସଭାପତିଙ୍କୁ ଦିଆଯାଇଥିବା ଚିଠି।

# ଗ୍ଲୋବାଲ ଇ-ଟେଣ୍ଡର ବାତିଲ

**ଭୁବନେଶ୍ୱର,୨୩।୬(ବ୍ୟୁରୋ)**

କୋଭିଡ ଟିକା ପାଇଁ ରାଜ୍ୟ ସରକାର ଡାକିଥିବା ଗ୍ଲୋବାଲ ଇ-ଟେଣ୍ଡରକୁ ବାତିଲ କରାଯାଇଛି। ବୁଧବାର ଏ ନେଇ ଓଡ଼ିଶା ରାଜ୍ୟ ଔଷଧ ନିଗମ ଲିମିଟେଡ (ଓଏସ୍‌ଏମ୍‌ସିଏଲ୍) ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ତେବେ କେଉଁ କାରଣରୁ ଟେଣ୍ଡର ବାତିଲ ହେଲା ସେ ନେଇ କୌଣସି କାରଣ ଦର୍ଶାଯାଇ ନାହିଁ।

କୋଭିଡ ସଂକ୍ରମଣ ରୋକିବା ଦିଗରେ ଟିକାକରଣ ହିଁ ଏକମାତ୍ର ବିକଳ୍ପ । କେନ୍ଦ୍ର ସରକାର ପର୍ଯ୍ୟାପ୍ତ ଟିକା ଯୋଗାଉ ନ ଥିବାରୁ ରାଜ୍ୟ ସରକାର ନିଜେ ଟିକା ସଂଗ୍ରହ କରି ଟିକାକରଣ କାର୍ଯ୍ୟକ୍ରମକୁ ଆଗେଇ ନେବାକୁ ଯୋଜନା କରିଥିଲେ। ଏନେଇ ୨୦୨୧ ମେ ୧୪ରେ ଔଷଧ ନିଗମ ପକ୍ଷରୁ ଟିକା କ୍ରୟ ସକାଶେ ଗ୍ଲୋବାଲ ଇ-ଟେଣ୍ଡର ଆହ୍ୱାନ କରାଯାଇଥିଲା। ତେବେ ଏହି ଟେଣ୍ଡରରେ କୌଣସି ଜାତୀୟ, ଅନ୍ତର୍ଜାତୀୟ ଟିକା ଉତ୍ପାଦନକାରୀ କିମ୍ବା ଯୋଗାଣକାରୀ ସଂସ୍ଥା ବିଡ୍ ଦାଖଲ କରି ନ ଥିଲେ। ରାଜ୍ୟ ସରକାର ଟେଣ୍ଡର ସର୍ତ୍ତାବଳୀରେ ପରିବର୍ତ୍ତନ କରିବା ପରେ ୨ ସଂସ୍ଥା ବିଡ୍ ଦାଖଲ କରିଥିଲେ। ଗ୍ଲୋବାଲ ଟେଣ୍ଡର ବିଫଳ ହେବା ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କେନ୍ଦ୍ର ସରକାର ମାଗଣାରେ ଟିକା ଯୋଗାଇବା ନେଇ ବିଭିନ୍ନ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି ଚାପ ପକାଇଥିଲେ। ନବୀନଙ୍କ ଏହି ଉଦ୍ୟମକୁ ଅଧିକାଂଶ ମୁଖ୍ୟମନ୍ତ୍ରୀ ସମର୍ଥନ କରିଥିଲେ। ଚାପ ଯୋଗୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜୁନ ୭ରେ ୧୮ରୁ ୪୪ ବର୍ଷ ବର୍ଗର ସମସ୍ତଙ୍କୁ ମାଗଣା ଟିକା ଦେବାକୁ ଘୋଷଣା କରିଥିଲେ। ରାଜ୍ୟକୁ କେନ୍ଦ୍ରରୁ ଆବଶ୍ୟକ ଟିକା ମିଳିବା ସମ୍ଭାବନା ଥିବାରୁ ରାଜ୍ୟ ସରକାର ଗ୍ଲୋବାଲ ଇ-ଟେଣ୍ଡର ବାତିଲ କରିଥିବା କୁହାଯାଉଛି।



**ଆଜିର ମନ୍ତବ୍ୟ**
ଭାଜପା ନେତୃତ୍ୱାଧୀନ ଉତ୍ତର ପ୍ରଦେଶରେ ଜଙ୍ଗଲରାଜ ଚାଲିଛି। ମହିଳା ବିରୋଧୀ ଘୃଣ୍ୟ ଅପରାଧ ଆତ୍ମାକୁ ଥରାଇଦେଉଥିବାବେଳେ ସରକାର ଶୋଇଛନ୍ତି। ମହିଳାମାନଙ୍କ ସୁରକ୍ଷା ଭଗବାନଙ୍କ ହାତରେ ରହିଛି। **–ପ୍ରିୟଙ୍କା ଗାନ୍ଧୀ ଭଦ୍ରା, କଂଗ୍ରେସ ନେତ୍ରୀ**

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ୭ ଜିଲ୍ଲାରେ ନିଅଣ୍ଟିଆ ବର୍ଷା

- ଗତ ୨୩ ଦିନରେ ରାଜ୍ୟରେ ୧୫୬.୬ ମିମି
- ସୁନ୍ଦରଗଡ଼ରେ ସର୍ବାଧିକ, ଗଞ୍ଜାମରେ ସର୍ବନିମ୍ନ
- ୨୪ ଘଣ୍ଟାରେ ମାର୍ଶାଘାଇରେ ଦେଶର ସର୍ବାଧିକ ବୃଷ୍ଟିପାତ

**ଭୁବନେଶ୍ୱର, ୨୩।୬(ବ୍ୟୁରୋ)**

ରାଜ୍ୟରେ ଏବେ ମୌସୁମୀ ସକ୍ରିୟ ଥିବାରୁ ବିଭିନ୍ନ ଜିଲାରେ ବର୍ଷା ଜାରି ରହିଛି। ଗତ ୨୩ ଦିନରେ ଅର୍ଥାତ୍ ଗତ ୧ରୁ ୨୩ତାରିଖ ମଧ୍ୟରେ ଓଡ଼ିଶାରେ ୧୫୬.୬ମିମି ବୃଷ୍ଟିପାତ ରେକର୍ଡ କରାଯାଇଛି, ଯାହା ସ୍ୱାଭାବିକ ବର୍ଷା ୧୪୬.୮ ମିମିଠାରୁ ୭ପ୍ରତିଶତ ଅଧିକ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି। ତେବେ ରାୟଗଡ଼ା, ଗଞ୍ଜାମ, ଗଜପତି, ଯାଜପୁର, ଭଦ୍ରକ, କନ୍ଧମାଳ ଏବଂ କେନ୍ଦୁଝରେ ଆଦି ୭ ଜିଲାରେ ନିଅଣ୍ଟିଆ ବର୍ଷା ହୋଇଛି। ଏହା ସ୍ୱାଭାବିକ ବର୍ଷାଠାରୁ ୨୦ରୁ ୫୯% ପର୍ଯ୍ୟନ୍ତ କମ୍ ରହିଛି। ଏହି ସମୟ ମଧ୍ୟରେ ପୁରୀ, ସୁନ୍ଦରଗଡ଼ ଓ କୋରାପୁଟ ଆଦି ୩ ଜିଲାରେ ସ୍ୱାଭାବିକଠାରୁ ଅତ୍ୟଧିକ ଅର୍ଥାତ୍ ୬୦% କିମ୍ବା ତା'ଠାରୁ ଅଧିକ ବର୍ଷା ହୋଇଛି। ସେହିପରି ଦେବଗଡ଼, ସମ୍ବଲପୁର, ବରଗଡ଼, ସୋନପୁର, ନୂଆପଡ଼ା, କଟକ, ଜଗତସିଂହପୁର, କେନ୍ଦ୍ରାପଡ଼ା ଏବଂ ମାଲକାନଗିରି ଆଦି ୯ ଜିଲାରେ ସ୍ୱାଭାବିକଠାରୁ ୨୦ରୁ ୫୯% ଯାଏ ଅଧିକ ବର୍ଷା ହୋଇଥିବା ବେଳେ ଅବଶିଷ୍ଟ ୧୧ ଜିଲାରେ ସ୍ୱାଭାବିକ ବର୍ଷା ହୋଇଛି। ବୁଧବାର ସୁଦ୍ଧା ସୁନ୍ଦରଗଡ଼ରେ ସର୍ବାଧିକ ୨୪୭.୨ ମିମି ଏବଂ ଗଞ୍ଜାମ ଜିଲାରେ ସର୍ବନିମ୍ନ ୭୪.୯ ମିମି ବର୍ଷା ହୋଇଥିବା ରେକର୍ଡ କରାଯାଇଛି।

ଅନ୍ୟପକ୍ଷରେ ମଙ୍ଗଳବାର ସକାଳ ସାଢ଼େ ୮ଟାରୁ ବୁଧବାର ସକାଳ ସାଢ଼େ ୮ଟା ମଧ୍ୟରେ କେନ୍ଦ୍ରାପଡ଼ାର ମାର୍ଶାଘାଇରେ ୨୨୫ ମିମି ବର୍ଷା ରେକର୍ଡ କରାଯାଇଛି, ଯାହା ଦେଶର ସର୍ବାଧିକ ବୋଲି ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି। ବୁଧବାର ଅପରାହ୍ଣ ବୁଲେଟିନ୍‌ରେ ପାଣିପାଗ ବିଭାଗ ସୂଚନାନୁସାରେ, ମାର୍ଶାଘାଇ ପରେ କଟକର କଣ୍ଟପଡ଼ାରେ ୧୯୦, ବାଲେଶ୍ୱରର ଭୋଗରାଇରେ ୧୩୦.୨, ଜଗତ୍‌ସିଂହପୁରର କୁଜଙ୍ଗରେ ୧୨୫, ବାଲେଶ୍ୱରର ଜଳେଶ୍ୱର ଓ ଖୋର୍ଦ୍ଧାର ବାଲିପାଟଣାରେ ୧୧୮, ଭୁବନେଶ୍ୱରରେ ୧୧୩.୨ମିମି ବର୍ଷା ରେକର୍ଡ କରାଯାଇଛି। ବୁଧବାର ମଧ୍ୟ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ହୋଇଛି। ଆସନ୍ତା ୨୭ତାରିଖ ପର୍ଯ୍ୟନ୍ତ ଏହିଭଳି ବର୍ଷା ହେବ ବୋଲି ପାଣିପାଗ କେନ୍ଦ୍ର ସୂଚନା ଦେଇଛି। ଗୁରୁବାର ନୂଆପଡ଼ା, ବଲାଙ୍ଗୀର, ସୋନପୁର, ବୌଦ୍ଧ, ସମ୍ବଲପୁର, ଅନୁଗୋଳ, ଢେଙ୍କାନାଳ, କଟକ, କେନ୍ଦୁଝର, କଳାହାଣ୍ଡିରେ ପ୍ରବଳ ବର୍ଷା ହେବ। ଏ ସମସ୍ତ ଜିଲାକୁ ୟେଲୋ ୱାର୍ନିଂ ଜାରି ହୋଇଛି। ତେବେ ଶୁକ୍ରବାର ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦୁଝର, କେନ୍ଦ୍ରାପଡ଼ାରେ ପ୍ରବଳରୁ ଅତି ପ୍ରବଳ ଏବଂ ସୁନ୍ଦରଗଡ଼, ଦେବଗଡ଼, ସମ୍ବଲପୁର, ଅନୁଗୋଳ, ଢେଙ୍କାନାଳ, ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା ଓ ଗଞ୍ଜାମରେ ପ୍ରବଳ ବର୍ଷା ହେବ ବୋଲି ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ତେଣୁ ଏସବୁ ଜିଲାକୁ ମଧ୍ୟ ୟେଲୋ ୱାର୍ନିଂ ଜାରି କରାଯାଇଛି।

## ଚାଷୀଙ୍କ ସମସ୍ୟା ନେଇ କଂଗ୍ରେସର ଧାରଣା

**ବିନିକା,୨୩।୬(ଡି.ଏନ୍.ଏ.):** ଚାଷୀଙ୍କ ଧାନ ବିକ୍ରି ଟୋକନ ଲ୍ୟାପ୍ସ ହେବା ନେଇ ବିନିକା ନଗର କଂଗ୍ରେସ ଓ ବ୍ଲକ କଂଗ୍ରେସ ପକ୍ଷରୁ ବୁଧବାର ସ୍ଥାନୀୟ ତହସିଲ ଅଫିସ ଆଗରେ ଧାରଣା ଦିଆଯାଇଥିଲା। ବିନିକା ବ୍ଲକ ଭଣ୍ଡାର ଗାଁର ଚାଷୀ ତଥା କଂଗ୍ରେସ ନେତା ଝାରୁ ଛନ୍ଦଙ୍କ ନିକଟରେ କରୋନାରେ ମୃତ୍ୟୁ ଘଟିଥିଲା। ତେବେ ଧାନ ବିକ୍ରି ନେଇ ଟୋକନ ପାଇଥିବା ମୃତ ଝାରୁଙ୍କ ପୁଅ ହରିହର ବାପାଙ୍କ ଶୁଦ୍ଧି କାର୍ଯ୍ୟରେ ବ୍ୟସ୍ତ ରହିବାରୁ ଟୋକନ ଲ୍ୟାପ୍ସ ହୋଇଗଲା। ସେ ତହସିଲଦାରଙ୍କ ଦ୍ୱାରସ୍ଥ ହୋଇ ୧୪୫ କୁଇଣ୍ଟାଲ ଧାନ ବିକ୍ରି କରି ପାରୁ ନ ଥିବା ନେଇ ଲିଖିତ ଅଭିଯୋଗ କରିଥିଲେ। ତହସିଲଦାର ଅଲେଖ ଘୁଟା ତୁରନ୍ତ ସମ୍ପୃକ୍ତ ଚାଷୀଙ୍କ ଧାନ ଉଠାଣ ଲାଗି ଯୋଗାଣ ଅଧିକାରୀ ରାଜକିଶୋର ସ୍ୱାଇଁଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହାସତ୍ତ୍ୱେ ତାଙ୍କ ଧାନ ବିକ୍ରି ହୋଇ ନ ପାରିବାରୁ ଆନ୍ଦୋଳନ କରିବାକୁ ବାଧ୍ୟ ହେବୁ ବୋଲି ବିନିକା କଂଗ୍ରେସ କମିଟି ପକ୍ଷରୁ ଚେତାବନୀ ଦିଆଯାଇଥିଲା। ଆନ୍ଦୋଳନରେ ପ୍ରଦୀପ ସେଠୀ ,ରବୀନ୍ଦ୍ର ହୋତା, ଗୌରୀଶ୍ୟାମ ପଣ୍ଡା,ରାଘବ ଦାଶ, ସୁଧାଂଶୁ ପଣ୍ଡା,ଉମାକାନ୍ତ ଦିପ, ନରେନ୍ଦ୍ର ପଣ୍ଡା, ଗୋବିନ୍ଦା ଝାଙ୍କର ସାମିଲ ହୋଇଥିଲେ।

## ସୋନପୁର ରଥଯାତ୍ରା ପାଇଁ ପ୍ରସ୍ତୁତି ବୈଠକ

**ସୋନପୁର,୨୩।୬(ନି.ପ୍ର.):** ସୋନପୁରରେ ଶ୍ରୀଜୀଉଙ୍କ ସ୍ନାନ ପୂର୍ଣ୍ଣିମା ଓ ରଥଯାତ୍ରା ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ସର୍କିଟ୍ ହାଉସରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଉପଜିଲାପାଳ ତଥା ଦେବୋତ୍ତର ଅଧିକାରୀ ନିହାର ରଞ୍ଜନ କହଁର ବୈଠକରେ ଅଧ୍ୟକ୍ଷତା କରିଥିଲେ। ସୋନପୁର ସହର ଗଡ ଭିତର ଜଗନ୍ନାଥ, ଦଧିବାମନ ଓ ବୃନ୍ଦାବନ ବିହାରୀ ମହାପ୍ରଭୁଙ୍କ ସମସ୍ତ ନୀତିକାନ୍ତି ସରକାରଙ୍କ କୋଭିଡ ମାର୍ଗଦର୍ଶିକା ଅନୁସାରେ ପାଳନ କରାଯିବ। ବିନା ଭକ୍ତରେ ସୀମିତ ସେବାୟତଙ୍କୁ ନେଇ ଚଳିତବର୍ଷ ସ୍ନାନ ପୂର୍ଣ୍ଣିମା ଦିନ ଚତୁର୍ଦ୍ଧା ବିଗ୍ରହଙ୍କୁ ମହାସ୍ନାନ କରାଯିବା ସହିତ ମନ୍ଦିର ପରିସରରେ ମହାପ୍ରଭୁଙ୍କ ସମସ୍ତ ନୀତି ସମ୍ପାଦିତ ହେବ ବୋଲି ସ୍ଥିର ହୋଇଛି। ବୈଠକରେ ସୋନପୁର ଏସଡିପିଓ ପୁଷ୍ପାଞ୍ଜଳି ନିଙ୍ଗି, ତହସିଲଦାର ନବୀନ କିଶୋର ପାଢୀ, ବିଡିଓ ଆକାଶ ରଞ୍ଜନ ସାହୁ, ମ୍ୟୁନିସିପାଲିଟି ଇଓ ସୂର୍ଯ୍ୟନାରାୟଣ ରୁଟ୍, ଉପସ୍ଥିତ ଥିଲେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଗୋଟିକେ ଶିରୀ,**
**ଗୋଟିକେ ହତଶିରୀ।**
ଜଣେ ଜଣେ ନାରୀ ନିଜ ଆଚରଣ, ଉଚ୍ଚାରଣ ତଥା ମାର୍ଜିତ ଗୁଣ ବଳରେ ପରିବାର ମଧ୍ୟରେ ମଙ୍ଗଳ ଶୁଭ ଆବାହନ କରିବସିଥାନ୍ତି। ଆଉ କେତେଜଣ ନାରୀ ନିଜ ସ୍ୱଭାବ ଏବଂ ପ୍ରକୃତି ବଳରେ ଅମଙ୍ଗଳକୁ ଆହ୍ୱାନ କରି ଆଣୁଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଗୁହାଳକ ମେଣ୍ଢା ଖାଇ,**
**ବୈଷ୍ଣବ ବୋଲାଇ।**
କେତେଜଣ ବ୍ୟକ୍ତି ବାହାରକୁ ବୈଷ୍ଣବ ବୋଲି ଦେଖେଇ ହୋଇ ଭିତରେ ଭିତରେ ଅନେକ କୁକାର୍ଯ୍ୟ କରିଥାନ୍ତି। ନିଜର ଅନ୍ୟାୟ ଅନୀତିକୁ ଘୋଡ଼େଇବାକୁ ଯାଇ ମିଛରେ ସାଧୁ ପଣିଆର ଡିଣ୍ଡିମ ପିଟିଥାନ୍ତି। ଏପରି ମନ୍ଦ ସ୍ୱଭାବଯୁକ୍ତ ଠକ ଧାର୍ମିକଙ୍କ ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:

# 'ସଫଳତାରେ ଶ୍ରେୟ ନେଉଛ, ବିଫଳତାର ବି ନିଅ'

## ସତ୍ୟନଗର ଶ୍ମଶାନରେ ୨ ଫଟୋ ଲଗାଇଲା ଛାତ୍ର କଂଗ୍ରେସ

**ଭୁବନେଶ୍ୱର, ୨୩।୬(ବ୍ୟୁରୋ)**

କରୋନା ମହାମାରୀ ବିରୋଧରେ ଏକାଠି ହୋଇ ଲଢ଼ିବା ବଦଳରେ ଫଟୋକୁ ନେଇ ବିଜେଡି-ଭାଜପା ମଧ୍ୟରେ ଲଢ଼େଇ ଚାଲିଛି। ଉଭୟ ସରକାର ସଫଳତାର ଶ୍ରେୟ ନେବାକୁ ଯେମିତି ଆଗଭର ହେଉଛନ୍ତି, ବିଫଳତା ମୁଣ୍ଡାଇବାକୁ ବି ପ୍ରସ୍ତୁତ ରହିବା ଉଚିତ ବୋଲି କ୍ଷୋଭବ୍ୟକ୍ତ କରି କହିଛନ୍ତି ଓଡ଼ିଶା ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜ। ଟିକାକରଣକୁ ନେଇ ଶାସକ ବିଜେଡି ଏବଂ ଭାଜପା ମଧ୍ୟରେ କାଦୁଅଫିଙ୍ଗା ରାଜନୀତି ଆରମ୍ଭ ହୋଇଥିବାବେଳେ ଛାତ୍ର କଂଗ୍ରେସ ପକ୍ଷରୁ ଅଭିନବ ପ୍ରତିବାଦ କରାଯାଇଛି। ବୁଧବାର ଦଳୀୟ କାର୍ଯ୍ୟକର୍ତ୍ତାମାନେ ଏକ ବିକ୍ଷୋଭ ସମାବେଶରେ ଭୁବନେଶ୍ୱର ଜନପଥସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟ ସମ୍ମୁଖରୁ ବାହାରି ସତ୍ୟନଗର ଶ୍ମଶାନ ପର୍ଯ୍ୟନ୍ତ ଯାଇଥିଲେ। ଶ୍ମଶାନ ପାଚେରିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଫଟୋ ଲଗାଇଥିଲେ। ଆଗାମୀ ଦିନରେ ସେଠାରେ ଉଭୟ ନେତାଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରିବାକୁ ନିଷ୍ପତ୍ତି ହୋଇଥିବା ନୱାଜ ସୂଚନା ଦେଇଛନ୍ତି।


ସତ୍ୟନଗର ଶ୍ମଶାନରେ ଛାତ୍ର କଂଗ୍ରେସ ପକ୍ଷରୁ ଲଗାଯାଇଥିବା ଦୁଇ ପୋଷ୍ଟର।

ଏହି ପରିପ୍ରେକ୍ଷୀରେ ନୱାଜ କହିଛନ୍ତି, କରୋନା ମହାମାରୀ ସମୟରେ ଟିକାକରଣ କେନ୍ଦ୍ରରେ ପୋଷ୍ଟର ଲଗାଇବା ଏବଂ ଟିକା ସାର୍ଟିଫିକେଟରେ ଫଟୋ ରଖିବା ପାଇଁ ବିଜେଡି ଓ ଭାଜପା ମଧ୍ୟରେ ପ୍ରତିଯୋଗିତା ଚାଲିଛି। ଉଭୟ ଦଳର କର୍ମୀମାନେ ବ୍ୟାନର ଚିରାରେ ମାତିଛନ୍ତି। ମହାମାରୀ ନିୟନ୍ତ୍ରଣ, ବ୍ୟାପକ ଟିକାକରଣ, ସ୍ୱାସ୍ଥ୍ୟକେନ୍ଦ୍ରରେ ଭେଣ୍ଟିଲେଟର ଓ ଅକ୍ସିଜେନ ସିଲିଣ୍ଡର ଯୋଗାଣ, ବେଡ୍ ବ୍ୟବସ୍ଥା, ଏକ୍‌ମୋ ଚିକିତ୍ସା, ଆମ୍ବୁଲାନ୍ସ ବ୍ୟବସ୍ଥା ଉପରେ ଗୁରୁତ୍ୱ ନ ଦେଇ ଏଭଳି ରାଜନୀତି କରିବା ଓଡ଼ିଶାବାସୀଙ୍କୁ ଦୁଃଖିତ କରିଛି। ଦେଶ ଓ ରାଜ୍ୟରେ କରୋନାର ଏଭଳି ଭୟାବହତା ଲାଗି ଉଭୟ ସରକାର ଦାୟୀ। ସମସ୍ତେ ଜାଣିଛନ୍ତି ସାଧାରଣ ଜନତାଙ୍କ ଟିକସ ଅର୍ଥରେ କରୋନା ଟିକାକରଣ ଚାଲିଛି। ହେଲେ ଫଟୋ ଲଗାଇବା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ବ୍ୟଗ୍ର ହେବା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଯଦି ଟିକାକରଣ କେନ୍ଦ୍ରରେ ସେମାନଙ୍କ ଫଟୋ ରହିବ, ତେବେ କରୋନା ନିୟନ୍ତ୍ରଣରେ ବିଫଳତା ଏବଂ ମୃତ୍ୟୁ ପାଇଁ ଏମାନେ ମଧ୍ୟ ଦାୟୀ ରହିବା ଉଚିତ। ତେଣୁ ଦେଶ ଏବଂ ରାଜ୍ୟର ବିଭିନ୍ନ ସ୍ଥାନରେ ଥିବା ଶ୍ମଶାନରେ ଏମାନଙ୍କର ଫଟୋ କାହିଁକି ନ ରହିବ ବୋଲି ନୱାଜ ପ୍ରଶ୍ନ କରିଛନ୍ତି।

## ପ୍ରଥମ ପୃଷ୍ଠାରୁ...

### ଭାଜପାକୁ ମିଳିଛି ୨୭୬.୪୫ ...

ଏଲ୍‌ଜେପି, ଏସ୍‌ଏଡି, ଆଇଏନ୍‌ଏଲ୍‌ଡି, ଜେକେଏନ୍‌ସି ଏବଂ ଆର୍‌ଏଲ୍‌ଡି ମିଳିତ ଭାବେ ୨୫.୪୬୫୨ କୋଟି ଟଙ୍କା ପାଇଥିବା ଏଡିଆର୍ ରିପୋର୍ଟରୁ ଜଣାପଡ଼ିଛି। ଇଲେକ୍ଟୋରାଲ ଟ୍ରଷ୍ଟର ଚାନ୍ଦା ରିପୋର୍ଟ ଦାଖଲ କରିବା ଲାଗି ନିର୍ବାଚନ କମିଶନଙ୍କ ପକ୍ଷରୁ ଗାଇଡ୍‌ଲାଇନ ଜାରି କରାଯାଇଥିଲା। ୨୦୧୩ ଜାନୁୟାରୀ ପରେ ଗଠିତ ଏହି ୭ ଟ୍ରଷ୍ଟ ହେଲେ ସତ୍ୟ ଇଲେକ୍ଟୋରାଲ ଟ୍ରଷ୍ଟ, ପ୍ରତିନିଧି ଇଲେକ୍ଟୋରାଲ ଟ୍ରଷ୍ଟ, ପିପୁଲ୍ସ ଇଲେକ୍ଟୋରାଲ ଟ୍ରଷ୍ଟ, ପ୍ରୋଗ୍ରେସିଭ୍ ଇଲେକ୍ଟୋରାଲ ଟ୍ରଷ୍ଟ, ଜନହିତ ଇଲେକ୍ଟୋରାଲ ଟ୍ରଷ୍ଟ, ବଜାଜ ଇଲେକ୍ଟୋରାଲ ଟ୍ରଷ୍ଟ ଏବଂ ଜନପ୍ରଗତି ଇଲେକ୍ଟୋରାଲ ଟ୍ରଷ୍ଟ। କେନ୍ଦ୍ରୀୟ ପ୍ରତ୍ୟକ୍ଷ ଟିକସ ବୋର୍ଡ (ସିବିଡିଟି) ନିକଟରେ ପଞ୍ଜୀକୃତ ହୋଇଥିବା ୨୧ ଇଲେକ୍ଟୋରାଲ ଟ୍ରଷ୍ଟ ମଧ୍ୟରୁ ୧୪ଟି ନିର୍ବାଚନ କମିଶନଙ୍କ ନିକଟରେ ୨୦୧୯-୨୦ ବର୍ଷର ଚାନ୍ଦା ତଥ୍ୟ ଦାଖଲ କରିଥିବାବେଳେ କେବଳ ୭ଟିକୁ ଚାନ୍ଦା ମିଳିଥିବା ସେମାନେ ଘୋଷଣା କରିଥିଲେ।

### ସ୍କୁଲ ପାଠ୍ୟକ୍ରମରେ ...

୩୦ ପ୍ରତିଶତ ହ୍ରାସ ହୋଇଥିଲା। ଚଳିତ ବର୍ଷ କରୋନାର ଦ୍ୱିତୀୟ ଲହର ଯୋଗୁ କ୍ଲାସ୍‌ରୁମ୍ ଶିକ୍ଷାଦାନ ଆରମ୍ଭ ହୋଇପାରିନାହିଁ। ୨୦୨୧-୨୨ ଶିକ୍ଷାବର୍ଷ ତିନିମାସ ହେବ ଆରମ୍ଭ ହୋଇଥିଲେ ବି ଏପର୍ଯ୍ୟନ୍ତ ପିଲା ସ୍କୁଲ ମାଡ଼ି ନାହାନ୍ତି। କେବେ ସ୍କୁଲ ଖୋଲିବ ସେ ନେଇ କିଛି ଜଣାନାହିଁ। ତେଣୁ ପିଲାଙ୍କ ପାଠପଢ଼ାକୁ ଗୁରୁତ୍ୱ ଦେଇ ରାଜ୍ୟ ସରକାର ଅନ୍‌ଲାଇନ୍ ଶିକ୍ଷାଦାନ ଆରମ୍ଭ କରିଦେଇଛନ୍ତି। ଗତ ୨୧ ତାରିଖରୁ ପ୍ରଥମରୁ ଦଶମଶ୍ରେଣୀ ପର୍ଯ୍ୟନ୍ତ ପିଲାଙ୍କୁ ୟୁଟ୍ୟୁବ୍ ଓ ଶିକ୍ଷା ଦର୍ପଣ କାର୍ଯ୍ୟକ୍ରମ ମାଧ୍ୟମରେ ଶିକ୍ଷାଦାନ କରାଯାଉଛି। ତେବେ ଆଗକୁ ତୃତୀୟ ଲହର ଆସିବାର ସମ୍ଭାବନା ଥିବାବେଳେ ଶିଶୁ ଅଧିକ ସଂକ୍ରମଣ ହେବେ ବୋଲି ଆଶଙ୍କା କରାଯାଉଛି। ତେଣୁ ଆଗକୁ ସ୍କୁଲ ଖୋଲିବା ଆଶା କରାଯାଇପାରୁନାହିଁ। ଏଥର ବି ପାଠ୍ୟକ୍ରମ ହ୍ରାସ କରିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି।

ତେବେ ପାଠ୍ୟକ୍ରମ ହ୍ରାସ ନିଷ୍ପତ୍ତିକୁ ଶିକ୍ଷାବିତ୍ ନାପସନ୍ଦ କରିଛନ୍ତି। ଏ ନେଇ ଶିକ୍ଷାବିତ୍ ପ୍ରୀତିଶ ଆଚାର୍ଯ୍ୟ କହିଛନ୍ତି, ଏଥର ଶିକ୍ଷାବର୍ଷ ଠିକ୍ ସମୟରେ ଆରମ୍ଭ ହୋଇଛି। ରାଜ୍ୟ ସରକାର ନବମ ଓ ଦଶମ ଶ୍ରେଣୀର ପାଠ୍ୟକ୍ରମ ହ୍ରାସ କରିବା ନିଷ୍ପତ୍ତି ଆଉ କିଛି ଦିନ ପରେ ନେଇଥିଲେ ଉଚିତ ହୋଇଥାନ୍ତା। ଏବେ ଏହି ନିଷ୍ପତ୍ତି ନେବା ଦ୍ୱାରା ମନେହେଉଛି ଯେପରି କରୋନାର ଭୟ ବର୍ଷସାରା ଲାଗି ରହିବ। ପାଠ୍ୟକ୍ରମ ହ୍ରାସ କଲେ ପିଲା ଠିକ୍‌ରେ ମାର୍କ ପାଇବା ପାଇଁ ସକ୍ଷମ ହେବେ। କିନ୍ତୁ ସେମାନଙ୍କ ଭବିଷ୍ୟତ ଗଢ଼ିବାରେ ତାହା ଉପଯୋଗୀ ହେବ ନାହିଁ। ପିଲାଙ୍କ ବ୍ୟକ୍ତିତ୍ୱ ବିକାଶରେ ଏହା ସହାୟକ ହେବ ନାହିଁ।

### ଛେରାପହଁରା ...

ଚାରମାଳ ବାନ୍ଧିଥିବା ବେଳେ ମହାପ୍ରଭୁଙ୍କ ସେନାପଟ ଲାଗି କରାଯାଇଛି। ରାତି ୧ଟାରୁ ମହାପ୍ରଭୁଙ୍କ ପହଣ୍ଡି କରିବା ପାଇଁ ଛତିଶା ନିଯୋଗ ବୈଠକରେ ନିଷ୍ପତ୍ତି ହୋଇଛି। ତଦନୁଯାୟୀ କାର୍ଯ୍ୟକ୍ରମ କରାଯିବ। କଟକଣାକୁ ଦୃଷ୍ଟିରେ ରଖି ୩୫ ପ୍ଲାଟୁନ୍ ଫୋର୍ସ ମୁତୟନ ହେବାକୁ ଥିବା ବେଳେ ୧୫ ସିସିଟିଭି ମାଧ୍ୟମରେ ଆଇନଶୃଙ୍ଖଳା ପରିସ୍ଥିତି ଉପରେ ନଜର ରଖାଯିବା ନେଇ ପୋଲିସ ପ୍ରଶାସନ ନିଷ୍ପତ୍ତି ନେଇଛି। ଅନ୍ୟପକ୍ଷେ ବିନା ଭକ୍ତରେ ସ୍ନାନଯାତ୍ରା କରିବା ପାଇଁ ରାଜ୍ୟ ସରକାରଙ୍କ ନିଷ୍ପତ୍ତିକୁ କାର୍ଯ୍ୟକାରୀ କରାଇବା ପାଇଁ ଶ୍ରୀମନ୍ଦିର ଚାରିପାଖ ଓ ସଂଶ୍ଳିଷ୍ଟ ଅଞ୍ଚଳରେ ୧୪୪ ଧାରା ଲାଗୁ କରାଯାଇଛି। ବଡ଼ଦାଣ୍ଡ ମାର୍କେଟ ଛକଠାରୁ ଆରମ୍ଭ କରି କାକୁଡ଼ିଖାଇ ଛକ, ଶ୍ରୀମନ୍ଦିର ଚାରିପାଖ, ବାଲିସାହି, ହରଚଣ୍ଡୀ ସାହି, ଦୋଳମଣ୍ଡପ ସାହି, ଲବଣିଖିଆ ଛକ, ଖୁଣ୍ଟିଆ ସାହି, ପାଣ୍ଡ ଜାଗା, ଛପନ ଛକ, ଭୋଗଜାଗା ଓ ଲୋକନାଥ ରୋଡ୍ ଭଳି ସ୍ଥାନରେ କଟକଣା ଜାରି ରଖାଯାଇଛି। ପୋଲିସ ପ୍ରଶାସନ ପକ୍ଷରୁ ୬ ପର୍ଯ୍ୟାୟରେ ସୁରକ୍ଷା ବଳୟ ସୃଷ୍ଟି କରାଯାଇଛି। ତେବେ ସାଧାରଣ ଲୋକେ ଘରୁ ନ ବାହାରି ସିଧା ପ୍ରସାରଣ ମାଧ୍ୟମରେ ମହାପ୍ରଭୁଙ୍କ ସ୍ନାନଯାତ୍ରା ଦେଖିବା ପାଇଁ ପ୍ରଶାସନ ପକ୍ଷରୁ ନିବେଦନ କରାଯାଇଛି। ଅନ୍ୟପଟେ ରାତି ଗୋଟାଏରେ ମହାପ୍ରଭୁଙ୍କର ମଙ୍ଗଳାର୍ପଣ କରାଯାଇ ଧାଡ଼ି ପହଣ୍ଡିରେ ଚତୁର୍ଦ୍ଧା ବିଗ୍ରହ ସ୍ନାନବେଦିକୁ ବିଜେ କରିବେ।

ଅନ୍ୟପକ୍ଷେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ କ୍ରିଷ୍ଣନ୍ କୁମାର କହିଛନ୍ତି, ପ୍ରାୟ ହଜାର ଲୋକଙ୍କର କୋଭିଡ୍ ଟେଷ୍ଟ ରିପୋର୍ଟ ଆସିସାରିଛି। କେବଳ ୬ ଜଣଙ୍କୁ ଛାଡ଼ି ଅନ୍ୟମାନେ ନେଗେଟିଭ୍ ଚିହ୍ନଟ ହୋଇଛନ୍ତି। କେବଳ ନେଗେଟିଭ୍ ରିପୋର୍ଟ ଥିବା ଲୋକେ ହିଁ ଦେବସ୍ନାନ ପୂର୍ଣ୍ଣିମା କାର୍ଯ୍ୟକ୍ରମରେ ସାମିଲ ହେବେ। ମହାପ୍ରଭୁଙ୍କ ସାମ୍ନାରେ କିଭଳି ଭାବେ ସେବାୟତମାନେ ମାତ୍ରାଧିକ ସମୟ କଟାଇବା ନାହିଁ ସେନେଇ ଧ୍ୟାନ ଦିଆଯାଉଛି। ଗଜପତି ମହାରଜା କୋଭିଡ୍ ସ୍ଥିତିକୁ ଗୁରୁତ୍ୱ ଦେଇ ଛେରାପହଁରା କରିବେ ନାହିଁ ବୋଲି ଜଣାଇଛନ୍ତି। ମୁଦିରସ୍ତ ଗଜପତିଙ୍କ ପ୍ରତିନିଧି ଭାବେ ଛେରାପହଁରା କରିବେ। ମହାପ୍ରଭୁଙ୍କ ଛେରାପହଁରା କରିବାକୁ ଥିବା ନାରାୟଣ ମୁଦିରସ୍ତ କହିଛନ୍ତି ଯେ, ମହାପ୍ରଭୁଙ୍କ ଇଚ୍ଛା ଥିଲେ ଆମେ ସେବା କରିବୁ, ଫଳସ୍ୱରୂପ ସେବା କରିବାର ସୌଭାଗ୍ୟ ମିଳିଛି। ପ୍ରଥମଥର ପାଇଁ ଛେରାପହଁରା କରିବାର ସୁଯୋଗ ମିଳିଛି, ଯାହା ମୋ ପାଇଁ ଏକ ବଡ଼ କଥା। ପୂର୍ବଥର ମଧ୍ୟ ଗଜପତି ଛେରାପହଁରା କରି ନ ଥିଲେ, ମୋର ବଡ଼ଭାଇ ଛେରାପହଁରା କରିଥିଲେ। ଚଳିତବର୍ଷ ଏହି ସୁଯୋଗ ମୋତେ ମିଳିଛି।

### କେବଳ ପୁରୀରେ ...

ସରକାର ଅନୁମତି ଦେବାପାଇଁ ବିଭିନ୍ନ ସ୍ଥାନରେ ଶୋଭାଯାତ୍ରା ଓ ପ୍ରତିବାଦ କରାଯାଇଛି। ତୁଳସୀକ୍ଷେତ୍ର କେନ୍ଦ୍ରାପଡ଼ାରେ ଶ୍ରୀ ବଳଦେବଜୀଉଙ୍କ ବ୍ରହ୍ମ ତାଳଧ୍ୱଜ ରଥ କୋଭିଡ୍ କଟକଣାରେ ଗଡ଼ିବାକୁ ଅନୁମତି ଲାଗି ସ୍ଥାନୀୟ ଜନସାଧାରଣ ଦାବି କରିଥିଲେ। ଏପରି କି ଜିଲା ଭାଜପା ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସହ ତହସିଲ ଅଫିସ ଆଗରେ ପ୍ରତିବାଦ ମଧ୍ୟ କରାଯାଇଥିଲା। କୋଭିଡ କଟକଣାରେ ଏଠି ରଥଯାତ୍ରା ପାଇଁ ସରକାର ଚେଷ୍ଟା କରିବା ଉଚିତ୍ ବୋଲି କୁହାଯାଇଥିଲା। ଏପରି କି ବଳଦେବଜୀଉ ମନ୍ଦିରର କିଛି ସେବାୟତ ପୁରୀ ଗୋବର୍ଦ୍ଧନପୀଠ ଯାଇ ଶଙ୍କରାଚାର୍ଯ୍ୟଙ୍କ ଉଦ୍ଦେଶ୍ୟରେ ଏକ ନିବେଦନପତ୍ର ମଧ୍ୟ ଦେଇଥିଲେ। ଏନେଇ ୪ଜଣ ସେବାୟତ ଓ ସଂଗଠନ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ଅକ୍ଷୟ କୁମାର ପାଣ୍ଡେ ଉକ୍ତ ମାମଲା ପରିଚାଳନା କରିଥିଲେ। ହାଇକୋର୍ଟଙ୍କ ରାୟର ନକଲ ପାଇବା ପରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଆଇନଜୀବୀ ପାଣ୍ଡେ କହିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ଚନ୍ଦ୍ରଙ୍କ ସହ କେତୁଙ୍କ ସଂଯୋଗ ହେତୁ ମାନସିକ ଅସ୍ଥିରତା ଓ ପରିବାରର କିଛି ବ୍ୟତିକ୍ରମକୁ ନେଇ ଚିନ୍ତା ପ୍ରକଟ କରିବେ। ପୁଅ ବୋହୂଙ୍କ କଥା ମନକୁ ବେଶି ଆନ୍ଦୋଳିତ କରିବ। ବନ୍ଧୁଙ୍କୁ ଦେଇଥିବା ଅର୍ଥକୁ କେନ୍ଦ୍ରକରି କିଛି ସମସ୍ୟା ଦେଖାଦେଇପାରେ। କର୍ମକ୍ଷେତ୍ରରେ ବହୁ କଷ୍ଟ ସ୍ୱୀକାର କରି ମଧ୍ୟ କାମଟିକୁ ପୂର୍ଣ୍ଣାଙ୍ଗ କରିବାକୁ ଚେଷ୍ଟା କରିବେ।

**ବୃଷ**
ବୃହସ୍ପତି ଦୃଷ୍ଟ ରବିଙ୍କ ଯୋଗୁ ପ୍ରତ୍ୟେକ କାମକୁ ସଫଳତାର ସହ ପୂର୍ଣ୍ଣାଙ୍ଗ କରିପାରିବେ। ସରକାରୀ ସ୍ତରରୁ ବହୁ ପ୍ରତୀକ୍ଷିତ ଖବରଟି ଆଜି ପାଇ ଖୁସି ହେବେ। ନିର୍ମାଣ, ପ୍ରକାଶନ, କଚେରି ମାମଲା ଓ ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ। ସହକର୍ମୀ କିମ୍ବା ପଡ଼ୋଶୀଙ୍କ ସହ ସୁସମ୍ପର୍କ ରକ୍ଷା କରିବାରେ ସମର୍ଥ ହେବେ।

**ମିଥୁନ**
ଆଜି ସମ୍ପର୍କୀୟଙ୍କ ସହ ସାଧାରଣ କଥାରେ ସୁସମ୍ପର୍କ ରହି ନ ପାରେ। ଅତ୍ୟାବଶ୍ୟକ କାମଗୁଡ଼ିକ ଅଟକି ରହିଥିବା କାରଣରୁ ସେହିକଥା ଭାବି ଭାବି ଅନ୍ୟମନସ୍କ ରହିପାରନ୍ତି। ଯାନବାହନ, ଜମିଜମା,ଗୃହସୀମା, ମାଲିମକଦ୍ଦମା ଓ ଆନୁଷ୍ଠାନିକ କର୍ମରେ ସମସ୍ୟା ଲାଗି ରହିବ। ପାରିବାରିକ ସ୍ଥିତିରେ ଉନ୍ନତି ଘଟିପାରେ।

**କର୍କଟ**
ରାଶିରେ ମଙ୍ଗଳ ଅବସ୍ଥାନ କରିଥିବାରୁ କର୍ମକ୍ଷେତ୍ରରେ ମାନସିକ ଚାପ ବୃଦ୍ଧି କାରଣରୁ ଅପେକ୍ଷାକୃତ ଅସୁବିଧା ଭୋଗିବେ। ଧର୍ମାନୁଷ୍ଠାନ ଦିଗରୁ ପ୍ରେରଣା ଲାଭ କରି କୃତକାର୍ଯ୍ୟ ହେବେ। ଗୃହ, ଯାନବାହନ ତଥା ଯାନ୍ତ୍ରିକ ଜିନିଷର ମରାମତି ପାଇଁ ବ୍ୟଗ୍ରତା ପ୍ରକାଶ କରିପାରନ୍ତି। ଆଜିର ଆନୁଷ୍ଠାନିକ କାମଗୁଡ଼ିକ ସମ୍ପୂର୍ଣ୍ଣ ହେବା କଷ୍ଟକର ହୋଇପଡ଼ିବ।

**ସିଂହ**
ଲାଭ ସ୍ଥାନରେ ରବି ରହିଥିବାରୁ ଆଜି ଦିନଟିରେ ଯେଉଁ କାମରେ ହାତ ଦେବେ ଅବଶ୍ୟ ସଫଳତା ପାଇବେ। ପରିବାର ଭିତରେ ସାଧାରଣ କଥାକୁ ଜଟିଳ ଆକାରରେ ଗ୍ରହଣ କରି ଦ୍ୱନ୍ଦ୍ୱର ସମ୍ମୁଖୀନ ହୋଇପାରନ୍ତି। ସାହିତ୍ୟ, କଳା ଓ ରଚନାତ୍ମକ କାମରେ ଉଚ୍ଚ ପ୍ରଶଂସା ମିଳିବ। ପରୋକ୍ଷ ଶତ୍ରୁତା କିମ୍ବା କ୍ରନିକ୍ ରୋଗଜନିତ ପୀଡ଼ା ଅନୁଭବ କରିବେ।

**କନ୍ୟା**
ପାପଯୁକ୍ତ ଚନ୍ଦ୍ର ଓ ବୁଧଙ୍କ ହେତୁ ସ୍ୱାସ୍ଥ୍ୟ କିମ୍ବା ମାନସିକ ସ୍ଥିତି ବିଶେଷ ଭଲ ରହିବ ନାହିଁ। ଅତି ଭଲ ସମ୍ପର୍କ ଥିବା ମିତ୍ରମାନେ ପରୋକ୍ଷ ଭାବେ ଶତ୍ରୁତା ଆଚରଣ କରିବେ। ପୂର୍ବ ଯୋଜନାନୁଯାୟୀ ଆତ୍ମୀୟଙ୍କ ସହ ସୁଖଭ୍ରମଣ ଯୋଗ ରହିଛି। ଗୃହ, ଜମିଜମା, ମାଲିମକଦ୍ଦମା ସମ୍ପର୍କୀୟ ଆଲୋଚନା ବିଗିଡି ଯାଇପାରେ।

**ତୁଳା**
ଚନ୍ଦ୍ର ପାପପ୍ରଭାବସ୍ଥ ଯୋଗୁ କର୍ମକ୍ଷେତ୍ରରେ ବିଭିନ୍ନ ପ୍ରକାର ସମସ୍ୟା ସାଙ୍ଗକୁ ପ୍ରତିବନ୍ଧକର ମଧ୍ୟ ସମ୍ମୁଖୀନ ହେବାକୁ ପଡ଼ିପାରେ। କଳା, ସାହିତ୍ୟ, ସଙ୍ଗୀତ, ସାମ୍ବାଦିକତା, କ୍ରୀଡ଼ା ଓ ଚଳଚ୍ଚିତ୍ର କ୍ଷେତ୍ରରୁ ସୁଫଳ ମିଳିବ। କିଣାବିକାରେ ସତର୍କ ନ ହେଲେ ଠକାମିରେ ପଡ଼ିପାରନ୍ତି। ସନ୍ତାନଙ୍କ ସ୍ୱଭାବ ଯୋଗୁ ବିଚଳିତ ହେବାକୁ ପଡ଼ିପାରେ।

**ବିଛା**
ରାଶିରେ ଦୁର୍ବଳଚନ୍ଦ୍ରଙ୍କ କୁପ୍ରଭାବରେ ଆଜି ଅସୁବିଧା ନଥିଲେ ମଧ୍ୟ କେତେକ ଘରୋଇ କାରଣକୁ ନେଇ ମନ ବିଚଳିତ ରହିବ। ବାରମ୍ବାର ସ୍ୱାସ୍ଥ୍ୟ ଖରାପ ରହୁଥିବାରୁ ତାହାର ସ୍ଥାୟୀ ସମାଧାନ କରିବା ଭଲ ହେବ। ପାରିବାରିକ ସମସ୍ୟା ନେଇ ମାନସିକ ଅସ୍ଥିରତା ସୃଷ୍ଟି ହେବ। ବନ୍ଧୁଙ୍କଠାରୁ ମିଥ୍ୟା ଗୁଜବ ଶୁଣି ଆତଙ୍କିତ ହୁଅନ୍ତୁ ନାହିଁ।

**ଧନୁ**
ଭାଗ୍ୟସ୍ଥାନକୁ ବୃହସ୍ପତିଙ୍କ ଦୃଷ୍ଟି ଯୋଗୁ ଛୋଟ ଛୋଟ କଥାକୁ ବୃହଦାକାରରେ ଚିନ୍ତାକରି ସମସ୍ୟାକୁ ବଢ଼ାଇ ଦେଇ ପାରନ୍ତି। ଅଟକି ରହିଥିବା କାମ ହାସଲ ପାଇଁ ଚେଷ୍ଟା କରି ସଫଳ ହୋଇପାରନ୍ତି। ବ୍ୟବସାୟରେ ସାଧାରଣ ସମସ୍ୟାଟି ପାଇଁ ବିଶେଷ ଅସୁବିଧା ହେବ ନାହିଁ। ସ୍ୱାସ୍ଥ୍ୟ ସମସ୍ୟା ଯୋଗୁ ମାନସିକ ସୁସ୍ଥତା ବ୍ୟାହତ ହୋଇପାରେ।

**ମକର**
ରାହୁ ଯୁକ୍ତ ବୁଧଙ୍କ କୋଣଭାବରେ ସ୍ଥିତି ଯୋଗୁ ସମ୍ପର୍କୀୟଙ୍କ ଦ୍ୱାରା ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ପ୍ରତ୍ୟୁଷ ଯାତ୍ରାରେ ସଫଳତା ପାଇବେ ଓ ଲକ୍ଷ୍ୟ ହାସଲ କରିବେ। ଶିଳ୍ପ, ବାଣିଜ୍ୟ, ପରିବହନ ଓ ବ୍ୟବସାୟରେ ଅନ୍ୟମାନଙ୍କ ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାନ୍ତୁ ନାହିଁ। ପରସ୍ପର ମତପାର୍ଥକ୍ୟ କାରଣରୁ ପାରିବାରିକ ଶାନ୍ତି ପାଇବେ ନାହିଁ।

**କୁମ୍ଭ**
ଯେଉଁ କାମ ହାତକୁ ନେଇଛନ୍ତି ତାହା ସହଜରେ ସମ୍ପନ୍ନ କରିବାରେ କୌଣସି ଅସୁବିଧା ହେବନାହିଁ। ରବିଙ୍କ ଶୁଭସଂସ୍ଥିତି ପ୍ରଭାବରେ ବ୍ୟବସାୟରେ ସମସ୍ୟାକୁ ସୁଧାରି ନେବେ। ଅନ୍ୟମାନଙ୍କ ବିବାଦୀୟ କଥାରେ ମୁଣ୍ଡ ନ ପୂରାଇବା ଭଲ। ପିଲାମାନଙ୍କ ସଫଳତାରେ ଆନନ୍ଦ ଅନୁଭବ କରିପାରନ୍ତି।

**ମୀନ**
ପାପଗ୍ରହ ମଧ୍ୟସ୍ଥ ଗୁରୁଙ୍କ ଯୋଗୁ ପାରିବାରିକ ସ୍ଥିତିରେ ଭୁଲ୍ ଖବର ପାଇ ବିବ୍ରତ ହୋଇପାରନ୍ତି। ବହୁତ ଖର୍ଚ୍ଚଣି ହେତୁ ଶାରୀରିକ ଅସୁସ୍ଥତା ଅନୁଭବ କରିପାରନ୍ତି। ଅବଶ୍ୟ ପ୍ରତିରୋଧ ଦୂରେଇଯିବ ଓ ପ୍ରତିଦ୍ୱନ୍ଦ୍ୱିତାରେ ସଫଳତା ଅର୍ଜନ କରିବେ। ଜମିଜମା କାରବାର, ସଭାସମିତି, ଆଲୋଚନା କ୍ଷେତ୍ର ପାଇଁ ଅନୁକୂଳ ପରିବେଶ ସୃଷ୍ଟି ହେବ।

ଆଜି ଦେବସ୍ନାନ ପୂର୍ଣ୍ଣିମା, ଶ୍ରୀମନ୍ଦିରରେ ସ୍ନାନଯାତ୍ରା ଓ ଗଜାନନ ବେଶ, ଅଣସର ଆରମ୍ଭ, ପୂର୍ଣ୍ଣିମା ବିହିତ ଚନ୍ଦ୍ରୋପବାସ, ଜୁନ୍ ୨୪ ତାରିଖ, ଗୁରୁବାର, ମହାପୁରୁଷ ଅଚ୍ୟୁତାନନ୍ଦଙ୍କ ଶ୍ରାଦ୍ଧ ଦିବସ, ସନ୍ଥକବିର ଜୟନ୍ତୀ, ରାଶିନକ୍ଷତ୍ର-ଦିବା ଘ.୦୯।୧୦ ପର୍ଯ୍ୟନ୍ତ ଜ୍ୟେଷ୍ଠା/ବିଛା, ପୂର୍ଣ୍ଣିମାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଅପରାହ୍ଣ ଘ.୦୩।୪୬ ଗତେ ଘ.୦୬।୨୫ ମଧ୍ୟେ ଅମୃତବେଳା। ସକାଳ ଘ.୦୫।୧୩ ଗତେ ଘ.୦୬।୦୫ ମଧ୍ୟେ, ଘ.୦୯।୩୭ ଗତେ ଘ.୧୧।୨୨ ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ.୦୧।୨୮ ଗତେ ୦୩।୦୭ ମଧ୍ୟେ ରାହୁକାଳ।


## classifieds Everyday
0674-2580101, 2549302



**SALE**

**Bhubaneswar Sum Hospitalରୁ 4 k.m. ଦୂରତାରେ boundary plot ମିଳୁଛି। Owner-9090963952.** D-70849



(Two 3BHK & Three 2BHK) 05 Houses & 3000 Sq.ft. open land in Unit-4 & Khandagiribari, Bhubaneswar for rent. Family/Office/ Hostel/Godown. 9437055725/ 9861067046. D-20936



**Mo Hindustan Jewellers Bhubaneswar started online gold ornaments sale and door step delivery. Please call for more detail 9437160289 or 9437033691.** D-20906



Newly open Spa offer @ 699/-, Positively health benefits, Jaydevvihar. 7846814019. D-59994

**Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-**
classifieddharitri@gmail.com

**AFFIDAVIT**

I, Saswat Suman, S/o. Rasananda Panda & Krushna Panda have changed my name to Saswat Suman Panda vide Court Affidavit dated 21 June 2021 at Baripada, Mayurbhanj. D-20938

ପାଠକଙ୍କ ପାଇଁ ସୂଚନା: କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ମାରୱାଡି ଯୁବାମଞ୍ଚ ପକ୍ଷରୁ ଏସପିଙ୍କୁ ଦାବିପତ୍ର

ବୌଦ୍ଧ,(ସ୍ୱ.ପ୍ର.): ବୌଦ୍ଧର ଯୁବ ବ୍ୟବସାୟୀ ତଥା ଆଇନଜୀବୀ ନଟବର ଅଗ୍ରୱାଲାଙ୍କୁ ଆକ୍ରମଣ ଘଟଣାରେ ଅଭିଯୁକ୍ତମାନଙ୍କୁ ତୁରନ୍ତ ଗିରଫ କରିବା ପାଇଁ ପୋଲିସ ଉପରେ ଚାପ ବଢ଼ିବାରେ ଲାଗିଛି। ଜିଲା ଓକିଲ ସଂଘ ପରେ ମାରୱାଡି ଯୁବାମଞ୍ଚ ପକ୍ଷରୁ ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ଏକ ଦାବିପତ୍ର ଜିଲା ଆରକ୍ଷୀ ଅଧୀକ୍ଷକଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକଙ୍କୁ ପ୍ରଦାନ କରାଯାଇଛି। ଯୁବାମଞ୍ଚର ସଭାପତି ଅଙ୍କିତ କୁମାର ଅଗ୍ରୱାଲାଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ଏହି ଦାବିପତ୍ର ପ୍ରଦାନ କରିଥିଲେ। ଅଭିଯୁକ୍ତଙ୍କୁ ଗିରଫ କରା ନ ଗଲେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ଚେତାବନୀ ଦିଆଯାଇଛି। ସୂଚନାଯୋଗ୍ୟ, ନିଜ ପେଟ୍ରୋଲ ପମ୍ପ ଆଗରେ ଆକ୍ରମଣର ଶିକାର ହୋଇଥିବା ଅଗ୍ରୱାଲା ବର୍ତ୍ତମାନ ଭୁବନେଶ୍ୱରର ଏକ ଘରୋଇ ଚିକିତ୍ସାଳୟରେ ଚିକିତ୍ସାଧୀନ ଅଛନ୍ତି। ଏହି ମାମଲାରେ ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ ଅନ୍ୟ ଅଭିଯୁକ୍ତମାନେ ଫେରାର ଅଛନ୍ତି।

## ମିଥ୍ୟା ତଥ୍ୟ ଦେଇ ମନ୍ତ୍ରୀ ଲୋକଙ୍କୁ ଭ୍ରମିତ କରୁଛନ୍ତି

ଭୁବନେଶ୍ୱର, ୨୩।୬(ବ୍ୟୁରୋ):ସାର ଯୋଗାଣ ନେଇ କୃଷିମନ୍ତ୍ରୀ ଅରୁଣ ସାହୁ ମିଥ୍ୟା ତଥ୍ୟ ଦେଇ ଓଡ଼ିଶା ଲୋକଙ୍କୁ ଭ୍ରମିତ କରୁଛନ୍ତି। ଗତ ୩ ବର୍ଷ ଭିତରେ ରାଜ୍ୟକୁ ଆବଶ୍ୟକତାଠାରୁ ଅଧିକ ସାର କେନ୍ଦ୍ର ସରକାର ପ୍ରଦାନ କରିଛନ୍ତି। ହେଲେ ମନ୍ତ୍ରୀ ତଥ୍ୟକୁ ନ ବୁଝି ସାର ଅଭାବ ଥିବା ନେଇ କେନ୍ଦ୍ରକୁ ଚିଠି ଲେଖିଛନ୍ତି। ରାଜ୍ୟ ସରକାରଙ୍କ ତ୍ରୁଟିପୂର୍ଣ୍ଣ ନୀତି ଯୋଗୁ ଚାଷୀ ହଇରାଣ ହେଉଛନ୍ତି ବୋଲି ଭାଜପା ସାଧାରଣ ସମ୍ପାଦକ ଗୋଲକ ମହାପାତ୍ର ଅଭିଯୋଗ କରିଛନ୍ତି। ଭାଜପା କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଗୋଲକ କହିଛନ୍ତି, ୨୦୨୦-୨୧ରେ ଓଡ଼ିଶା ପାଇଁ କେନ୍ଦ୍ର ସରକାର ୟୁରିଆ ସାର ୫.୬୫ ଲକ୍ଷ ମେଟ୍ରିକ ଟନ୍ ଯୋଗାଇ ଦେଇଛନ୍ତି। ଏହାଛଡ଼ା ଡିବିଟି ମାଧ୍ୟମରେ ୫.୨୭ ଲକ୍ଷ ମେଟ୍ରିକ ଟନ ୟୁରିଆ ଚାଷୀଙ୍କ ପାଖରେ ପହଞ୍ଚିଛି। ଡିଏବି ୨.୨୦ ଲକ୍ଷ ମେଟ୍ରିକ ଟନ ଆବଶ୍ୟକତା ଥିବାବେଳେ ୨.୮୨ ଲକ୍ଷ ମେଟ୍ରିକ ଟନ ଯୋଗାଇ ଦେଇଛନ୍ତି। ସେହିପରି ଆହୁରି ଅନ୍ୟାନ୍ୟ ହିସାବ ଦେଖାଇ ଗୋଲକ କହିଛନ୍ତି, ଓଡ଼ିଶାକୁ ଆବଶ୍ୟକତାଠାରୁ ଅଧିକ ସାର ଯୋଗାଇ ଦିଆଯାଇଛି। ସାର ପ୍ରସ୍ତୁତ ହେଉଥିବା ସାମଗ୍ରୀର ଅହେତୁକ ଭାବେ ଦର ବୃଦ୍ଧି ପାଉଛି। ଏହା ସତ୍ତ୍ୱେ କେନ୍ଦ୍ର ସରକାର ପୂର୍ବ ନିର୍ଦ୍ଧାରିତ ଦରରେ ଚାଷୀଙ୍କୁ ସାର ଯୋଗାଉଥିବା ସେ କହିଛନ୍ତି।

# 'ସମ୍ଭାବ୍ୟ ବନ୍ୟା ପାଇଁ ପ୍ରସ୍ତୁତ ରୁହ'

ଭୁବନେଶ୍ୱର,୨୩।୬(ବ୍ୟୁରୋ)

### ରାଜ୍ୟସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକରେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ



ଓଡ଼ିଶାରେ ଦକ୍ଷିଣ ପଶ୍ଚିମ ମୌସୁମୀ ପ୍ରଭାବ ଆରମ୍ଭ ହୋଇଗଲାଣି । ଜୁନ୍‌ରୁ ଅକ୍ଟୋବର ଗୁରୁତ୍ୱପୂର୍ଣ୍ଣ ସମୟ । ଏହି ସମୟରେ ବାତ୍ୟା, ବନ୍ୟା ଆଦି ପ୍ରାକୃତିକ ବିପର୍ଯ୍ୟୟ ଦେଖାଦେଇପାରେ। ସମ୍ଭାବ୍ୟ ବିପର୍ଯ୍ୟୟକୁ ଦୃଷ୍ଟିରେ ରଖି ଯେକୌଣସି ପରିସ୍ଥିତିରେ ସାମ୍ନା କରିବାକୁ ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ ରହିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି । ମୁଖ୍ୟମନ୍ତ୍ରୀ ବୁଧବାର ଭିଡିଓ କନ୍‌ଫରେନ୍ସରେ ରାଜ୍ୟସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକରେ ଅଧ୍ୟକ୍ଷତା କରି କହିଛନ୍ତି, ପ୍ରାକ୍ ସୂଚନା ବ୍ୟବସ୍ଥା, ଉଦ୍ଧାର ଓ ରିଲିଫ୍ କାର୍ଯ୍ୟକ୍ରମ, ପାନୀୟ ଜଳ ଯୋଗାଣ, ସ୍ୱାସ୍ଥ୍ୟ ଓ ପ୍ରାଣୀସେବା ଆଦି ସମସ୍ତ ବ୍ୟବସ୍ଥା ଠିକ୍ ଭାବେ ପ୍ରସ୍ତୁତ ରହିବା ଆବଶ୍ୟକ। ଓଡ୍ରାଫ୍ ଓ ଅଗ୍ନିସେବା ୟୁନିଟ୍‌ଗୁଡ଼ିକ ତୁରନ୍ତ ପଦକ୍ଷେପ ନେବା ପାଇଁ ସତର୍କ ହୋଇ ରହିବା ଜରୁରୀ । ବିପଦସଙ୍କୁଳ ଓ ଅଗମ୍ୟ ଅଞ୍ଚଳରେ ଯଥେଷ୍ଟ ପରିମାଣର ଖାଦ୍ୟପଦାର୍ଥ ଏବଂ ଗୋଖାଦ୍ୟ ମହଜୁଦ ରଖିବା ଆବଶ୍ୟକ । ବିପର୍ଯ୍ୟୟ ସମୟରେ ସବୁଜ ଗୋଖାଦ୍ୟର ବ୍ୟବସ୍ଥା କରାଯିବା ଉପରେ ଗୁରୁତ୍ୱ ଦେବା ସହିତ ପ୍ରାଣୀସେବା କ୍ୟାମ୍ପ୍ ଆୟୋଜନ କରିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି । ସବୁ ଜିଲା ଓ ସମ୍ପୃକ୍ତ ବିଭାଗଗୁଡ଼ିକରେ କଣ୍ଟ୍ରୋଲ ରୁମ୍ ୨୪ ଘଣ୍ଟା ଖୋଲା ରଖିବା ପାଇଁ ସେ ନିର୍ଦ୍ଦେଶ ଦେଇଛନ୍ତି । ଏଥିସହିତ ରିଲିଫ୍ ଓ ଉଦ୍ଧାର କାର୍ଯ୍ୟ ସମୟରେ ଗର୍ଭବତୀ, ଭିନ୍ନକ୍ଷମ ଓ ମାନସିକ ଅନଗ୍ରସର ବ୍ୟକ୍ତିବିଶେଷ, ଛୋଟପିଲା, ବିଧବା ଓ ବୟୋଜ୍ୟେଷ୍ଠଙ୍କୁ ସ୍ୱତନ୍ତ୍ର ଧ୍ୟାନ ଦେବାପାଇଁ ସେ ପରାମର୍ଶ ଦେଇଛନ୍ତି । ଲୋକଙ୍କୁ ଖୋଜିବା ଓ ଉଦ୍ଧାର କରିବା, ପ୍ରାଥମିକ ଚିକିତ୍ସା, ରିଲିଫ୍ ବ୍ୟବସ୍ଥା, ଅତ୍ୟାବଶ୍ୟକ ସେବା ସମ୍ପର୍କିତ ଭିତ୍ତିଭୂମିର ତୁରନ୍ତ ମରାମତି ଓ ପୁନରୁଦ୍ଧାର ଏବଂ ଉଜୁଡ଼ି ଯାଇଥିବା ଜୀବିକାର ପୁନଃସଂସ୍ଥାନ ଆଦି ସମସ୍ତ ବିଷୟଗୁଡ଼ିକୁ ଧ୍ୟାନ ଦେଇ ତୁରନ୍ତ କାର୍ଯ୍ୟକାରୀ କରିବାକୁ ସେ ପରାମର୍ଶ ଦେଇଛନ୍ତି। ମାନବୀୟ ଦୃଷ୍ଟିକୋଣରୁ ସହାୟତା ପାଇବା ହେଉଛି ବିପର୍ଯ୍ୟୟ ପ୍ରଭାବିତ ଲୋକମାନଙ୍କର ଅଧିକାର । ଏହି ଆଭିମୁଖ୍ୟ ନେଇ ଲୋକମାନଙ୍କୁ ଠିକ୍ ସମୟରେ ସହାୟତା ଦେବାପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

ବିପର୍ଯ୍ୟୟ ପ୍ରସ୍ତୁତି ଓ ପରିଚାଳନାରେ ରାଜ୍ୟ ସରକାରଙ୍କ ଆଭିମୁଖ୍ୟ ସ୍ପଷ୍ଟ କରି ନବୀନ କହିଛନ୍ତି, ମହାମାରୀର ପ୍ରଭାବ ସତ୍ତ୍ୱେ ଓଡ଼ିଶା ବିଭିନ୍ନ ବିପର୍ଯ୍ୟୟର ଉତ୍ତମ ମୁକାବିଲା କରି ବିଶ୍ୱସ୍ତରରେ ପ୍ରଶଂସାର ପାତ୍ର ହୋଇପାରିଛି । ବିପର୍ଯ୍ୟୟ ପରିଚାଳନା ପାଇଁ ଆମର ନୀତି ହେଉଛି 'ସବୁ ଜୀବନ ମୂଲ୍ୟବାନ'। ଏଥିପାଇଁ ସରକାରଙ୍କ ସବୁ ବିଭାଗ ମିଳିତ ଭାବେ କାମ କରିବାର ଆଭିମୁଖ୍ୟ ନେଇ ବିପର୍ଯ୍ୟୟ ପରିଚାଳନା ନୀତି କାର୍ଯ୍ୟକାରୀ କରାଯାଉଛି। ସବୁଠାରୁ ଭଲ ପଦକ୍ଷେପ ନିଆଯାଇ ବିପର୍ଯ୍ୟୟର ପ୍ରଭାବକୁ କମ୍ କରାଯାଇପାରିବ।

ଓଡ଼ିଶା ଦେଶରେ ସବୁଠାରୁ ଅଧିକ ବିପର୍ଯ୍ୟୟପ୍ରବଣ ରାଜ୍ୟ। ବନ୍ୟା, ବାତ୍ୟା, ମରୁଡ଼ି ଭଳି ବିଭିନ୍ନ ପ୍ରକାର ବିପର୍ଯ୍ୟୟକୁ ରାଜ୍ୟ ନିୟମିତ ଭାବରେ ସାମ୍ନା କରିଆସୁଛି। ଜଳବାୟୁ ପରିବର୍ତ୍ତନ ଯୋଗୁ ବିପର୍ଯ୍ୟୟର ତୀବ୍ରତା ବଢ଼ିବା ସହିତ ଅଧିକ ସଂଖ୍ୟକ ବିପତ୍ତି ଦେଖାଦେଉଛି। ବିପର୍ଯ୍ୟୟ ପରିଚାଳନାରେ ଗୋଷ୍ଠୀ ଅଂଶଗ୍ରହଣ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ସମସ୍ତ ବିପର୍ଯ୍ୟୟପ୍ରବଣ ଅଞ୍ଚଳରେ ଗୋଷ୍ଠୀମାନଙ୍କର ଅଂଶଗ୍ରହଣକୁ ସୁନିଶ୍ଚିତ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ବିପର୍ଯ୍ୟୟ ପରିଚାଳନା ସମ୍ପର୍କରେ ଛାତ୍ରୀଛାତ୍ରମାନଙ୍କର ଶିକ୍ଷା, ସରକାରୀ କର୍ମଚାରୀ ଓ ପ୍ରତିନିଧିମାନଙ୍କ ପ୍ରଶିକ୍ଷଣ ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ପ୍ରକୃତିର ବିଭୀଷିକାକୁ ମୁକାବିଲା ପାଇଁ ଆମକୁ ସବୁବେଳେ ପ୍ରସ୍ତୁତ ରଖିବାକୁ ପଡ଼ିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

୨୦୨୦-୨୧ରେ ବାତ୍ୟା 'ଅମ୍ଫନ' ଓ 'ୟାସ୍'କୁ ରାଜ୍ୟ ସାମ୍ନା କରିଛି। ବାରମ୍ବାର ଆସୁଥିବା ବାତ୍ୟା ପ୍ରତିରୋଧ ପାଇଁ ସ୍ଥାୟୀ ସୁରକ୍ଷା ବ୍ୟବସ୍ଥା କରିବାକୁ ବହୁ ପରିମାଣର ଅର୍ଥ ବିନିଯୋଗର ଆବଶ୍ୟକତା ରହିଛି। ଆମେ ଏ ସମ୍ପର୍କରେ କେନ୍ଦ୍ର ସରକାରଙ୍କୁ ଅବଗତ କରାଇଛୁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଏହି ଆଲୋଚନାରେ ଏମ୍‌ପି ଚନ୍ଦ୍ରଶେଖର ସାହୁ, ବିଧାୟକ ନରସିଂହ ମିଶ୍ର, ବିଧାୟକ ଜୟନ୍ତ ଷଡ଼ଙ୍ଗୀ, ବିଧାୟକ ପ୍ରତାପ କେଶରୀ ଦେଓ, ବିଧାୟକ ଅନନ୍ତ ଦାସ ପ୍ରମୁଖ ଭାଗ ନେଇ ବିପର୍ଯ୍ୟୟ ମୁକାବିଲା ନିମନ୍ତେ ସେମାନଙ୍କର ମତାମତ ଦେଇଛନ୍ତି । ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ପ୍ରାରମ୍ଭିକ ଭାଷଣରେ ବିପର୍ଯ୍ୟୟ ମୁକାବିଲା ପାଇଁ ରାଜ୍ୟ ସରକାର ଗ୍ରହଣ କରିଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ବିସ୍ତୃତ ସୂଚନା ଦେଇଥିଲେ । ସ୍ୱତନ୍ତ୍ର ରିଲିଫ୍ କମିଶନର ପି.କେ. ଜେନା ଧନ୍ୟବାଦ ଅର୍ପଣ କରିଥିଲେ । ଏହି ବୈଠକରେ ମନ୍ତ୍ରିମଣ୍ଡଳର ସଦସ୍ୟଗଣ, ବିଧାୟକ, ମୁଖ୍ୟ ଶାସନ ସଚିବ, ବିଭିନ୍ନ ବିଭାଗର ସଚିବ ତଥା ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

## ବନ୍ଦିତା ପରିଡ଼ା ପ୍ରଦେଶ ମହିଳା କଂଗ୍ରେସ ସଭାପତି



ଭୁବନେଶ୍ୱର, ୨୩।୬(ବ୍ୟୁରୋ): ବନ୍ଦିତା ପରିଡାଙ୍କୁ ରାଜ୍ୟ ମହିଳା କଂଗ୍ରେସ ସଭାନେତ୍ରୀ ଭାବେ ଅଖିଳ ଭାରତ କଂଗ୍ରେସ କମିଟି(ଏଆଇସିସି) ଅଧ୍ୟକ୍ଷା ସୋନିଆ ଗାନ୍ଧୀ ବୁଧବାର ଦାୟିତ୍ୱ ଦେଇଛନ୍ତି। ଏନେଇ ବିଧିବଦ୍ଧ ଭାବେ ଏଆଇସିସି ବିଜ୍ଞପ୍ତି ଜାରି କରିଛି। ଗତ ସାଧାରଣ ନିର୍ବାଚନ ସମୟରେ ଦଳୀୟ ଟିକେଟ ବଣ୍ଟନରେ ଅସନ୍ତୁଷ୍ଟ ହୋଇ ସୁମିତ୍ରା ଜେନା ମହିଳା କଂଗ୍ରେସ ସଭାପତି ପଦ ଛାଡି ବିଜେଡିରେ ସାମିଲ ହୋଇଥିଲେ। ଏହାପରେ ବନ୍ଦିତା ପରିଡା କାର୍ଯ୍ୟକାରୀ ସଭାପତି ଭାବେ ଦାୟିତ୍ୱ ତୁଲାଇ ଆସୁଥିଲେ। ବର୍ତ୍ତମାନ ବନ୍ଦିତାଙ୍କ ଉପରେ ଏଆଇସିସି ସମ୍ପୂର୍ଣ୍ଣ ଭରସା କରି ତାଙ୍କୁ ମହିଳା କଂଗ୍ରେସ ସଭାପତି ଦାୟିତ୍ୱ ପ୍ରଦାନ କରିଛି। ସେ ୨୦୧୯ ନିର୍ବାଚନରେ କୋରେଇ ବିଧାନସଭା କ୍ଷେତ୍ରରୁ କଂଗ୍ରେସ ପ୍ରାର୍ଥୀ ହୋଇଥିଲେ। ଏହା ପୂର୍ବରୁ ସେ ଯାଜପୁର ବ୍ୟାସନଗର ମ୍ୟୁନିସିପାଲଟି ଅଧ୍ୟକ୍ଷା ଥିଲେ। ବନ୍ଦିତା ସଭାପତି ପଦ ପାଇବା ପରେ କହିଛନ୍ତି, ତାଙ୍କୁ ରାଜ୍ୟର ମହିଳା ସଭାପତି ଦାୟିତ୍ୱ ଦେଇ ତାଙ୍କ ଉପରେ ବିଶ୍ୱାସ ରଖିଥିବାରୁ ଏଆଇସିସି ଅଧ୍ୟକ୍ଷା, ଏଆଇସିସି ମହିଳା ସଭାପତି, ପିସିସି ସଭାପତିଙ୍କୁ ଧନ୍ୟବାଦ। ଯେଉଁ ଗୁରୁଦାୟିତ୍ୱ ମିଳିଛି ତାକୁ ଠିକ୍‌ରେ ପରିଚାଳନା କରିବା ଲାଗି କଠିନ ପରିଶ୍ରମ କରିବେ। ସବୁ ଜିଲାରେ ମହିଳା ସଭାପତି ପଦ ପାଇଁ ତାଲିକା ପ୍ରସ୍ତୁତ ହୋଇ ଏଆଇସିସିକୁ ପଠାଯାଇଛି। ଉକ୍ତ ତାଲିକାକୁ ଅନୁମୋଦନ ମିଳିବାପରେ ନୂଆ ଟିମ୍‌କୁ ନେଇ ଆଗାମୀ ରଣନୀତି ପ୍ରସ୍ତୁତ କରିବେ। ତୃଣମୂଳସ୍ତରରୁ କିପରି କଂଗ୍ରେସର ମହିଳା ସଙ୍ଗଠନକୁ ସୁଦୃଢ଼ କରିହେବ ଏହା ଉପରେ ବିଶେଷ ଧ୍ୟାନ ଦେବେ ବୋଲି ବନ୍ଦିତା କହିଛନ୍ତି।

## କମ୍ପାନୀ ନିର୍ଦ୍ଦେଶିକାଙ୍କ ସମେତ ୩ ଗିରଫ



ଗିରଫ ୩ ଅଭିଯୁକ୍ତଙ୍କୁ କୋର୍ଟରେ ହାଜର କରି ନିଆଯାଉଛି।

### ନକଲି ଔଷଧ ବିକ୍ରି ମାମଲା

- ଷ୍ଟ୍ରିପ୍ ପିଛା ୬୫ରେ କିଣି ୧,୨୯୦ ଟଙ୍କାରେ ବିକୁଥିଲେ
- ୫୦ ଲକ୍ଷ ଟଙ୍କାର ଆକାଉଣ୍ଟ ଜବତ
- ମୁଖ୍ୟ ଅଭିଯୁକ୍ତ ଶିବ ଜେନା ଏବେବି ଫେରାର

କଟକ ଅଫିସ, ୨୩।୬

ନକଲି କରୋନା ଔଷଧ (ଫାଭିପିରାଭିର) ବିକ୍ରି ମାମଲାରେ କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍ ବୁଧବାର ଔଷଧ ବିତରଣ କମ୍ପାନୀ ମେଡିଲଏଡ ମେଡିକାମେଣ୍ଟ ପ୍ରାଇଭେଟ ଲିମିଟେଡର ନିର୍ଦ୍ଦେଶିକା ଶୁଭଲକ୍ଷ୍ମୀ ଜେନା ଓ ଅନ୍ୟ ୨ଜଣ ସହଯୋଗୀଙ୍କୁ ଗିରଫ କରିଛି। ଆଇପିସି ଦଫା ୨୭୫,୨୭୬,୪୨୦,୪୬୭,୪୭୧,୧୨୦/୩୪ରେ ମାମଲା(ନଂ. ୨୨/୨୧) ରୁଜୁ କରାଯାଇ ୩ଜଣଙ୍କୁ ଏସ୍‌ଟିଏଫ୍ କୋର୍ଟ ଚାଲାଣ କରିଛି। ଏଥିସହ ଅଭିଯୁକ୍ତ ଓ କମ୍ପାନୀର ବ୍ୟାଙ୍କ ଆକାଉଣ୍ଟରେ ଥିବା ୫୦ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାକୁ ଜବତ କରିଥିବା କ୍ରାଇମବ୍ରାଞ୍ଚ ଏଡିଜି ଯଶବନ୍ତ ଜେଠୱା ବୁଧବାର ସୂଚନା ଦେଇଛନ୍ତି।

ଜେଠୱାଙ୍କ ସୂଚନା ଅନୁସାରେ, ମୁମ୍ବାଇର ମାକ୍ସ ରିଲିଫ ହେଲ୍‌ଥ କେୟାର କମ୍ପାନୀ ହିମାଚଳ ପ୍ରଦେଶ ସୋଲାନ୍‌ରେ ଔଷଧ ପ୍ରସ୍ତୁତି କରୁଥିବା ଦର୍ଶାଇ ନକଲି ଔଷଧ ଯୋଗାଣ କରୁଥିଲା। ଏହି କମ୍ପାନୀର ୨ ନିର୍ଦ୍ଦେଶକଙ୍କୁ ମୁମ୍ବାଇ ପୋଲିସ ପୂର୍ବରୁ ଗିରଫ କରିସାରିଛି। ଏମାନଙ୍କ ନାମରେ ଅନ୍ୟ ରାଜ୍ୟରେ ମଧ୍ୟ ମାମଲା ରୁଜୁ ହୋଇଛି। ଉକ୍ତ କମ୍ପାନୀରୁ କଟକର ମେଡିଲଏଡ୍ ମେଡିକାମେଣ୍ଟ କମ୍ପାନୀ ଔଷଧ ବହୁ କମ୍ ଦାମରେ ଔଷଧ ଆମଦାନୀ କରୁଥିଲା। ଏପରିକି ଷ୍ଟ୍ରିପ୍ ପିଛା ୬୫ଟଙ୍କାରେ କିଣି ୧,୨୯୦ଟଙ୍କାରେ ବିକ୍ରି କରୁଥିବା ତଦନ୍ତ ବେଳେ ଜଣାପଡ଼ିଛି। ତଦନ୍ତକୁ ଜୋରଦାର କରିବାପାଇଁ ଏକାଧିକ ଟିମ୍ ଗଠନ କରାଯାଇଛି। ସେମାନେ ମୁମ୍ବାଇ ଓ କଟକ ଔଷଧ କମ୍ପାନୀର ଲିଙ୍କ୍‌ରେ ବିଭିନ୍ନ ଜାଗାରେ ରେଡ୍ କରିବା ସହ ଅଧିକ ତଥ୍ୟ ସଂଗ୍ରହ କରୁଛନ୍ତି। ଏବେ ଏସ୍‌ଟିଏଫ୍‌ର ୩ଟି ଟିମ୍ ଓଡ଼ିଶା, ମହାରାଷ୍ଟ୍ର ଓ ପଶ୍ଚିମବଙ୍ଗରେ ତଦନ୍ତ ଚାଲୁ ରଖିଛି ବୋଲି ଜେଠୱା କହିଛନ୍ତି। ଅନ୍ୟପଟେ, ନକଲି ଔଷଧ ବିକ୍ରିର ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ମେଡିଲଏଡ ମେଡିକାମେଣ୍ଟ କମ୍ପାନୀର ପରିଚାଳନା ନିର୍ଦ୍ଦେଶକ ଶିବପ୍ରସନ୍ନ ଜେନା ଏବେ ଫେରାର ଅଛନ୍ତି। ଗିରଫଦାରିକୁ ଏଡ଼ାଇ ପାଇଁ ସେ ମଙ୍ଗଳବାର ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି।

ସୂଚନାଯୋଗ୍ୟ, ଗତ ୧୧ରେ ସ୍ଥାନୀୟ କନିକା ଛକ ନିକଟରେ ଥିବା ଶିବଙ୍କ ଔଷଧ ବିତରଣ କମ୍ପାନୀ ମେଡିଲଏଡ ମେଡିକାମେଣ୍ଟ ପ୍ରାଇଭେଟ ଲିମିଟେଡରେ ଡ୍ରଗ୍ସ କଣ୍ଟ୍ରୋଲରଙ୍କ ପକ୍ଷରୁ ଚଢ଼ାଉ କରାଯାଇଥିଲା। ସେଠାରୁ ୬୯ଲକ୍ଷ ଟଙ୍କାର ନକଲି କରୋନା ଔଷଧ ଫାଭିପିରାଭିର ଓ ଅନ୍ୟ କିଛି ଔଷଧ ଜବତ କରାଯାଇଥିଲା। ମାକ୍ସ ରିଲିଫ୍ ହେଲ୍‌ଥ କେୟାର ସଂସ୍ଥାରୁ ଖୁବ ଶସ୍ତାରେ ଏଠାକୁ ନକଲି ଔଷଧ ଆସୁଥିଲା। ଏଠାରୁ ରାଜ୍ୟର ବିଭିନ୍ନ କୋଭିଡ୍ ହସ୍ପିଟାଲ ଓ ଔଷଧ ଦୋକାନକୁ ପଠାଯାଉଥିବା ଜଣାପଡ଼ିଥିଲା। ପରବର୍ତ୍ତୀ ସମୟରେ ଡ୍ରଗ୍ସ କଣ୍ଟ୍ରୋଲରଙ୍କ ପକ୍ଷରୁ ବଲାଙ୍ଗୀର, ସମ୍ବଲପୁର, ବୌଦ୍ଧ, ରାଉରକେଲା, ବାରିପଦା, ଝାରସୁଗୁଡ଼ା ଆଦି ରାଜ୍ୟର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ବିପୁଳ ନକଲି ଔଷଧ ଜବତ କରାଯାଇଛି। ଗତ ୧୪ରେ ରାଜ୍ୟ ସରକାର ଏହାର ତଦନ୍ତଭାର କ୍ରାଇମବ୍ରାଞ୍ଚକୁ ଦେଇଥିଲେ। କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍ ଏକ ସ୍ୱତନ୍ତ୍ର ଟିମ ଗଠନ କରି ତଦନ୍ତକୁ ଜୋରଦାର କରିଛି।

## ଭାରତରେ ୪୦ ଡେଲ୍ଟା ପ୍ଲସ୍ ମାମଲା

ନୂଆଦିଲ୍ଲୀ, ୨୩।୬

ଭାରତରେ କୋଭିଡ୍-୧୯ ଭୂତାଣୁର ନୂଆ ରୂପ ଡେଲ୍ଟା ପ୍ଲସ୍ (ଏୱାଇ.୧) ଭାରିଆଣ୍ଟର ୪୦ରୁ ଊର୍ଦ୍ଧ୍ୱ ମାମଲା ଚିହ୍ନଟ ହେଲାଣି। ସରକାର ଏହାକୁ ଚିନ୍ତାଜନକ ଭାରିଆଣ୍ଟ କହିବା ସହିତ ବିଭିନ୍ନ ରାଜ୍ୟ ସରକାରଙ୍କୁ ସତର୍କ କରାଇଛନ୍ତି। ମହାରାଷ୍ଟ୍ର, ମଧ୍ୟପ୍ରଦେଶ ଓ କେରଳରେ ଏହି ଭାରିଆଣ୍ଟ ଚିହ୍ନଟ ହୋଇଥିବାବେଳେ ତୁରନ୍ତ କଣ୍ଟେନ୍‌ମେଣ୍ଟ ବ୍ୟବସ୍ଥା କରିବାକୁ ଉପରୋକ୍ତ ରାଜ୍ୟକୁ ନିର୍ଦ୍ଦେଶ ଦିଆଯାଇଛି। ମାମଲା ସଂଖ୍ୟା କମ୍ ହୋଇଥିଲେ ମଧ୍ୟ ଏହା ବିଭିନ୍ନ ରାଜ୍ୟରେ ଦେଖାଦେଇଥିବାରୁ ଏଥିପାଇଁ ସତର୍କତା ଅବଲମ୍ବନ କରିବା ଜରୁରୀ ହୋଇପଡ଼ିଛି। ସେଥିପାଇଁ ପରୀକ୍ଷା ବଢ଼ାଇବା ସହ ତୁରନ୍ତ କଣ୍ଟାକ୍ଟ ଟ୍ରେସିଂ କରିବା ଏବଂ ଟିକାକରଣ ଉପରେ ପ୍ରାଧାନ୍ୟ ଦେବାକୁ ପରାମର୍ଶ ଦିଆଯାଇଛି।

ଇତିମଧ୍ୟରେ କେନ୍ଦ୍ର ସରକାର ବିଭିନ୍ନ ରାଜ୍ୟକୁ ଜନସ୍ୱାସ୍ଥ୍ୟ ସମ୍ପର୍କିତ ଆଡଭାଇଜରି ପଠାଇଛନ୍ତି। ପୂର୍ବରୁ ରାଜ୍ୟଗୁଡ଼ିକ ଲାଗୁ କରିଥିବା ସ୍ୱାସ୍ଥ୍ୟଗତ ସତର୍କତା ପଦକ୍ଷେପକୁ ଅଧିକ ଗୁରୁତ୍ୱଦେବା ସହ ପ୍ରଭାବଶାଳୀ ଭାବେ କାର୍ଯ୍ୟକାରୀ କରିବାକୁ କୁହାଯାଇଛି। ଛୋଟ ସଂଖ୍ୟା ବଡ଼ ରୂପ ନେବା ଆମେ ଚାହୁଁନାହୁଁ ବୋଲି ଜାତୀୟ ଟିକା ପ୍ରଶାସନ ବିଶେଷଜ୍ଞ ଗ୍ରୁପ୍ ମୁଖ୍ୟ ଭି.କେ. ପଲ୍ କହିଛନ୍ତି।



ଡେଲ୍ଟା ପ୍ଲସ୍ ଏବେ ୯ଟି ଦେଶରେ ଦେଖାଗଲାଣି। ସେଗୁଡ଼ିକ ହେଲେ ଆମେରିକା, ବ୍ରିଟେନ, ପର୍ତ୍ତୁଗାଲ, ସୁଇଜରଲାଣ୍ଡ, ଜାପାନ, ପୋଲାଣ୍ଡ, ରୁଷିଆ, ଚାଇନା ଏବଂ ଭାରତ। ଡେଲ୍ଟା ଷ୍ଟ୍ରେନ୍ ଭଳି ଡେଲ୍ଟା ପ୍ଲସ୍ ମଧ୍ୟ ଦ୍ରୁତ ସଂକ୍ରାମକ ବୋଲି ସରକାର ସତର୍କ କରାଇଛନ୍ତି। ଆଇଏନ୍‌ଏସ୍‌ଏସିଓଜି (ଇଣ୍ଡିଆନ୍ ସାର୍ସ-ସିଓଭି-୨ ଜିନୋମିକ୍ କନ୍‌ସୋର୍ଟିଆ) ସୂଚନା ଅନୁଯାୟୀ ଡେଲ୍ଟା ପ୍ଲସ୍ ଅଧିକ ସଂକ୍ରମଣଶୀଳ ହୋଇଥିବାବେଳେ ଏହା ଫୁସ୍‌ଫୁସ୍ କୋଷଗୁଡ଼ିକ ସହ ଦୃଢ଼ ଭାବରେ ବାନ୍ଧିହୋଇ ରହିଥାଏ। ଏଥିସହିତ ଏହି ଭାରିଆଣ୍ଟ ମନୋକ୍ଲୋନାଲ ଆଣ୍ଟିବଡ଼ି ପ୍ରତିକ୍ରିୟାକୁ ଯଥେଷ୍ଟ କମାଇ ଦେଇଥାଏ। କେବଳ ସେତିକି ନୁହେଁ, ଏହି ନୂଆ ଭାରିଆଣ୍ଟ ବର୍ତ୍ତମାନର କୋଭିଡ୍ ଚିକିତ୍ସା ପ୍ରୋଟୋକଲ୍ ପ୍ରତିରୋଧୀ ହୋଇପାରେ ବୋଲି ବିଶେଷଜ୍ଞମାନେ ଆଶଙ୍କା ବ୍ୟକ୍ତ କରିଛନ୍ତି। ବର୍ତ୍ତମାନର କୋଭିଡ୍ ଟିକା ଡେଲ୍ଟା ପ୍ଲସ୍ ବିରୋଧରେ କାର୍ଯ୍ୟ କରିବ କି ନାହିଁ ତାକୁ ନେଇ ବିଶେଷଜ୍ଞମାନେ ଚିନ୍ତା ପ୍ରକଟ କରିଛନ୍ତି। ଭାରତରେ ଉପଲବ୍ଧ କୋଭିଡ୍ ଟିକା କୋଭାକ୍ସିନ ଓ କୋଭିଶିଲ୍ଡ ଡେଲ୍ଟା ଭାରିଆଣ୍ଟ ବିରୋଧରେ କାମ କରୁଥିବାବେଳେ ଡେଲ୍ଟା ପ୍ଲସ୍‌କୁ ରୋକିବାରେ ସକ୍ଷମ କି ନୁହେଁ ଜଣାପଡ଼ିନାହିଁ।

## ପୋଷ୍ଟର ରାଜନୀତି: ଭାଜପା-ବିଜେଡିର ଟୁଇଟ୍ ଯୁଦ୍ଧ

ଭୁବନେଶ୍ୱର, ୨୩।୬(ବ୍ୟୁରୋ)

ରାଜ୍ୟର ଟିକାକରଣ କେନ୍ଦ୍ରରେ ମୁଖ୍ୟମନ୍ତ୍ରୀଙ୍କ ପୋଷ୍ଟର ରହିବା ଏବଂ ପ୍ରଧାନମନ୍ତ୍ରୀଙ୍କ ପୋଷ୍ଟରକୁ ବାଦ୍ ଦିଆଯିବାକୁ ନେଇ ରାଜନୀତି ଆରମ୍ଭ ହୋଇଛି। ଏହାକୁ ନେଇ ବିଭିନ୍ନ ଜିଲାରେ ଭାଜପା କର୍ମୀମାନେ ତୀବ୍ର ପ୍ରତିବାଦ କରିଥିବାବେଳେ ଉଭୟ ଦଳର ତୁଙ୍ଗ ନେତାଙ୍କ ଭିତରେ ଆରମ୍ଭ ହୋଇଥିବା ଟୁଇଟ୍ ଯୁଦ୍ଧ ରାଜନୈତିକ ପାଣିପାଗକୁ ଉଷ୍ମ କରିଛି। ବୁଧବାର ଭାଜପା ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଟୁଇଟ୍ କରି ରାଜ୍ୟ ସରକାରଙ୍କ ଉପରେ ବର୍ଷିଛନ୍ତି। ସେ ତାଙ୍କ ଟୁଇଟ୍‌ରେ ଉଲ୍ଲେଖ କରିଛନ୍ତି, ଓଡ଼ିଶା ଟିକା କିଣିବାରେ ଅସମର୍ଥ ହୋଇ କେନ୍ଦ୍ରର ସହଯୋଗ ଲୋଡ଼ିଲା। ଏହାପରେ କେନ୍ଦ୍ର ସହଯୋଗର ହାତ ବଢ଼ାଇଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓଡ଼ିଶାକୁ ଟିକା ଯୋଗାଣ ବ୍ୟବସ୍ଥା କଲେ। ତେଣୁ ସୌଜନ୍ୟତା ଦୃଷ୍ଟିରୁ ଟିକାକରଣ କେନ୍ଦ୍ରରେ ମୁଖ୍ୟମନ୍ତ୍ରୀଙ୍କ ସହ ପ୍ରଧାନମନ୍ତ୍ରୀଙ୍କ ଫଟୋ ଲଗାଯିବା କଥା। ହେଲେ ଏହା ନ କରିବା ହୀନମନ୍ୟତାର ପରିଚାୟକ ବୋଲି ଅପରାଜିତା ଟୁଇଟ୍‌ରେ ଉଲ୍ଲେଖ କରିଛନ୍ତି। ଅନ୍ୟପଟେ ଅପରାଜିତାଙ୍କ ଟୁଇଟ୍‌ର ଜବାବରେ ବିଜେଡି ରାଜ୍ୟ ସଭା ସଦସ୍ୟ ତଥା ମୁଖପାତ୍ର ସସ୍ମିତ ପାତ୍ର ପ୍ରତିକ୍ରିୟା ରଖିଛନ୍ତି। ସେ ଭାଜପାକୁ ଟାର୍ଗେଟ କରି କହିଛନ୍ତି ଯେ, ଟିକାକରଣ ସାର୍ଟିଫିକେଟରେ ପ୍ରଧାନମନ୍ତ୍ରୀଙ୍କ ଫଟୋ ରହୁଛି। ଟିକାକରଣ କେନ୍ଦ୍ରରେ ଫଟୋକୁ ନେଇ ରାଜନୀତି କରିବା ଲଜ୍ଜାଜନକ ବିଷୟ।

ସୂଚନାଯୋଗ୍ୟ, ବାଲେଶ୍ୱର ଗାନ୍ଧୀ ସ୍ମୃତିଭବନ ଟିକା କେନ୍ଦ୍ରରେ ଫଟୋକୁ ନେଇ କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡ଼ଙ୍ଗୀଙ୍କ ଉପସ୍ଥିତିରେ ଉତ୍ତେଜନା ଦେଖାଦେଇଥିଲା। ଟିକା ଦେବା ପରେ ରାଜ୍ୟ ସରକାରଙ୍କ ପକ୍ଷରୁ ଦିଆଯାଉଥିବା ପ୍ଲାକାର୍ଡରେ ମୁଖ୍ୟମନ୍ତ୍ରୀଙ୍କ ଫଟୋ ଓ ବିଜେଡି ଲୋଗୋ ଥିବାରୁ ଭାଜପା ପକ୍ଷରୁ ପ୍ରତିବାଦ କରାଯାଇଥିଲା। ଦଳୀୟ କର୍ମୀମାନେ ଟିକାକରଣ କେନ୍ଦ୍ରରେ ଥିବା ପ୍ଲାକାର୍ଡକୁ ଫିଙ୍ଗିଦେଇଥିଲେ। ସୋମବାର ଅନୁଗୋଳ, ବାଲେଶ୍ୱର, ରାୟଗଡ଼ା ଏବଂ ଜୟପୁରରେ ଭାଜପା କର୍ମୀମାନେ ପ୍ରତିବାଦ କରିଥିଲେ। ମଙ୍ଗଳବାର ବ୍ରହ୍ମପୁରରେ ସମାନ ସ୍ଥିତି ଦେଖିବାକୁ ମିଳିଥିଲା। ଭାଜପାର ଏଭଳି କାର୍ଯ୍ୟକୁ ବିଜେଡି ଅରାଜକତା ବୋଲି କହିଛି।

## ୧୯ ଜିଲାରେ ସଂକ୍ରମଣ ହାର ୫%ରୁ କମ୍

ଭୁବନେଶ୍ୱର, ୨୩।୬(ବ୍ୟୁରୋ)

### ଗତ ୨୪ ଘଣ୍ଟାରେ ଯାଇଛି ୪୬ ଜୀବନ

ରାଜ୍ୟରେ ଗତ ୨୪ଘଣ୍ଟାରେ ୬୫,୮୪୫ କୋଭିଡ୍ ନମୁନା ପରୀକ୍ଷା ହୋଇଥିବାବେଳେ ୩,୪୫୬ ପଜିଟିଭ ଚିହ୍ନଟ ହୋଇଛନ୍ତି। ଏବେ କରୋନା ହ୍ରାସ ପାଉଥିବାବେଳେ ୧୯ ଜିଲାରେ ସଂକ୍ରମଣ ହାର ୫% ତଳେ ରହିଛି। ସ୍ୱାସ୍ଥ୍ୟ ବିଭାଗ ତଥ୍ୟ ଅନୁସାରେ, ବଲାଙ୍ଗୀରରେ ୧.୨୫, ବୌଦ୍ଧ ୩.୬, ଦେବଗଡ଼ ୨.୬୪, ଗଜପତି ୧.୪୭, ଗଞ୍ଜାମ ୦.୭୮, ଜଗତସିଂହପୁର ୪.୮୬, ଝାରସୁଗୁଡ଼ା ୦.୭, କଳାହାଣ୍ଡି ୧.୩, କନ୍ଧମାଳ ୨.୨୧, କେନ୍ଦୁଝର ୩.୯୬, ନବରଙ୍ଗପୁର ୨.୩୯, ନୂଆପଡ଼ା ୧.୬୪, ରାୟଗଡ଼ା ୪.୯, ସମ୍ବଲପୁର ୧.୨୨, ସୁବର୍ଣ୍ଣପୁର ୨.୬୪, ସୁନ୍ଦରଗଡ଼ ୨.୧୯, ଅନୁଗୋଳ ୩.୨୭, ବାଲେଶ୍ୱର ୪.୭୬, ବରଗଡ଼ରେ ୩.୭% ରହିଛି। ତେବେ ଯାଜପୁର ଜିଲାରେ ଦୈନିକ ସଂକ୍ରମଣ ହାର ଅଧିକ ରହୁଥିବାବେଳେ ଏବେ ୧୦% ତଳକୁ ଖସିଛି। କେବଳ ପୁରୀ ଓ ଖୋର୍ଦ୍ଧା ଜିଲାରେ ସଂକ୍ରମଣ ହାର ୧୦% ଉପରେ ରହିଛି। ପୁରୀରେ ୧୨.୦୩% ଏବଂ ଖୋର୍ଦ୍ଧାରେ ୧୦.୬% ରହିଛି।



ରାଜ୍ୟରେ ଚିହ୍ନଟ ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ଖୋର୍ଦ୍ଧା ଜିଲାରୁ ୪୯୯ ଜଣ ଥିବା ବେଳେ କଟକରୁ ୪୮୦, ପୁରୀ ୨୮୯, ଯାଜପୁରରୁ ୨୬୭ଜଣ ଅଛନ୍ତି। ଫଳରେ ରାଜ୍ୟରେ ଏବେ ମୋଟ ସଂକ୍ରମିତ ସଂଖ୍ୟା ୮,୮୬,୯୪୬ରେ ପହଞ୍ଚିଛି। ଅପରପକ୍ଷେ ରାଜ୍ୟରେ ମୃତ୍ୟୁ ସଂଖ୍ୟା କମିବାର ନାଁ ନେଉନାହିଁ। ଗତ ୨୪ଘଣ୍ଟାରେ ଆଉ ୪୬ଜଣ ଆକ୍ରାନ୍ତଙ୍କ ଜୀବନ ଯାଇଛି। ମୃତକଙ୍କ ମଧ୍ୟରେ ଖୋର୍ଦ୍ଧା ଜିଲାରୁ ସର୍ବାଧିକ ୭ଜଣ ଥିବାବେଳେ ବରଗଡ଼, କଟକ, ପୁରୀରେ ୫ଜଣ ଲେଖାଏ, ଝାରସୁଗୁଡ଼ା ଓ ସମ୍ବଲପୁରରେ ୪ଜଣ ଲେଖାଏ ରହିଛନ୍ତି। ସେହିପରି ସୁନ୍ଦରଗଡ଼, ଜଗତ୍‌ସିଂହପୁରରୁ ୩ଜଣ ଲେଖାଏ, ଗଞ୍ଜାମ, କଳାହାଣ୍ଡି, ମୟୂରଭଞ୍ଜରୁ ୨ଜଣ ଲେଖାଏ, କନ୍ଧମାଳ, କେନ୍ଦ୍ରାପଡ଼ା, କୋରାପୁଟ ଓ ସୁବର୍ଣ୍ଣପୁରରୁ ଜଣେ ଲେଖାଏ ରହିଛନ୍ତି। ଏମାନଙ୍କୁ ମିଶାଇ ରାଜ୍ୟରେ ମୋଟ କରୋନାଜନିତ ମୃତ୍ୟୁ ସଂଖ୍ୟା ୩,୭୧୭କୁ ବୃଦ୍ଧି ପାଇଛି।

GOVERNMENT OF ODISHA
OFFICE OF THE EXECUTIVE ENGINEER
KALAHANDI RWS&S DIVISION, BHAWANIPATNA
e-mail: eerwsskld@gmail.com, eerwss_kld@nic.in, Phone No.: 06670-230784
No.O-375:-
INVITATION OF BID THROUGH e-TENDERING
Bid Identification No.-21/EE/RWSS/2021-22/Bpt Dated 22.06.2021
01. Name of the work: As per ANNEXURE-A

| Procurement Officer | Bid Identification No. | Availability of tender online for bidding on office hour only | | Date of opening (Technical Bid) |
|---|---|---|---|---|
| | | From | To | |
| 1 | 2 | 3 | 4 | 5 |
| Executive Engineer, Kalahandi RWS&S Division, Bhawanipatna | 21/EE/RWSS/ 2021-22 / Bpt Dated 22.06.2021 | 29.06.2021 10.00 A.M. | 15.07.2021 05.30 P.M. | 16.07.2021 10.00 A.M. onwards |

Cost of tender paper to be made online payment system.
Further details can be seen from the e-procurement portal http://tenderodisha.gov.in.
The original documetns should be scanned and uploaded.
Sd./- Executive Engineer, Kalahandi RWS&S Division, Bhawanipatna
OIPR-25005/11/0013/2122

GOVERNMENT OF ODISHA
OFFICE OF THE EXECUTIVE ENGINEER
KALAHANDI RWS&S DIVISION, BHAWANIPATNA
e-mail: eerwsskld@gmail.com, eerwss_kld@nic.in, Phone No.: 06670-230784
No.O-374:-
INVITATION OF BID THROUGH e-TENDERING
Bid Identification No.-22/EE/RWSS/2021-22/Bpt Dated 22.06.2021
01. Name of the work: As per ANNEXURE-A

| Procurement Officer | Bid Identification No. | Availability of tender online for bidding on office hour only | | Date of opening (Technical Bid) |
|---|---|---|---|---|
| | | From | To | |
| 1 | 2 | 3 | 4 | 5 |
| Executive Engineer, Kalahandi RWS&S Division, Bhawanipatna | 22/EE/RWSS/ 2021-22 / Bpt Dated 22.06.2021 | 28.06.2021 10.00 A.M. | 06.07.2021 05.30 P.M. | 07.07.2021 10.00 A.M. onwards |

Cost of tender paper to be made online payment system.
Further details can be seen from the e-procurement portal http://tenderodisha.gov.in.
The original documents should be scanned and uploaded.
Sd./- Executive Engineer, Kalahandi RWS&S Division, Bhawanipatna
OIPR-25005/11/0012/2122

CDA
କଟକ ଉନ୍ନୟନ କର୍ତ୍ତୃପକ୍ଷ
ଅରୁଣୋଦୟ ଭବନ, ଲିଙ୍କ୍ ରୋଡ୍, କଟକ - ୧୨
ସୂଚନା
No. CAD-459: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, ଅଭିନବ ବିଡାନାସୀ, କଟକ (ମର୍କତନଗର) ସେକ୍ଟର-୮ରେ ପ୍ଲଟ ନଂ.- 8-3F/587ଟିକୁ ଶ୍ରୀ ଅକ୍ଷୟ କୁମାର ଦାସ, ପିତା: ୰ ପରମାନନ୍ଦ ଦାସ, ସା: ଓଲ୍ଡ ରାଉସାପାଟଣା, ପୋ.: ବକ୍ସିବଜାର, ଥା: ପୁରୀଘାଟ, ଜିଲ୍ଲା: କଟକ - ୭୫୩୦୦୧ଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନଗ୍ରାହୀ ଶ୍ରୀ ଅକ୍ଷୟ କୁମାର ଦାସ ଉକ୍ତ ପ୍ଲଟ୍ ସହିତ ଗୃହଟିକୁ ତୃତୀୟପକ୍ଷ ଅନ୍ତରଣ ଆଧାରରେ ଶ୍ରୀ ଛବି ପାଲ, ପିତା: ୰ ନାରାୟଣ ପାଲ, ସା/ପୋ.: ରାଣୀଗାଁଓ, ଥା: ପୁରୁଷୋତ୍ତମପୁର, ଜିଲ୍ଲା: ଗଞ୍ଜାମଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି।
ଉକ୍ତ ପ୍ଲଟ୍ ସହିତ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି କିମ୍ବା ଆପତ୍ତି ଥାଏ ତାହା ହେଲେ ଏହି ନୋଟିସ ପ୍ରକାଶନର ପନ୍ଦର (୧୫) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ। ତପୂରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ପ୍ଲଟ୍‌ର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯିବ।
ସ୍ୱା./- ସଚିବ
OIPR-13037/11/0042/2122

OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, GANJAM
District Programme Management Unit (DPMU) City Hospital Road, Berhampur-760001, Ganjam
Request for Proposal (RFP) for Printing of IEC/BCC Materials, Wall Painting, Fixation of Hoardings & Supply of Office Stationary
Notice No. 9403 Date: 22.06.2021
Sealed tenders are invited from the reputed Manufacturer / Authorised suppliers having valid GSTIN / PAN / and VAT Clearance Certificate for Printing of IEC/BCC materials, Wall Painting & fixation of Hoardings etc. to Office of the CDM & PHO, Ganjam on annual rate contract basis.
The sealed quotation should reach at O/o CDMO, Ganjam, Berhampur on any working day by Dt.05.07.2021 till 5.00 P.M. along with all required documents by Speed Post/ Regd. Post only. The tender will be opened on Dt.07.07.2021 at 11.00 A.M. in the office of the undersigned in presence of the bidders / authorized representative of the quotationers. Details regarding items and terms & conditions may be downloaded from the website: (https://ganjam.nic.in). The undersigned reserves the right to accept or reject any or all the bids without assigning any reason thereof.
Sd./- Chief District Medical & Public Health Officer, Ganjam

"ଆଉ ଥରେ ପୃଥିବୀର ଇତିହାସରେ ଆମେ ଏକ ଛକ ଜାଗାରେ ଆସି ପହଞ୍ଚିଛୁ। ଏହା ହେଉଛି ସିଦ୍ଧାନ୍ତ ନେବାର ସମୟ। ଚାରିଆଡୁ ପ୍ରଶ୍ନ ହେଉଛି– ଏହା ପରେ କ'ଣ ଘଟିବ ? ଗୋଟିଏ ଉତ୍ତର ଯଦି ମଣିଷ ଆଧ୍ୟାତ୍ମିକ ହେବା ପାଇଁ ସମ୍ମତ ହୁଅନ୍ତା ! –ଶ୍ରୀମା



# ଜି୭ର ମିଥ୍ୟା ପ୍ରତିଶ୍ରୁତି



ଜେମ୍ସ କେ.ଗଲବ୍ରେଥ୍

ନିକଟରେ ଏକ ନିବନ୍ଧରେ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କ ୟୁନାଇଟେଡ୍ ଷ୍ଟେଟ୍‌ସ ଏଜେନ୍ସି ଫର୍ ଇଣ୍ଟରନ୍ୟାଶନାଲ ଡେଭଲପ୍‌ମେଣ୍ଟର ନୂଆ ପ୍ରଶାସକ ସାମଂଥା ପାୱାରଙ୍କ ଉପରେ ଦି ନ୍ୟୁୟର୍କ ଟାଇମ୍ସ ମିଶେଲ ଗୋଲ୍ଡବର୍ଗ ଉଲ୍ଲେଖ କରିଛନ୍ତି ଯେ,କୋଭିଡ–୧୯ ବିରୋଧରେ ଆମେରିକା ବିଶ୍ୱର ଅନ୍ୟ ଦେଶଗୁଡ଼ିକୁ ଟିକାକରଣରେ ସାହାଯ୍ୟ କରିବାକୁ ଯାହା କରିଛି,ପାୱାର ତାହା ଉପରେ ଠିକ୍ ଢଙ୍ଗରେ ଗୁରୁତ୍ୱପୂର୍ଣ୍ଣ ଆକଳନ ବା ବ୍ୟାଖ୍ୟା କରିଛନ୍ତି। ପାୱାର ନିଜେ କହିଛନ୍ତି ଯେ, ଏହା ଏକ ଖୁବ ବାସ୍ତବ, ପରିଣାମମୁଖୀ କାର୍ଯ୍ୟକ୍ରମ । ପରିଣାମ ଭଲ ଆସିବ ବୋଲି ଲାଗୁଥିଲା । ଜି୭ ସମ୍ମିଳନୀରେ ନିମ୍ନ ଓ ମଧ୍ୟମ ଆୟବର୍ଗର ଦେଶଗୁଡ଼ିକରେ ଟିକାକରଣ ପାଇଁ ଆମେରିକା ୫୦୦ ମିଲିୟନ ଟିକା ଯୋଗାଇ ଦେବାର ବାଇଡେନଙ୍କ ଘୋଷଣାକୁ ଗୋଲ୍ଡବର୍ଗ ବିଧିବଦ୍ଧ ଭାବେ ରିପୋର୍ଟ କରିଛନ୍ତି। ଗୋଲ୍ଡବର୍ଗଙ୍କ ଅନୁଯାୟୀ ଆମେରିକାର ଏହି ପଦକ୍ଷେପ ଟିକାକରଣ ଲାଗି ଅନ୍ୟ ଦେଶଗୁଡ଼ିକର ଯୋଗଦାନକୁ ବି ପ୍ରେରିତ କରିବ, ଯାହାଦ୍ୱାରା ଏହି ସବୁ ଦେଶଗୁଡ଼ିକୁ ୨୦୨୨ ସୁଦ୍ଧା ଏକ ବିଲିୟନ ଡୋଜ୍ ଯୋଗାଇ ଦେବା ନିଶ୍ଚିତ ହୋଇପାରିବ। କିନ୍ତୁ ଘୋଷଣା ବ୍ୟତୀତ ଏମିତି କିଛି ଘଟିଲା ନାହିଁ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଅନୁଯାୟୀ, ପ୍ରକୃତରେ ଅଧିକ ୮୭୦ ମିଲିୟନ ଡୋଜ୍ ଦେବା ପାଇଁ ଏହା କଥା ଦେଇଥିଲା, ଏକ ବିଲିୟନ ପାଇଁ ନୁହେଁ। ୨୦୨୧ ଶେଷ ସୁଦ୍ଧା ଏହାର ପ୍ରାୟ ଅଧା ଯୋଗାଇ ଦେବାର ସଂକଳ୍ପ ନେଇଥିଲା। କହିବାକୁ ଗଲେ ୨୦୨୨ ସୁଦ୍ଧା କୋଭାକ୍ସ ଫ୍ୟାସିଲିଟି (ଗରିବ ଦେଶଗୁଡ଼ିକୁ ଟିକା ପାଇବାରେ ନିଶ୍ଚିତ କରିବାର ଅନ୍ତଃରାଷ୍ଟ୍ରୀୟ ପ୍ରକ୍ରିୟା ) କୁ ଅତି କମ୍‌ରେ ୪୩୫ ମିଲିୟନ ଅଧିକ ଟିକା ଡୋଜ ମିଳିବାର ଲକ୍ଷ୍ୟ ଥିଲା। ଏପରି କି ଯେଉଁ ବିଲିୟନ ସଂଖ୍ୟକ ଟିକା କଥା କୁହାଯାଉଛି ,୨୦୨୨ରେ ଯଦି ତାହା ଆସେ ତେବେ ଏହା ସମୁଦ୍ରରେ ଏକ ଜଳବିନ୍ଦୁ ସଦୃଶ ହେବ। ଏହା ମଧ୍ୟ ଅପର୍ଯ୍ୟାପ୍ତ। ଡ୍ୟୁକ୍ ବିଶ୍ୱବିଦ୍ୟାଳୟର ଗାଭିନ ୟାମେ ଲାନସେଟ ଗ୍ରୁପ ପାଇଁ ଆସିଥିବା ସବୁ ପରିଣାମକୁ ଏକାଠି କରି କହିଛନ୍ତି ଯେ,ଧନୀ ଦେଶଗୁଡ଼ିକ ଏହି ସମୟରେ ସବୁଠୁ ଭୟଙ୍କର ମନୋଭାବ ପଦର୍ଶନ କରିଛନ୍ତି।

ଜି୭ର ପ୍ରତିବଦ୍ଧତା ବା ସଂକଳ୍ପ କେବଳ ଏକ ପ୍ରତିଶ୍ରୁତି। ଏହାକୁ ପୂରଣ କରିବାରେ ଜି ୭ର ଅତୀତର କାର୍ଯ୍ୟ ସମ୍ପାଦନ ଶୈଳୀ ଭଲ ନୁହେଁ। ଏବେ ବିଶ୍ୱକୁ ଟିକା ଯୋଗାଇ ଦେବା ହିଁ ତା'ର ଏକମାତ୍ର ଲକ୍ଷ୍ୟ ବୋଲି ଜି୭ ଘୋଷଣା କରୁଛି। ଏପରିକି ଜଣେ ବିଶ୍ୱାସ କରିବ ଯେ, ଜି୭ର ଏଭଳି ଘୋଷଣା ପୂରା ଠିକ୍। କିନ୍ତୁ ଏହା ଆଦୌ ସ୍ୱଷ୍ଟ କିମ୍ବା ନିରପେକ୍ଷ ନୁହେଁ। ଏବେ ଆଫ୍ରିକା ଏବଂ ଭାରତ ଏମାନଙ୍କର ମୋଟ ପ୍ରାୟ ୨.୫ ବିଲିୟନ ଲୋକଙ୍କ ମଧ୍ୟରୁ ପାଖାପାଖି ୩%ଙ୍କୁ ଟିକା ଦେଇଛନ୍ତି। ଏମିତି କାହିଁକି ହୋଇଛି। ୨୦୨୧ ଶେଷ ସୁଦ୍ଧା କେବଳ ଆମେରିକାର ୪.୭ ବିଲିୟନ ଡୋଜ୍ ଉତ୍ପାଦନ କରିବାର କ୍ଷମତା ରହିଛି। ଆମେରିକାର ଆବଶ୍ୟକ ଡୋଜ୍ ଠାରୁ ଏହା ୪ ବିଲିୟନ ବେଶି। ପୁନଶ୍ଚ ଆମ୍‌ନେଷ୍ଟି ଇଣ୍ଟରନ୍ୟାଶନାଲ ଅନୁଯାୟୀ, ୨୦୨୧ ଶେଷ ସୁଦ୍ଧା ଆବଶ୍ୟକତାଠାରୁ ବଳକା ୩ ବିଲିୟନ ଟିକା ଜି୭ ପାଖରେ ରହିବ। ଏବେ ବଳକା ଡୋଜ୍ ଏବେ ଧନୀ ରାଷ୍ଟ୍ରଗୁଡ଼ିକ ପାଖକୁ ହିଁ ଯାଉଛି। ପ୍ରୋଗ୍ରେସିଭ ଇଣ୍ଟରନ୍ୟାଶନାଲର ବର୍ଷା ଜି.ନେଲୁଟାଙ୍କ ରିପୋର୍ଟ ଅନୁଯାୟୀ ବୁଷ୍ଟର ଶଟ୍ ପାଇଁ ୟୁରୋପୀୟ ସଂଘକୁ ୧.୮ ବିଲିୟନ ଡୋଜ୍ ଯୋଗାଇ ଦିଆଯିବାର ପ୍ରତିଶ୍ରୁତି ଏଥିରେ ରହିଛି। ଅଥଚ ଏହି ସମୟରେ ଧନୀ ଦେଶଗୁଡ଼ିକ ବାହାରେ ଏବେ କରୋନା ସଂକ୍ରମଣ ବ୍ୟାପକ କରିବା ସହ ଲକ୍ଷ ଲକ୍ଷ ଲୋକଙ୍କ ଜୀବନ ଯାଉଛି। ଭୂତାଣୁକୁ ଯଦି ସମୂଳେ ନାଶ କରା ନ ଯାଏ,ତେବେ ଆହୁରି ଭୟଙ୍କର ପରିସ୍ଥିତି ସୃଷ୍ଟି ହେବ। ଯାହା ଆମେ ଜାଣୁ କୌଣସି ଦେଶ କରୋନା ଭାଇରସକୁ ହରାଇବା ଲାଗି ଆବଶ୍ୟକ ଟିକା ପାଇପାରିନାହାନ୍ତି। ଅଧିକ ସମୟ ନଷ୍ଟ କଲେ ଭୟଙ୍କର ବିପଦ ମାଡିଆସିବ। କେବଳ ଗରିବ ଦେଶଗୁଡ଼ିକ ନୁହନ୍ତି ବରଂ ଅନ୍ୟମାନେ ବି ଏଥିରେ ଯେ ଭୀଷଣ କ୍ଷତିଗ୍ରସ୍ତ ନ ହେବେ ତାହା କେହି ନିଶ୍ଚିତ ଭାବେ କହିପାରିବେ ନାହିଁ। ଏହି ସମସ୍ୟା ସମାଧାନର ଏକ ଉପାୟ ହେଉଛି ଗଚ୍ଛିତ ଟିକା ଭଣ୍ଡାର ବିଶ୍ୱର ସବୁ ଦେଶକୁ ଦିଆଯାଉ। ଆମେରିକା ଭଳି ସେନା ଅଧୀନକୁ କିଛି ନିୟମ ଦିଆଯାଉ। ଦ୍ୱିତୀୟରେ ପାଶ୍ଚାତ୍ୟ ଟିକାଗୁଡ଼ିକ ଉପରେ ରହିଥିବା ସଂରକ୍ଷିତ ପ୍ୟାଣ୍ଟେଟ ଛାଡ କରାଯାଉ ଓ ଯୋଗାଣ କଟକଣା ଦୂର କରାଯାଉ। ଏହାଦ୍ୱାରା ଏହି ଟିକା କମ୍ପାନୀଗୁଡ଼ିକ ଅନ୍ୟ ଦେଶରେ ଶୀଘ୍ର ଅଧିକ ଟିକା ଉତ୍ପାଦନ କରିପାରିବେ। ବିଶ୍ୱର ସର୍ବାଧିକ ଟିକା ଉତ୍ପାଦନକାରୀ ଦେଶ ଭାବେ କେବଳ ଭାରତ ଏବେ ଟିକା ଉତ୍ପାନର ସମସ୍ୟାକୁ ଦୂର କରିପାରିବ। ଏହା ମଧ୍ୟ ଚଳିତ ବର୍ଷ ଶେଷ ସୁଦ୍ଧା ନିଜର ଟିକା ଆବଶ୍ୟକତା ପୂରଣ କରିବା ସହ ଏସିଆ ଏବଂ ଆଫ୍ରିକା ଦେଶଗୁଡ଼ିକୁ ଟିକା ଯୋଗାଇ ଦେବ। କେବଳ ଏତିକି ନୁହେଁ ୨୦୨୨ ଶେଷ ସୁଦ୍ଧା ମହାମାରୀକୁ ଶେଷ କରିବା ପାଇଁ ଅଧିକ ଟିକା ଉତ୍ପାଦନ ହୋଇପାରିବ।

ମେ' ପ୍ରାରମ୍ଭରେ ଟିକା ସହ କୋଭିଡ୍–୧୯ ପାଇଁ ଆବଶ୍ୟକ ଉତ୍ପାଦ ଯୋଗାଣ ଉପରେ ଲାଗୁ କରାଯାଇଥିବା ଟ୍ରେଡ ରିଲେଟେଡ୍ ଆସପେକ୍ଟସ୍ ଅଫ୍ ଇଣ୍ଟେଲେକ୍‌ଚୁଆଲ ପ୍ରପର୍ଟି ରାଇଟସ୍‌କୁ ହଟାଇ ନେବା ଲାଗି ଭାରତ ଏବଂ ଦକ୍ଷିଣ ଆଫ୍ରିକା ଦ୍ୱାରା ଆଗୁଆ ଦିଆଯାଇଥିବା ଏକ ପସ୍ତାବକୁ ବାଇଡେନ ପ୍ରଶାସନ ତା'ର ସମର୍ଥନ ଘୋଷଣା କରିଥିଲା। କିନ୍ତୁ କିଛି ଲାଭ ହେଲା ନାହିଁ। ଟିକାଗୁଡ଼ିକୁ ଆବିଷ୍କାର କରିବାକୁ ପ୍ରଚଳିତ ଗବେଷଣାକୁ ଆର୍ଥିକ ଓ ବ୍ୟବସାୟିକ ସମର୍ଥନ ଦେବା ସରକାରଙ୍କ କାମ, କୌଣସି ବଡ କମ୍ପାନୀଗୁଡ଼ିକର ନୁହେଁ। କମ୍ପାନୀଗୁଡ଼ିକର କେବଳ ପ୍ୟାଣ୍ଟେଟ ରହିଛି। ପ୍ୟାଣ୍ଟେଟ ନ ଥିଲେ ସେମାନେ ଉତ୍ପାଦନ କରିବେ ନାହିଁ ବୋଲି ଯାହା କୁହାଯାଉଛି ତାହା ଅସଙ୍ଗତ। ଡିଫେନ୍ସ ପ୍ରଡକ୍‌ସନ ଆକ୍ଟରେ ଆମେରିକା ସରକାରଙ୍କ ଟିକା ଉତ୍ପାଦନ କରିବାକୁ ବାଧ୍ୟ କରିବାର କ୍ଷମତା ରହିଛି , ଯେଉଁଥିପାଇଁ ଶୀଘ୍ର ଅଧିକ ଟିକା ଉତ୍ପାଦନ କରିବା ଲାଗି ଏହି ଆଇନକୁ ଉପଯୋଗ କରିସାରିଛି। ଆଉ ଏମିତି ଉତ୍ପାଦନ କରିଛି ଯେ, ତାହା ଭାରତର ଟିକା ଉତ୍ପାଦନରେ କମ୍ ସମୟ ପାଇଁ ବାଧା ଉପୁଜାଇଛି। ଏବେ ଚାଇନା ଦିନକୁ ୧୦ ମିଲିୟନ କୋଟି ଲୋକଙ୍କୁ ଟିକା ଦେଉଛି। ଏଭଳି ତୀବ୍ର ଗତିରେ ଟିକାକରଣ କରୁଥିବାରୁ ଚଳିତ ବର୍ଷ ଶେଷ ସୁଦ୍ଧା ଏହା ସବୁ ଲୋକଙ୍କୁ ଟିକା ଦେଇଦେବ। ୨୦୨୨ରେ ଚାଇନା ବିଶ୍ୱ ପାଇଁ ୫ ବିଲିୟନ ଡୋଜ ଉତ୍ପାଦନ କରିପାରିବ। ଏହି ସଂଖ୍ୟକ ଟିକା ଏକାଠି ଭାରତ ଓ ଆଫ୍ରିକା ପାଇଁ ଯଥେଷ୍ଟ ହେବ। ସମ୍ପ୍ରତି ଚାଇନାର ଟିକା ଉତ୍ପାଦନକାରୀମାନେ ବିଶ୍ୱର ସବୁଆଡେ ଉତ୍ପାଦନ କେନ୍ଦ୍ର ପ୍ରତିଷ୍ଠା କରିବାକୁ ନିଶ୍ଚିତ ଅଛନ୍ତି। ବର୍ତ୍ତମାନ ଏହା ଇଜିପ୍ଟରେ ଆରମ୍ଭ ହୋଇଛି। ରୁଷିଆ ମଧ୍ୟ ଚଳିତ ବର୍ଷ ଭାରତରେ ୮୫୦ ମିଲିୟନରୁ ଅଧିକ ସ୍ପୁଟନିକ–ଭି ଡୋଜ ଉତ୍ପାଦନ କରିବାକୁ ଯୋଜନା କରିଛି। ଏହି ସଂଖ୍ୟକ ଟିକା ସମ୍ପୂର୍ଣ୍ଣ ଜି୭ର ସଂକଳ୍ପ ସହ ପ୍ରାୟ ସମାନ। ରିପୋର୍ଟ ମୁତାବକ ଏହା ସତ ହୋଇପାରେ ଯେ,ଫାଇଜର ବାୟୋ ଏନ୍ ଟେକ୍, ମଡର୍ନା, ଆଷ୍ଟ୍ରାଜେନିକା, ଜନ୍‌ଶନ୍ ଆଣ୍ଡ ଜନ୍‌ଶନ୍ ଏବଂ ସ୍ପୁଟନିକ୍ ଭି ଦ୍ୱାରା ଉତ୍ପାଦିତ ଟିକା ତୁଳନାରେ ଚାଇନାର ଟିକାଗୁଡ଼ିକ କମ୍ ପ୍ରଭାବୀ। କିନ୍ତୁ ବର୍ତ୍ତମାନ ପାଇଁ ସ୍ଥିତି କେଉଁ ଆଡେ ଗତି କରୁଛି,ତାହା ସ୍ପଷ୍ଟ ହୋଇଛି। ଆମେରିକା ଏବଂ ୟୁରୋପ କମ୍ ଟିକା ଦେଉଛନ୍ତି, ସେମାନଙ୍କ ଅତି ଧନୀ ବ୍ୟକ୍ତିବିଶେଷଙ୍କୁ, ଫାମାସ୍ୟୁଟିକାଲ୍ସ ଲବିଗୁଡ଼ିକୁ ସୁରକ୍ଷା ପ୍ରଦାନ କରୁଛନ୍ତି। କିନ୍ତୁ ଅପରପକ୍ଷରେ ଚାଇନା ଏବଂ ରୁଷିଆ ଭିନ୍ନ ଚିନ୍ତାଧାରା ନେଇ ଆଗାଉଛନ୍ତି ଏବଂ ସେଗୁଡ଼ିକୁ ଭଲ ଭାବେ ହୃଦୟଙ୍ଗମ କରିଛନ୍ତି। ଏଣୁ ମହାମାରୀର ମେରୁଦଣ୍ଡ ପୂରା ଭାଙ୍ଗିବାର ବହୁ ପୂର୍ବରୁ ବିଶ୍ୱ ନିକଟରେ କିଏ ବିଶ୍ୱସନୀୟ ଓ କିଏ ନୁହେଁ ତାହା ପ୍ରକାଶ ରହିବା ଦରକାର।

ମୁଁ ଏତିକି କହିବି ଯେ, ଏ ଘୋଷଣା ଅଦ୍ଭୁତପୂର୍ବ ଜଣାପଡୁଥିଲେ ମଧ୍ୟ ଏହା ସେମିତି କିଛି ନୁହେଁ। ଏହା ଏକ ପ୍ରହେଳିକା। ଅତୀତର ଘଟଣାକୁ ଦେଖିଲେ ଏହା ସ୍ପଷ୍ଟ ହୋଇପାରିବ। ୧୯୪୭–୪୮ ଖାଦ୍ୟାଭାବ ଦେଖାଦେବାରୁ ଚେକୋସ୍ଲୋଭାକିଆର ବୈଦେଶିକ ମନ୍ତ୍ରୀ ଜାନ୍ ମାସାରିକ ଜାହାଜରେ ଖାଦ୍ୟ ପଠାଇବାକୁ ଆମେରିକାକୁ ଅନୁରୋଧ କରିଥିଲେ। କିନ୍ତୁ ଆମେରିକା ଏ ସମ୍ପର୍କରେ କିଛି ନିଷ୍ପତ୍ତି ନ ନେଇ ଦ୍ୱନ୍ଦ୍ୱରେ ରହିଥିଲା। ଏଥିପାଇଁ କିଛି ସର୍ତ୍ତ ମଧ୍ୟ ରଖିଥିଲା। ପରେ ଚେକୋସ୍ଲୋଭାକିଆ କମ୍ୟୁନିଷ୍ଟ ପାର୍ଟିର ମୁଖ୍ୟ କ୍ଲେମେଣ୍ଟ ଗୋଟଓ୍ୱାଲ୍ଡ ଜୋଶେଫ ଷ୍ଟାଲିନଙ୍କୁ ଅନୁରୋଧ କରନ୍ତେ ସେ ୩୦୦, ୦୦୦ ଟନ ଗହମ ଟ୍ରେନରେ ପଠାଇଥିଲେ। ପରେ ୧୯୪୮ରେ ଚେକୋସ୍ଲୋଭାକିଆ ସମ୍ପୂର୍ଣ୍ଣ କମ୍ୟୁନିଷ୍ଟ ଅଧୀନକୁ ଆସିଥିଲା।

ୟୁନିଭର୍ସିଟି ଅଫ୍ ଟେକ୍ସାସ, ଅଷ୍ଟିନ

## ମହାମାରୀରେ ସକାରାତ୍ମକ ମନୋଭାବ



ବାଦଲ ଭୂୟାଁ

କରୋନା କାଳରେ ଅନେକ ପ୍ରକାର ଦୁଶ୍ଚିନ୍ତା ମନକୁ ଭାରାକ୍ରାନ୍ତ କରୁଛି। କି ଯୁବକ, କି ବୟସ୍କ ଅନେକେ ଏକ ଅଜଣା ଭୟରେ ଆତଙ୍କିତ ଅଛନ୍ତି। ଅନେକ ସମୟରେ ଏହି ଭୟ, ଦୁଶ୍ଚିନ୍ତା ଓ ନକାରାତ୍ମକ ଚିନ୍ତା ହିଁ ମଣିଷ ପାଇଁ ଘାତକ ସାବ୍ୟସ୍ତ ହେଉଛି। ତେଣୁ ରୋଗୀ ହୁଅନ୍ତୁ କି ସୁସ୍ଥ ମଣିଷ କରୋନା କାଳରେ ସମସ୍ତେ ନିଜ ଭିତରେ ସକାରାତ୍ମକ ଭାବନା ଉଦ୍ରେକ କରିବା ଜରୁରୀ। ସକାରାତ୍ମକ ଭାବନା ମନକୁ ଆପେ ଆସେ ନାହିଁ। ଏଥିପାଇଁ କିଛି ଭଲ କାମ କରିବାକୁ ହୁଏ, ଭଲ କଥା ପଢ଼ିବାକୁ ହୁଏ, ଭଲ ବିଷୟ ଦେଖିବାକୁ ହୁଏ। ତେଣୁ କରୋନା କାଳରେ ନିଜକୁ ସୁସ୍ଥ ଓ ସକାରାତ୍ମକ ରଖିବା ପାଇଁ ଆସନ୍ତୁ କିଛି ଆଲୋଚନା କରିବା।

ପ୍ରଥମ କଥା ନିଜେ ସତର୍କ ରହନ୍ତୁ। ପରିବାର ଓ ଆଖପାଖର ଲୋକଙ୍କୁ ବି ସତର୍କ କରାନ୍ତୁ। ସରକାର ଓ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ସମୟ ସମୟରେ ଜାରି ସତର୍କତା ସୂଚକ ସମସ୍ତ ନିର୍ଦ୍ଦେଶାବଳୀର ଅନୁପାଳନ କରନ୍ତୁ। ଏହାଦ୍ୱାରା ନିଜକୁ ସଂକ୍ରମିତ ହେବାରୁ ଅନେକ ମାତ୍ରାରେ ରକ୍ଷା କରିପାରିବେ। ସୁସ୍ଥ ଓ ନିରାପଦ ରହିଲେ ସକାରାତ୍ମକତା ବଢ଼ିବ। କରୋନା ସମୟରେ ବାହାରକୁ ଯିବା କମିଛି। ଏଥିସହ ଘରେ ଅଧିକ ସମୟ ମିଳୁଛି। ଏହି ସମୟର ସଦୁପଯୋଗ ସବୁଠୁ ଗୁରୁତ୍ୱପୂର୍ଣ୍ଣ। ଆମେ ଯେତେ ଭଲ ଭାବରେ ନିଜ ସମୟର ଉପଯୋଗ କରିବା, ଆମ ମନରେ ସେତେ ସକାରାତ୍ମକ ଚିନ୍ତା ଓ ଚେତନା ବୃଦ୍ଧି ପାଇବ। ପ୍ରାଣାୟାମ, ବ୍ୟାୟାମ ପାଇଁ ପ୍ରତିଦିନ କିଛି ସମୟ ଦେବା ଜରୁରୀ। ପକରୋନା କାଳରେ ସମସ୍ତେ ପ୍ରତ୍ୟହ ଖବରକାଗଜ ପଢ଼ିବା ଦରକାର। ଏହାଦ୍ୱାରା ଆମେ ନିଜ ଆଖପାଖରୁ ନେଇ ଦେଶ ଦୁନିଆର ଖବର ଜାଣିବା ସହ ପରିସ୍ଥିତି ଅନୁଯାୟୀ ନିଜକୁ ପ୍ରସ୍ତୁତ କରିପାରିବା। ଖବରକାଗଜ ଆମକୁ ଦୈନନ୍ଦିନ ଖବର ସହ ଖେଳ, ସାହିତ୍ୟ, ବିଜ୍ଞାନ, ମନୋରଞ୍ଜନ ଆଦି ସବୁ କ୍ଷେତ୍ରରେ ଖବର ଆଣି ନିଜ ଘରେ ଯୋଗାଇ ଦେଇଥାଏ। ଏହା ମନକୁ ସତେଜ ରଖିବାରେ ସହାୟକ ହୁଏ। ଏହାଛଡ଼ା ଅଧିକରୁ ଅଧିକ ଭଲ ବହି ପଢ଼ି ନିଜ ଜ୍ଞାନ ବୃଦ୍ଧି କରିପାରିବା। କରୋନା କାଳରେ ପୁଷ୍ଟିକର ଖାଦ୍ୟ ଖାଇଲେ ଦେହ ସୁସ୍ଥ ରହିବା ସହ ମନ ବି ପ୍ରଫୁଲ୍ଲ ରହେ। କେଉଁ ଖାଦ୍ୟ ପୁଷ୍ଟିକର ଓ ସ୍ୱାସ୍ଥ୍ୟ ପାଇଁ ଭଲ ସେ ସମ୍ପର୍କରେ ଆମେ ସମସ୍ତେ ଊଣାଅଧିକେ ଅବଗତ। ତେଣୁ ଫଳ, ସତେଜ ପନିପରିବା, ଶାଗ, କ୍ଷୀର, ଦହି ଆଦି ଅଧିକ ପରିମାଣରେ ଖାଇବା ଉଚିତ।

ମହିଳା ହୁଅନ୍ତୁ କି ପୁରୁଷ କରୋନା ସମୟରେ ଅନେକ ଲୋକ ଘରେ ରହି ନିଜ ରୋଷେଇ କରିବା ସଉକକୁ ପୂରା କରୁଛନ୍ତି। ତାହା ଖୁବ୍ ଭଲ ଅଭ୍ୟାସ। ଏହାଦ୍ୱାରା ସ୍ୱାଦିଷ୍ଟ ଘର ତିଆରି ଖାଦ୍ୟ ଖାଇବାକୁ ମିଳିବା ସହ ମନ ମଧ୍ୟ ପ୍ରଫୁଲ୍ଲ ରହେ। ଆମେ ନିଜ ସାମର୍ଥ୍ୟ ଅନୁଯାୟୀ ଆଖପାଖର ଗରିବ, ଅସହାୟ ଲୋକଙ୍କୁ ଖାଦ୍ୟ, ପୋଷାକ ଆଦି ଦେଇପାରିବା। ଆମ ପାଇଁ କାମ କରୁଥିବା ଘରୋଇ ସହାୟକ, ମାଳୀ, କ୍ଷୀରବାଲା, ଖବରକାଗଜ ହକର, ସ୍କୁଲ ଭ୍ୟାନ ଚାଳକ ବା ଅନ୍ୟ କାହାର ଯଦି ସ୍ୱାସ୍ଥ୍ୟଗତ ବା ଅନ୍ୟ କୌଣସି କାରଣରୁ କିଛି ଆର୍ଥିକ ଆବଶ୍ୟକତା ପଡ଼ିଲା ତା'ହେଲେ ଶକ୍ତି ଅନୁଯାୟୀ ସହାୟତା କରିପାରିବା।

ଆମ ଆଖପାଖରେ ବ୍ୟବସାୟ କରି ପେଟ ପୋଷୁଥିବା ସ୍ଥାନୀୟ କ୍ଷୁଦ୍ର ବ୍ୟବସାୟୀ, ବୁଲା ବିକାଳିଙ୍କୁ ସହାୟତା କରିବା ଆମର ଦାୟିତ୍ୱ। କରୋନା ସମୟରେ ସେମାନେ ବି ଆର୍ଥିକ ଦୃଷ୍ଟିରୁ ବେଶ୍ ପ୍ରଭାବିତ ହୋଇଛନ୍ତି। ଗୋଟିଏ ପଟେ ସେମାନଙ୍କ ବିକ୍ରି ହ୍ରାସ ପାଇଥିଲା ବେଳେ ଦରଦାମ ଆକାଶଛୁଆଁ ହୋଇଛି। ତେଣୁ ସେମାନେ କେମିତି ନିଜ ପରିବାରକୁ ତିନିଓଳି ଖାଇବାକୁ ଦେଇପାରିବେ ସେ କଥା ଆମେ ଚିନ୍ତା କରିବା ଦରକାର। ଆମ ବଳକା ସମୟର ସିଂହଭାଗ ମୋବାଇଲ ଫୋନକୁ ଯାଉଛି ଏହା କେହି ଅସ୍ୱୀକାର କରିପାରିବେ ନାହିଁ। ମୋବାଇଲ ନିଶାରୁ ଯେ ଯେତିକି ଦୂରରେ ରହିବ ସେ ଅନ୍ୟ ଭଲ କାର୍ଯ୍ୟ କରିବାକୁ ସେତେ ଅଧିକ ସମୟ ପାଇବ। ପ୍ରତ୍ୟେକ ମଣିଷ ଭିତରେ କିଛି ନା କିଛି ଲୁକ୍କାୟିତ ପ୍ରତିଭା ରହିଛି, ଯାହା ଆମେ କାମର ଚାପରେ ଏକ ପ୍ରକାର ପାସୋରି ଦେଇଛୁ। ଏହାକୁ ପୁନଃ ଆବିଷ୍କାର କରିବାର ଉପଯୁକ୍ତ ସୁଯୋଗ ଆଣି ଦେଇଛି କରୋନା। କିଏ ଭଲ କବିତା ଲେଖେ ତ କିଏ ଚିତ୍ର ଆଙ୍କେ। କିଏ ଭଲ ରୋଷେଇ କରେ ତ କିଏ ପୁଣି ନାଚ, ଗୀତ, ବାଦ୍ୟ ଓ ଅଭିନୟ ଆଦିରେ ରୁଚି ରଖେ। କାହାର ପସନ୍ଦ ଚେସ ଖେଳ ତ କିଏ ବହି ପଢ଼ିବାକୁ ଭଲ ପାଏ। ନିଜ ପିଲାଙ୍କ ସହ ପିଲା ହୋଇ ଖେଳିବାକୁ ତ ସମସ୍ତଙ୍କୁ ଭଲ ଲାଗେ। ମୋବାଇଲ ଫୋନ୍‌ରୁ ଦୂରରେ ରହି କିଛି ସମୟ ଏଥିପାଇଁ ଦେଲେ ଅସୁବିଧା କ'ଣ ?

୪ଜି ପ୍ରତାପ ଆପାର୍ଟମେଣ୍ଟ,
୭ ଏକ୍ସଟେନସନ ରୋଡ୍, ପୁରୁଣା ସୋନାରୀ,
ଜାମସେଦପୁର,
ମୋ:୭୪୮୮୯୯୮୫୩୨

## ଏଇ ଭାରତରେ

ବିନା ମାଟିରେ ସେଓ ଘରେ ଫଳିବ। ଏହା ଶୁଣି ଆଶ୍ଚର୍ଯ୍ୟ ଲାଗୁଥିବ, କିନ୍ତୁ ଏମିତି ସେଓ ଫଳାଉଛନ୍ତି ବେଙ୍ଗାଲୁରୁର ବିବେକ ବିଳାସିନୀ। କମ୍ ଥଣ୍ଡାରେ ଫଳୁଥିବା ଏକପ୍ରକାର କିସମ ଆନ୍ନା ଆପଲ୍ ତାଙ୍କ ଘର ବାଲ୍‌କୋନିରେ ଫଳାଉଛନ୍ତି। ବିବେକଙ୍କ ବୟସ ୫୭। ପେସାରେ ଜଣେ ଆର୍ଟିଷ୍ଟ ଏବଂ ଫଟୋଗ୍ରାଫର। କେରଳର ମୁନ୍ନାରରେ ତାଙ୍କର ଏକ ଫାର୍ମ ରହିଥିଲେ ବି ଏହି ଜାତୀୟ ସେଓ ସେ ଘରେ ବର୍ଷେ ହେବ ଚାଷ କରୁଛନ୍ତି। ସେ ପ୍ରଥମେ କାଲିଫର୍ନିଆରୁ ଏହାର ଚାରା ଆଣିବା ଲାଗି ଚେଷ୍ଟା କରିଥିଲେ ବି ଆଇନଗତ କଟକଣା ଯୋଗୁ ସମ୍ଭବ ହୋଇପାରି ନ ଥିଲା। ପରେ ସେ ଏହାକୁ ଭାରତର କୋର୍ଗର ଏକ ନର୍ସରୀରୁ ସଂଗ୍ରହ କରିଥିଲେ ଓ ଚାଷ ଆରମ୍ଭ କରିଥିଲେ। ସେ ଏହି ଚାରାକୁ ଏୟାର ପଟ୍‌ରେ ଲଗାଉଛନ୍ତି। ଏହି ପଟ୍‌ରେ ଏକପ୍ରକାର ଶୁଖିଲା ଘାସ, ପର୍ଲାଇଟ ଏବଂ କିଛି ଖତ ବ୍ୟବହାର କରାଯାଉଛି। ଏହା ବ୍ୟତୀତ ସେ ଆଉ ୪ ପ୍ରକାର ସେଓ ଏହି ପଦ୍ଧତିରେ ଚାଷ କରୁଛନ୍ତି, କିନ୍ତୁ ସେଗୁଡ଼ିକ ଏବେ ସୁଦ୍ଧା ଫଳିନାହିଁ। ବିବେକ ତାଙ୍କ ଫାର୍ମରେ ୬ ପ୍ରକାର ଅଭାକୋଡା ଓ ୪୦ ପ୍ରକାର କଣ୍ଟାଜାତୀୟ ଫଳ ସହ ମୋଟରେ ୩୦୦ ପ୍ରକାର ଫଳଚାଷ କରୁଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୨୪ ଜୁନ୍ ୧୯୯୬

- ଗ୍ରୀସର ପୂର୍ବତନ ପ୍ରଧାନମନ୍ତ୍ରୀ ଆନ୍ଦ୍ରେଆସ ପାପାନ୍ଦ୍ରୁଙ୍କର ୭୭ ବର୍ଷ ବୟସରେ ପରଲୋକ।
- ବାଂଲାଦେଶର ନୂତନ ପ୍ରଧାନମନ୍ତ୍ରୀ ଭାବେ ଆୱାମୀ ଲିଗ୍‌ର ନେତ୍ରୀ ଶେଖ୍ ହାସିନା ୱାଜେଦଙ୍କ ଶପଥ ଗ୍ରହଣ।
- ଅଷ୍ଟ୍ରେଲିଆର ପୂର୍ବତନ ଫାଷ୍ଟ ବୋଲର ରୟ ଲିଣ୍ଡୱାଲଙ୍କ ୭୪ ବର୍ଷ ବୟସରେ ପରଲୋକ।

## ବହୁପତ୍ନୀ ପରମ୍ପରାରେ ନାରୀ ନିକ୍ଷେପିତ କି



ସାରଦା ପ୍ରସାଦ କର

'ବୀରଭୋଗ୍ୟା ବସୁନ୍ଧରା' ଉକ୍ତିଟି ଭାରତ ଭୂଖଣ୍ଡର ମୂଳଭାଷା ହେଲେ ମଧ୍ୟ ସାରା ବିଶ୍ୱ ବୀର ପ୍ରସବିନୀମାନଙ୍କୁ ନେଇ ଗର୍ବିତ। ଦେଶ ଦେଶ ମଧ୍ୟରେ ସାର୍ବଭୌମତ୍ୱର ସୁରକ୍ଷା, ଜାତିର ଟେକ ଅକାଟ୍ୟ ରଖିବାରେ ଓ କାଳକ୍ରମେ ପ୍ରତିଦ୍ୱନ୍ଦ୍ୱୀ ଯୋଦ୍ଧାର ମୁଣ୍ଡନତ କରିବା ପ୍ରୟାସରେ ବୀରମାନେ ଜାଗ୍ରତ ପ୍ରହରୀର ଦାୟିତ୍ୱ ନିଭାନ୍ତି। ଚତୁଃବର୍ଣ୍ଣ ସମାଜରେ ପରମ୍ପରାଗତ କ୍ଷତ୍ରିୟମାନେ ଦେଶର ନିରାପତ୍ତା ଦାୟିତ୍ୱ ହାତରେ ରଖିଥାନ୍ତି। ସମରନିପୁଣ ମାନଙ୍କ ନେତାଙ୍କୁ ମୁଖିଆ, ଦଳପତି ବା ରାଜା କୁହାଯାଉଥିବାବେଳେ ସେମାନଙ୍କ ପାଖରେ ଯେମିତି ଗୋଟିଏ ପୁରୁଷକୈନ୍ଦ୍ରିକ ମାନସିକତା ରହୁଥିଲା। ଜଣେ ରାଜାଙ୍କର ଯେତେ ପୁତ୍ର ସନ୍ତାନ ହେବେ ସେମାନେ ସମସ୍ତେ ରାଜପଦବାଚ୍ୟ ଓ ବରିଷ୍ଠ ଯୁବରାଜ ଅଧିଷ୍ଠିତ ହେବେ। ଏହାସହିତ ଯୁବରାଜ ଦେଶର ସୁରକ୍ଷା ଓ ନିରାପତ୍ତା ବୋଝ ମୁଣ୍ଡାଇବେ। ପୁତ୍ର ସନ୍ତାନ ପାଇଁ ଯେହେତୁ ରାଜା ବ୍ୟାକୁଳ, ଯାହାର ଯେତେ ପୁତ୍ର ହେବେ ସେ ସେତେ ପ୍ରତିଷ୍ଠିତ ଏବଂ ଗୌରବର ଅଧିକାରୀ ହେବେ। ମାର୍‌ୱାର୍ ବା ମିବାର୍ ରାଜବଂଶର ପ୍ରତିଷ୍ଠାତା କାଳଭୋଜଙ୍କର ଉତ୍ତରାଧିକାରୀ ରାଜା ଉଦୟସିଂହଙ୍କର ୨୭ଜଣ ରାଣୀ ଓ ରାୱଲ୍ ବପ୍ପାଙ୍କର ୧୪୦ଜଣ ରାଣୀ ଥିଲେ। ଅବଶ୍ୟ ସେ କାଳରେ ରାଜ୍ୟ ଜୟ ସହ ଯୁଦ୍ଧଜୟୀ ରାଜାଙ୍କୁ ବନ୍ଦୀ ରାଜାଙ୍କ କନ୍ୟା ଓ ସେ ରାଜ୍ୟର ସୁନ୍ଦରୀ ଲଳନାମାନଙ୍କୁ ଭେଟି ସମର୍ପଣ କରାଯାଉଥିଲା। କରଦ ରାଜା କି ଜମିଦାରମାନେ ନିୟମିତ ଉପହାର ଭାବେ ଚକ୍ରବର୍ତ୍ତୀ ରାଜାଙ୍କୁ ଉପହାର ସ୍ୱରୂପ ଅପରୂପାମାନଙ୍କୁ କୋଳମଣ୍ଡନ କରାଇ ନିଜକୁ ଧନ୍ୟ ମନେ କରୁଥିଲେ। କେତେକ ବିବାହିତ ଜୀବନଯାପନ କରୁଥିଲେ ଆଉ କେତେକ ରକ୍ଷିତା ହୋଇ ରହୁଥିଲେ। ଛତ୍ରପତି ଶିବାଜୀ ମହାରାଜାଙ୍କର ଅଷ୍ଟରାଣୀ ଉଆସ ମଣ୍ଡନ କରୁଥିବାବେଳେ ତାଙ୍କ ଜୀବନ ଦ୍ୱିତୀୟ ସ୍ତ୍ରୀ ସୋଏରା ବାଇଙ୍କ ବିଷ ପ୍ରୟୋଗ ଫଳରେ ସମାପ୍ତ ହୋଇଥିଲା। ୧୦ ବର୍ଷର ପୁତ୍ର ରାଜାରାମ୍ ସିଂହାସନ ଆରୋହଣ କରିବା ନେଇ ଉଠିଥିବା ବିବାଦୀୟ ବିତର୍କଟି ଏବେ ଇତିହାସ ପୃଷ୍ଠାରେ।

ଇତିହାସ ପୃଷ୍ଠାରେ ଷୋଡ଼ଶ ଶତାବ୍ଦୀ ପର୍ଯ୍ୟନ୍ତ ବହୁପତ୍ନୀ ବିବାହ ଓ ବହୁ ସନ୍ତାନ ପ୍ରାପ୍ତି ଆଶାରେ ଧର୍ମପତ୍ନୀମାନଙ୍କୁ ନିର୍ଯାତନାର କିଛି କଳଙ୍କିତ ଅଧ୍ୟାୟ ଯୋଡ଼ି ହୋଇଥିବା ଦୃଷ୍ଟିଗୋଚର ହୁଏ। ଇଂଲଣ୍ଡର ଯୁବରାଜ ହେନେରୀ–୮ ତାଙ୍କ ପ୍ରଥମ ପତ୍ନୀ କାଥେରିନ୍ ଅଫ୍ ଆରାଗନ୍‌ଙ୍କ ଔରସରୁ ମାତ୍ର ଗୋଟିଏ କନ୍ୟା ସନ୍ତାନ ପ୍ରାପ୍ତିରେ ଖୁସି ନ ହୋଇ ପରବର୍ତ୍ତୀ ସମୟରେ ୫ଜଣ ରାଣୀ ଗ୍ରହଣ କରିଥିଲେ, ଯାହା ପରବର୍ତ୍ତୀ ସମୟରେ ଚର୍ଚ୍ଚ ଅଫ୍ ଇଂଲଣ୍ଡ ଓ କାଥୋଲିକ୍ ଚର୍ଚ୍ଚର ବିଭାଜନ ପାଇଁ ଦାୟୀ। ସମସ୍ତଙ୍କଠାରୁ ମିଶାଇ ମାତ୍ର ତିନୋଟି ସନ୍ତାନ ପ୍ରାପ୍ତି ହୋଇଥିଲେ ମଧ୍ୟ ରାଜା ହେନେରୀ–୮ ତାଙ୍କ ରାଣୀଙ୍କ ମଧ୍ୟରୁ ଆନି ବୋଲିନ୍ ଓ କାଥେରାଇନ୍ ହୋୱାର୍ଡଙ୍କୁ ପରକୀୟା ସନ୍ଦେହରେ ମୁଣ୍ଡ କାଟିଦେଇଥିଲେ। ଦୁଇଜଣ ରାଣୀଙ୍କୁ ଛାଡ଼ପତ୍ର ଦେଇଥିଲେ, ଜଣେ ଅକାଳ ମୃତ୍ୟୁ ଓ ଅନ୍ୟ ଜଣେ ଶେଷ ପର୍ଯ୍ୟନ୍ତ ଜୀବିତ ଥିଲେ। ଜେନି ସିମୁରଙ୍କଠାରୁ ଏକମାତ୍ର ପୁତ୍ର ଏଡ୍‌ୱାର୍ଡ–୬ଙ୍କୁ ସେ ବେଶି ଭଲପାଉଥିଲେ। ରାଜ ପରିବାରରେ ଅନ୍ତଃଦ୍ୱନ୍ଦ୍ୱ ବଢ଼ିବାରେ ଲାଗିଲା। କାରଣ ଥିଲା ଏଡ୍‌ୱାର୍ଡ–୬, ଏଲିଜାବେଥ୍ ଓ ପ୍ରଥମ ସ୍ତ୍ରୀଙ୍କ କନ୍ୟା ମେରୀଙ୍କ ମଧ୍ୟରେ ସିଂହାସନ ଆରୋହଣର ପ୍ରତିଯୋଗିତା।

ଆଫ୍ରିକୀୟ ସମାଜରେ ବିଧବା ଗ୍ରହଣ ସହ ତା'ର ସମସ୍ତ ସମ୍ପତ୍ତି ହାସଲ ସୁବିଧା ମିଳୁଥିବାରୁ ବହୁ ପତ୍ନୀ ବିବାହ ସେ ସମାଜରେ ସ୍ୱୀକୃତ ହେଉଥିଲା। ଦିଲ୍ଲୀ ସୁଲତାନମାନଙ୍କ ମଧ୍ୟରେ ଆଲ୍ଲାଉଦ୍ଦିନ୍ ଖିଲିଜ ୪ଟି, ବାବର୍ ୯ଟି, ହୁମାୟୁନ୍ ୬ଟି ଓ ଆକବର ୭ଟି ବିବାହ କରିଥିଲେ। ସାଉଥ୍ ଆଫ୍ରିକା, ଇଜିପ୍ଟ, ଇରିଟ୍ରିୟା, ମରକ୍କୋ, ମାଲେସିଆ–ଇରାନ ଓ ଲିବିୟାରେ ପ୍ରଥମ ସ୍ତ୍ରୀଙ୍କ ଲିଖିତ ଅନୁମୋଦନ ଅନୁସାରେ ପରବର୍ତ୍ତୀ ସ୍ତ୍ରୀ ଗ୍ରହଣୀୟ। ଇସ୍ରାଏଲ୍, ଚେଚେନ୍ୟା ଏବଂ ବର୍ମାରେ ବହୁପତ୍ନୀ ବିବାହ ଆଇନ ଅନୁଯାୟୀ ଅସିଦ୍ଧ ଘୋଷଣା କରାଯାଇଥିଲେ ମଧ୍ୟ ଏଠାରେ ବହୁପତ୍ନୀ ବିବାହ ଅନେକାଂଶରେ ଦେଖାଯାଏ। ମାସେଡୋନ୍‌ର ରାଜା ଫିଲିପ୍–୨ଙ୍କ ପୁଅ ଆଲେକ୍‌ଜାଣ୍ଡାର୍ ଦି ଗ୍ରେଟ୍ ୩୨ ବର୍ଷ ବୟସରେ ରାଜା ପୁରୁଙ୍କ ଦ୍ୱାରା ଯୁଦ୍ଧରେ ପ୍ରାଣ ହରାଇବା ପୂର୍ବରୁ ରୋକ୍ସାନା, ଷ୍ଟାଟେଇରା ଓ ପେରିସାଟିସ୍ ନାମରେ ତିନିଜଣଙ୍କୁ ବିବାହ କରିସାରିଥିଲେ।

୧୯୫୫ ହିନ୍ଦୁ ମ୍ୟାରେଜ୍ ଆକ୍ଟ ଅନୁସାରେ ବହୁବିବାହ ଆମ ଦେଶରେ ଅସିଦ୍ଧ ଯଦି ଜଣଙ୍କର ସ୍ତ୍ରୀ ଜୀବିତ ଅଛି। ୧୯୫୬ରେ ଏହି ଆଇନ ଗୋଆ ହିନ୍ଦୁଙ୍କୁ ଛାଡ଼ି ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ। ଭାରତୀୟ ଲ' କମିଶନ ୟୁନିଫର୍ମ ସିଭିଲ୍ କୋଡ୍ କଥା କହି ସରକାରଙ୍କୁ ୧୬ ପଏଣ୍ଟ ପ୍ରଶ୍ନ ପଚାରିଛନ୍ତି। ଏବେବି ଆମ ଦେଶର ଗୁଜରାଟରେ ଫ୍ରେଣ୍ଡସ ଏଗ୍ରିମେଣ୍ଟ ବା ସହମତି ଯୁକ୍ତିଭିତ୍ତିକ ବିବାହ ପ୍ରଚଳିତ। ଆଇପିସିର ସେକ୍ସନ୍ ୪୯୪ ଓ ୪୯୫ ଅନୁଯାୟୀ ଖ୍ରୀଷ୍ଟିଆନ୍‌ମାନଙ୍କ ମଧ୍ୟରେ ବହୁବିବାହ ନିଷିଦ୍ଧ ହୋଇଛି। ୧୮୬୦ର ପର୍ସନାଲ୍ ମୁସ୍‌ଲିମ୍ ଲ' ବୋର୍ଡ ଯୁକ୍ତି ଅନୁସାରେ ମୁସ୍‌ଲିମ୍ ପରିବାରରେ ଚାରି ବିବାହର ସମ୍ମତିର ପରିସମାପ୍ତି ଘଟିବ ଆଗାମୀ ଦିନରେ ଏକ ଦେଶ ଓ ଏକ ଆଇନ ଆସିବା ଫଳରେ।

ବହୁପତ୍ନୀ ପରମ୍ପରା ସମୁଦାୟ ୨୦୦ଟି ସାର୍ବଭୌମତ୍ୱ ଦେଶଙ୍କ ମଧ୍ୟରୁ ୫୮ଟି ଦେଶରେ ପ୍ରଚଳିତ। ପୋଲିଏଣ୍ଡ୍ରିବା ବହୁପତିପରମ୍ପରା ଅଧିକାଂଶ ଦେଶରେ ଅନୈତିକ। ପୋଲିଜିନି ବା ବହୁପତ୍ନୀ ପ୍ରଚଳିତ ଦେଶରେ କିନ୍ତୁ କିଛି ନିୟନ୍ତ୍ରଣ ରହିଛି, ପ୍ରଥମ ସ୍ତ୍ରୀର ଇଚ୍ଛାପତ୍ର ଆବଶ୍ୟକ। କାନାଡାରେ ଏକାଧିକ ପତ୍ନୀ ସହ ଦୈହିକ ସମ୍ପର୍କକୁ କ୍ରିମିନାଲ୍ କୋଡ୍ ସେକ୍ସନ୍ ୨୯୩ ଅନୁସାରେ ବିରୋଧ କରାଯାଇଛି। ସେହିଭଳି ଦୁଇ ବିବାହକୁ ସେକ୍ସନ୍ ୨୯୦ ଅନୁସାରେ ବିରୋଧ କରାଯାଇଛି। ବୌଦ୍ଧଧର୍ମ ଯେହେତୁ ବିବାହକୁ ପବିତ୍ର ବା ଧାର୍ମିକ ଦୃଷ୍ଟିରୁ ସେତେଟା ବିଚାର କରେନାହିଁ ସେଥିପାଇଁ ଦେଶ ଦେଶ ମଧ୍ୟରେ ଏହାର ପରମ୍ପରା ଭିନ୍ନ। ଥାଇଲାଣ୍ଡ ୧୯୫୫ ମସିହାରୁ ବହୁବିବାହକୁ ଆଇନସମ୍ମତ ଗ୍ରହଣ କରିଛି। ତେବେ ସେହି ଏକା ବୌଦ୍ଧ ବିଚାରରେ ମ୍ୟାନମାର୍ ୨୦୧୫ ମସିହାରୁ ବହୁପତ୍ନୀ ବିବାହକୁ ଅସିଦ୍ଧ ଘୋଷଣା କରିଛି।

ଖ୍ରୀଷ୍ଟଧର୍ମରେ ରୋମାନ୍ କାଥୋଲିକ୍ ଚର୍ଚ୍ଚ ବହୁବିବାହକୁ ନିନ୍ଦା କରୁଥିବାବେଳେ ଲୁଥେରାନ୍ ଚର୍ଚ୍ଚ କିଛି ବହୁବିବାହିତଙ୍କ ସମର୍ଥନରେ ଯୋଡ଼ିହୋଇଛି। ଆଙ୍ଗ୍ଲିକାନ୍ ସମ୍ପ୍ରଦାୟ କିନ୍ତୁ କ୍ଷେତ୍ର ଓ ପରିସ୍ଥିତି ଅନୁସାରେ ବହୁବିବାହ ସ୍ୱୀକୃତ ହୋଇପାରିବ ବୋଲି ୧୯୮୮ ମସିହାରୁ କହିସାରିଛି। ଆମେରିକାରେ ଚର୍ଚ୍ଚ ଅଫ୍ ଜେସସ୍ ଖ୍ରୀଷ୍ଟ ପରବର୍ତ୍ତୀ ସମୟର ସେଣ୍ଟସ ଚର୍ଚ୍ଚ ୧୮୪୭ ରୁ ୧୮୮୦ ପର୍ଯ୍ୟନ୍ତ ଚାଲିଥିବା ବହୁବିବାହରୁ ସମର୍ଥନ ପ୍ରତ୍ୟାହାର କରିବା ପରେ ଏବେ ଛୋଟ ଛୋଟ ଗ୍ରୁପ୍ ବହୁବିବାହକୁ ଗ୍ରହଣ କରୁଛନ୍ତି। ଆମେରିକାର ୫୦ଯାକ ରାଜ୍ୟରେ ବହୁବିବାହ ବନ୍ଦ ଥିଲେ ମଧ୍ୟ ଆମେରିକୀୟ ସିନେଟ୍ ୨୦୨୦ ଫେବୃୟାରୀରୁ ଦଣ୍ଡ ବ୍ୟବସ୍ଥାକୁ ଅନେକାଂଶରେ କୋହଳ କରିଦେଇଛି। ସୁଇଡେନ୍, ସୁଇଜରଲାଣ୍ଡ ଓ ଅଷ୍ଟ୍ରେଲିଆ ବହୁ ବିବାହକୁ ବିରୋଧ କରିଛନ୍ତି କିନ୍ତୁ ଯଦି ବିବାହ ବିଦେଶରେ ହୋଇଥାଏ ତେବେ ତାହା ତାଙ୍କ ଦେଶରେ ଗ୍ରହଣୀୟ।

ସେନେଗଲ୍‌ର ୪୭ ପ୍ରତିଶତ ଏବଂ ଆରବ ଦେଶଗୁଡ଼ିକରେ ଅଧିକ ହାରରେ ବହୁପତ୍ନୀ ପରମ୍ପରା ଦେଖାଯାଏ। ଇସ୍ରାଏଲ୍‌ର ବିଡୋନ୍ ଜନସଂଖ୍ୟାର ୩୦ ପ୍ରତିଶତ ଏହି ବହୁପତ୍ନୀ ପରମ୍ପରା ଆପଣେଇଛନ୍ତି। ନାଇଜେରିଆର ନଗ୍‌ୱା ଇଗ୍‌ବୋ ଉପରେ ହୋଇଥିବା ବିଶେଷ ଅନୁଧ୍ୟାନରୁ ବହୁପତ୍ନୀ ଗ୍ରହଣର ୫ଟି ବିଶେଷ କାରଣ ସାମ୍ନାକୁ ଆସିଛି, ଯାହାର ମୁଖ୍ୟ କାରଣଟି ହେଲା ପୁରୁଷ ପରିବାରରେ ବହୁପୁତ୍ରର ପିତା ହେବାର ମର୍ଯ୍ୟାଦା ଲାଭ। ଏହା ଫଳରେ ପରିବାରର ବୟୋଜ୍ୟେଷ୍ଠ ସ୍ତ୍ରୀ ଶାରୀରିକ (ଫିଜିକାଲ୍) ଓ ମାନସିକ (ସାଇକିଆଟ୍ରି) ରୋଗର ଶିକାର ହୋଇଥାଏ।

ପୁରୁଣା ଭୁବନେଶ୍ୱର
ମୋ–୮୨୪୯୮୨୭୧୪୮

## su | do | ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 3 | | | 1 | | 4 | | |
| 2 | | | 4 | 9 | | | 6 | |
| | | | | | 3 | | 2 | 1 |
| 8 | | | | | | | | 7 |
| | | | | | 7 | | | |
| 7 | | | 2 | 6 | 4 | | | 8 |
| | | 5 | | 8 | | | | |
| | 2 | | | | | 5 | 3 | |
| | | | 9 | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 4 | 3 | 7 | 1 | 8 | 5 | 9 | 2 |
| 8 | 5 | 2 | 6 | 4 | 9 | 7 | 3 | 1 |
| 1 | 9 | 7 | 5 | 2 | 3 | 8 | 4 | 6 |
| 7 | 6 | 5 | 1 | 9 | 2 | 4 | 8 | 3 |
| 3 | 2 | 9 | 8 | 6 | 4 | 1 | 5 | 7 |
| 4 | 8 | 1 | 3 | 5 | 7 | 2 | 6 | 9 |
| 2 | 1 | 8 | 9 | 3 | 5 | 6 | 7 | 4 |
| 5 | 3 | 6 | 4 | 7 | 1 | 9 | 2 | 8 |
| 9 | 7 | 4 | 2 | 8 | 6 | 3 | 1 | 5 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ସରକାରଙ୍କ ସୁରାପ୍ରେମ

ମହାଶୟ,

ତାଲାବନ୍ଦ କଟକଣା ଓ ମହାମାରୀ ଆତଙ୍କରେ ସଭିଏଁ ଭୀତତ୍ରସ୍ତ। ରୋଜଗାର ହରାଇ ଆର୍ଥିକ ଅନଟନରେ କାଳାତିପାତ କରୁଛନ୍ତି ପ୍ରଜା। ରାଜା କିନ୍ତୁ ସୁରା ବେପାରରେ ମାତିଛନ୍ତି। ମଣିଷର ଏହି ଦୁର୍ବଳତାର ସୁଯୋଗ ନେଇ ସରକାର ଘରେ ଘରେ ମଦ ପହଞ୍ଚେଇବାର ବ୍ୟବସ୍ଥା କରିଛନ୍ତି। ଦୁର୍ବଳ ଲୋକଙ୍କୁ ଆହୁରି ଦୁର୍ବଳ, ଅସହାୟ, କପର୍ଦ୍ଦକଶୂନ୍ୟ କରିବାର ଏ ସଇତାନୀ ଅଭୀପ୍ସାର ଉଦ୍ଦେଶ୍ୟ କ'ଣ ବୁଝାପଡୁନି। ଖୋର୍ଦ୍ଧା ଜିଲାରେ ସଂକ୍ରମଣର ତୀବ୍ରତା କମୁ ନ ଥିବାବେଳେ ଖୋର୍ଦ୍ଧା ଜିଲାରେ ଏହି ମଦ ବିକ୍ରି ବଢ଼ୁଛି। ମଣିଷର ବୃତ୍ତି–ପ୍ରବୃତ୍ତିର ଚରିତାର୍ଥ କରି ସେବା ନାଁରେ ଦୁର୍ବଳ ସମାଜର ସ୍ୱପ୍ନ ଦେଖିବାରେ କି ବାହାଦୁରି ଅଛି ? ଯଦି ଏହି ପ୍ରତ୍ୟକ୍ଷ ସେବା ନିୟନ୍ତ୍ରଣ ଜରିଆରେ ପ୍ରତି ଘରକୁ ଲୋକଙ୍କ ପ୍ରତିରୋଧ ଶକ୍ତି ବୃଦ୍ଧି ପାଇଁ ଇମ୍ୟୁନିଟିବର୍ଦ୍ଧକ କିଟ୍ ଦିଆଯାଇପାରନ୍ତା ଓ ସମସ୍ତଙ୍କ ପାଇଁ ଟିକା ସହଜରେ ଉପଲବ୍ଧ ହୁଅନ୍ତା, ତେବେ ଲୋକେ ଉପକୃତ ହୁଅନ୍ତେ।

– ଅଜୟ କୁମାର ସାମନ୍ତରାୟ, ପାରିନୂଆଗାଁ, ବାଣପୁର, ଖୋର୍ଦ୍ଧା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

''କ୍ଷଣିକ ଆଘାତ ଆସେ କ୍ଷଣ ପରେ ଭୁଲିଯାଏ ନର,
ଭାବେ ଏଥି ନାହିଁ କ୍ଷତି ନାହିଁ ଲାଭ ନାହିଁ ଜୀବନର,
ଜ୍ଞାନର ଛଳନା କରି କହେଁ ଏଥି ଚିତ୍ତ
ବିଚଳିତ ହେବା ଅନୁଚିତ।''

–(ସୃଜନ ବ୍ୟଥା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

### ବିଦ୍ୟୁତ୍ ଯୋଗାଣ ଦାବିରେ ଜିଲାପାଳଙ୍କ ଦ୍ୱାରସ୍ଥ

ବୌଦ୍ଧ,(ସ୍ୱ.ପ୍ର.): ବୌଦ୍ଧ ସହରସ୍ଥିତ ବୁଟୁପାଲିର ୧୨ ନମ୍ବର ୱାର୍ଡରେ ବିଦ୍ୟୁତ୍ ଟ୍ରାନ୍ସଫର୍ମର ପୋଡି ଅଚଳ ହୋଇପଡ଼ିଛି। ଫଳରେ ୨୧ଟି ପରିବାର ଅନ୍ଧାରରେ ରହିଛନ୍ତି। ତୁରନ୍ତ ବିଦ୍ୟୁତ୍ ଯୋଗାଇବା ପାଇଁ ଉପଭୋକ୍ତାମାନେ ବୁଧବାର ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିବା ଜଣାପଡ଼ିଛି। ୨୦ ଦିନ ହେବ ଟ୍ରାନ୍ସଫର୍ମରଟି ପୋଡିଗଲାଣି। ଏଥିପାଇଁ ୭୫ ହଜାର ଟଙ୍କା ପଇଠ କରାଯାଇଥିଲେ ହେଁ ବିଦ୍ୟୁତ୍ ଯୋଗାଣ ସ୍ୱାଭାବିକ ହୋଇ ପାରିନାହିଁ।

# କୋଭିଡ୍ ସହାୟତାରୁ ୨ଶହ କୋଟି ବାଟମାରଣା

## ଲୋକାୟୁକ୍ତରେ ମାମଲା

- ତଥ୍ୟ ଦେଇ ପାରୁନାହିଁ ଯୋଗାଣ ବିଭାଗ
- ୫ ଥର ଦିଆଯାଇଛି ନିର୍ଦ୍ଦେଶ

**ଯାଜପୁର ଅଫିସ,୨୩।୬**

ଜାତୀୟ ଖାଦ୍ୟ ସୁରକ୍ଷା ଆଇନ (ଏନ୍ଏଫ୍ଏସ୍ଏ) ଏବଂ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା (ଏସ୍ଏଫ୍ଏସ୍ଏ)ରେ ୨୦୨୦ରେ ୨ ଲକ୍ଷ ଜାଲ୍ ରାଶନକାର୍ଡ ଜରିଆରେ ପ୍ରାୟ ୨୦୦ କୋଟି ଟଙ୍କାର ଖାଉଟି ସାମଗ୍ରୀ ବାଟମାରଣା ହୋଇଥିବା ଅଭିଯୋଗ ହୋଇଛି। ଏହିମର୍ମରେ ଲୋକାୟୁକ୍ତଙ୍କଠାରେ ଏକ ମାମଲା (ଏଲୱାଇ-୧୨୩/୨୦୨୧) ରୁଜୁହୋଇଛି। ଉକ୍ତ ମାମଲାକୁ ଆଧାର କରି ଲୋକାୟୁକ୍ତ ଅଧ୍ୟକ୍ଷ ଜଷ୍ଟିସ୍ ଅଜିତ୍ ସିଂ ୨୨।୪।୨୦୨୧ରେ ଦେଇଥିବା ନିର୍ଦ୍ଦେଶକୁ ଏଯାଏ ରାଜ୍ୟ ଯୋଗାଣ ନିଗମ ଏବଂ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ କାର୍ଯ୍ୟକାରୀ କରିପାରିନାହିଁ। ଏପରି କି ଯୋଗାଣ ନିଗମର ମ୍ୟାନେଜର(ଆଇନ)ଙ୍କ ଦ୍ୱାରା ଜିଲା ଯୋଗାଣ ଅଧିକାରୀମାନଙ୍କୁ ୫ଥର ଉକ୍ତ ମାମଲା ଉପରେ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲେ ମଧ୍ୟ ଉତ୍ତର ମିଳିନାହିଁ। ଏହିକ୍ରମରେ ଯୋଗାଣ ନିଗମର ମ୍ୟାନେଜର ତାଙ୍କ ପତ୍ରସଂଖ୍ୟା ୮୨୫୨/୧୮।୬।୨୦୨୧ରେ ବୌଦ୍ଧ, ଅନୁଗୋଳ, ଜଗତସିଂହପୁର ଓ ସୁନ୍ଦରଗଡ଼ ବ୍ୟତୀତ ଅନ୍ୟ କୌଣସି ଜିଲା ଯୋଗାଣ ଅଧିକାରୀଙ୍କଠାରୁ ରିପୋର୍ଟ ପାଇନାହାନ୍ତି ବୋଲି ତାଙ୍କ ପତ୍ରରେ ଦର୍ଶାଇଛନ୍ତି। ଏହାକୁ ନେଇ ସେ ଉଦ୍‌ବେଗ ପ୍ରକାଶ କରିଛନ୍ତି।

ଲୋକାୟୁକ୍ତଙ୍କଠାରେ ହୋଇଥିବା ଅଭିଯୋଗ ଅନୁଯାୟୀ, ଲକ୍‌ଡାଉନ ସମୟରେ ଏନ୍ଏଫ୍ଏସ୍ଏ ଓ ଏସ୍ଏଫ୍ଏସ୍ଏ ଅଧୀନରେ ରାଜ୍ୟ ସରକାର ସମସ୍ତ ୩୦ ଜିଲାର ପ୍ରାୟ ୯୫ ଲକ୍ଷ ପରିବାରକୁ ଚାଉଳ/ଗହମ ମୁଣ୍ଡ ପିଛା ୫ କେଜି ଏବଂ କିରୋସିନ ରାଶନ କାର୍ଡ ପିଛା ୨ ଲିଟର ଲେଖାଏ ବଣ୍ଟନ କରିଥିଲେ। ଏହାବାଦ୍ କେନ୍ଦ୍ର ସରକାର ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନା (ପିଏମ୍‌ଜିକେଏୱାଇ)ରେ ୨୦୨୦ ଏପ୍ରିଲରୁ ଜୁନ ପର୍ଯ୍ୟନ୍ତ ମାଗଣାରେ ହିତାଧିକାରୀଙ୍କ ମୁଣ୍ଡ ପିଛା ୫ କେଜି ଚାଉଳ/ଗହମ ପ୍ରଦାନ କରିଥିଲେ । ଏହାପରେ ୬।୪।୨୦୨୦ରେ ମୁଖ୍ୟମନ୍ତ୍ରୀ ରାଶନ କାର୍ଡ ପିଛା ହିତାଧିକାରୀଙ୍କୁ ୧୦୦୦ ଟଙ୍କା ଲେଖାଏଁ ଦେବାକୁ ଘୋଷଣା କରିଥିଲେ। ତଦନୁସାରେ ରାଜ୍ୟ ସରକାର ୯୫ ଲକ୍ଷ ରାଶନକାର୍ଡଧାରୀଙ୍କ ପାଇଁ ୯୫୫ କୋଟି ଟଙ୍କା ଏକକାଳୀନ ପ୍ରଦାନ କରିଥିଲେ। ସେତେବେଳେ ଲକ୍‌ଡାଉନ କଟକଣା ଥିବାରୁ ହିତାଧିକାରୀଙ୍କ ଘରେ ସେହି ଅର୍ଥ (୧୦୦୦ ଟଙ୍କା) ପହଞ୍ଚାଇବା ପାଇଁ ଦାୟିତ୍ୱରେ ଥିବା ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । ଏ ସଂକ୍ରାନ୍ତରେ ସୂଚନା ଅଧିକାର ଆଇନ ବଳରେ ପ୍ରତି ଜିଲାରେ ପ୍ରଦାନ କରାଯାଇଥିବା ସେହି ସହାୟତା ରାଶି ସମ୍ପର୍କରେ ତଥ୍ୟ ମଗାଯାଇଥିଲା। ତଥ୍ୟ ଅନୁଯାୟୀ, ସରକାର ପ୍ରଦାନ କରିଥିବା ସହାୟତା ରାଶି ମଧ୍ୟରୁ ୨୦ କୋଟି ୫୬ ଲକ୍ଷ ୩୮ ହଜାର ୪୩୬ ଟଙ୍କା ସରକାରଙ୍କୁ ଫେରାଇ ଦିଆଯାଇଥିଲା। ହିତାଧିକାରୀ ନ ମିଳିବାରୁ ଏପରି ପରିସ୍ଥିତି ସୃଷ୍ଟି ହୋଇଥିଲା ବୋଲି ଦର୍ଶାଯାଇଥିଲା । ଅର୍ଥାତ୍ ୨ ଲକ୍ଷ ୫ ହଜାର ୬୩୮ ଜଣ ହିତାଧିକାରୀଙ୍କ ସନ୍ଧାନ ମିଳିପାରି ନ ଥିଲା । ଅନୁସନ୍ଧାନରୁ ଜଣା ପଡିଥିଲା ଯେ, ଏହି ୨,୦୫,୬୩୮ ଜଣ ବ୍ୟକ୍ତିଙ୍କ ନାମରେ ଜାଲ ରାଶନକାର୍ଡ ତିଆରି କରାଯାଇ ଏନ୍ଏଫ୍ଏସ୍ଏ ଓ ଏସ୍ଏଫ୍ଏସ୍ଏ ଖାଉଟି ସାମଗ୍ରୀ ବିଭାଗୀୟ ଅଧିକାରୀ ଓ ଡିଲରଙ୍କ ଦ୍ୱାରା ବାଟମାରଣା କରାଯାଉଛି। ଗୁରୁତ୍ୱପୂର୍ଣ୍ଣ ବିଷୟ, ଯଦି ଉପରୋକ୍ତ ପରିମାଣର ଅର୍ଥ ପ୍ରଦାନ କରାଯାଇପାରିଲା ନାହିଁ ତେବେ କିପରି ଏନ୍ଏଫ୍ଏସ୍ଏ ଓ ଏସ୍ଏଫ୍ଏସ୍ଏ ହିତାଧିକାରୀଙ୍କୁ ଖାଉଟି ସାମଗ୍ରୀ ସେହି ସମୟରେ ବଣ୍ଟନ କରାଗଲା। ଏହିକ୍ରମରେ ପ୍ରାୟ ୨୦୦ କୋଟି ଟଙ୍କାର ଖାଉଟି ସାମଗ୍ରୀ କାହିଁକି ସରକାରଙ୍କୁ ଫେରସ୍ତ କରାଗଲା ନାହିଁ ବୋଲି ଲୋକାୟୁକ୍ତଙ୍କଠାରେ ଅଭିଯୋଗ ହୋଇଥିଲା।

ଯାଜପୁର ଜିଲାକୁ ୪୦ କୋଟି ୫୮ ଲକ୍ଷ ୧୨ ହଜାର ୨୯୦ ଟଙ୍କା ସହାୟତା ରାଶି ଦିଆଯାଇଥିଲା। ସେଥିରୁ ୮।୨।୨୦୨୧ ପର୍ଯ୍ୟନ୍ତ ୩୯ କୋଟି ୬୩ ଲକ୍ଷ ୧୦ ହଜାର ଟଙ୍କାର ବିନିଯୋଗ ପତ୍ର ଦାଖଲ କରାଯାଇଛି। ବାକି ୯୫ ଲକ୍ଷ ୨ ହଜାର ୨୯୦ ଟଙ୍କା ଫେରାଇ ଦିଆଯାଇଛି। ଏଥିରୁ ଯାଜପୁର ଜିଲାରେ ୯,୫୦୦ ଜାଲ ରାଶନ କାର୍ଡ ରହିଥିବା ଅନୁମାନ କରାଯାଉଛି। ସେହିପରି ଗଞ୍ଜାମରେ ପ୍ରାୟ ୨୯ ହଜାର, ବଲାଙ୍ଗୀର ଜିଲାରେ ୧୩ ହଜାର, ଖୋର୍ଦ୍ଧା ଜିଲାରେ ୨୦ ହଜାର ଜାଲକାର୍ଡ ରହିଥିବା ଅନୁମାନ କରାଯାଇଛି।

ଲୋକାୟୁକ୍ତ ସମ୍ପାଦକଙ୍କ ନିର୍ଦ୍ଦେଶ ଅନୁସାରେ ଯୋଗାଣ ନିଗମ ପକ୍ଷରୁ ୬।୫।୨୦୨୧, ୧୭।୫।୨୦୨୧, ୨।୬।୨୦୨୧, ୮।୬।୨୦୨୧ ଓ ୧୮।୬।୨୦୨୧ରେ ଆବଶ୍ୟକ କାଗଜପତ୍ର ସହ ମତାମତ ରଖିବାକୁ ଜିଲା ଯୋଗାଣ ଅଧିକାରୀମାନଙ୍କୁ ପତ୍ର ଦିଆଯାଇଛି। କିନ୍ତୁ ଜିଲା ଯୋଗାଣ ଅଧିକାରୀମାନେ ଏହାର ହିସାବ ପାଉ ନାହାନ୍ତି ବୋଲି ମତପ୍ରକାଶ ପାଇଛି।

# ଧାନବିକ୍ରି ସମସ୍ୟା: ଆନ୍ଦୋଳନକୁ ଓହ୍ଲାଇଲା ଓକିଲ ସଂଘ

**ବରଗଡ଼ ଅଫିସ୍,୨୩।୬**

ବରଗଡ଼ ଜିଲାରେ ରବିଧାନ ସଂଗ୍ରହ ପ୍ରକ୍ରିୟାକୁ ଦେଢ଼ମାସ ବିତିଛି। ହେଲେ ଜିଲାର ଅନେକ ଚାଷୀ ଏପର୍ଯ୍ୟନ୍ତ ସେମାନଙ୍କ ଅମଳ ଧାନକୁ ବିକ୍ରି କରି ପାରି ନାହାନ୍ତି। ଟୋକନ ଅବଧି ଶେଷ, ଟାର୍ଗେଟ୍ ଅଭାବ ଆଳରେ ଧାନ କିଣାଯାଉନାହିଁ। ଅପରପକ୍ଷେ କ୍ଷେତ, ଖଳା ଏବଂ ମଣ୍ଡିରେ ଧାନ ଗଜା ହେଉଛି। ସମସ୍ୟାର ସମାଧାନ ପାଇଁ ଚାଷୀମାନେ ବପ୍ରଶାସନର ଦୃଷ୍ଟି ଆକର୍ଷଣ କରୁଥିଲେ ବି କିଛି ସୁଫଳ ମିଳୁନାହିଁ। ଚାଷୀଙ୍କ ପ୍ରତି ପ୍ରଶାସନର ଏଭଳି ଅଣଦେଖା ମନୋଭାବ ପ୍ରତିବାଦରେ ବୁଧବାର ବରଗଡ଼ ଜିଲା ଓକିଲ ସଂଘ ଆନ୍ଦୋଳନକୁ ଓହ୍ଲାଇଥିଲା। ସଂଘ କର୍ମକର୍ତ୍ତା ଏବଂ ସଭ୍ୟବୃନ୍ଦ ଜିଲା ଯୋଗାଣ ଅଧିକାରୀଙ୍କ କାର୍ଯ୍ୟାଳୟକୁ ଆସିଥିଲେ। କାର୍ଯ୍ୟାଳୟରେ ଥିବା ମୁଖ୍ୟ ଜିଲା ଯୋଗାଣ ଅଧିକାରୀ ରଜନୀକାନ୍ତ ଦାଶ ଏବଂ ଅନ୍ୟ କର୍ମଚାରୀଙ୍କୁ ବାହାରକୁ ଆସିବାକୁ କହି ଓକିଲମାନେ ଧାରଣାରେ ବସିଥିଲେ। ଟୋକନ ଅବଧିକୁ ପୁନଃ କାର୍ଯ୍ୟକ୍ଷମ କରି ୨ଦିନ ମଧ୍ୟରେ ତାହା ଚାଷୀଙ୍କୁ ପ୍ରଦାନ କରିବା, ସମସ୍ତ ପଞ୍ଜିକୃତ ଚାଷୀଙ୍କ ଧାନ କିଣାଯିବା, ଏକର ପିଛା ବିକ୍ରିଯୋଗ୍ୟ ଧାନ ପରିମାଣକୁ ବୃଦ୍ଧି କରିବାକୁ ଓକିଲ ସଂଘ ପକ୍ଷରୁ ଦାବି ହୋଇଥିଲା। ଧାରଣାସ୍ଥଳକୁ ବିଧାୟକ ଦେବେଶ ଆଚାର୍ଯ୍ୟ, ଅତିରିକ୍ତ ଜିଲାପାଳ ମିର୍ଧା ଟପ୍ପୋ ଏବଂ ମୁଖ୍ୟ ଜିଲା ଯୋଗାଣ ଅଧିକାରୀ ଦାଶ ପହଞ୍ଚି ଓକିଲମାନଙ୍କ ସହିତ ଆଲୋଚନା କରିଥିଲେ। ମଣ୍ଡିଗୁଡ଼ିକରେ ପଡ଼ିଥିବା ଧାନକୁ ଉଠାଇବା ବ୍ୟବସ୍ଥା କରାଯାଉଛି ଏବଂ ଆସନ୍ତା ୪ରୁ ୫ଦିନ ମଧ୍ୟରେ ଏହାର ସମାଧାନ ହୋଇଯିବ ବୋଲି ବିଧାୟକ ଆଚାର୍ଯ୍ୟ ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ଓକିଲମାନେ ଧାରଣାରୁ ଉଠିଥିଲେ। ତେବେ ଆସନ୍ତା ବୁଧବାର ସୁଦ୍ଧା ଜିଲାରେ ଦେଖାଯାଇଥିବା ଧାନ ବିକ୍ରି ସମସ୍ୟାର ସମାଧାନ ନହେଲେ ଜିଲା ଓକିଲ ସଂଘ ଆନ୍ଦୋଳନକୁ ତୀବ୍ର କରାଯିବ ବୋଲି ଚେତାବନୀ ଦେଇଛି। ଜିଲା ଓକିଲ ସଂଘ ସଭାପତି କୁଶ ପ୍ରଧାନ, ସମ୍ପାଦକ ହରିହର ପ୍ରଧାନଙ୍କ ନେତୃତ୍ୱରେ ବହୁସଂଖ୍ୟକ ଓକିଲ ଧାରଣାରେ ସାମିଲ ଥିଲେ।

# କୃଷି ଯନ୍ତ୍ରପାତି ବିକ୍ରି ଆଳରେ ୩.୫କୋଟି ରିହାତି ହଡ଼ପ

- ଜଣେ ଅଭିଯୁକ୍ତଙ୍କୁ ଗିରଫ କଲା କ୍ରାଇମବ୍ରାଞ୍ଚ

**ବରଗଡ଼ ଅଫିସ୍,୨୩।୬**

କୃଷି ଯନ୍ତ୍ରପାତି ବିକ୍ରି ଆଳରେ ରିହାତି ତୋଷରପାତ ଭଳି ଏକ ବଡ଼ ଧରଣର ଅନିୟମିତତା କ୍ରାଇମବ୍ରାଞ୍ଚ ଅର୍ଥନୈତିକ ଅପରାଧ ଶାଖା ହାତରେ ଲାଗିଛି। ଜାଲିଆତି କରି ସାଢ଼େ ୩କୋଟି ଟଙ୍କାର ସରକାରୀ ରିହାତି ତୋଷରପାତ କରିଥିବା ଅଭିଯୋଗରେ ମଙ୍ଗଳବାର ସନ୍ଧ୍ୟାରେ କ୍ରାଇମବ୍ରାଞ୍ଚ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ବରଗଡ଼ର କମଳଜିତ ସିଂ। ତାଙ୍କ ବିରୋଧରେ ଏକ ମାମଲା ରୁଜୁ ହୋଇଛି। ଅଭିଯୁକ୍ତଙ୍କୁ କୋର୍ଟକୁ ଚାଲାଣ କରାଯାଇଛି। ଗିରଫ ଅଭିଯୁକ୍ତ ଏବଂ ତାଙ୍କର ଜଣେ ସମ୍ପର୍କୀୟ ହରପାଲ ସିଂ କେରଳରେ ଥିବା ରେଡ୍‌ଲାଣ୍ଡସ୍ ଆସଲିନ୍ ମୋଟର୍ସ ନାମକ କୃଷି ଯନ୍ତ୍ରପାତି ନିର୍ମାଣକାରୀ କମ୍ପାନୀ ନାମରେ ଜାଲ୍ କାଗଜ ପତ୍ର ଓଡ଼ିଶା ରାଜ୍ୟ କୃଷି ବିଭାଗ ନିକଟରେ ଦାଖଲ କରିଥିଲେ। ପରେ ଡାଇରେକ୍ଟ ବେନିଫିଟ୍ ଟ୍ରାନ୍ସଫର(ଡିବିଟି)ରେ କୃଷି ଯନ୍ତ୍ରପାତି ବିକ୍ରିର ରିହାତି ଫାଇଦା ଉଠାଇଥିଲେ। ଏପରିକି ଉପରୋକ୍ତ କମ୍ପାନୀ ଆଦୌ ରାଇସ୍ ଟ୍ରାନ୍ସପ୍ଲାଣ୍ଟର ମେଶିନ (କୃଷି ଯନ୍ତ୍ରପାତି) ବିକ୍ରି କରି ନ ଥିଲା। ଅଭିଯୁକ୍ତମାନେ ରାଜ୍ୟ କୃଷି ବିଭାଗକୁ ଜାଲିଆତି ତଥ୍ୟ ଦେଇ ୨୮୧ଟି କୃଷି ଯନ୍ତ୍ରପାତି ବିକ୍ରି କରିଥିବା ଦର୍ଶାଇ ଡିବିଟି ମାଧ୍ୟମରେ ସାଢ଼େ ୩କୋଟି ଟଙ୍କାର ସରକାରୀ ରିହାତି ଉଠାଇ ନେଇ ଠକେଇ କରିଥିଲେ। ସେଭଳି ଠକେଇ ତଥା ଜାଲିଆତି ନେଇ ଉପରୋକ୍ତ କମ୍ପାନୀ ସୂଚନା ପାଇବା ପରେ ମ୍ୟାନେଜର (ଜନସମ୍ପର୍କ) ରିଗିନ ବେନେଟ୍ କ୍ରାଇମବ୍ରାଞ୍ଚ ଅପରାଧ ଶାଖା, ଭୁବନେଶ୍ୱରରେ ଏତଲା ଦେଇଥିଲେ। ଏତଲାକୁ ଭିତ୍ତି କରି କ୍ରାଇମବ୍ରାଞ୍ଚ ଖୋଳତାଡ଼ ଆରମ୍ଭ କରିଥିଲା। ୨୦୧୮ରୁ ୨୦୨୦ ମଧ୍ୟରେ ଉପରୋକ୍ତ ଅଭିଯୁକ୍ତମାନେ ବଲାଙ୍ଗୀର, ସମ୍ବଲପୁର, ବରଗଡ଼ ଏବଂ ସୁବର୍ଣ୍ଣପୁର ଜିଲାର ୨୭୮ ଚାଷୀଙ୍କୁ ସେହି କୃଷି ଯନ୍ତ୍ରପାତି ବିକ୍ରି କରିଥିବା ନେଇ ସରକାରଙ୍କୁ ଭୁଲ୍ ତଥ୍ୟ ଦେଇ ତଥା ସମ୍ପୃକ୍ତ କମ୍ପାନୀର ସେଭଳି କୃଷି ଯନ୍ତ୍ରପାତି ଆଦୌ ବିକ୍ରି ନ କରି ସାଢ଼େ ୩କୋଟି ଟଙ୍କା ରିହାତି ହଡ଼ପ କରିଥିଲେ। ଅନ୍ୟପକ୍ଷେ ସମ୍ପୃକ୍ତ ଚାଷୀଙ୍କ ଆକାଉଣ୍ଟକୁ ଅଭିଯୁକ୍ତମାନେ ମାତ୍ର ୧ଲକ୍ଷରୁ ଦେଢ଼ଲକ୍ଷ ଟଙ୍କା ଜମା କରିଥିବା ତଦନ୍ତରୁ ଜଣାପଡ଼ିଛି। ତଦନ୍ତ ପରେ ଅଭିଯୁକ୍ତମାନଙ୍କ ବିଭିନ୍ନ ଆକାଉଣ୍ଟର ୧.୯୨ କୋଟି ଟଙ୍କାକୁ ଫ୍ରିଜ୍ କରାଯାଇଥିବା କ୍ରାଇମବ୍ରାଞ୍ଚ ପକ୍ଷରୁ ସୂଚନା ଦିଆଯାଇଛି।



ବରଗଡ଼ ସହର ଉପକଣ୍ଠ ଚକରକେନ୍ଦରେ ରହିଥିବା ଅଭିଯୁକ୍ତଙ୍କ କୃଷି ଯନ୍ତ୍ରପାତି ଫାର୍ମ ।

# ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ୫ କୋଟି ଦେଲା ଓଡ଼ିଶା ପାନୀୟ ନିଗମ

**ଭୁବନେଶ୍ୱର, ୨୩।୬(ବ୍ୟୁରୋ):**

ରାଜ୍ୟର କୋଭିଡ୍ ଲଢ଼େଇରେ ନିଜର ଯୋଗଦାନ ସ୍ୱରୂପ ଓଡ଼ିଶା ପାନୀୟ ନିଗମ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ୫ କୋଟି ଟଙ୍କା ପ୍ରଦାନ କରାଯାଇଛି। ରାଜ୍ୟ ଲୋକସେବା ଭବନ ପରିସରରେ ଅବକାରୀ ବିଭାଗ ପ୍ରମୁଖ ଶାସନ ସଚିବ ସୁଶୀଲ କୁମାର ଲୋହାନୀଙ୍କଠାରୁ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର, ଉନ୍ନୟନ କମିଶନର ପ୍ରଦୀପ କୁମାର ଜେନା ଏ ସଂକ୍ରାନ୍ତ ଚେକ୍ ଗ୍ରହଣ କରିଛନ୍ତି। ନିଗମର ପରିଚାଳନା ନିର୍ଦ୍ଦେଶକ ସରୋଜ କୁମାର ସେଠୀ ଉପସ୍ଥିତ ଥିଲେ।

# ଧରାପଡ଼ିଲା ଜିଲା ବାହାରୁ ଧାନ ଚାଲାଣ

**ଅତାବିରା,୨୩।୬(ଡି.ଏନ.ଏ):** ବରଗଡ଼ ଜିଲା ଅତାବିରା ବ୍ଲକ ଗୋଡ଼ଭଗା-ତୁରୁମ ରାସ୍ତାର ସାଲନା ନିକଟରେ ବୁଧବାର ଏକ ଧାନ ବୋଝେଇ ଟ୍ରକ(ନଂ-ଓଡି୧୬ଡି ୪୦୨୬) ଓଲଟି ପଡ଼ିଥିଲା। ଉକ୍ତ ଟ୍ରକ ସୁବର୍ଣ୍ଣପୁର ଜିଲା ବିନିକାରୁ ଧାନ ଧରି ସମ୍ବଲପୁର ଜିଲା ରେଙ୍ଗାଲିର ଏକ ରାଇସ ମିଲକୁ ଯାଉଥିଲା ବୋଲି ଟ୍ରକ ଚାଳକ କହିଥିଲେ। ତେବେ ଦୁର୍ଘଟଣାଗ୍ରସ୍ତ ଟ୍ରକରେ ରହିଥିବା ଧାନକୁ ସେଠାକୁ ପହଞ୍ଚିଥିବା ଅନ୍ୟ ଏକ ଟ୍ରକ (ନଂ-ଓଡି୧୭ଆର ୨୦୫୦)ରେ ଲୋଡ୍ କରାଯାଇଥିଲା। ଏହି ଟ୍ରକର ଚାଳକଙ୍କୁ ପଚାରିବାରୁ ସେହି ଧାନ ଡୁଙ୍ଗୁରିପାଲିରୁ ଆସିଥିବା କହିଥିଲେ। ଉଭୟ ଟ୍ରକ ଡ୍ରାଇଭରଙ୍କ ଏଭଳି ଭିନ୍ନମତକୁ ନେଇ ସନ୍ଦେହ ଉପୁଜି ଥିବାବେଳେ ଜିଲା ବାହାରୁ ବରଗଡ଼ ଜିଲା ଦେଇ ସମ୍ବଲପୁର ଜିଲାକୁ ଧାନ ଚାଲାଣ ହେବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ଘଟଣାସ୍ଥଳରେ ପହଞ୍ଚିଥିବା ରୁଷୁଡ଼ା ଫାଣ୍ଡି ଅଧିକାରୀ ଗଣେଶ କଲେତଙ୍କୁ ପଚାରିବାରୁ ତାହା ସୁବର୍ଣ୍ଣପୁର ଜିଲାର ଏକ ଏସଏଚଜି ଗ୍ରୁପର ଧାନ ଏବଂ ସେଠାରେ ଜଣେ ହୋମଗାର୍ଡ଼କୁ ମୁତୟନ କରାଯାଇଛି ବୋଲି କହିଥିଲେ। ଭେଡ଼େନ ଯୋଗାଣ ନିରୀକ୍ଷକ ସଞ୍ଜୁ ପ୍ରଧାନଙ୍କୁ ପଚାରିବାରୁ ତାଙ୍କୁ ସୂଚନା ମିଳି ନାହିଁ ଏବଂ କଣ ହୋଇଛି ପଚାରି ବୁଝୁଛି କହିଥିଲେ।


## MUNICIPAL OFFICE, KENDRAPARA

**Request for Proposal NOTICE**

No. 2572/KM — Dt.22.06.2021

| | | |
|---|---|---|
| 1 | Procurement Officer-Publisher/ Officer Inviting the Tender/Bids (OIT) | Executive Officer, Kendrapara Municipality, Kendrapara |
| 2 | Name of Works | Selection of Agency for Operation and Maintenance of SUH Centre |
| 3 | Date & time of availability of bid document in the portal "www.kendrapara.nic.in" | From 12 P.M. of Dt.25.06.2021 to 5 P.M. of Dt.06.07.2021. |
| 4 | Date & time of Technical Bid Opening | 11 A.M. of 07.07.2021 |

(1) Corrigendum if any shall only be published in the above website "www.kendrapara.nic.in".

Sd./- Executive Officer
Kendrapara Municipality



OFFICE OF THE DISTRICT MANAGER
## ODISHA STATE CIVIL SUPPLIES CORPORATION LTD., SUBARNAPUR
(At/P.O.- Sonepur, Dist.-Subarnapur, PIN-767017)
Dist. Website- www.subarnapur.nic.in

Tender No.1010/2021 — Date: 21.06.21

No.CAD-483:- District Manager, Odisha State Civil Supplies Corporation Ltd., Subarnapur invites tenders in Double Cover System through ONLINE MODE ONLY for the works below.

| | | |
|---|---|---|
| 1 | Name of the work | Selection and appointment of Level-I Transport Contractor, Level-II Transport Contractor & Handling Contractor for transportation of foodgrains from FSD, FCI to RRCs in Subarnapur district of the State of Odisha. |
| 2 | Availability of bid document in the portal | From Dt.25.06.2021 |
| 3 | Last date / time for receipt of bids in the portal | Dt.09.07.2021 upto 5.00 P.M. |
| 4 | Date / time of opening of technical bid | Dt.14.07.2021 at 11.00 A.M. |
| 5 | Name and address of the officer inviting tender | District Manager, OSCSC Ltd., Subarnapur |

Tender documents & other details can be seen from the e-procurement portal www.oscsc.in, www.foododisha.in, www.tenderodisha.gov.in and district website www.subarnapur.nic.in. Amendments/ corrigendum / cancellation / re-tenders etc. if any shall be published only in above website.

Sd./- District Manager, OSCSC Ltd., Subarnapur
OIPR-07030/11/0001/2122



## TDCCOL
## TRIBAL DEVELOPMENT CO-OPERATIVE CORPORATION OF ORISSA LTD
Tel. 0674-2542475 / 2542617, Fax-2544828
Email: admin@tdccorissa.org
Website: www.tdccodisha.org

Notice No. 1112 — Dated: 21.06.2021

**NOTICE INVITING TENDER FOR RETROFITTING OF E-CART**

No. CAD-469: Tender(s) are invited from registered Fabrication Units/ Body Building Works Units for retrofitting of custom design of two No. of e-cart vehicles for selling coffee. The details of the tender can be downloaded from **www.tdccodisha.org**. The last date for receipt of tender is on 01.07.2021.

Sd./- Managing Director
OIPR-26005/11/0007/2122



## DRDA, MAYURBHANJ
No. 4281_DRDA Dt.21.06.2021

No. CAD-484: Sealed tenders are invited from interested reputed Manpower Service Provider/ Firm for supply of Manpower on outsourcing basis to DRDA, Mayurbhanj for the year 2021-22. The last date & time for receipt of tender by 05.00 P.M. of 07.07.2021. Details available in district website: **www.mayurbhanj.nic.in**. If any Corrigendum/ addendum arises it would be uploaded in the district website.

Sd./- Project Director
DRDA, Mayurbhanj
OIPR-19082/11/0001/2122



## TALCHER-ANGUL-MERAMANDALI DEVELOPMENT AUTHORITY, (TAMDA) ANGUL
Email- secretary.tamdaangul@gmail.com

No. CAD-480 — GOVERNMENT OF ODISHA

**e-Procurement Notice for TAMDA, Angul**

**Bid Identification No. 01/2021-22 dt.21.06.2021**

| | | | |
|---|---|---|---|
| 1. | Nos of work | : | 12 (twelve) nos of works |
| 2. | Approximate estimated Cost | : | Various from ₹30.06 lakhs to ₹78.11 lakhs |
| 3. | Period of completion | : | 3 (three) to 4 (four) calendar months. |
| 4. | Date & time of availability of bid document | : | From 10.00 AM of 28.06.2021 to 5.00 PM of 08.07.2021 |
| 5. | Last date/time of receipt of bids in the portal | : | 5.00 PM of 08.07.2021 |
| 6. | Date & time of opening of bid | : | 11.00 AM of 09.07.2021 |
| 7. | Name & address of the Officer Inviting Bid. | : | **Engineer Member, TAMDA, Angul** |
| 8. | The bidders have to participate in ONLINE bidding only. Further details can be seen from the website: https://tendersodisha.gov.in. Any addendum/corrigendum/ cancellation of tender can also be seen in the said website. | | |

OIPR-26043/11/0001/2122 — Sd./- Engineer Member, TAMDA



ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, ଥୁ.ରାମପୁର, ଭବାନୀପାଟଣା
## ITDA, TH.RAMPUR, BHAWANIPATNA, KALAHANDI
Phone: 06670-230576 (O), E-mail: itdathr@nic.in, paitdathrampur@gmail.com

No. 881/ITDA — Dated: 23.06.2021

**TENDER CALL NOTICE**

No. CAD-485: Sealed tenders are invited from reputed Manpower Agencies/Service Providers to provide the serivce of **Technical Consultant** for handling of MGNREGS work for a period of one year through suitable agency on contract basis for day to day official work.

The detailed information for outsourcing the service of aforesaid posts has been given in the tender document which may either download from the website **www.kalahandi.nic.in**. The last date and time for submission of tender documents is **08.07.2021 by 4.00 P.M.**.

Sd./- Project Administrator
OIPR-19116/11/0003/2122



GOVT. OF ODISHA
## OFFICE OF THE SUPERINTENDING ENGINEER NORTH EASTERN RURAL WORKS CIRCLE, KEONJHAR
**eProcurement Notice for Road Works**
Identification No. Road Online NCB No.313
No. 2689 // Date: 22-06-2021

No.O-380:- 1. Name of the work : Construction of Road works under DMF and Inter State-Inter District-Inter Block Scheme. 2. Total no. of work : 02 (Two) Nos. 3. Estimated Cost : As per Annexure. 4. Class of Contractor : As per Annexure. 5. Period of Completion : As per Annexure. 6. Other details:

| Procurement Officer | Bid Identification No. | Availability of tender online for bidding | | Last date & time of seeking tender clarification | Date & time of opening of tender in O/o S.E.N.E.R.W. Circle, Keonjhar | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Superintending Engineer, North Eastern Rural Works Circle, Keonjhar | Road Online NCB No.313 | Dt.29.06.21 at 11.00 A.M. | Dt.13.07.21 upto 5.00 P.M. | Dt.12.07.21 upto 5.00 P.M. | Dt.14.07.21 at 11.00 A.M. | Will be intimated later |

Further details can be seen from the website: www.tendersorissa.gov.in

Sd./- P.K. Misra, Superintending Engineer, N.E.R.W. Circle, Keonjhar
OIPR-25048/11/0014/2122



## OFFICE OF THE TRANSPORT COMMISSIONER-CUM-CHAIRMAN
STATE TRANSPORT AUTHORITY, ODISHA, CUTTACK

No. IX/328/21/6157/TC — Date: 23.6.21

**TENDER CALL NOTICE**

**NOTICE INVITING TENDER FOR SUPPLY OF MANPOWER**

No. JJ-04: Office of the Transport Commissioner-cum-Chairman State Transport Authority, Odisha, Cuttack proposes for hiring of manpower for this office and its subordinate offices. Detailed tender document along with specifications can be downloaded from the website **http://orissatransport.nic.in** and submitted to this office along with Demand Draft Rs.5,000/- (Rupees five thousand) only and GST @ 18% in favour of Transport Commissioner, Odisha drawn on any Nationalized Bank on or before 23.07.2021.

The tender is exempted from paying E.M.D. as per Office Memorandum No. 8943/F Dated 18.03.2021 of Govt. of Odisha Finance Department.

The bids must be submitted on or before 23.07.2021 by 2.00 P.M. in this office.

Sd./- Addl. Commissioner Transport (Admn.) STA, Odisha, Cuttack
OIPR-38003/11/0001/2122



No.B-161
## GOVERNMENT OF ODISHA
## OFFICE OF THE SUPERINTENDING ENGINEER, NORTHERN (R&B) CIRCLE, SAMBALPUR
Mail ID:- sepwdsbp@rediffmail.com

**e-Procurement**

**BID IDENTIFICATION No. SENC (RAND B)/04/2021-22**

No.1506 Dtd. 11.06.2021

1. The **Superintending Engineer, Northern (R&B) Circle, Sambalpur** on behalf of Governor of Odisha invites **Percentage Rate** bids in double cover system **in ONLINE MODE** for the construction of **Building works** as detailed in the DTCN from the eligible class of contractors.
2. No. of works: **02 (Two) (Road Works).**
3. Tender Cost: **Rs.10,000/-**
4. Class of contractor: **"A" Class and "Special" Class**
5. Date & Time of available in website & receipt of Bids from **25.06.2021** to **17.00 hours of 09.07.2021**.
6. Date of opening of Technical Bid: **13.07.2021 at 11.00 hours.**
7. The Bidders have to participate in ONLINE bidding only. Further details can be seen from the website www.tendersodisha.gov.in
8. Any Corrigendum / Addendum will be displayed in the website www.tendersodisha.gov.in

Sd./- Superintending Engineer, Northern (R&B) Circle, Sambalpur
OIPR-34035/11/0004/2122



No. CAD-476:-
idco Your power to grow — ODISHA NEW OPPORTUNITIES
## OFFICE OF THE CHIEF GENERAL MANAGER (P&C), IDCO, IDCO TOWERS, JANPATH, BHUBANESWAR-751022
Tender Call Notice No. IDCO/H.O./P&C/EST/E-1057/03/2014/ 9953, Dated:- 17.06.2021

**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-PROCUREMENT**

1. **Name of the Work** :- Construction of RCC Drain and Culvert in Endowment Area at Ambatota in Industrial Estate Chandaka, Bhubaneswar
2. **Estimated cost** :- Rs.105.41 lakh (Approx.)
3. **Period of completion** :- 03 (Three) calendar months.
4. **Other details** :-

| Procurement Officer | Bid ID/Tender reference No. | Availability of Tender on-line for Bidding | |
|---|---|---|---|
| 1 | 2 | 3 | 4 |
| Chief General Manager (P&C), IDCO, IDCO Towers, Bhubaneswar | Bid ID/Tender Reference No. P&C/ EST/ E-14/ 2021-22 | 25.06.2021 at 16.00 hrs. | 08.07.2021 up to 17.00 hrs. |

Further details can be seen from the e-Procurement Portal www.tendersodisha.gov.in and Corrigendum if any will not be published in newspapers and can only be seen in the e-procurement portal www.tendersodisha.gov.in and www.idco.in.

OIPR-14003/11/0032/2122 — Sd./- Chief General Manager (P&C), IDCO, Bhubaneswar

# ପ୍ରଥମ ଜନଜାତି ଉପନ୍ୟାସ: ଭୀମା ଭୂଈଁଆ

ଡକ୍ଟର ଫଣୀନ୍ଦ୍ର ଭୂଷଣ ନନ୍ଦ

ଆଦିବାସୀ ସମାଜ ଚିତ୍ରକୁ ନେଇ ଲିଖିତ ପ୍ରଥମ ଓଡ଼ିଆ ଉପନ୍ୟାସ 'ଭୀମା ଭୂଈଁଆ'। ଗୋପାଳବଲ୍ଲଭ ଦାସଙ୍କ ଦ୍ୱାରା ରଚିତ ଏହି ଉପନ୍ୟାସଟି କଟକ ଏଡ୍‌ୱାର୍ଡ ପ୍ରେସ୍‌ରେ ୧୯୦୮ରେ ପ୍ରକାଶ ପାଇଥିଲା। ଗୋପାଳବଲ୍ଲଭ କଟକ ଜିଲା ସାଲେପୁର ଥାନାର ସତ୍ୟଭାମାପୁରଠାରେ ୨୩ ଡିସେମ୍ବର, ୧୮୬୦ରେ ଜନ୍ମ ଗ୍ରହଣ କରିଥିଲେ। ପିତା ଚୌଧୁରୀ ରଘୁନାଥ ଦାସ ଓ ମାତା ପାର୍ବତୀ ଦେବୀ। ଉତ୍କଳ ଗୌରବ ମଧୁବାବୁ ଥିଲେ ତାଙ୍କ ଅଗ୍ରଜ।

ପାଶ୍ଚାତ୍ୟ ଶିକ୍ଷା ତାଙ୍କର ସାରସ୍ୱତ ଦୃଷ୍ଟିକୁ ପରିବ୍ୟାପ୍ତ ଓ ବୈଜ୍ଞାନିକ ବିଶ୍ଳେଷଣଧର୍ମିତା ପ୍ରଦାନ କରିଥିଲା। ପ୍ରାଚୀନ ଓଡ଼ିଆ ସାହିତ୍ୟ ସମ୍ପର୍କରେ ତାଙ୍କର ଅବବୋଧ ଥିଲା ପରିଚ୍ଛନ୍ନ ଓ ଗଭୀର। ୧୯୧୪ରେ ପୁରୀଠାରେ ଚଉବନ ବର୍ଷରେ ତାଙ୍କର ଅକାଳ ବିୟୋଗ ଘଟିଥିଲା। ସ୍ୱଳ୍ପ ଜୀବନକାଳ ମଧ୍ୟରେ ସେ ଆତ୍ମବତ୍ ସର୍ବଭୂତେଷୁ (୧୮୮୮), କବିତା ମଞ୍ଜରୀ (୧୮୯୫), ପ୍ରୀତିସୁଧାକର (୧୯୦୬), ଭୀମା ଭୂଈଁଆ (୧୯୦୮), ରାୟବାହାଦୂର ନନ୍ଦକିଶୋର ଦାସ (ଜୀବନୀ), ରମେଶଚନ୍ଦ୍ର ଦତ୍ତ (ଜୀବନୀ ଅନୁବାଦ) ଓ ଭକ୍ତି ରତ୍ନାବଳୀ ଇତ୍ୟାଦି ରଚନା କରିଥିଲେ। 'ବିଜୁଳି- ଇନ୍ଦ୍ରଧନୁ'- ସାରସ୍ୱତ କଳହକାଳରେ ଗୋପାଳବଲ୍ଲଭ 'ଗୋଲକଧନ୍ଦା' ଓ 'ହିତବାଦୀ' ଛଦ୍ମନାମରେ ଉତ୍କଳ ଦୀପିକା, ଇନ୍ଦ୍ରଧନୁ ଆଦିରେ ଅନେକ ସମାଲୋଚନାତ୍ମକ ପ୍ରବନ୍ଧ ରଚନା କରିଛନ୍ତି।

'ଭୀମା ଭୂଈଁଆ' ୧୯୦୮ରେ ପ୍ରକାଶିତ ହୋଇଥିଲେ ବି ଅନେକ ସମାଲୋଚକ ଏହା ୧୮୯୮ର ଲେଖା ବୋଲି ମତପ୍ରଦାନ କରନ୍ତି। 'ଭୀମା ଭୂଈଁଆ'ର କୌଣସି ଏକ ପରିଚ୍ଛେଦ, ସୂଚନା ବା ବିଜ୍ଞାପନ ପତ୍ରପତ୍ରିକାରେ ଦୃଷ୍ଟିଗୋଚର ହୁଏ ନାହିଁ। ଏଣୁ ପ୍ରୋକ୍ତ ଉପନ୍ୟାସର ରଚନାକାଳକୁ ଦଶବର୍ଷ ପଛକୁ ନେବାର କୌଣସି ଯୁକ୍ତିଯୁକ୍ତ କାରଣ ନାହିଁ।

'ଭୀମା ଭୂଈଁଆ'ର ନୂତନ ସଂସ୍କରଣ- ୧୯୬୪ରେ ସରଳାଦେବୀଙ୍କ ସମ୍ପାଦନାରେ ପ୍ରକାଶ ପାଏ ବିଦ୍ୟାପୁରୀ, କଟକଙ୍କ ଦ୍ୱାରା। ଏଥିରେ ଶୀର୍ଷକ ହୁଏ 'ଭୀମା ଭୂୟାଁ' ଏବଂ ପରବର୍ତ୍ତୀ ସଂସ୍କରଣଗୁଡ଼ିକରେ ମଧ୍ୟ ଉପନ୍ୟାସଟି 'ଭୀମା ଭୂୟାଁ' ନାମରେ ପ୍ରକାଶିତ। ସଂସ୍କରଣମାନଙ୍କର ପାଠରେ ବିଶେଷ କିଛି ଭିନ୍ନତା ପରିଲକ୍ଷିତ ହୁଏନାହିଁ। ୧୯୬୪ ସଂସ୍କରଣରେ ସରଳାଦେବୀଙ୍କ ରଚିତ 'ମୁଖବନ୍ଧ' ସ୍ଥାନିତ। ଏଥିରେ ଗୋପାଳବଲ୍ଲଭଙ୍କ ସାମାନ୍ୟ

**ଅତୀତର ବହି**



ଗୋପାଳବଲ୍ଲଭ ଦାସ

ପରିଚୟ ସହିତ 'ଭୀମା ଭୂଈଁଆ' ଉପନ୍ୟାସର ପୃଷ୍ଠଭୂମି ସମ୍ପର୍କରେ ଆଲୋକପାତ କରାଯାଇଛି। ସେଥିରେ ସମ୍ପାଦିକା ଘୋଷଣା କରିଛନ୍ତି "ଉତ୍କଳର ପ୍ରଥମ ଉପନ୍ୟାସ 'ପଦ୍ମମାଳୀ' ଓ ଦ୍ୱିତୀୟ 'ବିବାସିନୀ' ପରେ ଏହା ଉତ୍କଳର ତୃତୀୟ ଉପନ୍ୟାସ।" ଏହି ବକ୍ତବ୍ୟକୁ ଅନେକ ଆଲୋଚକ ଗ୍ରହଣ କରିଛନ୍ତି।

'ଭୀମା ଭୂଈଁଆ'ର ବିଷୟ ବିନ୍ୟାସ ପ୍ରାୟତଃ ଭୂୟାଁମାନଙ୍କର ଜୀବନ ଚିତ୍ର ଓ କେନ୍ଦୁଝର ରାଜ୍ୟକୁ ନେଇ ଗଢ଼ିଉଠିଛି। ୧୮୯୧ ବେଳକୁ ଗୋପାଳବଲ୍ଲଭ ଗଡ଼ଜାତ ସମୂହର ଆସିଷ୍ଟାଣ୍ଟ ସୁପରିଣ୍ଟେଣ୍ଡେଣ୍ଟ ରୂପେ ନିଯୁକ୍ତ ହୋଇ ବାରମ୍ବାର ଭୂୟାଁ ଅଧ୍ୟୁଷିତ କେନ୍ଦୁଝରକୁ ଯିବାର ସୁଯୋଗ ଲଭନ୍ତି। ଏହି ସମୟରେ ସେ ଭୂୟାଁମାନଙ୍କର ଚାଲିଚଳନ ଓ ସଂସ୍କୃତିକୁ ନିକଟରୁ ଦେଖିବାର ଅବକାଶ ପାଆନ୍ତି ଯାହା 'ଭୀମା ଭୂଈଁଆ' ଲେଖିବା ପାଇଁ ତାଙ୍କୁ ଅନୁପ୍ରେରିତ କରେ। ଉପନ୍ୟାସଟି ନଅଟି ପରିଚ୍ଛେଦରେ ବିଭକ୍ତ। ଏହାର ଗଳ୍ପଭାଗ ବେଶ୍ ବୈଚିତ୍ର୍ୟମୟ। ଗୋଟିଏ ଭୂୟାଁ ଗ୍ରାମର ତିଳସର୍ଦ୍ଦାର ଝିଅ ଚିନାମାଳୀ ପ୍ରତି ଅନ୍ୟ ଏକ ପୀଢ଼ର ସାଧୁସର୍ଦ୍ଦାରର ଦୁଇପୁଅ ବାଣାଶୁର ଓ ଭୀମା ଆକୃଷ୍ଟ ହୁଅନ୍ତି। ଧାଙ୍ଗଡ଼ୀର ମନ କାହା ଆଡ଼କୁ ଢଳିଛି ଜଣା ନ ପଡ଼ିଲେ ମଧ୍ୟ ଶେଷରେ ବଡ଼ଭାଇ ବାଣାଶୁର ଚିନାମାଳୀକୁ ବିବାହ କରିଛି। ଭୀମା ଗ୍ରାମ ଛାଡ଼ି ନିଜ ରାଜ୍ୟର ରାଜା ଜଗଦ୍ଦେବଙ୍କ ପାଖରେ କାର୍ଯ୍ୟ କରିଛି। 'ଛାମୁ ତେତେ ସୁଖ ନ ପାଇଲାରୁ' ନଅର ବିଶୋଇଙ୍କ ସହିତ ଭୀମା ନିକଟବର୍ତ୍ତୀ ରାଜ୍ୟକୁ ପଳାଇଯାଇ ରାଜା ହରିଚନ୍ଦନ ମର୍ଦ୍ଦରାଜଙ୍କ ଅଧୀନରେ କାର୍ଯ୍ୟ କରିଛି। କାଳକ୍ରମେ ରାଜା ଜଗଦ୍ଦେବ ଏବଂ ରାଜା ହରିଚନ୍ଦନ ମର୍ଦ୍ଦରାଜଙ୍କ ମଧ୍ୟରେ ଯୁଦ୍ଧ ହେଲା। ଏହି ଯୁଦ୍ଧରେ ଭୀମାର ବୀରତ୍ୱ ଯୋଗୁଁ ହରିଚନ୍ଦନ ବିଜୟୀ ହୁଅନ୍ତି। ଭୀମା ତା'ର ବୀରତ୍ୱ ପାଇଁ 'ରଣଜିତ ଶାଢ଼ି' ଲାଭକରେ ଏବଂ ବନ୍ଦୀ ହୋଇ ଆସିଥିବା 'ସାଧୁସର୍ଦ୍ଦାର ଓ ବାଣାଶୁର'ର ମୁଣ୍ଡକାଟର ଭାର ତା' ଉପରେ ପଡ଼େ। ଭୀମା ମଲାମଣିଷଙ୍କ ମୁଣ୍ଡ ଦେଖାଇ ବାପା ଭାଇଙ୍କୁ ଛାଡ଼ିଦେଲା। ପରେପରେ ରାଜା ହରିଚନ୍ଦନଙ୍କ ଦେହ ଅସୁସ୍ଥ ହେଲା। ଭୀମା ଜଣେ ଅପରିଚିତ ବିଶ୍ୱାସୀ ବୁଢ଼ାର ସେବାରେ ରାଜା ସୁସ୍ଥ ହେବେ କହି ସାଧୁସର୍ଦ୍ଦାରକୁ ଉଆସକୁ ଆଣିଲା। ସାଧୁର ଚିକିତ୍ସାରେ ରାଜା ସୁସ୍ଥ ହେଲେ। ଉଆସ ଭିତରେ ଭୀମା ଓ ରାଜଜେମା ପରସ୍ପର ପ୍ରତି ଆକୃଷ୍ଟ ହେଲେ। ରାଜା ଆରୋଗ୍ୟ ଲାଭ କଲାପରେ ସାଧୁକୁ ପୁରସ୍କୃତ କରିବାକୁ ଚାହିଁଲେ, କିନ୍ତୁ ସବୁକଥା ଜଣାପଡ଼ିଗଲା। ବୃଦ୍ଧ ରାଜାଙ୍କ ପ୍ରାଣ ରଖିଥିବାରୁ ଛାଡ଼ପାଇଲେ। ବାଣାଶୁର ଓ ଭୀମା ଭିତରୁ ଜଣକର ମୁଣ୍ଡକାଟର ଘୋଷଣା କରାଗଲା। ମାତ୍ର ରାଜଯେମାର ହସ୍ତକ୍ଷେପ ଫଳରେ ଦୁହେଁ ଏଥିରୁ ବର୍ତ୍ତିଗଲେ।

ଇନ୍ଦ୍ରଧନୁ-ବିଜୁଳି ମସୀଯୁଦ୍ଧରେ ଅଶ୍ଳୀଳତା ବିରୋଧରେ ସଂଗ୍ରାମ ହୋଇଥିଲା। ଏଣୁ 'ଭୀମା ଭୂଈଁଆ' ଉପନ୍ୟାସ ପ୍ରସ୍ତୁତ କଲାବେଳେ ଗୋପାଳବଲ୍ଲଭ ସଜ୍ଞାନ ଚିତ୍ତରେ ନାୟକ ନାୟିକାର ମିଳନକୁ ଏଡ଼ାଇ ଯାଇଛନ୍ତି। ଭୀମା ସହିତ ସ୍ୱଜାତୀୟ ଚିନାମାଳୀର ମିଳନ କରାଇ ନାହାନ୍ତି। ପୁନଶ୍ଚ ଭୀମାର ବୀରତ୍ୱ ଓ ବ୍ୟକ୍ତିତ୍ୱରେ ଆକୃଷ୍ଟ ରାଜଜେମା ସହିତ ମିଳନକୁ ମଧ୍ୟ ଗୋପାଳବଲ୍ଲଭଙ୍କ ସାମନ୍ତବାଦୀ ସମର୍ଥିତ ପ୍ରତିଭା ସମର୍ଥନ କରିନାହିଁ ବରଂ ନାୟକ ନାୟିକାଙ୍କୁ ପରମ ପ୍ରେମମୟ ଚରିତ୍ର ଭାବରେ ଉପସ୍ଥାପନ କରିବା ଆଳରେ 'ବିଦଗ୍ଧ ଚିନ୍ତାମଣି'ର ନିମ୍ନୋକ୍ତ ପଦଟିକୁ ଆଭିମୁଖ୍ୟ ଭାବେ ଗ୍ରହଣକରି ପୁସ୍ତକର ଆଦ୍ୟରେ ସଂଯୋଜିତ କରିଛନ୍ତି: "ଏତେ କଦର୍ଥନା ପାଉ କାହିଁକି/ ଶଶ ଶଶୀ ପ୍ରାପ୍ତ ହେତୁ ନାହିଁକି?/ କୁମ୍ଭକାର କୀଟ ଦୀକ୍ଷା ତୁ ବହ/ କୃଷ୍ଣ ଦେହ ପାଇଁ ନିଶ୍ଚିନ୍ତେ ରହ,/ ଶ୍ୟାମନାମ ଧରି,/ ଯା ଯା ଅନୁକୂଳ କରି ବାହାରି।"

'ଭୀମା ଭୂଈଁଆ' ଉପନ୍ୟାସର ବର୍ଣ୍ଣନା ଶୈଳୀ ବେଶ୍ ସାବଲୀଳ। ଉପନ୍ୟାସର ବିଭିନ୍ନ ପରିଚ୍ଛେଦରେ ଚରିତ୍ରମାନଙ୍କ ମୁଖରେ ସଂଳାପ ସଂଯୋଜନା କରି ଗଳ୍ପାଂଶକୁ ନାଟକୀୟତା ପ୍ରଦାନ କରାଯାଇଛି। ମଧୁବାବୁ ଏବଂ ଗୋପାଳବଲ୍ଲଭ ଆଧୁନିକ ନାଟ୍ୟ ସାହିତ୍ୟର ପୃଷ୍ଠପୋଷକତା କରି ନାଟ୍ୟଦଳଙ୍କୁ ମଞ୍ଚ ପ୍ରଦାନ କରିଥିବାର ଭୂୟସୀ ଦୃଷ୍ଟାନ୍ତ ଉତ୍କଳ ଦୀପିକାରେ ଉପଲବ୍ଧ। ନାଟକ ପ୍ରତି ଗୋପାଳବଲ୍ଲଭଙ୍କ ଉନ୍ମୁଖତା ଏହି ଉପନ୍ୟାସରେ ସୁସ୍ପଷ୍ଟ। ଏଥିରେ ଅନେକତ୍ର ପ୍ରାଚୀନ କାବ୍ୟ କବିତାର ଅଂଶ ଉଦ୍ଧାର କରି ଏହାକୁ ସେ ଗଦ୍ୟକାବ୍ୟ ରୂପେ ପରିବେଷଣ କରିଛନ୍ତି। ଏଣୁ ଯଥାର୍ଥରେ କାଳିନ୍ଦୀଚରଣ କୁହନ୍ତି- "ଏହାକୁ ଓଡ଼ିଆ ସାହିତ୍ୟର କାଦମ୍ବରୀ ଆଖ୍ୟା ଦେଲେ ଅଯଥା ହେବ ନାହିଁ ବୋଲି ମନେହୁଏ। ଏକ ମୌଳିକ ରସୋତ୍ତୀର୍ଣ୍ଣ



BHIMABHUINA.
BY
GOPAL BULHUB DAS, M.A.,
DEPUTY MAJESTRATE.

ଭୀମା ଭୂଈଁଆ ।

ଶ୍ରୀ ଗୋପାଳବଲ୍ଲଭ ଦାସ, ଏମ୍.ଏ.,
ଡେପୁଟୀ ମାଜିଷ୍ଟ୍ରେଟଙ୍କଦ୍ୱାରା ବିରଚିତ ଓ ପ୍ରକାଶିତ ।

"ଏତେ କଦର୍ଥନା ପାଉ କାହିଁକି
... ପ୍ରାପ୍ତ ହେତୁ କାହିଁକି
କୁମ୍ଭକାରକୀଟ ଦୀକ୍ଷା ତୁ ବହ ।
କୃଷ୍ଣଦେହ ପାଇଁ ନିଶ୍ଚିନ୍ତେ ରହ ।
ଶ୍ୟାମ ନାମ ଧରି ।
ଯା ଯା ଅନୁକୂଳ କରି ବାହାରି ।"
ବିଦଗ୍ଧଚିନ୍ତାମଣି ।

CUTTACK
PRINTED BY S. RAY, AT THE EDWARD PRESS;
1908.
Allrights reserved.
Price 5 Annas
ମୂଲ୍ୟ ୫ । ୵ ଅଣା ।
ଅନୁମତି ବ୍ୟତୀତ ଛାପିବା ନିଷେଧ ।

ରଚନାରୂପେ ଏହା ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ବିସ୍ମୟ ସୃଷ୍ଟି କରିଛି।" (ଗ୍ରନ୍ଥ ମୂଲ୍ୟାୟନ, ଭୀମା ଭୂଈଁଆ, ୧୯୬୪)

ଜନଜାତିର ଜୀବନ ଚିତ୍ର ମୁଖ୍ୟତଃ ଭୂୟାଁ ସମାଜର କାହାଣୀ ପରିବେଷଣରେ ଏହା ପ୍ରଥମ ଓଡ଼ିଆ ଉପନ୍ୟାସ। 'ଭୀମା ଭୂଈଁଆ' ପୂର୍ବରୁ ମୁକୁର ୨ୟ ଭାଗ ୭ମ-୮ମ ସଂଖ୍ୟା (ଅକ୍ଟୋବର- ନଭେମ୍ବର-୧୯୦୭)ରେ ଉମେଶଚନ୍ଦ୍ର ସରକାରଙ୍କ (ଶ୍ରୀ ଉଦାସୀ ଛଦ୍ମନାମରେ) 'କେନ୍ଦୁଝର ବିଦ୍ରୋହ' ପ୍ରକାଶିତ। ଏଥିରେ ଭୂୟାଁମାନଙ୍କର ବିଦ୍ରୋହର ଚିତ୍ର ରହିଛି। ରତ୍ନା ନାୟକଙ୍କ ନେତୃତ୍ୱରେ ସଂଘଟିତ ଜନ ବିପ୍ଳବର କାହାଣୀ ଏଥିରେ ସୁନ୍ଦର ଭାବେ ଚିତ୍ରିତ। ଭୂୟାଁମାନଙ୍କର ସମାଜଚିତ୍ରର ସୁନ୍ଦର ଦୃଶ୍ୟପଟ 'କେନ୍ଦୁଝର ବିଦ୍ରୋହ'ରେ ପ୍ରଦର୍ଶିତ।

ମୋ: ୯୪୩୭୨୫୬୧୭୬

## କବିତା

### ରାସ୍ତା

ନୀହାରିକା ରାୟ ବରାଳ

ଟାଲୁ ଟାଲୁ ଗୁଡ଼ାଏ ବାଟ
ଆସିଗଲାଣି ସମୟର ମୋଡ଼
ସମ୍ପର୍କର ରାସ୍ତାରେ ଉଠାଣି, ଗଡ଼ାଣି
ଖାଲଖମା ନଈର ଉଜାଣି
ସକାଳର କାକର ପରି
କୁଆଡ଼େ ଉଭାନ୍ ହେଇଯାଉଛି
କ୍ଷଣିକ ସୁଖ ତ ସାମାନ୍ୟ ବିଭୋରପଣ
ଉହ୍ଲେଇର ରଡ଼ନିଆଁ ପରି
ହୃଦୟର ଆଗ୍ନେୟଗିରିରୁ ନିର୍ଗତ ଲାର୍ଭା
ଏବେ ବି ସତେଜ, ବିସ୍ଫୋରକ
ଧାନ ବିଲରେ
ଲହରଉଥିବା ଧାନକେଣ୍ଡାସବୁ
ଅଜଣା ପଙ୍ଗପାଳଙ୍କ ଭୟରେ
କାକୁସ୍ଥ, ସ୍ତବ୍ଧ,
ଆଗାମୀ ଝଡ଼ର ସମ୍ଭାବନାରେ

ହଳଦୀ ଦ୍ୱିପ୍ରହର ସବୁକୁ ଚଳୁକରୁଚି
ଏକ୍ଲାପଣର ଅକ୍ଟୋପାଶ୍
କିଛି ନ ଥିବାର, ହରାଇବାର,
ହରାଇ ପୁଣି ସମେଟିନେବାର
ଦୁର୍ବାର ଇଚ୍ଛାଟିକକୁ
ଆସ୍ତେ ଆସ୍ତେ ଆଉଁଶୁଚି
ରୋଗ, ଶୋକ, ଦୁଃଖର ହାତ
କାହା ପାଖକୁ ଚିଟଉ ପଠଉଥିବା
ସଂଖାଳୁଥିବା ମାଟିହାଣ୍ଡିର କଦଳୀପତ୍ର
ଏବେ ଖୋଳୁଛି
କିଛି ଆଶ୍ୱାସନା, କିଛି ସମବେଦନା
ବିଶ୍ୱାସର, ନିଃଶ୍ୱାସର

ତା' ପରକୁ ପର
ଲମ୍ବା ଧାଡ଼ିରେ ଅଛନ୍ତି
ପେଟର ଭୋକ, ମନର ଭୋକ
ତ କବିତାର ଭୋକ
କାଗଜ କଲମର ଭାତହାଣ୍ଡିରେ
ଟକମକ ହୋଇ ଫୁଟୁଛି
ସହିବା ପଣର ନିରପରାଧ ଶବ୍ଦ ସବୁ
ଦର୍ଦ୍ଦର ଅସମ୍ଭାଳ ଆଲିଙ୍ଗନ
ଏବର ମୁକୁଳା ଦେହରେ
କେବେକେବେ ଅସହିଷ୍ଣୁ ଶୁଆ ପରି
ରଟି ଚାଲେ
ଜୀବନର ଶୂନ୍ୟ ପଞ୍ଜୁରିରେ।

ମୋ: ୯୪୩୭୧୨୩୨୪୮

ଗୀତି-କବିତା

### ଅପାସୋରା ଜୀବନରେ

ହୃଦାନନ୍ଦ ପାଣିଗ୍ରାହୀ

ବହେ ଝିରିଝିରି ରୁପାନଈ ସୁଅ
କଅଁଳ ପାଦରେ ଧୀରେ
ଶୁଖିଲା ମୁହଁକୁ ପୋଛିଦିଏ ମୋର
ମମତାର ପଣତରେ।୦।

ଜହ୍ନର ଜୋଛନା, ତରାଫୁଲ ଛବି
ସେ ଢେଉରେ ଦୋଳି ଖେଳେ
ନରମ ନରମ ବଡୁରେ ଖୁସିରେ
ନୂଆନୂଆ ଭାବନାରେ
କେତେ ହସଖୁସି ଆସିଚି ଯାଇଚି
ବିଜନେ ତା'ର ପଠାରେ।୧।

ନୂଆନୂଆ ଭାବ ଭାସିଉଠେ ନିତି
ନିରିମଳ ପାଣିଧାରେ
ନିଥର ରାତିରେ କେତେ ମନକଥା
ବଖାଣିଚି ତା' ପାଖରେ
ସକଳ ଖୁସିର ଏଇ ସରୁଧାର
ଅପାସୋରା ଜୀବନରେ।୨।

ମୋ: ୯୪୩୭୯୮୭୪୨୯

**କାଳକାଳକୁ**

"ଶବ୍ଦ ଏତେ ବେଗବାନ୍ ଯେ
ପାଟିରୁ ଖସିଗଲେ
ତାକୁ ଫେରାଇବା କଷ୍ଟ"
– ଆର୍ସେନି ଟାର୍‌କୋଭସ୍କି



**ଆର୍ସେନି ଟାର୍‌କୋଭସ୍କି** ପ୍ରଖ୍ୟାତ ରୁଷୀୟ କବି ଓ ଅନୁବାଦକ। ତାଙ୍କର ଜନ୍ମ ୨୫ ଜୁନ୍ ୧୯୦୭ରେ, ୟୁକ୍ରେନ୍‌ରେ ଓ ପରଲୋକ ୨୭ ମେ ୧୯୮୯ରେ, ମସ୍କୋରେ। ବିଂଶ ଶତକର ଏହି ପ୍ରଖ୍ୟାତ କବିଙ୍କର ପ୍ରକାଶିତ ଗ୍ରନ୍ଥ- 'ଲାଇଫ୍, ଲାଇଫ୍', 'ଦ ଲାର୍ଜେଷ୍ଟ ପସିବୁଲ୍ ଲାଇଫ୍', 'ଟୁ ୟୁ ଇନ୍ ଟେନ୍ ଡିକେଡ୍‌ସ' ଓ 'ଆଇ ବର୍ନଡ୍ ଆଟ୍ ଦ ଫିଷ୍ଟ'। ଜୀବନ୍ତ ଭାଷା ଓ ଉଜ୍ଜ୍ୱଳ ଜୀବନଦୃଷ୍ଟି ପାଇଁ ଟାର୍‌କୋଭସ୍କିଙ୍କ କବିତା ବିଶ୍ୱର ବହୁ ମନନଶୀଳ ପାଠିକାପାଠକଙ୍କର ପ୍ରିୟ।

## ପୁସ୍ତକ ପରିଚୟ

### ଚବିଶଗୁରୁ ପ୍ରସଙ୍ଗ ବା ଅବଧୂତ ଯଦୁରାଜା ସମ୍ବାଦ



**ସମ୍ପାଦନା:** ପ୍ର. ବୈଷ୍ଣବ ଚରଣ ସାମଲ
**ପ୍ରକାଶକ:** ଫ୍ରେଣ୍ଡସ ପବ୍ଲିଶର୍ସ, ବିନୋଦବିହାରୀ, କଟକ
**ପ୍ରଥମ ପ୍ରକାଶ:** ୨୦୧୯, **ମୂଲ୍ୟ:** ଟ.୧୫୦/-

ଶ୍ରୀମଦ୍ ଭାଗବତ ଏକାଦଶ ସ୍କନ୍ଧ ନିହିତ 'ଅବଧୂତ-ଯଦୁରାଜା-ସମ୍ବାଦ'ର ପାଠ୍ୟ ଓ ଟିପ୍ପଣୀ ଯଦିଓ ଆଲୋଚ୍ୟ ପୁସ୍ତକର ମୂଳ ଧ୍ୟେୟ, ତଥାପି ଗ୍ରନ୍ଥରେ ପ୍ରଦତ୍ତ ଅନ୍ୟାନ୍ୟ ବହୁ ପ୍ରସଙ୍ଗ ପାଠକ ଓ ସମାଲୋଚକଙ୍କ ପାଇଁ ଅତ୍ୟନ୍ତ ଉପଯୋଗୀ ମନେହୁଏ। ଓଡ଼ିଆ ଭାଗବତର ସ୍ରଷ୍ଟା ଭକ୍ତକବି ଅତିବଡ଼ୀ ଜଗନ୍ନାଥ ଦାସଙ୍କ ଜୀବନୀ, ଅଲୌକିକତା, ରଚନାବଳୀ ଓ ଦର୍ଶନର ଚର୍ଚ୍ଚା ସାଙ୍ଗକୁ ଭାଗବତରେ ଶ୍ରୀକୃଷ୍ଣ ଓ ଷଡ଼ ସମ୍ବାଦ ଆଦିର ବ୍ୟାପକ ବ୍ୟାଖ୍ୟା ପ୍ରଫେସର ସାମଲ କରିବା ସହିତ ଅବଧୂତ ଚରିତ୍ରର ଯେଉଁ ଆଧ୍ୟାତ୍ମିକ ରୂପ ଆଙ୍କିଛନ୍ତି, ତାହା ଭାଗବତ ଶ୍ରଦ୍ଧାଳୁଙ୍କ ଆଦରର ସାମଗ୍ରୀ ଭାବେ ପ୍ରତିଭାତ ହୋଇଛି। କେବଳ ଭାଗବତ ନୁହେଁ, ବ୍ରହ୍ମାଣ୍ଡ ଭୂଗୋଳ ଓ ହେତୁଦୟ ଭାଗବତରେ ଅବଧୂତଙ୍କ ଗୁରୁବ୍ୟାଖ୍ୟା କିପରି କରାଯାଇଛି, ତା'ର ବିଶ୍ଳେଷଣ ମଧ୍ୟ ଲେଖକ କରିଛନ୍ତି। ସାମାଜିକ ସତ୍ୟ ଓ ସିଦ୍ଧାନ୍ତର ପରିପ୍ରକାଶ ପାଇଁ ଅବଧୂତ-ଯଦୁରାଜା-ସମ୍ବାଦ କିପରି ନିତ୍ୟ ପ୍ରାସଙ୍ଗିକ, ତାହା ଆଲୋଚ୍ୟ ଗ୍ରନ୍ଥରେ ଦର୍ଶାଯାଇଛି। ଗ୍ରନ୍ଥ ଶେଷରେ ମୂଳ ସଂସ୍କୃତ ପାଠର ଅବତାରଣା କରାଯାଇ ଜଗନ୍ନାଥଙ୍କ ଭାଗବତ ଯେ ଏହାର ଅନୁବାଦ ନୁହେଁ, ଅନୁସୃଜନ- ତାହା ପ୍ରଫେସର ସାମଲ ନିଜ ଦୃଷ୍ଟିକୋଣରୁ ସିଦ୍ଧ କରିଛନ୍ତି। ବହିଟି ଛାତ୍ରୀଛାତ୍ର ଓ ଗବେଷିକା-ଗବେଷକଙ୍କ ପାଇଁ ଉପଯୋଗୀ ସାବ୍ୟସ୍ତ ହେବ।

### ନାରୀ ବିମର୍ଶ: ଚେତନା ଓ ଚିନ୍ତନ



**ଲେଖିକା:** ଡ. କବିତା ବାରିକ
**ପ୍ରକାଶକ:** ଗ୍ରନ୍ଥ ମନ୍ଦିର, କଟକ-୨
**ପ୍ରଥମ ପ୍ରକାଶ:** ୨୦୨୧, **ମୂଲ୍ୟ:** ଟ.୨୭୫/-

ବହିଟିର ସମୁଦାୟ ପ୍ରସଙ୍ଗ ନାରୀବାଦକୁ କେନ୍ଦ୍ରକରି। ନାରୀବାଦର ସଂଜ୍ଞା ଓ ସ୍ୱରୂପ ଦର୍ଶାଇବା ସହିତ ଏହି ବାଦର ଜନ୍ମଲଗ୍ନକୁ ସେ ଅନ୍ୱେଷି ଠାବକରିବାର ଯେଉଁ ପ୍ରଯତ୍ନ ଗ୍ରନ୍ଥଟିରେ କରିଛନ୍ତି, ତାହା ନାରୀ ବିମର୍ଶ ପ୍ରସଙ୍ଗରେ ତାଙ୍କ ବହୁପାଠିତାର ପରିଚୟ ଦେଇଥାଏ। ସିମୋନ ଦା ବେଭୋରଙ୍କ 'ସେକେଣ୍ଡ ସେକ୍ସ'କୁ ଉଦ୍ଧାର କରି ଡ. ବାରିକ ନାରୀ କିପରି ଏକ 'ସାମାଜିକ ନିର୍ମାଣ' ତାହା ଦର୍ଶାଇଛନ୍ତି। ବିଶ୍ୱକବି ରବୀନ୍ଦ୍ରନାଥଙ୍କ ଅନୁଭବୀ ଉଦ୍‌ଘୋଷଣାଟି ଏହିପରି: "ନ ଜାଗିଲେ ସବ୍ ଭାରତ ଲଳନା/ ଏ ଭାରତ ଆର୍ ଜାଗେନା ଜାଗେନା।" 'ମୁଖବନ୍ଧ'ର ଉପସଂହାରରେ କବିତା କହନ୍ତି: "ନାରୀମୁକ୍ତି, ନାରୀ ଅଧିକାର ଅପେକ୍ଷା ନାରୀର ସୁରକ୍ଷା ବା ନିରାପତ୍ତା ଆଜି ସବୁଠାରୁ ବଡ଼ ସମସ୍ୟା, ପ୍ରଶ୍ନ ହୋଇ ଠିଆ ହୋଇଛି। କେବେ ମୁକୁଳିବ ୟା' ଭିତରୁ ନାରୀ ? କେବେ ଗାନ୍ଧୀଙ୍କର ସେହି ସୁରକ୍ଷିତ ରାତି ବାରଟା ଆସିବ, କେବେ ନାରୀଟି ନିରାପଦରେ ଘରକୁ ଫେରିପାରିବ ?" ନାରୀବାଦୀ ଚେତନାର ନାନା ଦିଗଦିଗନ୍ତ ଆଲୋଚିତ ହେବା ସହିତ ପାଶ୍ଚାତ୍ୟ ଉପନ୍ୟାସରେ ନାରୀବାଦୀ ଚେତନା, ସାରଳା ଦାସ, ବଳରାମ ଦାସଙ୍କ ନାରୀବାଦୀ ପୁରୋଦୃଷ୍ଟି, ଓଡ଼ିଆ ଗଳ୍ପ ଓ କବିତାରେ ନାରୀବାଦର ସ୍ୱରାଭାସର ଅନ୍ୱେଷଣ କରାଯାଇ ଓଡ଼ିଆ ନାରୀବାଦୀ କତିପୟ ଉପନ୍ୟାସର ମୌଳିକ ଆକଳନ ଗ୍ରନ୍ଥଟିରେ କରାଯାଇଛି। ଆକଳିତ ଉପନ୍ୟାସଗୁଡ଼ିକ ମଧ୍ୟରେ ରହିଛି କାହ୍ନୁଚରଣଙ୍କ 'ପଳାତକ'ରୁ 'ତମସା ତୀରେ' ଗୋପୀନାଥଙ୍କ 'ରାହୁର ଛାୟା', ପ୍ରତିଭାଙ୍କ 'ଯାଜ୍ଞସେନୀ', ବୀଣାପାଣିଙ୍କ 'କୁନ୍ତୀ କୁନ୍ତଳା ଶକୁନ୍ତଳା', ବିଜୟିନୀ ଦାସଙ୍କ 'ଡାଏରୀ' ଓ ସରୋଜିନୀ ସାହୁଙ୍କ 'ଗମ୍ଭିରୀ ଘର' ଇତ୍ୟାଦି। ନାରୀ ବିମର୍ଶର ଉତ୍ତରୋତ୍ତର ଆଲୋଚନା ପାଇଁ ଗ୍ରନ୍ଥଟି ବିଶେଷ ସହାୟକ ହେବ ବୋଲି ଆଶା।

## ସାହସ

ଅଲେଖ ଚନ୍ଦ୍ର ମିଶ୍ର

ମିନି ଗଳ୍ପ

ପତିଙ୍କର ଘରକୁ ଫେରିବା ବିଳମ୍ବ ହୋଇ ଯାଇଥିବାରୁ ବ୍ୟସ୍ତ ହୋଇ ବାହାରକୁ ଚାହୁଁଥିଲେ ରତିଶୀଳା। ହଠାତ୍ ଘର ସାମ୍ନାରେ ଗାଡ଼ିଟିଏ ଅଟକିବାର ଦେଖି ବାହାରକୁ ବାହାରି ଆସିଲେ। ଗାଡ଼ିରୁ ଓହ୍ଲାଉଥିଲେ ଦୁଇତିନି ଜଣ ଅଫିସର୍ ଭଳି ଦିଶୁଥିବା ଲୋକ। ସାଥିରେ ଥିଲେ ପତି। "ଆପଣଙ୍କୁ ବ୍ୟକ୍ତିଗତ ଭାବରେ ଧନ୍ୟବାଦ ଜଣେଇବାକୁ ଆସିଛୁ ମ୍ୟାଡାମ୍। ଯାଙ୍କରି ପାଇଁ ହିଁ ଆଜି ଆମ ବ୍ୟାଙ୍କ୍ ଏକ ବଡ଼ ଧରଣର ଡକାୟତିରୁ ରକ୍ଷା ପାଇଗଲା। ଏଭଳି ଜଣେ ସାହସୀ ଲୋକଙ୍କୁ ସୁରକ୍ଷାକର୍ମୀ ଭାବରେ ପାଇ ବ୍ୟାଙ୍କ୍ ଧନ୍ୟ। ଏଇ ନିଅନ୍ତୁ ବ୍ୟାଙ୍କ୍ ତରଫରୁ ଦିଆଯାଇଥିବା ପୁରସ୍କାର। ଜ୍ଞାନହାରି ତଳେ ପଡ଼ିବା ପର୍ଯ୍ୟନ୍ତ ଡକାୟତଙ୍କ ସହିତ କେତେ ଲଢ଼ିଥିବେ ବିଚରା! ତଥାପି ଦରଜା ଖୋଲିଲେ ନାହିଁ। ସେଥିପାଇଁ ଏକ ମାନପତ୍ର ବି।"

ପତିଙ୍କୁ ଘର ଭିତରକୁ ଟାଣିନେଇ ପଚାରିଲେ ରତିଶୀଳା- "ହଇହେ, ରାତିରେ ପରିସ୍ରା କରିବାକୁ ଉଠିଲେ ମୋ' କାନିକୁ ନ ଧରିଲେ ତୁମେ ପରା ଗୋଡ଼ କାଢ଼ନା! ଡକାୟତମାନଙ୍କୁ ଦେଖି ତୁମେ ଆଉ ମୂର୍ଚ୍ଛା ହୋଇଗଲନି ତ!" "ସେୟା ନୁହେଁ ତ ଆଉ କ'ଣ ?" କାନମୁଣ୍ଡା ଆଉଁଶି ଉତ୍ତର ଦେଲେ ପତି।

ମୋ: ୯୪୩୮୬୭୩୮୯୮

## ଉଧୁରାପାଲ୍ଲୀର ଇତିହାସ

ଚିନ୍ମୟୀ ପଣ୍ଡା

ବିଶେଷ ଗଳ୍ପ

ବୁଢ଼ା ଜାଗିଲି ସୌରା। ନହନହକା ଗୋଡ଼, ହାତ। ବାଡ଼ି ଖଣ୍ଡେ ଧରି ବଡ଼ କଷ୍ଟରେ ଚାରି ପାଞ୍ଚ ଜାଗା ବସିଉଠି ଆସିଛି ରିଲିଫ୍ ପାଇଁ। ବସିଲେ ଉଠିବା କଷ୍ଟ, ଶୋଇଲେ ବସି ଉଠିବାକୁ କିଛି ନ ହେଲେ ଦଶ ପନ୍ଦର ମିନିଟ୍ ତ ଲାଗେ। ଗାଁମୁଣ୍ଡରେ କଥା ହେଉଥିଲେ ରିଲିଫ୍ ମିଳୁଛି। ଧଇଁସଇଁ ହେଇ ଛୋଟେଇ ଛୋଟେଇ ଆସିଛି ବୁଢ଼ା। ବାତ୍ୟାରେ ତା' କୁଡ଼ିଆରେ ଗୁଡ଼େ ଅସୁବିଧା ହେଇଛି। ଅସୁବିଧା କ'ଣ, କୁଡ଼ିଆ ଆଉ ନାହିଁ। ହ...ଅ, ଘରେ କିଏ ଅଛି ଯେ! ହେଲେ ବୁଢ଼ା ପେଟକୁ ଦାନା ମୁଠେ ମିଳୁନି। ଗୋଟେ ପୁଅ ଯାଇ ରହିଲା ସହରରେ। ତା' ଦେଖା ପାଇଲେ ନାହିଁ ଆଉ କେହି କେବେ। ଆଉ ଗୋଟେ ପୁଅ ଘରେ ଯାହା କିଛି ଥିଲା ସେ ସବୁ ଧରି ତା' ଭାରିଯାକୁ ନେଇ ଅଲଗା ଘର କଲା।

ଝିଅ ଚାରିଟା ଥିଲେ ପା' ?

ହଁ ଥିଲେ।

ଥିଲେ କ'ଣ ହେଲା ?

ଗଲେଣି କୋଉ କାଳୁ।

ବୁଢ଼ା ଭଲା କାହା କଥା ବୁଝିଛି ଯେ! ବୟସ ଥିବାବେଳେ ମଦ ପି' ଗଡ଼ିଲା। ଭାରିଯାକୁ ମାଡ଼ ମାରି ଦରମରା କରେ। ସେ ବି କାହା ସାଙ୍ଗରେ ପଳେଇଲା। କରିବ ବା କ'ଣ! କେତେ ମାଡ଼ ଖାଇବ! ମୁରବିଶୂନ୍ୟ ଘର, ମା' ନାହିଁ, ବାପା ବେପରୁଆ ଘର ପାଇଁ। ପିଲା ବି ଯେଝା ରାସ୍ତାରେ ଗଲେ।

ବୁଢ଼ାର ସମ୍ପତ୍ତି ତା' କତରାଲଗା ଖଟ। ଗୋଟିଏ ଆଲୁମିନିୟମ ଡାଲ, ଦି' ହଳ ଶାର୍ଟ ଆଉ ଲୁଙ୍ଗି। ଗୋଟିଏ ଭଙ୍ଗା ଷ୍ଟୋଭ୍। ରାତି ଅଧରେ ନିଦ ଭାଙ୍ଗିଗଲେ ତା' ପରିବାରକୁ ମନେପକାଏ ଜାଗିଲି ବୁଢ଼ା। ପୁଅଝିଅ ସମସ୍ତଙ୍କ ମୁହଁ ମନେପଡ଼େନା। ବଡ଼ ଝିଅ ନାଁ ଥିଲା ଶାରିଆ। ପ୍ରଥମ ଛୁଆ ଥିଲା ସେ। ଶାରୀପକ୍ଷୀ ଭଳି ଗୁଡ଼େ ବାଜୁରୁବାଜୁରୁ ହୁଏ। ତେଣୁ ତାକୁ 'ଶାରୀ ଲୋ... ଶାରିଆ' ଡାକେ ଗେଲରେ ଜାଗିଲି। ସେ ଶାରୀରୁ ପୁଣି ଶାରିଆ କେତେବେଳେ ହେଇଗଲା ସମସ୍ତଙ୍କ ପାଇଁ ଯେ, ଜାଗିଲିର ଭାରିଯାକୁ 'ଶାରିଆ ମା' ଡାକରେ ଡାକିଲେ ଗାଁ ସାରା।

ହେ ବୁଢ଼ା, ତୋ ଆଧାର କାର୍ଡ କାଇଁ? ସରକାରୀ ଲୋକ କେହି ପଚାରିଲେ। ପରଳ ପଡ଼ି ଧୂସର ଦେଖାଯାଉଥିବା ଚେହେରାକୁ ଭଲ ଭାବରେ ଚାହିଁବାକୁ ଲାଗିଲା ଜାଗିଲି। ଦିନବେଳା ଚାହିଁପାରେନି। ରାତିକୁ ଦେଖାଯାଏନି ବୁଢ଼ାକୁ। ହାତ ହଲାଇ ମନା କଲା ଜାଗିଲି। ନା, ନାହିଁ। ଆଧାର କାର୍ଡ ନାହିଁ ତ ଆସିଲୁ କୁଆଡ଼େ? ଲୋକଟି ବଢ଼ିଗଲା ଆଗକୁ। ଛୋଟେଇ ଛୋଟେଇ ଅଧା ଘୋଷାରି ହୋଇ ଜାଗିଲି ସେ ଲୋକଟି ପାଖରେ ପହଞ୍ଚି ବିକଳ ହେଲା, 'ପେଟ ଭୋକ ବାବୁ, କିଛି ଖାଇନି। କଷ୍ଟରେ ଆସିଛି। ଆଖିକୁ ଦିଶୁନି।' ଅଠାଅଠା ହେଇ ଆସିଲାଣି ପାଟି ଜାଗିଲିର। ଶବ୍ଦ ସବୁ ଦଗା ଦେଲେଣି। କ'ଣ କହିବାକୁ ଚାହୁଁଛି ତା'ର ବି ଠିକଣା ରହୁନି।

ଲୋକଟି ଘୃଣାରେ ମୁହଁ ବୁଲେଇ ନେଲା। ଅସନା ଝୋଟ ଭଳି ଚୁଟି। ଗନ୍ଧ ବାହାରୁଚି ବୁଢ଼ା ପାଖରୁ। ଆଖିରେ ଲେଞ୍ଚେରା। ଜାଗିଲିର କିଛି କଥା ବୁଝିପାରୁ ନ ଥିଲା ସେ ଲୋକଟି। କାର୍ଡ ଅଛି ?

ଖଣ୍ଡେଦୂରକୁ ଘୁଞ୍ଚିଯାଇ ଚିଲେଇ କହିଲା ଲୋକଟି। ଜାଗିଲିର ଆଖିରୁ ଲୁହ ଦୁଇଧାର ଗଡ଼ିଆସିଲା ଭୋକ ଓ ଶରୀର କଷ୍ଟରେ। ସେଇଠି ସେ ପଥର ପାଖରେ ପଡ଼ିରହିଲା। ଲୋକ ମାଳମାଳ ହୋଇ ଆସି ରିଲିଫ୍ ପ୍ୟାକେଟ୍ ଧରି ଯେଝା ଘରକୁ ଗଲେଣି।

ଜାଗିଲିର ଜୀବନଦୀପ ବୋଧହୁଏ ଲିଭି ଆସୁଛି। ଝାପ୍ସା ଦେଖାଯାଉଚି। ସେ ଜାଣିନି ଦିନ କି ରାତି। ମୁଣ୍ଡ ମଝିଟା ଗରମରେ ଚାଇଁଚାଇଁ ହଉଚି। ମୃତ୍ୟୁ ସତେ ଯେମିତି ନିକଟତର ହେଉଚି ଜାଗିଲିର। ଶାରିଆ ଦେଖାଯାଉଚି ତାକୁ ଖଣ୍ଡେ ଦୂରରେ। ପୁଅ ବୋହୂ ଯୋଉଦିନ ବୁଢ଼ାକୁ ଛାଡ଼ି ଚାଲିଗଲେ ସେ ଦିନଟି ଦେଖାଯାଉଚି। ଶାରିଆ ମା' ମାଡ଼ ଖାଇ ବିକଳ ହେଇ ଚାହିଁଚି। ନେହୁରା ହେଉଚି, ମାର୍‌ନା... ମାର୍‌ନା କହିତା' ପାଖକୁ ଲାଗି ଆସୁଚି। ଆଃ... କୁଆଡ଼େ ଗଲେ ସବୁ!

ମଉସା... ମଉସା ବୋଲି ଜଣେ ଚିତ୍କାର କରୁଛି ବୁଢ଼ାର କାନ ପାଖରେ। ରିଲିଫ୍ ପାଇଚ ? ବାରମ୍ବାର ସେହି ପ୍ରଶ୍ନ।

'ମଉସା ରିଲିଫ୍ ପାଇଛ ?'

ବହୁତ କଷ୍ଟରେ ହାତ ଟେକି ଜାଗିଲି ନା' କରିପାରିଲା। ତା' ପରେ ସବୁ କଷ୍ଟରୁ ମୁକ୍ତି। ନା ଭୋକ... ନା ଶରୀର ପୀଡ଼ା, ନା ଚିନ୍ତା... ନା ଦୁଃଖ।

ମୃତ୍ୟୁର କବଳରେ ଜାଗିଲି।

ଯୁବ ସାମ୍ବାଦିକ ଜଣକ ଜାଗିଲିର ମୃତ୍ୟୁରେ ମର୍ମାହତ ହୋଇ ଏହି ଖବରକୁ ବିସ୍ତୃତ ବିବରଣୀ ସହ ସଙ୍ଗେସଙ୍ଗେ ପ୍ରସାରିତ କରିବାକୁ ଲାଗିଲେ। 'ସରକାରଙ୍କର ଅପାରଗତା: ରିଲିଫ୍ ବଣ୍ଟନ କେନ୍ଦ୍ରରେ କ୍ଷୁଧାମୃତ୍ୟୁ'।

ଜାଗିଲିର ମୃତ ଫଟୋ ସହିତ ଏହି ଖବର ଜଙ୍ଗଲ ନିଆଁ ଭଳି ବ୍ୟାପିଗଲା।

ବୁଢ଼ାକୁ ଗାଁରେ କେହି ଜାଣିବା କଷ୍ଟ ଥିଲା। ବର୍ତ୍ତମାନ 'ଜାଗିଲି' ପାଲଟିଗଲା ଏକ ଖବର। ନ୍ୟାଶନାଲରୁ ଇଣ୍ଟରନ୍ୟାଶନାଲ ଖବର- 'ଜାଗିଲି ସୌରା'।

ଯୁବ ସାମ୍ବାଦିକ ଜଣଙ୍କର ମୂଲ୍ୟ ବଢ଼ିଯାଇଛି। ସେ ବହୁତ ପ୍ରସିଦ୍ଧ ବର୍ତ୍ତମାନ। କେବେ ସେ ଗାଁର ନାଁ କେହି ଜାଣି ନ ଥିଲେ। ଜିଲା ପ୍ରଶାସନ ମଧ୍ୟ ତାହାର ଅବସ୍ଥିତି ଉପରେ ସଚେତନ ନ ଥିଲା। 'ଉଧୁରାପାଲ୍ଲୀ' ଗ୍ରାମର 'ଜାଗିଲି ସୌରା' ବର୍ତ୍ତମାନ ମରିକି ନିଜକୁ ଓ ନିଜ ଗ୍ରାମକୁ ବେଶ୍ ପ୍ରସିଦ୍ଧି ଦେଇଛି।

ସୁଦୂର ଦିଲ୍ଲୀରୁ କେତେ ବଡ଼ବଡ଼ ନେତାଙ୍କ ଆଗମନ ଘଟିଲା ଏହି ଅନାମଧେୟ ସ୍ଥାନକୁ।

ଶାସକ ଦଳ, ବିପକ୍ଷ ଦଳ ମଧ୍ୟରେ ହୋ ହଲ୍ଲା, କେତେ ଧାରଣା କେତେ ବନ୍ଦ ସବୁ ଜାଗିଲି ସୌରାର ମୃତ୍ୟୁକୁ ନେଇ ଘଟିଗଲା।

ଜାଗିଲିର ପରିବାରକୁ ସରକାରଙ୍କ ତରଫରୁ ବିଭିନ୍ନ ଯୋଜନାରେ ବେଶ୍ କିଛି ଆର୍ଥିକ ସହାୟତା ଘୋଷଣା କରାଗଲା। ଏହା ଶୁଣି ପୂରା ପରିବାର ଏକାଠି ହୋଇଗଲେ।

ହଜି ଯାଇଥିବା ପୁଅଝିଅ ସବୁ ଗାଁରେ ପହଞ୍ଚି ବିକଳ ସ୍ୱରରେ କାନ୍ଦିବାକୁ ଲାଗିଲେ। କିଏ କେତେ ଜୋର୍ କାନ୍ଦିପାରିବ ତାହାର ପ୍ରତିଯୋଗିତା ଚାଲିଲା।

ଆହା! ବିଚରା ଜାଗିଲି ବଞ୍ଚିଥାଆନ୍ତା ଭଲା। ଏହି ସମ୍ପୂର୍ଣ୍ଣ ଘଟଣାଟି ଘଟିବାର ବର୍ଷେ ମଧ୍ୟରେ ବାପାକୁ ଛାଡ଼ି ଅଲଗା ଘର କରି ରହିଥିବା ଜାଗିଲିର ପୁଅ ପ୍ରଶାସନ ପକ୍ଷରୁ ସେଠିକା ସରପଞ୍ଚ ହୋଇଗଲା। ଯୋଉ ଜାଗାରେ ଜାଗିଲିର କୁଡ଼ିଆ ଥିଲା, ସେଠାରେ ଜାଗିଲିର ଏକ ପ୍ରକାଣ୍ଡ ମୂର୍ତ୍ତି ଶୋଭାପାଉଛି। ଗାଁର ଅବସ୍ଥା ବଦଳିଯାଇଛି। ରାସ୍ତା, ପାଣି, ବିଦ୍ୟୁତ୍ ଆଦି ସମସ୍ତ ସୁବିଧା ହୋଇପାରିଛି। ଲୋକଙ୍କ କଥାବାର୍ତ୍ତା, ଚାଲିଚଳଣ ବଦଳିଯାଇଛି। ଲୁଙ୍ଗି ବଦଳରେ ଜିନ୍ସ ପ୍ୟାଣ୍ଟ ପିନ୍ଧା ଫୁର୍‌ଫୁର୍ ଚୁଟି ରଖି ମାଳମାଳ ଲୋକଙ୍କୁ ଦେଖିବାକୁ ମିଳୁଛି। ଆହାର କେନ୍ଦ୍ରରେ ମାତ୍ର ପାଞ୍ଚଟଙ୍କାରେ ଭୋଜନ ଖାଇ ତାସ୍ ଖେଳରେ ମସ୍‌ଗୁଲ୍ ଲୋକ। ଚାଷଜମି ଫାଟି ଆଁ କରିଛି।

ଯାହାହଉ ଲୋକେ ବହୁତ ଖୁସି। କେଜାଣି କେବେ ଚତୁର୍ଥ କି ପଞ୍ଚମ ଶ୍ରେଣୀ ବହିରେ ଗୋଟିଏ ବିଷୟ ବି ହେଇପାରେ 'ଜାଗିଲି ସୌରା', ଯେଉଁଠି ବର୍ଣ୍ଣନା କରାଯାଇଥିବ ଯେ ଉଧୁରାପାଲ୍ଲୀ ଗ୍ରାମର ଜଣେ ସ୍ୱାଧୀନତା ସଂଗ୍ରାମୀ ଥିଲେ ବା ଜଣେ ମହାପୁରୁଷ ଥିଲେ। କିଏ ଜାଣେ କେହି କେହି ସେ ଜଣେ ବୈଜ୍ଞାନିକ ଥିଲେ ବୋଲି ବକ୍ତବ୍ୟରେ ପ୍ରକାଶ କରିପାରନ୍ତି।

ସେ ଯାହା ବି ହଉନା କାହିଁକି, 'ଜାଗିଲି ସୌରା' ଥିଲା ଉଧୁରାପାଲ୍ଲୀ ପାଇଁ 'ଆଶୀର୍ବାଦ'।

ମୋ: ୯୮୬୧୧୯୧୯୬୯



## ଷ୍ଟାଡିୟମ କାମ ସାରିବାକୁ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ

**ଝାରସୁଗୁଡ଼ା ଅଫିସ:** ଏମ୍‌ସିଏଲ୍ ସିଏସ୍‌ଆର୍ ପାଣ୍ଠିରୁ ୮କୋଟି ଟଙ୍କା ବ୍ୟୟରେ ୨୦୧୩-୧୪ରୁ ଝାରସୁଗୁଡ଼ା ମାଳିମୁଣ୍ଡାଠାରେ ଷ୍ଟାଡିୟମ ନିର୍ମାଣ ଚାଲିଛି। ଅର୍ଥାଭାବରୁ ଦୀର୍ଘଦିନ ହେଲାଣି ଏହା ଅର୍ଦ୍ଧନିର୍ମିତ ଅବସ୍ଥାରେ ପଡିରହିଛି। ଝାରସୁଗୁଡା ବିଧାୟକ ତଥା ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ ବୁଧବାର ଷ୍ଟାଡିୟମ ପରିଦର୍ଶନରେ ଯାଇ କ'ଣ କାମ ହୋଇଛି ପରଖିଥିଲେ। ପରେ ସେ ପୂର୍ତ୍ତ ବିଭାଗ ଏକ୍‌ଜିକ୍ୟୁଟିଭ୍ ଇଞ୍ଜିନିୟର ପ୍ରଦୀପ କୁମାର ନାଥ,ଏସ୍‌ଡିଓ ଆଶିଷ କୁମାର ଲେଙ୍କା, ଜିଲା କ୍ରୀଡା ସଂଘ ସମ୍ପାଦକ ତାପସରାୟ ଚୌଧୁରୀଙ୍କ ସହ ଆଲୋଚନା କରିଥିଲେ। ବାକି ରହିଥିବା ଆଲୋକୀକରଣ, ସୁଇମିଂପୁଲ୍ ଆଦି କାମ ଶୀଘ୍ର ସାରିବାପାଇଁ ମନ୍ତ୍ରୀ ଦାସ ଏକ୍‌ଜିକ୍ୟୁଟିଭ୍ ଇଞ୍ଜିନିୟର ନାଥଙ୍କୁ ନିର୍ଦ୍ଦେଶ ଦେଇଥିଲେ।

**ସଂକ୍ଷେପରେ**

### ଏଲ୍‌ଆଇସି ଅଭିକର୍ତ୍ତା ସଂଘ ବୈଠକ

**ସମ୍ବଲପୁର,୨୩।୬(ବ୍ୟୁରୋ):** ସମ୍ବଲପୁର ଜୀବନ ବୀମା ନିଗମ ଶାଖା-୨ କାର୍ଯ୍ୟାଳୟରେ ବୁଧବାର ଅଭିକର୍ତ୍ତା ସଂଘ ପକ୍ଷରୁ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଘ ଦର୍ଶାଇଛି ଯେ, ବିଭିନ୍ନ ଦାବି ନେଇ ଜୁନ ୧୬ରୁ ୩୦ ତାରିଖ ପର୍ଯ୍ୟନ୍ତ ୧୫ ଦିନିଆ ବିଶ୍ରାମ ଦିବସ (ଧର୍ମଘଟ) ପାଳନ କରାଯାଉଛି। ଏହାକୁ ସମ୍ବଲପୁର ଶାଖା ମଧ ସମର୍ଥନ କରୁଛି। କରୋନା ମହାମାରୀ ସମୟରେ କାର୍ଯ୍ୟ କ୍ଷେତ୍ରକୁ ଯାଇ ସଂକ୍ରମଣରେ କେତେକ ଅଭିକର୍ତ୍ତାଙ୍କ ମୃତ୍ୟୁ ଘଟିଛି। ସେମାନଙ୍କ ପରିବାରକୁ ଆର୍ଥିକ ସହାୟତା ସହ ଅଭିକର୍ତ୍ତାଙ୍କ ଗ୍ରୁପ ଇନସ୍ୟୁରାନ୍ସ ବୃଦ୍ଧି, ୫୦ ପ୍ରତିଶତ ରାଶି ପ୍ରଦାନ, ପଲିସିଧାରକଙ୍କ ବୋନସ ବୃଦ୍ଧି ଓ ସେମାନଙ୍କ ପ୍ରିମିୟମରେ ସୁଧ ଛାଡ କରିବାକୁ ଦାବି କରିଥିଲେ। ସଂଘ ସଭାପତି ଅନିଭାଷ ପଣ୍ଡା, ସମ୍ପାଦକ ବଳରାମ ବେହେରା, ଉପସଭାପତି ଦେବେନ୍ଦ୍ର ପ୍ରଧାନ, ସୌମିତ୍ର ପଟ୍ଟନାୟକ, କୋଷାଧକ୍ଷ ଜଗଦୀଶ ମହାପାତ୍ର, ବସନ୍ତ ସାହୁ, ହାଡିବନ୍ଧୁ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

### ଘରକୁ ଯାଇ ପଟ୍ଟା ଦେଲେ ତହସିଲଦାର



**ସମ୍ବଲପୁର,୨୩।୬ (ବ୍ୟୁରୋ):** ରାଜ୍ୟ ସରକାର ଆବେଦନକାରୀଙ୍କୁ ତୁରନ୍ତ ପଟ୍ଟା ପ୍ରଦାନ କରିବାକୁ ବ୍ୟବସ୍ଥା କରିଛନ୍ତି। ଏହି କ୍ରମରେ ବୁଧବାର ସମ୍ବଲପୁର ଜିଲା ଯୁଯୁମୁରା ତହସିଲ ପକ୍ଷରୁ ତହସିଲଦାର ଅଭିଷେକ ସାହୁ ଲିପିଣ୍ଡା, ଯୁଯୁମୁରା, ଅନ୍ଧାରି ଗ୍ରାମକୁ ଯାଇ ଦାମୋଦର ପ୍ରଧାନ, ରାମ ପ୍ରଧାନ ଓ ଅନ୍ୟମାନଙ୍କୁ ପଟ୍ଟା ପ୍ରଦାନ କରିଥିଲେ। ତହସିଲଦାରଙ୍କ ସହ ଅତିରିକ୍ତ ତହସିଲଦାର ବୀରସେନ୍ ବେହେରା, ଅମିନ ଅମୂଲ୍ୟ ମହାକୁଡ ପ୍ରମୁଖ ଉପସ୍ଥିତ ରହିଥିଲେ।

# ଡିଏଫ୍‌ଓଙ୍କୁ ଆର୍‌ସିସିଏଫ୍‌ଙ୍କ ରିପୋର୍ଟ ତଲବ

**ରୟତି ଜମିରୁ ବେଆଇନ ଗଛକଟା ପ୍ରସଙ୍ଗ**
- ତହସିଲ ଅଫିସ ଉପରେ ଦୋଷ ଲଦିଲେ
- ପୂର୍ବରୁ ଗଛ କାଟିବା ଅନୁମତି ଖାରଜ ହୋଇଥିଲା
- ଟିପି ପର୍‌ମିଟ ଉପରେ ଅସ୍ଥାୟୀ ରୋକ

ସମ୍ବଲପୁର,୨୩।୬ (ବ୍ୟୁରୋ)

ସମ୍ବଲପୁର ବନଖଣ୍ଡରେ ରୟତି ଜମିରୁ ବେଆଇନ ଗଛକଟା ଉପରେ ଜୁନ୍ ୧୫ରେ ଧରିତ୍ରୀ ଓ ଜୁନ୍ ୨୦ରେ ଓଡ଼ିଶା ପୋଷ୍ଟରେ ଖବର ପ୍ରକାଶ ପାଇଥିଲା। ଏହାପରେ ବନବିଭାଗ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଇଛି। ପିସିସିଏଫ୍ କାର୍ଯ୍ୟାଳୟରୁ ଆର୍‌ସିସିଏଫ୍ ସମ୍ବଲପୁର ଚିତ୍ତରଞ୍ଜନ ମିଶ୍ରଙ୍କୁ ଘଟଣାର ଯାଞ୍ଚ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଆର୍‌ସିସିଏଫ୍ ମିଶ୍ର ମଧ ସମ୍ବଲପୁର ବନଖଣ୍ଡ ଡିଏଫ୍‌ଓ ଡ. ସଞ୍ଜିତ କୁମାରଙ୍କୁ ରିପୋର୍ଟ ତଲବ କରିଛନ୍ତି। ହେଲେ ଡିଏଫ୍‌ଓ କୁମାର ସ୍ଥାନୀୟ ତହସିଲ ଅଫିସ ଉପରେ ସବୁ ଦୋଷ ଲଦିଛନ୍ତି। ଆବେଦନ କଲାପରେ ତହସିଲ ରିପୋର୍ଟକୁ ଆଧାର କରି ଗଛ କାଟିବାକୁ ଅନୁମତି ଦିଆଯାଏ ବୋଲି ସଫେଇ ଦେଇଛନ୍ତି। ସମ୍ବଲପୁର ବନଖଣ୍ଡରେ ପୂର୍ବରୁ କାର୍ଯ୍ୟରତ ଡିଏଫ୍‌ଓମାନେ ଏଭଳି ଗଛ କାଟିବା ଆବେଦନକୁ ଖାରଜ କରିଦେଇଥିଲେ। ପ୍ରାୟ ୧୦ବର୍ଷରୁ ଊର୍ଦ୍ଧ୍ୱ ହେବ ଜମି ମାଲିକଙ୍କୁ ଆଳକରି ସମ୍ପୃକ୍ତି



ସମ୍ବଲପୁର ବନଖଣ୍ଡ ଭୋଇପାଲି ଗ୍ରାମରେ କଟାଯାଇଥିବା ଗଛ ଗଣତି କରାଯାଉଛି।

ଥିବା ସନ୍ଦେହରେ କାଠ ମାଫିଆଙ୍କ ଅନୁରୋଧକୁ ବାତିଲ କରାଯାଇଥିଲା। ହେଲେ ଡିଏଫ୍‌ଓ କୁମାରଙ୍କ ଯୋଗଦାନ ପରେ କିଭଳି ଅନୁମତି ଦିଆଗଲା ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏଭଳି ଖାମଖିଆଲି ନୀତି ଯୋଗୁ ଆଜି ପଡିଆବାହଲ, ଧମା, ସଦର, ରେଙ୍ଗାଲି ଓ ଟାଉନ ରେଞ୍ଜ ଅଧୀନରେ ଥିବା ଘଞ୍ଚ ଜଙ୍ଗଲ ପଦା ହେବାକୁ ବସିଛି।

ଅନ୍ୟପଟେ କଟାଇଥିବା ଗଛଗୁଡିକର ବନ ବିଭାଗ ରେଞ୍ଜର ଓ ଅନ୍ୟ କର୍ମଚାରୀ ନମ୍ବର କରିବା ଆରମ୍ଭ କରିଛନ୍ତି। ପ୍ରାୟ ୩ଦିନ ହେଲା ଯୁଯୁମୁରା ଭୋଇପାଲି, ଛାମୁଣ୍ଡା, ମେଘପାଲ ଅଞ୍ଚଳରେ ଜଙ୍ଗଲରୁ ଗଛ କାଟି ଆଣି ଗଣତି କରାଯାଉଛି। ହେଲେ ଗଛ ନେବା ପାଇଁ ଟିପି ପର୍‌ମିଟ କାଟିବା ଉପରେ ଡିଏଫ୍‌ଓ କୁମାର ଅସ୍ଥାୟୀଭାବେ ରୋକ୍ ଲଗାଇଛନ୍ତି। ଜଣେ କାଠ ବ୍ୟବସାୟୀ କହିଛନ୍ତି, ତାଙ୍କ ଗଛ କାଟିବା ପରେ ନମ୍ବର ହୋଇଥିଲା ଓ ମଙ୍ଗଳବାର ଉଠାଇବାର ଥିଲା। ହେଲେ ବନ ବିଭାଗ ପକ୍ଷରୁ ନେବାକୁ ମନା କରିଦିଆଯାଇଛି। ଏଥିରୁ ସ୍ପଷ୍ଟ ହେଉଛି ଯେ ଅନୁମତିଠାରୁ ଅଧିକ ଗଛ କଟାଯାଇ ବିକ୍ରି କରାଯାଉଥିଲା। ନିଜ ନାମ ଗୋପନ ରଖି ଭୋଇପାଲି ଗ୍ରାମର ଜଣେ ଜମି ମାଲିକ କହିଛନ୍ତି, ଗ୍ରାମର ଦୁଇଜଣ ବ୍ୟକ୍ତି ଜଙ୍ଗଲରୁ ଏଭଳି ଗଛ କାଟୁଛନ୍ତି। ଏଥିରେ ସହରର କାଠ ମାଫିଆ ଓ କରତକଳ ମାଲିକଙ୍କ ସମ୍ପୃକ୍ତି ରହୁଛି। ତାଙ୍କର ପ୍ରାୟ ୪ ଏକର ଜମିରୁ ଶତାଧିକ ମୂଲ୍ୟବାନ ଗଛ କାଟି ନେଇଛନ୍ତି। ଟଙ୍କାଟିଏ ମଧ ଦେଇନାହାନ୍ତି କିମ୍ବା ସେ ଅନୁମତି ପାଇଁ ମଧ ଆବେଦନ କରି ନ ଥିଲେ। ଗ୍ରାମର ଦୁଇଜଣ ବ୍ୟକ୍ତିଙ୍କୁ ଏ ନେଇ ପଚାରିଲେ ମାରପିଟ ଧମକ ଦେଉଛନ୍ତି। ମୋ ଭଳି ଅନେକ ଚାଷୀଙ୍କ ଜମିରୁ ଏଭଳି ଗଛ କାଟି ନିଆଯାଇଛି। ଅନେକ ଚାଷୀଙ୍କୁ ଗଛ କାଟି ଚାଷଜମିରେ ପରିଣତ କରିଦେବୁ ବୋଲି ଲୋଭ ଦେଖାଉଛନ୍ତି। ଗ୍ରାମାଞ୍ଚଳରେ ଲୋକମାନଙ୍କୁ ପଚରାଉଚୁରା କଲେ ସତ୍ୟାସତ୍ୟ ସାମନାକୁ ଆସିବ ବୋଲି କହିଥିଲେ। ଏ ସମ୍ପର୍କରେ ଆର୍‌ସିସିଏଫ୍ ମିଶ୍ର କହିଛନ୍ତି, ଘଟଣାକୁ ନେଇ ଡିଏଫ୍‌ଓଙ୍କୁ ରିପୋର୍ଟ ତଲବ କରାଯାଇଛି। ରିପୋର୍ଟ ମିଳିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଶାଳ ଗଛ କାଟିବା ପାଇଁ ଅନୁମତି ଦେବା ଗ୍ରହଣୀୟ ନୁହେଁ। ଭୟ ନ କରି ଜମି ମାଲିକ କିମ୍ବା ଗ୍ରାମବାସୀ ଏ ନେଇ ଲିଖିତ ଅଭିଯୋଗ କରନ୍ତୁ। ନିଶ୍ଚିତ ଭାବେ ଦୋଷୀ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

### ଇନ୍‌ଡୋର ଷ୍ଟାଡିୟମ ପାଇଁ ଜିଲାପାଳଙ୍କ ସ୍ଥାନ ପରିଦର୍ଶନ

ରେଢାଖୋଲ,୨୩।୬(ଡି.ଏନ.ଏ.)

ରେଢାଖୋଲ ସହରରେ ଇନ୍‌ଡୋର ଷ୍ଟାଡିୟମ ନିର୍ମାଣ ପାଇଁ ରାଜ୍ୟ ସରକାରଙ୍କ ନିଷ୍ପତ୍ତି ପରେ ବୁଧବାର ସମ୍ବଲପୁର ଜିଲାପାଳ ଶୁଭମ୍ ସକ୍ସେନା ଗସ୍ତରେ ଆସି ବିଭିନ୍ନ ସ୍ଥାନ ପରିଦର୍ଶନ କରି ଜମି ଚିହ୍ନଟ କରିବାକୁ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଗତ ସୋମବାର ୫ଟି ସଚିବ ଭିକେ ପାଣ୍ଡିଆନ ଭିଡିଓ କନଫରେନ୍ସି ଯୋଗେ ରେଢଖୋଲ ବିଧାୟକ ରୋହିତ ପୂଜାରୀ,ଜିଲାପରିଷଦ ସଭ୍ୟ ପ୍ରଦୀପ ପ୍ରଧାନ, ଏନ୍‌ଏସିର ପୂର୍ବତନ ଉପାଧ୍ୟକ୍ଷ ସୁନୀଲ ପ୍ରଧାନଙ୍କ ସହ ଆଲୋଚନା ପରେ ରେଢାଖୋଲରେ ଇନ୍‌ଡୋର ଷ୍ଟାଡିୟମ ନିର୍ମାଣ କରାଯିବାକୁ ସ୍ଥିର କରିଥିଲେ। ଜିଲାପାଳ ଚାରମାଳଠାରେ ନିର୍ମିତ ଗ୍ରାମୀଣ ପାର୍କ କଲ୍ୟାଣ ମଣ୍ଡପ, ବଂଶାଜାଲସ୍ଥିତ ଅଳସୁଆବାବା ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରି ଉନ୍ନୟନ କାମ ତଦାରଖ କରିଥିଲେ। ଜିଲାପାଳଙ୍କ ସହ ଉପଜିଲାପାଳ ପରିକ୍ଷିତ ସାହୁ, ତହସିଲଦାର ବ୍ରେସିଅସ ଡୁଙ୍ଗଡୁଙ୍ଗ, ଏନ୍‌ଏଚ୍ ଅଧୀକ୍ଷଣ ଯନ୍ତ୍ରୀ ବିନୋଦ ବିହାରୀ ଦାସ, ଜିଲା କ୍ରୀଡା ଅଧିକାରୀ ଆଶୁତୋଷ ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

## ଘର ଭାଙ୍ଗିଲା ଦନ୍ତାହାତୀ, ବର୍ତ୍ତିଲା ପରିବାର

କିର୍ମିରା,୨୩।୬ (ଡି.ଏନ.ଏ.)

ଝାରସୁଗୁଡ଼ା ଜିଲା କିର୍ମିରା ବ୍ଲକ ସୁଲାହି ପଞ୍ଚାୟତ କଣ୍ଟାପାଲି ଗ୍ରାମରେ ମଙ୍ଗଳବାର ରାତିରେ ଏକ ଦନ୍ତାହାତୀ ପଶି ଜଣଙ୍କ ଘର ଭାଙ୍ଗିଦେଇଛି। ସୂଚନା ଅନୁଯାୟୀ ଗ୍ରାମର ଶ୍ରୀକାନ୍ତ ନାଏକ ସ୍ତ୍ରୀ ଓ ଦୁଇ ପିଲାଙ୍କ ସହ ରାତିରେ ଖାଇପିଇ ଘରେ ଶୋଇଥିଲେ। ରାତ୍ର ପ୍ରାୟ ୩ଟା ସମୟରେ ଏକ ଦନ୍ତାହାତୀ ଆସି ଆଜବେଷ୍ଟସ୍ ଘର ଭାଙ୍ଗିଦେଇଥିଲା। ପରିବାର ଲୋକେ ଏହା ଜାଣିପାରି କୌଶଳକ୍ରମେ ଦୌଡି ପଳାଇଥିଲେ। ବୁଧବାର ଏ ସମ୍ପର୍କରେ ଖବର ପାଇ ସ୍ଥାନୀୟ ସରପଞ୍ଚ ସୁମିତ୍ରା ଛତ୍ରିଆ ଗ୍ରାମରେ ପହଞ୍ଚି ଶ୍ରୀକାନ୍ତଙ୍କ ପରିବାରକୁ ଏକ ହଜାର ଟଙ୍କା ଆର୍ଥିକ ସହାୟତା ଦେବା ସହ ମହିଳା ମିଶନ ଶକ୍ତି ଆନୁକୂଲ୍ୟରେ





ହୋଇଥିବା ସେବା ଗୃହରେ ରହିବା ବ୍ୟବସ୍ଥା କରିଥିଲେ। ରାଜସ୍ୱ ନିରୀକ୍ଷକ ଘଟଣାସ୍ଥଳ ପରିଦର୍ଶନ କରିବା ସହ ଘର ମରାମତି ପାଇଁ ପ୍ରତିଶ୍ରୁତି ଦେଇଥିଲେ।

### ଜୁଆ ଆଡ୍ଡାରେ ଚଢାଉ: ଟଙ୍କା ଜବତ, ଜଣେ ଗିରଫ

ଝାରସୁଗୁଡ଼ା ଅଫିସ,୨୩।୬

ଲଖନପୁର ଥାନା ଭଅଁରଖୋଲ ଗ୍ରାମ ନିକଟ ଜଙ୍ଗଲରେ ଚାଲିଥିବା ଏକ ଜୁଆଆଡ୍ଡା ଉପରେ ଚଢାଉକରି ପୋଲିସ ୭୮ହଜାର ୨୯୦ଟଙ୍କା, ନମ୍ବରବିହୀନ ବାଇକ୍ ଜବତ କରିଛି। ଏଥିରେ ରେଙ୍ଗାଲି ଥାନା ପଞ୍ଚଗାଁର ପ୍ରସନ୍ନ ପ୍ରଧାନ(୫୬)ଙ୍କୁ ପୋଲିସ ଗିରଫ କରିଛି। ସମ୍ପୃକ୍ତ ଅନ୍ୟ ୫ଜଣ ଫେରାର୍ ହୋଇଯାଇଛନ୍ତି। ଖୁବ୍‌ଶୀଘ୍ର ସେମାନଙ୍କୁ ଗିରଫ କରାଯିବ ବୋଲି ଆଇଆଇସି ଦୁଃଖୀନ୍ଦ୍ର ସାହୁ କହିଛନ୍ତି। ଏ ନେଇ ଥାନାରେ ମାମଲା (ନଂ୧୧୪/୨୧) ରୁଜୁ ହୋଇଛି।

## ୨୮ରେ ଏମ୍‌ସିଏଲ୍ ବିସ୍ଥାପିତ ଗ୍ରାମବାସୀଙ୍କ ଅନଶନ





ବୈଠକରେ ଉପସ୍ଥିତ ଥିବା ସଂଗ୍ରାମ ସମିତି କର୍ମକର୍ତ୍ତା ଓ ଗ୍ରାମବାସୀ

ଝାରସୁଗୁଡ଼ା ଅଫିସ,୨୩।୬

ମହାନଦୀ କୋଲ୍‌ଫିଲ୍ଡ ଲିମିଟେଡ୍ (ଏମ୍‌ସିଏଲ୍) ଲଖନପୁର କ୍ଷେତ୍ରାଧୀନ ବେଲପାହାଡ ଖୋଲାମୁହାଁ କୋଇଲାଖଣି ଦ୍ୱାରା ବିସ୍ଥାପିତ ଦର୍ଲିପାଲି ଗ୍ରାମବାସୀ ବିଭିନ୍ନ ଦାବିନେଇ ଆସନ୍ତା ୨୮ ତାରିଖରୁ ମହାପ୍ରବନ୍ଧକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନ କରିବେ। ଏ ନେଇ ଗ୍ରାମବାସୀ ଜିଲାପାଳ, ଉପଜିଲାପାଳ, ଏସ୍‌ପି, ଏମ୍‌ସିଏଲ୍ ସିଏମ୍‌ଡି, ଏମ୍‌ସିଏଲ୍ ଜିଏମ୍, ରାଜସ୍ୱ କମିଶନର, ଏମ୍‌ପି, ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଦର୍ଲିପାଲି ଗ୍ରାମରେ ବୁଧବାର ଲଖନପୁର କୋଇଲାଖଣି ବିସ୍ଥାପିତ ସଂଗ୍ରାମ ସମିତି ସଭାପତି ବିରଞ୍ଚି ସାହୁଙ୍କ ଅଧ୍ୟକ୍ଷତାରେ ବୈଠକ କରାଯାଇ ଏହାକୁ କିଭଳି ସଫଳ କରାଯିବ ଆଲୋଚନା ହୋଇଥିଲା। ଏଥିରେ ସଂଗ୍ରାମ ସମିତି ସଭାପତି ସାହୁ, ଗୋପୀନାଥ ମାଝି, ସରୋଜ ଛଞ୍ଚାଣ, ଲୋକନାଥ ବୁଢ଼ିଆ, ତ୍ରିନାଥ ସାହୁ,ବିଜୟ ସା ପ୍ରମୁଖ ଉପସ୍ଥିତ ଥିଲେ।

## ଦେବଗଡ଼ ପୌର ପରିଷଦ ପକ୍ଷରୁ ଅବରୋଧ ଉଚ୍ଛେଦ

ଦେବଗଡ଼,୨୩।୬(ଡି.ଏନ.ଏ)

ଦେବଗଡ ପୌର ପରିଷଦ ପକ୍ଷରୁ ବୁଧବାର ଦେବଗଡ ମୁଖ୍ୟ ବଜାର ଓ ଆଖପାଖ ଅଞ୍ଚଳରେ ଚଢଉ କରାଯାଇ ଦୋକାନୀଙ୍କ ଦ୍ୱାରା କରାଯାଇଥିବା ବେଆଇନ ଅବରୋଧକୁ ଉଚ୍ଛେଦ କରାଯାଇଛି। ସେହିପରି ଦୀର୍ଘବର୍ଷ ଧରି ମାର୍କେଟରେ ଦୋକାନ ଖୋଲି ବ୍ୟବସାୟ ଚଳାଇଥିବା କେତେକ ଦୋକାନୀକୁ ସେଠାରୁ ଉଠିଯିବା ପାଇଁ ଚେତାବନୀ ଦିଆଯିବା ସହ ଏଥି ନିମନ୍ତେ ଗୋଟିଏ ଦିନ ମହଲତ ଦିଆଯାଇଥିବା ଜଣାପଡିଛି। ଦେବଗଡ ପୌର ପରିଷଦର ପ୍ରଶାସକ ତଥା ଜିଲାପାଳ ସୁଧାଂଶୁ ମୋହନ ସାମଲଙ୍କ ନିର୍ଦ୍ଦେଶ କ୍ରମେ ଦେବଗଡ ପୌରପରିଷଦର ନିର୍ବାହୀ ଅଧିକାରୀ ଅତସୀ ପରିଡା, ପୌରପରିଷଦ ସହକାରୀ ଯନ୍ତ୍ରୀ ଇଂ.ସରସ୍ୱତୀ ମହାନନ୍ଦ, ବିଭାଗୀୟ କର୍ମଚାରୀ ଓ ପୋଲିସ ଫୋର୍ସ ସହ ଦେବଗଡ ସହର ମୁଖ୍ୟ ବଜାରରେ ବ୍ୟବସାୟୀମାନଙ୍କ ଦ୍ୱାରା ହୋଇଥିବା ଅବରୋଧକୁ ଉଚ୍ଛେଦ କରିଥିଲେ। ତେବେ କେତେକ ଛୋଟ ବ୍ୟବସାୟୀଙ୍କୁ ବିନା



ଦେବଗଡ ପୌର ପରିଷଦ ପକ୍ଷରୁ ବେଆଇନ ଅବରୋଧକୁ ଉଚ୍ଛେଦ କରାଯାଉଛି।

**କରୋନା କାଳରେ ଉଚ୍ଛେଦ ନ କରିବାକୁ ବ୍ୟବସାୟୀଙ୍କ ଦାବି**

ନୋଟିସରେ ଅନ୍ୟତ୍ର ଉଠିଯିବାକୁ ପୌର କର୍ତ୍ତୃପକ୍ଷ ବାଧ କରିବାରୁ ସେମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ଅନ୍ୟ ପକ୍ଷରେ ସମଗ୍ର ଦେବଗଡ ଜିଲା ବିକାଶ ମଞ୍ଚ ପକ୍ଷରୁ ଏହି ଉଚ୍ଛେଦକୁ ବେଆଇନ ଦର୍ଶାଯିବା ସହ କରୋନା କାଳରେ ଦୋକାନୀମାନଙ୍କୁ ତରବରିଆ ଭାବେ ଉଠା ନ ଯାଇ ପ୍ରଥମେ ଥଇଥାନ କରାଯିବାକୁ ଦାବି କରାଯାଇଛି। ସମଗ୍ର ଦେବଗଡ ଜିଲା ବିକାଶ ମଞ୍ଚର ଆବାହକ ସୁଧିର କୁମାର ବ୍ରହ୍ମାଙ୍କ ନେତୃତ୍ୱରେ ବ୍ୟବସାୟୀ ସରୋଜ କୁମାର ବେହେରା, ଚଗଲା ପୃଷ୍ଟି, ଆଶୁତୋଷ ମୋଦୀ, ଲୋକେଶ ଦାଶ ଓ ଟିହିଁକୁ ସାହୁ ପ୍ରମୁଖ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଇ ତାଙ୍କୁ ସାକ୍ଷାତ କରି ଆଲୋଚନା କରିବା ସହ ଏ ମର୍ମରେ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ।

### ଶିକ୍ଷାବିତ ହରପ୍ରସାଦ ନନ୍ଦଙ୍କ ପରଲୋକ

ଦେବଗଡ,୨୩।୬(ଡି.ଏନ.ଏ)

ଜିଲାର ଜଣାଶୁଣା ଶିକ୍ଷାବିତ ହର ପ୍ରସାଦ ନନ୍ଦ(୮୨)ଙ୍କ ପରଲୋକ ଘଟିଛି। ସୋମବାର ରାତିରେ ଦେବଗଡ ପୌରାଞ୍ଚଳର ଗୁରୁସାହି ସ୍ଥିତ ବାସଭବନରେ ସେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି। ସ୍ୱର୍ଗତଃ ନନ୍ଦ ତାଙ୍କର ଜୀବନ କାଳରେ ଦେବଗଡ ସ୍ଥିତ ରାଜା ବାସୁଦେବ ହାଇସ୍କୁଲ ଓ ସରକାରୀ ବାଳିକା ହାଇସ୍କୁଲ ସମେତ ଅବିଭକ୍ତ ସମ୍ବଲପୁର ଜିଲାର ବିଭିନ୍ନ ବିଦ୍ୟାଳୟରେ ଶିକ୍ଷକତା କରିଥିଲେ। ବିଭିନ୍ନ ଶିକ୍ଷାନୁଷ୍ଠାନ, ସାମାଜିକ ଅନୁଷ୍ଠାନ ଓ ମନ୍ଦିର କମିଟିର ସଭାପତି ଭାବେ ମଧ ବେଶ ଦକ୍ଷତାର ସହ କାର୍ଯ୍ୟ କରିଥିଲେ। ତାଙ୍କର ବିୟୋଗ ଖବର ପ୍ରଚାରିତ ହେବାପରେ ବହୁ ବ୍ୟକ୍ତି ଅନ୍ତିମ ଦର୍ଶନ କରିଥିଲେ। ମଙ୍ଗଳବାର ସକାଳେ ପ୍ରଧାନପାଟ ସ୍ଥିତ ସ୍ୱର୍ଗଦ୍ୱାରରେ ତାଙ୍କର ଅନ୍ତିମ ସତ୍କାର କରଯାଇଥିଲା। ବଡପୁଅ ରାଜେନ୍ଦ୍ର ନନ୍ଦ ମୁଖାଗ୍ନି ଦେଇଥିଲେ।

## ଡାଲମିଆ ମହାବିଦ୍ୟାଳୟର ସମସ୍ୟା ନେଇ ଆଲୋଚନା

କୁତ୍ରା, ୨୩।୬ (ଡି.ଏନ.ଏ)

ସୁନ୍ଦରଗଡ ଜିଲା କୁତ୍ରା ବ୍ଲକ ଅନ୍ତର୍ଗତ ଝାରବେଡା ଠାରେ ଅବସ୍ଥିତ ଡାଲମିଆ ମହାବିଦ୍ୟାଳୟର ପରିଚାଳନା କମିଟିର ସଭାପତି ଉପଜିଲାପାଳ ଅଭିମନ୍ୟୁ ବେହେରାଙ୍କ ଅଧକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହାବିଦ୍ୟାଳୟର ଅଧକ୍ଷା ଡ.ହିରନ ଲୁଗୁନ, ରାଜଗାଙ୍ଗପୁର ବିଧାୟକ ଡ. ରାଜେନ ଏକ୍କା, ଅଧାପକ ମିନକେତନ ବେହେରାଙ୍କ ସମେତ ସମସ୍ତ ଅଧାପକ ଅଧାପିକା ଉପସ୍ଥିତ ରହି ମହାବିଦ୍ୟାଳୟର ବିଭିନ୍ନ ସମସ୍ୟା ଓ ତାର ସମାଧାନ ନିମନ୍ତେ ଉପଜିଲାପାଳ ଓ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହି ମହାବିଦ୍ୟାଳୟ ବହୁ ପୁରାତନ ହୋଇଥିଲେ ହେଁ ତାର ଭିତ୍ତିଭୂମିର ଆଶାନୁରୂପ ବିକାଶ ହୋଇ ପାରିନାହିଁ। ଉନ୍ନତ ମାନର ଲାଇବ୍ରେରୀ, ବିଜ୍ଞାନଗାର, ଖେଳ ପଡିଆ, ପାନୀୟଜଳ ବ୍ୟବସ୍ଥା, ଛାତ୍ରୀ ନିବାସର



ଡାଲମିଆ ମହାବିଦ୍ୟାଳୟର ପରିଚାଳନା କମିଟି ବୈଠକ।

**ପରିଚାଳନା କମିଟି ବୈଠକରେ ଉପଜିଲାପାଳ ଓ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କଲେ ଅଧ୍ୟାପିକା ଅଧ୍ୟାପକ**

ପାଚେରୀ ନିର୍ମାଣ ପ୍ରଭୃତି ସମସ୍ୟାଗୁଡିକ ଦୂର କରିବା ପାଇଁ ପଦକ୍ଷେପ ନେବାକୁ ଅଧାପକ ଅଧାପିକାମାନେ ଦୃଷ୍ଟି ଆକର୍ଷଣ କରିଥିଲେ। ମହାବିଦ୍ୟାଳୟର ସାମଗ୍ରିକ ବିକାଶ ପାଇଁ କିପରି ଅନୁଦାନ ରାଶି ଆସି ପାରିବ ସେ ଦିଗରେ ଦୃଷ୍ଟି ଆକର୍ଷଣ କରିଥିଲେ । ଡାଲମିଆ ମହାବିଦ୍ୟାଳୟ କୁତ୍ରା ଓ ରାଜଗାଙ୍ଗପୁର ଅଞ୍ଚଳର ସର୍ବ ପୁରାତନ ମହାବିଦ୍ୟାଳୟ ହୋଇଥିଲେ ହେଁ ମହାବିଦ୍ୟାଳୟର ଯେଉଁଭଳି ବିକାଶ ହେବାକଥା ସେଭଳି ବିକାଶ ହୋଇପାରିନାହିଁ।

### ବାଇକରୁ ଖସିପଡ଼ି ଯୁବକ ଗୁରୁତର

**ଦେବଗଡ,୨୩।୬(ଡି.ଏନ.ଏ):** ବାରକୋଟ ଥାନା କଲା ଗ୍ରାମ ନିକଟସ୍ଥ ୪୯ ନଂ ଜାତୀୟ ରାଜପଥରେ ଜଣେ ବାଇକ ଆରୋହୀ ରାସ୍ତା ଉପରକୁ ଛିଟିକି ପଡି ଗୁରୁତର ଆହତ ହୋଇଛନ୍ତି। କଲା ଗ୍ରାମରୁ ବିହନ ଧାନ ସଂଗ୍ରହ କରି ବାଇକ ନଂ. ଓଆର-୧୫-ବି-୯୫୪୮ ଯୋଗେ ବାହାଡାପୋଶି ଗ୍ରାମ ଆଡକୁ ଆସୁଥିଲେ। ମାତ୍ର କୌଣସି କାରଣରୁ ଗଙ୍ଗାପୋଲ ନିକଟରେ ଭାରସାମ୍ୟ ହରାଇଥିଲେ।

### ହାତୀ ପାଚେରି ଭାଙ୍ଗିଲା

**ବଡ଼ଗାଁ,୨୩।୬ (ଡି.ଏନ.ଏ):** ସୁନ୍ଦରଗଡ଼ ଜିଲା ବଡ଼ଗାଁ ଅଞ୍ଚଳରେ ଗତ ସପ୍ତାହରୁ ହାତୀ ଉପଦ୍ରବ ଆରମ୍ଭ କରିଛି। ସୁନାପଡାରେ କିଛି ଦିନ ପୂର୍ବେ ଘର ଭାଙ୍ଗିଥିଲାବେଳେ ମଙ୍ଗଳବାର ରାତି ୧୦ଟାରେ ସାଲେପାଲି ଗ୍ରାମର ଶରତ ସାଙ୍କ ପାଚେରୀ ଭାଙ୍ଗିଦେବା ସହିତ ମୁନୁ ସାହୁ ଓ ପ୍ରତାପ ସାହୁଙ୍କ ବାଡିରେ ମାଡିଦଳି ଚାଷ ନଷ୍ଟ କରିଦେଇଛନ୍ତି । ଅଞ୍ଚଳରେ ଏକାକି ଥିବା ଦନ୍ତା ହାତୀ ଅଧିକ ଉପଦ୍ରବ କରୁଥିବା ଗ୍ରାମବାସୀ କହିଛନ୍ତି।

## ସାନଭାଇ ମୃତ, ବଡ଼ ଆହତ

କୁଆଁରମୁଣ୍ଡା, ୨୩।୬(ଡି.ଏନ.ଏ.)

**ବାଇକ୍‌କୁ ଧକ୍କା ଦେଲା ଡମ୍ପର**

ସୁନ୍ଦରଗଡ଼ ଜିଲା ବୀରମିତ୍ରପୁର ଥାନା ଅନ୍ତର୍ଗତ ୧୪୩ ନମ୍ବର ଜାତୀୟ ରାଜପଥର ବିଜାବାହାଲ ଛକରେ ବୁଧବାର ମଧ୍ୟାହ୍ନରେ ସଡ଼କ ଦୁର୍ଘଟଣା ଘଟିଛି। ଏଥିରେ ସାନଭାଇ ମୃତ୍ୟୁବରଣ କରିଥିବାବେଳେ ବଡ଼ଭାଇ ଆହତ ହୋଇଛନ୍ତି। ଏକ ବୋଲ୍ଡର ବୋଝେଇ ଡମ୍ପର ବୀରମିତ୍ରପୁର ପାର୍ଶ୍ୱରୁ କୁଆଁରମୁଣ୍ଡା ପଟକୁ ଦ୍ରୁତ ବେଗରେ ଯାଉଥିଲା ବେଳେ ସମଦିଗରେ ଏକ ବାଇକରେ ୨ଭାଇ ଯାଉଥିଲେ। ହେଲେ ବିଜାବାହାଲ ଛକ ନିକଟରେ ଡମ୍ପର ଭାରସାମ୍ୟ ହରାଇ ବାଇକକୁ ଧକ୍କା ଦେବାରୁ ବାଇକ୍ ଚାଳକ ବଡ଼ ଭାଇ ମିଥିଳେଶ ରାଏ(୨୧) ଆହତ ହୋଇଥିଲେ। ପଛରେ ବସିଥିବା ସାନଭାଇ ରୋହିତ ରାଏ(୧୮)ଙ୍କ ଅବସ୍ଥା ସଙ୍କଟାପନ୍ନ ହୋଇଯାଇଥିଲା। ଖବର ପାଇ ବୀରମିତ୍ରପୁର ଆଇଆଇସି ସୁଚିସ୍ମିତା ଦାଶଙ୍କ ନିର୍ଦ୍ଦେଶକ୍ରମେ ଏସ୍‌ଆଇ ଦିପ୍ତିରଞ୍ଜନ ସାହୁ ଓ ଏକ ପୋଲିସ ଟିମ୍ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ସଙ୍କଟାପନ୍ନ ଥିବା ରୋହିତଙ୍କୁ ଚିକିତ୍ସା ନିମନ୍ତେ ରାଉରକେଲା ସରକାରୀ ଡାକ୍ତରଖାନାକୁ ପଠାଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ବୋଲି ଘୋଷଣା କରିଛନ୍ତି। ଦୁର୍ଘଟଣା ଘଟାଇଲା ପରେ ଡମ୍ପର ଚାଳକ ଓ ଖଲାସୀ ଘଟଣାସ୍ଥଳରୁ ଫେରାର୍ ହୋଇଯାଇଥିବା ପୋଲିସ କହିଛି। ଏ ନେଇ ବୀରମିତ୍ରପୁର ଥାନାରେ ଏକ ମାମଲା ରୁଜୁ କରାଯିବା ସହ ମୃତ ରୋହିତଙ୍କର ଶବ ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ଦୁର୍ଘଟଣା ଘଟାଇଥିବା ଡମ୍ପର ନଂ. ଓଆର୧୪କ୍ୟୁ ୩୯୯୧ ହୋଇଥିବା ବେଳେ ବାଇକ୍ ନମ୍ବର ହେଉଛି ଓଡି ୧୪ଭି ୬୯୧୫। ମୃତ ରୋହିତ ହେଉଛନ୍ତି ବୀରମିତ୍ରପୁର ସଣ୍ଡେ ମାର୍କେଟ ଅଞ୍ଚଳର ବାସିନ୍ଦା। ଏହି ଖବର ପ୍ରଚାରିତ ହୋଇଯିବା ପରେ ବୀରମିତ୍ରପୁରରେ ଶୋକର ଛାୟା ଖେଳିଯାଇଛି।

## ରାଜ୍ୟରାଣୀ ଏକ୍ସପ୍ରେସ୍ ରହଣି ନ ହେଲେ ଆନ୍ଦୋଳନ

ରାଜଗାଙ୍ଗପୁର,୨୩।୬ (ଡି.ଏନ.ଏ)

ରାଜ୍ୟରାଣୀ ଏକ୍ସପ୍ରେସ୍ କାଂଶବାହାଲରେ ରହଣୀ ପାଇଁ ଦାବି ହୋଇଛି। ଆସନ୍ତା ୨୭ରୁ ରାଜ୍ୟରାଣୀ ଏକ୍ସପ୍ରେସ ରାଉରକେଲାରୁ ଗୁଣୁପୁର ଚାଲିବା ପାଇଁ ଦକ୍ଷିଣପୂର୍ବ ରେଳ ବିଭାଗର ଘୋଷଣା କରିଛି। ହେଲେ ଏହି ଟ୍ରେନର ରହଣୀ କାଂଶବାହାଲଠାରେ ନଥିବାରୁ ରାଜଗାଙ୍ଗପୁର ଥାନା ଅନ୍ତର୍ଗତ କାଂଶବାହାଲ ଅଞ୍ଚଳରେ ବସବାସ କରୁଥିବା ସାଧାରଣ ଜନତାଙ୍କ ମଧ୍ୟରେ ଘୋର ଅସନ୍ତୋଷ ପ୍ରକାଶ ପାଇଛି। ବୁଧବାର କାଂଶବାହାଲ ଚୁଙ୍ଗିମାଟି ଜଗନ୍ନାଥ ମନ୍ଦିରରେ ଅଞ୍ଚଳର ବାସିନ୍ଦାମାନେ ଏକଜୁଟ ହୋଇ ଏହି ସମ୍ବନ୍ଧରେ ଏକ ବୈଠକ କରିଥିଲେ। ଏହି ବୈଠକରେ ରେଳ ବିଭାଗର ଏହି ଘୋଷଣାକୁ ଏକ ଭୁଲ ନିଷ୍ପତ୍ତି ବୋଲି ବିବେଚନା କରିଛନ୍ତି ଓ ଏହି ସନ୍ଦର୍ଭରେ ରେଳ ବିଭାଗକୁ ଓ ସ୍ଥାନୀୟ ପ୍ରଶାସନ ତଥା ଜିଲା ପ୍ରଶାସନକୁ ଲିଖିତ ଭାବେ



ରାଜ୍ୟରାଣୀ ଏକ୍ସପ୍ରେସ୍ ରହଣି ଦାବିରେ ଅଞ୍ଚଳର ଜନସାଧାରଣଙ୍କ ବୈଠକ।

ଜଣାଇବା ପାଇଁ ନିଷ୍ପତ୍ତି ହୋଇଛି। ଯଦି କାଂଶବାହାଲଠାରେ ରାଜ୍ୟରାଣୀ ଏକ୍ସପ୍ରେସର ରହଣୀ ନ ହୁଏ ତେବେ ଆଗାମୀ ଦିନରେ କାଂଶବାହାଲବାସୀ ରେଳରୋକୋ କରିବା ପାଇଁ ବାଧ ହେବେ ବୋଲି ନିଷ୍ପତ୍ତି ହୋଇଛି। ବୈଠକରେ ଜିତୁ ଦାସ, ନବୀନ ଛୋଟରାୟ, ମଲକିତ୍ ସିଂ, ଜୟପ୍ରକାଶ ସାହୁ, ତରୁଣ ଦାସ, ସୁଦାମ ନନ୍ଦ, ମହମ୍ମଦ ସାହାବୁଦ୍ଦିନ ଓ ବହୁ ଅନ୍ୟମାନେ ଥିଲେ। ସୂଚନାଯୋଗ୍ୟ ଯେ, ରାଜ୍ୟରାଣୀ ଏକ୍ସପ୍ରେସର ରହଣୀ ପୂର୍ବରୁ କାଂଶବାହାଲଠାରେ ଥିଲା।

## ୯.୬% ରହିବ ଜିଡିପି: ମୁଡିସ୍

କୋଭିଡ୍ ମହାମାରୀର ୨ୟ ଲହର ଯୋଗୁ ଭାରତର ଅଭିବୃଦ୍ଧି ପ୍ରଭାବିତ ହେବ ବୋଲି ମୁଡିଜି ଇନ୍‌ଭେଷ୍ଟର୍ସ ସର୍ଭିସ ଅନୁମାନ କରିଛି। ଏ ସମ୍ପର୍କରେ ସଂସ୍ଥା ବୁଧବାର 'ମାଇକ୍ରୋ ଇକୋନୋମିକ୍ସ-ଇଣ୍ଡିଆ' ନାମରେ ଏକ ରିପୋର୍ଟ ପ୍ରକାଶ କରିଛି। ଏଥିରେ ଉଲ୍ଲେଖ କରାଯାଇଛି, ୨୦୨୧ କ୍ୟାଲେଣ୍ଡର ବର୍ଷରେ ଭାରତୀୟ ଅର୍ଥବ୍ୟବସ୍ଥାର ଅଭିବୃଦ୍ଧି ହାର ପ୍ରାୟ ୯.୬%କୁ ଖସିବ। ଭାରତର ଜିଡିପି ଏହି ଅବଧିରେ ୧୩.୯% ପର୍ଯ୍ୟନ୍ତ ବଢ଼ିବ ବୋଲି ମୁଡିସ୍ ପୂର୍ବରୁ ଆକଳନ କରିଥିଲା।

# ଏମ୍ଏସ୍ଏମ୍ଇକୁ କଞ୍ଚାମାଲ ଚିନ୍ତା

## ପ୍ରଧାନମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଲା ଏଆଇସିଏ

ନୂଆଦିଲ୍ଲୀ,୨୩।୬

ଅଣୁ,କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗଗୁଡ଼ିକ ବର୍ତ୍ତମାନ କଞ୍ଚାମାଲ ମୂଲ୍ୟ ବୃଦ୍ଧି ଯୋଗୁ ସମସ୍ୟା ସାମ୍ନା କରୁଛନ୍ତି। ଏହାକୁ ଧ୍ୟାନରେ ରଖି ଅଲ ଇଣ୍ଡିଆ କାଉନସିଲ ଅଫ୍ ଆସୋସିଏଶନ ଅଫ୍ ଏମ୍ଏସ୍ଏମ୍ଇ (ଏଆଇସିଏ) ବୁଧବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ହସ୍ତକ୍ଷେପ ଲୋଡ଼ିଛି। ଇସ୍ପାତ, ଲୁହାପଥର, ତମ୍ବା, ପ୍ଲାଷ୍ଟିକ ଏବଂ ପେପର ଭଳି ଅନ୍ୟ କଞ୍ଚାମାଲ ଦର ବଢ଼ିବା ଯୋଗୁ କ୍ଷୁଦ୍ର ଶିଳ୍ପର ଚିନ୍ତା ବଢ଼ିଛି। ସମସ୍ୟା ସମାଧାନ ଲାଗି କେନ୍ଦ୍ର ସରକାର କିଛି ପଦକ୍ଷେପ ଗ୍ରହଣ କରନ୍ତୁ ବୋଲି ସାରା ଦେଶରେ ରହିଥିବା ପ୍ରାୟ ୧୭୦ କ୍ଷୁଦ୍ରଶିଳ୍ପର ମିଳିତ ସଙ୍ଗଠନ ପକ୍ଷରୁ ସରକାରଙ୍କୁ ନିବେଦନ କରାଯାଇଛି। ବର୍ତ୍ତମାନ କରୋନା ଯୋଗୁ ବଜାର ପ୍ରଭାବିତ ହୋଇ ରହିଛି। ଏମ୍ଏସ୍ଏମ୍ଇ ମଧ୍ୟ ମହାମାରୀ ସହ ଲଢ଼ି ନିଜର ସ୍ଥିତି ବଜାୟ ରଖିବାକୁ ସଂଗ୍ରାମ କରୁଛନ୍ତି।

ପ୍ରଧାନମନ୍ତ୍ରୀଙ୍କୁ ଏକ ପ୍ରତିନିଧି ମଣ୍ଡଳୀ ଜରିଆରେ ସଂଘ ନିବେଦନରେ କହିଛି, ମହାମାରୀ କାରଣରୁ ପରିଚାଳନା ପୁଞ୍ଜି ଅଭାବ ଦେଖାଯାଇଛି। କ୍ଷୁଦ୍ର ଶିଳ୍ପ ବର୍ତ୍ତମାନ ଏକ ବଡ଼ ଆହ୍ୱାନ ଦେଇ ଗତି କରୁଛି। ଏହି ସମୟରେ ବିଭିନ୍ନ କଞ୍ଚାମାଲ ଦର ବଢ଼ିବା କାରଣରୁ ସବୁ କିଛିକୁ ସମ୍ଭାଳିବା କଷ୍ଟକର ହୋଇ ପଡ଼ିଛି। ଆଗକୁ ହୁଏତ ଦର ବୃଦ୍ଧି ସ୍ଥିତିରେ କିଛିଟା ସୁଧାର ଆସିପାରେ। ମାତ୍ର ଏହା ଏମ୍ଏସ୍ଏମ୍ଇ ଶିଳ୍ପକୁ ଅନେକ କ୍ଷତି ପହଞ୍ଚାଇବ। ବର୍ତ୍ତମାନ ବଜାରରେ ଚାହିଦା ଖସିଥିବା ବେଳେ କଞ୍ଚାମାଲ ଦର ବୃଦ୍ଧି ହେବାକୁ କ୍ଷୁଦ୍ର ଶିଳ୍ପ ନାହିଁ ନ ଥିବା ସମସ୍ୟା ସାମ୍ନା କରୁଥିବା ସଂଘ ପକ୍ଷରୁ କୁହାଯାଇଛି। ସଂଘର ସୂଚନା ମୁତାବକ, ଷ୍ଟିଲ୍ ଏବଂ ଅନ୍ୟ ବେସ୍ ମ୍ୟାଟେରିଆଲ ମାନୁଫାକ୍ଚରମାନେ ୧୦ରୁ ୨୦% ଅଧିକ ଲାଭ ହାସଲ କରୁଥିବା ବେଳେ ଏମ୍ଏସ୍ଏମ୍ଇ ବନ୍ଦ ହେବା ସ୍ଥିତିକୁ ଆସିଲେଣି।

ସମସ୍ୟା ସମାଧାନ ଲାଗି ସଂଘ ପକ୍ଷରୁ ୮ ସୂତ୍ରୀ ପଦକ୍ଷେପ ପ୍ରସ୍ତାବ ରହିଛି। ଏହା ମଧ୍ୟରେ ନିର୍ଦ୍ଦିଷ୍ଟ ସମୟରେ ମୂଲ୍ୟ ବୃଦ୍ଧିରୁ ସୁରକ୍ଷା, ରାଷ୍ଟ୍ରାୟତ୍ତ ଉଦ୍ୟୋଗଗୁଡିକ ପକ୍ଷରୁ କ୍ଷୁଦ୍ରଶିଳ୍ପକୁ ପ୍ରୋତ୍ସାହନ, ଏମ୍ଏସ୍ଏମ୍ଇର କଞ୍ଚାମାଲ ଆମଦାନୀରେ ସୀମା ଶୁଳ୍କ ଛାଡ଼, ଆଣ୍ଟି ଡମ୍ପିଂ ଡ୍ୟୁଟିକୁ ବାଦ୍ ଦେବା, ଲୁହାପଥର ଏବଂ ଇସ୍ପାତ ରପ୍ତାନି ଉପରେ ରୋକ , ପରିବର୍ତ୍ତିତ ମୂଲ୍ୟରେ ଏମ୍ଏସ୍ଏମ୍ଇଠାରୁ ସାମଗ୍ରୀ ସଂଗ୍ରହ ଭଳି ଅନ୍ୟ ପ୍ରସ୍ତାବ ରହିଛି। କ୍ଷୁଦ୍ରଶିଳ୍ପର ସମସ୍ୟାକୁ ଯଦି ଅଣଦେଖା କରାଯାଏ ତେବେ ଏହା ଆତ୍ମନିର୍ଭର ଭାରତ ଲକ୍ଷ୍ୟ ପୂରଣରେ ବାଧକ ହେବ ବୋଲି କୁହାଯାଇଛି। ଏଭଳି ବିଭିନ୍ନ ସମସ୍ୟାକୁ ବିଚାର କରିବା ଲାଗି ସରକାର ତୁରନ୍ତ ପଦକ୍ଷେପ ଗ୍ରହଣ କରନ୍ତୁ ବୋଲି ଏଆଇସିଏ ନିବେଦନ କରିଛି। ଉଲ୍ଲେଖଯୋଗ୍ୟ, ଦେଶର ମୋଟ ଘରୋଇ ଉତ୍ପାଦ (ଜିଡିପି)କୁ ଏମ୍ଏସ୍ଏମ୍ଇ ଯୋଗଦାନ ୩୦% ରହିଥିବା ବେଳେ ମାନୁଫାକଚରିଂ କ୍ଷେତ୍ରରେ ୪୫%, ରପ୍ତାନିରେ ୪୮% ଏବଂ ୧୧ କୋଟି ଲୋକଙ୍କୁ ନିଯୁକ୍ତିରେ ଅବଦାନ ରହିଛି। ସାରା ଦେଶରେ ୬୩.୫ ନିୟୁତ ଏମ୍ଏସ୍ଏମ୍ଇ ରହିଥିବା ସୂଚନା ମିଳିଛି।

# ନାସ୍‌ଦାକ ଦୁବାଇ ମାର୍କେଟରେ ମାଲାବାର




କୋଝିକୋଡ୍,୨୩।୬

ମାଲାବାର ଗୋଲ୍ଡ ଆଣ୍ଡ ଡାଏମଣ୍ଡର ଅନ୍ତର୍ଜାତୀୟ ନିବେଶ ସଂସ୍ଥା ମାଲାବାର ଇନ୍‌ଭେଷ୍ଟମେଣ୍ଟସ ଦୁବାଇର ଇଣ୍ଟରନ୍ୟାଶନାଲ ଫାଇନାନ୍ସ ସେଣ୍ଟର(ଡିଆଇଏଫ୍‌ସି)ରେ ପଞ୍ଜୀକୃତ ହୋଇଛି। କମ୍ପାନୀ ଅନ୍ତର୍ଜାତୀୟ ବଜାରରେ ଏହାର ଶେୟାର କାରବାର ଲାଗି ନାସ୍‌ଦାକ ଦୁବାଇ ସେଣ୍ଟ୍ରାଲ ସିକ୍ୟୁରିଟିଜ ଡିପୋଜିଟୋରି(ସିଏସ୍‌ଡି)ରେ ସ୍ଥାନିତ ହୋଇଛି। ନିବେଶକଙ୍କ ସହ ଯୋଡ଼ି ହେବା ଦିଗରେ ଏହା ସହାୟକ ହୋଇପାରିବ। ଏହାବାଦ ଶେୟାର ସଂକ୍ରାନ୍ତ କର୍ପୋରେଟ କାର୍ଯ୍ୟକଳାପ କ୍ଷେତ୍ରରେ କମ୍ପାନୀ ସ୍ୱଚ୍ଛତା, ନିୟାମକ, ଦକ୍ଷତା ଏବଂ ସୁରକ୍ଷିତ ସମାଧାନ ପ୍ରଦାନ କରିବାରେ ସହାୟକ ହେବ। ଏହି ଅବସରରେ ମାଲାବାର ଗ୍ରୁପ୍‌ର ଅଧ୍ୟକ୍ଷ ଏମ୍.ପି. ଅହମ୍ମଦ କହିଛନ୍ତି, ଅନ୍ତର୍ଜାତୀୟ କ୍ଷେତ୍ରରେ ଅଭିବୃଦ୍ଧି ଲାଗି ଏଭଳି ପଦକ୍ଷେପ ସହାୟକ ହେବ। ହୋଲ୍ଡିଂ କମ୍ପାନୀ ଦୁବାଇ ଇଣ୍ଟରନ୍ୟାଶନାଲ ଫାଇନାନ୍ସ ସେଣ୍ଟର ପରିସରରେ ଆସୁଥିବାରୁ ଅନ୍ତର୍ଜାତୀୟ ସ୍ତରର ସ୍ୱଚ୍ଛତା, ରେଗୁଲେଶନ ଏବଂ ଅନୁପାଳନ ରକ୍ଷା କରିବ। ନାସ୍‌ଦାକ ଦୁବାଇର ସିଇଓ କହିଛନ୍ତି, ନାସ୍‌ଦାକ ଦୁବାଇ ପ୍ରାଇଭେଟ ମାର୍କେଟରେ ମାଲାବାର ଯୋଗଦେଇଥିବାରୁ ଆମେ ଧନ୍ୟବାଦ ପ୍ରଦାନ କରୁଛୁ। ଡିଆଇଏଫ୍‌ସିର ଗଭର୍ନର ଏଚ୍.ଇ. ଏସା. କାଜିମ କହିଛନ୍ତି, ପୁଞ୍ଜିବଜାରର ସୁବିଧା ପ୍ରଦାନ ଏବଂ କମ୍ପାନୀଗୁଡ଼ିକର ଅଭିବୃଦ୍ଧି କୌଶଳକୁ ଧ୍ୟାନରେ ରଖି ଦୁବାଇ ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛି।

## ଭି.ଗାର୍ଡର ସିଏସ୍ଆର୍ କାର୍ଯ୍ୟକ୍ରମ

ଭୁବନେଶ୍ୱର,୨୩।୬

ଭି.ଗାର୍ଡ ଇଣ୍ଡଷ୍ଟ୍ରିଜ ପକ୍ଷରୁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) କର୍ତ୍ତୃପକ୍ଷଙ୍କୁ ୫ହଜାର ଷ୍ଟେରଲାଇଜ୍‌ଡ ହ୍ୟାଣ୍ଡ ଗ୍ଲୋଭ୍ସ ପ୍ରଦାନ କରାଯାଇଛି। ମହାମାରୀ ଭଳି ଏକ ବିପଦ ସମୟରେ ଏକ ଦାୟିତ୍ୱବାନ କମ୍ପାନୀ ଭାବରେ ସଂସ୍ଥାର ସିଏସ୍ଆର କାର୍ଯ୍ୟକ୍ରମ ଜରିଆରେ ବିଏମ୍‌ସିର ଅତିରିକ୍ତ କମିଶନର ଶୁଭେନ୍ଦୁ ସାହୁଙ୍କୁ ଭେଟି ଉକ୍ତ ଗ୍ଲୋଭ୍ସ ପ୍ୟାକେଟକୁ ହସ୍ତାନ୍ତର କରାଯାଇଛି। ଏହି ଅବସରରେ ବିଏମ୍‌ସିର ଅନ୍ୟ ବରିଷ୍ଠ ଅଧିକାରୀଙ୍କ ସମେତ କମ୍ପାନୀର ଶାଖା ମୁଖ୍ୟ ସୁମନ୍ତ କୁମାର ପ୍ରଧାନ ଉପସ୍ଥିତ ଥିଲେ। ଏହି ସାମଗ୍ରୀ ବିଏମ୍‌ସିର ସଫେଇ କର୍ମଚାରୀଙ୍କଠାରୁ ନେଇ ଅନ୍ୟ ସମସ୍ତ କୋଭିଡ୍ ୱାର୍କରମାନଙ୍କୁ ବଣ୍ଟନ କରାଯିବ ବୋଲି ପ୍ରଧାନ କହିଥିଲେ।




# ଦୀର୍ଘ ମିଆଦୀ ନିବେଶ ଏକ ଭଲ ଉପାୟ

## ଅର୍ଥର ଅର୍ଥ



Rupkumar Pradhan
CERTIFIED FINANCIAL PLANNER[CM]
,CHARTERED WEALTH MANAGER
"Director, SmartMantra Financial Services Pvt. Ltd."

**'ଧରିତ୍ରୀ' ପକ୍ଷରୁ 'ଅର୍ଥର ଅର୍ଥ' ଶୀର୍ଷକ ଫାଇନାନ୍ସିଆଲ କାଉନ୍‌ସେଲିଂ ପ୍ରଶ୍ନୋତ୍ତର ସ୍ତମ୍ଭ ଗୁରୁବାର ପ୍ରକାଶ ପାଉଛି। ତେଣୁ ଆମର ପ୍ରିୟ ପାଠକବନ୍ଧୁ ଆପଣ କ୍ୟାପିଟାଲ ମାର୍କେଟ, ଶେୟାର ବଜାର, ବ୍ୟାଙ୍କିଙ୍ଗ, ମ୍ୟୁଚୁଆଲ ଫଣ୍ଡ ତଥା ବ୍ୟକ୍ତିଗତ ଫାଇନାନ୍ସ ଉପରେ ପ୍ରଶ୍ନ ଆମକୁ ଚିଠି ମାଧ୍ୟମରେ ପଚାରି ପାରିବେ।**

| ମ୍ୟୁଚୁଆଲ ଫଣ୍ଡସ୍‌କୁ ଯାହାକି ଭାରତର ପୁଞ୍ଜୀବଜାର ଓ ଅନ୍ତର୍ଜାତୀୟ ପୁଞ୍ଜୀବଜାରରେ ନିବେଶ କରୁଛନ୍ତି। | | |
|---|---|---|
| ସ୍କିମ୍‌ର ନାମ | ୧ ବର୍ଷର ଲାଭ | ୩ ବର୍ଷର ଲାଭ |
| ପରାଗ ପାରିଖ ଫ୍ଲେକ୍ସି କ୍ୟାପ୍ ଫଣ୍ଡ | ୬୭.୯% | ୨୧.୫୨% |
| ଆକ୍ସିସ୍ ଗ୍ରୋଥ୍ ଫଣ୍ଡ | ୬୯.୦୫% | ନାହିଁ |
| ଆକ୍ସିସ୍ ଇଏସ୍‌ଜି ଫଣ୍ଡ | ୫୩.୨୮% | ନାହିଁ |
| ଡିଏସ୍‌ପି ଏନ୍ଆର୍ଏନ୍ଇ ଫଣ୍ଡ | ୧୦୬.୭୪% | ୧୪.୯୨% |
| କୋଟାକ ପାଓନିୟର ଫଣ୍ଡ | ୮୭.୭୭% | ନାହିଁ |

ତଥ୍ୟ-ଭାଲ୍ୟୁ ରିଚର୍ସ

■ **ଏବେ ଇକ୍ୟୁଟି ମ୍ୟୁଚୁଆଲ ଫଣ୍ଡରେ ନିବେଶ କରିବା ଉଚିତ ହେବ କି?**

**- ମାନସୀ ମିଶ୍ର, ନୟାଗଡ଼**

◆ ଆପଣ ନିବେଶ କରିବା ସମୟରେ ନିବେଶ ସମ୍ପର୍କିତ ସମସ୍ତ ତଥ୍ୟ ବୁଝିବା ନିହାତି ଜରୁରୀ। ବର୍ତ୍ତମାନ ପୁଞ୍ଜିବଜାର ସେନ୍‌ସେକ୍ସ ବହୁତ ଉପରେ ଅଛି। ସେନ୍‌ସେକ୍ସ ୫୨, ୦୦୦ ଉପରେ ଅଛି। ଏ ସମୟରେ ପ୍ରାୟତଃ ସମସ୍ତେ ଆପଣଙ୍କୁ ନିବେଶ କରିବାକୁ ପରାମର୍ଶ ଦେଇପାରନ୍ତି। ଯଦି ଆପଣ ଜଣେ ନିବେଶକ ହିସାବରେ କିଛି ବି ନିବେଶ ରଣନୀତି ନାହିଁ ତେବେ ହୁଏତ ଆପଣ ପୁଞ୍ଜିବଜାରରୁ ବାହାରିଯାଇ ପାରନ୍ତି କିମ୍ବା ଏକଦମ କ୍ଷତି ସହି କିମ୍ବା ମୂଳଧନର ସମ୍ପୂର୍ଣ୍ଣ କ୍ଷତି ବା ବୁଡ଼ିଯିବା ପରେ ବାହାରିଯାଇପାରନ୍ତି। ଯଦି ଆପଣ ନିବେଶ କରିବାକୁ ଅପେକ୍ଷା କରିବେ ତେବେ ଆପଣ ନିବେଶ କରିପାରିବେ ନାହିଁ।

ଆପଣଙ୍କ ପ୍ରଶ୍ନ ଏବେ ନିବେଶ କରିବା ଉଚିତ ହେବ କି? ଏହା ଏକ ବଡ଼ ପ୍ରଶ୍ନ ଓ ବିଧିସଙ୍ଗତ ପ୍ରଶ୍ନ। ଅନେକେ ଏ ପ୍ରଶ୍ନ ପଚାରିଛନ୍ତି। କିନ୍ତୁ ପୁଞ୍ଜିବଜାରର ଅନିୟମିତ ଆଚରଣ ପାଇଁ କେହି ବି ଆପଣଙ୍କୁ ଠିକ୍ ଉତ୍ତର ଦେଇପାରିବେ ନାହିଁ। ଯଦି ଆପଣ ଠିକ୍ ଉତ୍ତର ପାଇବା ପାଇଁ ଅପେକ୍ଷା କରିବେ ତେବେ ଆପଣ କେବଳ ପୁଞ୍ଜିବଜାରର ବାହାରେ ବସି ରହିବା ହିଁ ହେବ।

**ଇକ୍ୱିଟି ଫଣ୍ଡ ସବୁ: ଏବେ ନିବେଶ କରିବା କି?**

ଆପଣ ଏସ୍ଆଇପି (ସିଷ୍ଟମେଟିକ୍ ଇନ୍‌ଭେଷ୍ଟମେଣ୍ଟ ପ୍ଲାନ୍) ମାଧ୍ୟମରେ ନିବେଶ କରିବା ପାଇଁ ଦୃଷ୍ଟି ଦେଇପାରନ୍ତି। ପ୍ରାୟତଃ ଆମେ ସବୁବେଳେ ପରାମର୍ଶ ଦେଉଛୁ ଯେ ଇକ୍ୟୁଟି ମ୍ୟୁଚୁଆଲ୍ ଫଣ୍ଡରେ ଦୀର୍ଘକାଳୀନ ହିସାବରେ ନିବେଶ କରିବା କ୍ଷେତ୍ରରେ ଏହା ହିଁ ସବୁଠାରୁ ଭଲ ଉପାୟ।

ଏହା ଆପଣଙ୍କ ଆବଶ୍ୟକତା ଅନୁଯାୟୀ କାମ କରିବ। ଯଦି ଆପଣଙ୍କ ପାଖରେ ଅଧିକ ଟଙ୍କା ନାହିଁ ନିବେଶ କରିବା ପାଇଁ ତେବେ ଆପଣ ମାସିକ ୫୦୦/- କିମ୍ବା ୧୦୦୦/- ଟଙ୍କା ନିବେଶ ଆରମ୍ଭ କରିପାରିବେ। ପୁଞ୍ଜିବଜାରର ଦୋଳାୟମାନ ପରିସ୍ଥିତିରେ ହିଁ ନିବେଶ କରି ଦୀର୍ଘକାଳୀନ ହିସାବରେ ଏକ ବଡ଼ ପାଣ୍ଠି ଗଠନ କରିପାରିବେ। ଆନ୍ତର୍ଜାତିକ ଫଣ୍ଡ ସବୁ ଭଲ ଲାଭ ପ୍ରଦାନ କରିଛନ୍ତି। ଆନ୍ତର୍ଜାତିକ ଫଣ୍ଡ ସବୁ କିମ୍ବା ଆନ୍ତର୍ଜାତିକ କମ୍ପାନୀ ସବୁରେ ମ୍ୟୁଚୁଆଲ ଫଣ୍ଡ ନିବେଶ କରିଛନ୍ତି। ଏହାକୁ ଯଦି ଦୃଷ୍ଟି ଦେବା ତେବେ ଆପଣ ଏଠାରେ ଦିଆଯାଇଥିବା ଟେବୁଲକୁ ଦୃଷ୍ଟି ଦେଲେ ବୁଝିପାରିବେ। ଏମିତି ଅନେକ ଆନ୍ତର୍ଜାତିକ ମ୍ୟୁଚୁଆଲ ଫଣ୍ଡ ସବୁ ଅଛି। ଏଠାରେ କିଛି ଫଣ୍ଡର ତଥ୍ୟ ପ୍ରଦାନ କରାଯାଇଛି। ସବୁଠାରୁ ମୁଖ୍ୟ କାମ ହେଉଛି ଆପଣ ଏସ୍ଆଇପି ମାଧ୍ୟମରେ କିଛି ଟଙ୍କା ନିୟମିତ ନିବେଶ କରନ୍ତୁ। ନିବେଶ କରିବା ପୂର୍ବରୁ ନିବେଶ ସମ୍ପର୍କିତ ସମସ୍ତ ତଥ୍ୟ ଓ ରିସ୍କ ବିଷୟରେ ଭଲ ଭାବରେ ବୁଝି ନିବେଶ ଆରମ୍ଭ କରନ୍ତୁ।

■ **ମୋ ବୟସ ୩୩ ବର୍ଷ ଏବଂ ବିବାହିତ। ପ୍ରାୟ ୫୦ ହଜାର ଟଙ୍କା ଦରମା ପାଉଛି। ସଞ୍ଚୟ ନାହିଁ କ'ଣ କରିବା ଉଚିତ ହେବ?**

**- ସ୍ୱାଧୀନ ସାହୁ, କଟକ**

◆ ସବୁଠାରୁ ମୁଖ୍ୟ ଓ ଗୁରୁତ୍ୱପୂର୍ଣ୍ଣ ହେଉଛି ଆର୍ଥିକ ଅଭ୍ୟାସ ସବୁ ଯାହାକି ନିୟମିତ ଅଭ୍ୟାସ କରିବା ନିହାତି ଜରୁରୀ। ଏହି ଅଭ୍ୟାସ ସବୁ ଆରମ୍ଭ କରିବା ଆଦୌ ଜଟିଳ ନୁହେଁ, କିନ୍ତୁ ଆରମ୍ଭ କରିବାର ମାନସିକତା ରହିବା ନିହାତି ଜରୁରୀ। ଆପଣ ଅସୁଖୀ ଅର୍ଥ ପରିସ୍ଥିତିରେ ଅଛନ୍ତି।

**ସୁଖୀ ଆର୍ଥିକ ପରିସ୍ଥିତି ପାଇଁ କିଛି ଆର୍ଥିକ ଅଭ୍ୟାସ କରିବାକୁ ପଡ଼ିବ:**

➤ଜୀବନରେ ଆର୍ଥିକ ଲକ୍ଷ୍ୟ ସବୁ ସ୍ଥିର କରନ୍ତୁ।
➤ନିଜ ପାଇଁ ବଜେଟ ପ୍ରସ୍ତୁତ କରନ୍ତୁ ଓ ପ୍ରତ୍ୟେକ ମାସରେ ସମୀକ୍ଷା କରନ୍ତୁ।
➤କ୍ରେଡିଟ୍ କାର୍ଡର ସମସ୍ତ ଋଣ ପଇଠ କରିନିଅନ୍ତୁ।
➤ଏକ ସ୍ୱୟଂଚାଳିତ ସଞ୍ଚୟ ଆରମ୍ଭ କରନ୍ତୁ।
➤ଏବେଠୁ ନିବେଶ କରିବା ଆରମ୍ଭ କରନ୍ତୁ।
➤ନିଜର ଋଣର ସବୁ ବିଷୟ ନିରୀକ୍ଷଣ ଓ ସମୀକ୍ଷା କରନ୍ତୁ।
➤କୌଣସି ଜିନିଷ କିଣିବା ବେଳେ ମୂଲଚାଲ କରିବାକୁ ଚେଷ୍ଟା କରନ୍ତୁ।
➤ନିୟମିତ ଭାବରେ ଆର୍ଥିକ ପରିଚାଳନା ବିଷୟରେ ଅଧିକ ଜାଣିବାକୁ ଚେଷ୍ଟା କରନ୍ତୁ।
➤ନିଜ ଜିନିଷର ଉପଯୁକ୍ତ ଯତ୍ନ ନିଅନ୍ତୁ।
➤ଆପଣଙ୍କ ଜୀବନଶୈଳୀକୁ ଅନ୍ୟମାନଙ୍କ ସହ ତୁଳନା ନ କରି ନିଜର ସକ୍ଷମ ଅନୁସାରେ ଜୀବନକୁ ଉପଭୋଗ କରନ୍ତୁ।
➤ସବୁଠାରୁ ମୁଖ୍ୟ ଆପଣ ଓ ପରିବାରର ସ୍ୱାସ୍ଥ୍ୟର ଯତ୍ନ ନିଅନ୍ତୁ।
➤ଜଣେ ଆର୍ଥିକ ଯୋଜନାକାରୀଙ୍କୁ ଆଜି ହିଁ ନିଯୁକ୍ତି କରନ୍ତୁ।

ଏହିସବୁ ଅଭ୍ୟାସ ଆରମ୍ଭ କରିବା ଏତେ ସହଜ ନୁହେଁ, କିନ୍ତୁ ଅସମ୍ଭବ ବି ନୁହେଁ। ଆମର ପରାମର୍ଶ ଜଣେ ଆର୍ଥିକ ଯୋଜନାକାରୀଙ୍କ ପରାମର୍ଶ ଗ୍ରହଣ କରି ଆଗଭର ହୁଅନ୍ତୁ।

**ଆମ ଠିକଣା**
**ବିଜ୍‌ନେସ ଧରିତ୍ରୀ**
**ଧରିତ୍ରୀ, ବି-୧୫, ରସୁଲଗଡ**
**ଶିଳ୍ପାଞ୍ଚଳ, ଭୁବନେଶ୍ୱର - ୧୦**

## ଫୁର୍‌ସତ୍

# ବାୟୁସେନା, ନୌବାହିନୀ ନ ଥିବା ଦେଶ



**ଥିମ୍ପୁ:** ସାଧାରଣତଃ ଦେଶର ସୁରକ୍ଷା ପାଇଁ ଜଳ, ସ୍ଥଳ, ବାୟୁ ସେନା ଗଠନ କରାଯାଇଥାଏ। ଶତ୍ରୁ ଦେଶ ସହ କଡ଼ା ମୁକାବିଲା କରିବାକୁ ଅନେକ ଦେଶ ସେମାନଙ୍କ ପ୍ରତିରକ୍ଷା ବ୍ୟବସ୍ଥାକୁ ମଜଭୁତ କରିବାକୁ ବିଶେଷ କରୁତ୍ୱ ଦେଇଥାନ୍ତି। ମାତ୍ର ବିଶ୍ୱରେ ଏମିତି ଏକ ଦେଶ ଅଛି, ଯାହାର ନୌସେନା କି ବାୟୁସେନା ନାହିଁ। ଏଥିପାଇଁ ଏହି ଦେଶକୁ ଅନ୍ୟ ଦେଶ ଉପରେ ନିର୍ଭର କରିବାକୁ ପଡ଼ିଥାଏ। ଏପରି ଦେଶ ହେଉଛି ଭୁଟାନ। ଦକ୍ଷିଣ ଏସିଆର ଏହି ଛୋଟ ଦେଶ ହିମାଳୟ ଉପରେ ଅବସ୍ଥିତ। ପାହାଡ଼ ପର୍ବତ ଘେରା ଭୁଟାନର ପୃଷ୍ଠଭୂମି ଦୁନିଆର ସବୁଠୁ ଦୁର୍ଗମ ସ୍ଥାନ ମଧ୍ୟରେ ଅନ୍ୟତମ। ଭୁଟାନର ସ୍ଥାନୀୟ ନାମ ହେଉଛି 'ଡ୍ରୁକ ୟୁଲ', ଯାହାର ଅର୍ଥ ହେଉଛି ଡ୍ରାଗନ। ତିବ୍ବତ ଏବଂ ଭାରତ ମଧ୍ୟରେ ଭୂମିଆବଦ୍ଧ ବା ଲ୍ୟାଣ୍ଡଲକ୍ ହୋଇଥିବାରୁ ଭୁଟାନର ନୌସେନା ନାହିଁ। ତେବେ ବାୟୁସେନା କ୍ଷେତ୍ରରେ ଭାରତ ଭୁଟାନକୁ ସହଯୋଗ କରିଥାଏ। ଭୁଟାନର ଆର୍ମୀକୁ ରୟାଲ ଭୁଟାନ ଆର୍ମୀ କୁହାଯାଏ। ଏହା ରୟାଲ ବଡିଗାର୍ଡ ଏବଂ ରୟାଲ ଭୁଟାନ ପୋଲିସର ସଂଯୁକ୍ତ ନାମ। ଭାରତୀୟ ସେନା ଏହି ଆର୍ମୀକୁ ପ୍ରଶିକ୍ଷଣ ଦେଇଥାଏ। ଭୁଟାନରେ ଗଙ୍ଗଖାର ପୁନସୁନ ନାମରେ ଏକ ପାହାଡ଼ ରହିଛି, ଯାହା କି ସେଠାକାର ସବୁଠୁ ଉଚ୍ଚ ପାହାଡ଼।

# ରଦ୍ଦି ବିମାନ ଦେଖିବାକୁ ଭିଡ଼

**ଚଣ୍ଡିଗଡ଼:** ଭାରତୀୟ ସେନାର ୬ ରଦ୍ଦି ଗ୍ରାଉଣ୍ଡେଡ ହେଲିକପ୍ଟର ବିକ୍ରି ହୋଇଛି। ଏହାକୁ ରଦ୍ଦିବାଲା କିଣିବା ପରେ ହେଲିକପ୍ଟରକୁ ଦେଖିବା ପାଇଁ ସହରରେ ପ୍ରବଳ ଭିଡ଼ ଜମିଛି। ବିମାନ ବାହାରେ ଓ ଭିତରେ ଲୋକମାନେ ଫଟୋ ଉଠାଉଥିବା ଦେଖିବାକୁ ମିଳିଛି। ଏହାର ଏକ ଫଟୋ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଭାରତୀୟ ବାୟୁସେନାର ରଦ୍ଦି ହେଲିକପ୍ଟରଗୁଡ଼ିକ ମଧ୍ୟରୁ ଗୋଟିଏକୁ ମୁମ୍ବାଇର ପାର୍ଟି ନେଇଥିବା ବେଳେ ଆଉ ୨ଟିକୁ ଲୁଧିଆନାର ଜଣେ ହୋଟେଲ ମାଲିକ କ୍ରୟ କରିଥିବା ଜଣାପଡ଼ିଛି। ଆଉ ବାକି ୩ଟି ହେଲିକପ୍ଟରକୁ ମନସାର ଜଣାଶୁଣା ମିଠୁ ରଦ୍ଦିବାଲା ଏହାକୁ କ୍ରୟ କରି ସହରକୁ ନେଇଥିଲେ। ଯାହାକୁ ଦେଖି ସ୍ଥାନୀୟ ଲୋକଙ୍କ ଖୁସି କହିଲେ ନ ସରେ। ଲୋକମାନେ ପାର୍କିଂ ସ୍ଥଳରେ ପହଞ୍ଚି ହେଲିକପ୍ଟର ସହିତ ଫଟୋ ଉଠାଉଥିବା ଦେଖିବାକୁ ମିଳିଛି।

**ଜନ୍ମଦିନ ଶୁଭେଚ୍ଛା।**



**କୃଷ୍ଣ ପ୍ରସାଦ ପରିଡ଼ା (ସାନ)**
କୁଳିନ୍ଦ, ମହାଜନପୁର, ଜଗତପୁର, କଟକ
ଆଜି ତୋର ୧୬ତମ ଜନ୍ମଦିନ ଅବସରରେ ରାଧାକୃଷ୍ଣଙ୍କ ନିକଟରେ ପ୍ରାର୍ଥନା ତୋର ଚଲାପଥ କୁସୁମିତ ହେଉ ଓ ତୋତେ ପ୍ରଭୁ ଦୀର୍ଘାୟୁ, ଯଶସ୍ୱୀ କରାନ୍ତୁ।
ଶୁଭେଚ୍ଛା ସହ:
ମାମା, ପାପା ଓ ସମସ୍ତ ଶୁଭାକାଂକ୍ଷୀ
ଧ-୨୦୯୩୨

# 'ସତ୍ୟନାରାୟଣ କି କଥା'ରେ କାର୍ତ୍ତିକ

**ମୁମ୍ବାଇ:** ଅଭିନେତା କାର୍ତ୍ତିକ ଆର୍ଯ୍ୟନଙ୍କୁ ନିକଟରେ ଫିଲ୍ମ ଦୋସ୍ତାନା-୨ରୁ ବାହାର କରାଯିବା ଖବର ଲାଇମଲାଇଟ୍‌ରେ ରହିଥିଲା। ନିର୍ଦ୍ଦେଶକ କରନ ଜୋହରଙ୍କ ସହ ତାଙ୍କର ଝଗଡ଼ା ପରେ କାର୍ତ୍ତିକଙ୍କୁ ବହୁ କ୍ଷତି ସହିବାକୁ ପଡ଼ିଥିଲା। ତେବେ କାର୍ତ୍ତିକ ଖୁବଶୀଘ୍ର ଆଉ ଏକ ବଡ଼ ପ୍ରୋଜେକ୍ଟରେ ନଜର ଆସିବେ। ଫିଲ୍ମ 'ସତ୍ୟନାରାୟଣ କି କଥା'ରେ କାର୍ତ୍ତିକ ଅଭିନୟ କରିବେ ବୋଲି ତାଙ୍କ ଇନ୍‌ଷ୍ଟାଗ୍ରାମରେ ଏକ ଭିଡିଓ ଶେୟାର କରି ଜଣାଇଛନ୍ତି। 'ସତ୍ୟନାରାୟଣ କି କଥା' ହେଉଛି ମୋ ହୃଦୟର ଏକ କାହାଣୀ ବୋଲି ସେ କହିଛନ୍ତି। ନିର୍ଦ୍ଦେଶକ ସମୀର ବିଦ୍ୱାନ୍‌ସ ନମଃ ପିକଚର୍ସ ଓ ସାଜିଦ ନାଦିଆଡ୍ୱାଲାଙ୍କ ବ୍ୟାନର ନାଦିଆଡ୍ୱାଲା ଗ୍ରାଣ୍ଡସନ ଏଣ୍ଟରଟେନମେଣ୍ଟ ଏହି ଫିଲ୍ମର ନିର୍ଦ୍ଦେଶନା ଭାର ତୁଲାଇଛନ୍ତି। ପ୍ରେମର ଗାଥା ସତ୍ୟନାରାୟଣ କି କଥାରେ କାର୍ତ୍ତିକ ସତ୍ୟ ଚରିତ୍ରରେ ନଜର ଆସିବେ। ଏହି ଫିଲ୍ମକୁ ନେଇ କାର୍ତ୍ତିକ ବେଶ ଉତ୍ସାହିତ ଥିବା ଜଣାପଡ଼ିଛି।



**ମନେ ପଡ଼ନ୍ତି**

**ପ୍ରଥମ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ**



**✓ଗଜେନ୍ଦ୍ର ନାଥ ମହାନ୍ତି**
ଉଦୟ: ୦୪-୩-୧୯୩୯, ଅସ୍ତ: ୦୫-୬-୨୦୨୦
(ପବିତ୍ର ଦେବସ୍ନାନ ପୂର୍ଣ୍ଣିମା)
ବଳରାମପୁର, କୁଜଙ୍ଗ, ଜଗତ୍‌ସିଂହପୁର
ହେ ପରମପୂଜ୍ୟ ! ଜାତି,ବର୍ଣ୍ଣ,ଧର୍ମ ନିର୍ବିଶେଷରେ ଆପଣ ଥିଲେ ଶ୍ରେଷ୍ଠ ପୁରୁଷ, ଜଣେ ସୁମଣିଷ । ଦୁଃଖି ରଙ୍କି ମାନଙ୍କ ପ୍ରତି ଆପଣଙ୍କ ଉଦାରଭାବ ହେଉଛି ଆମର ଆଦର୍ଶ, ଆପଣଙ୍କ ତ୍ୟାଗପୂତ ଜୀବନ ପାଇଁ ଆମେ ଗର୍ବିତ ।
ଅପେକ୍ଷାରେ
ପୁତ୍ର- ଟିଣ୍ଟୁ, ପିଣ୍ଟୁ, ପୁତ୍ରବଧୂ- ଲିପା, ଦୀପା, ଝିଅ- ଲୁନା, ଇନା, ଜ୍ୱାଇଁ- ବାବୁଲି, ବବି
ନାତି- ସିତୁନ୍, କୁନୁ, ଟୁଲୁ, ରିତୁଲ୍
ନାତୁଣି- ସୋମା, ଗୁଞ୍ଜନ, ସୁମନ୍
ପୁତୁରା- ଶ୍ରୀନିବାସ, ସତ୍ୟପ୍ରକାଶ, ବାପୁଜୀ, ଦିପି, ଜ୍ଞାନ, ବାଦଲ, ଦିବ୍ୟ
ବନ୍ଧୁ ଓ ପରିବାର ବର୍ଗ
ଧ-୨୦୯୩୭

**ପ୍ରଥମ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି**



**✓ ଶ୍ରୀମତୀ ବୈଜୟନ୍ତୀ ସାହୁ**
ସ୍ୱାମୀ: ସତ୍ୟବାଦୀ ସାହୁ
ବଡ଼ଇଛାପୁର, ବାଛରା, କଟଣୀ
ଆବିର୍ଭାବ: ୦୯।୦୩।୧୯୫୮
ତିରୋଧାନ: ୦୫।୦୬।୨୦୨୦
(ତିଥି: ସ୍ନାନ ପୂର୍ଣ୍ଣିମା)
ବୋଉ, ଆଜିକୁ ଏକବର୍ଷ ହେବ ତୁ ଆମମାନଙ୍କୁ ଶୋକସାଗରରେ ଭସାଇ ଦେଇ ଆରପାରିକୁ ଚାଲିଗଲୁ। ତୋର ଅନାବିଳ ସ୍ନେହ, ଶ୍ରଦ୍ଧା, ତ୍ୟାଗ ଓ ନିଷ୍ଠାକୁ ଆମେମାନେ ଭୁଲିପାରୁନାହୁଁ। ଆଜିର ପବିତ୍ର ତିଥିରେ ତୋର ଅମର ଆତ୍ମାର ସଦ୍‌ଗତି ନିମିତ୍ତ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ। ତୋର ଆଶୀର୍ବାଦ ଆମମାନଙ୍କ ଉପରେ ସବୁବେଳେ ରହିଥାଉ ଏତିକି କାମନା।
ଶୋକସନ୍ତପ୍ତ:
ହତଭାଗ୍ୟ ପୁଅ: ଜୀବନ, ଚନ୍ଦନ, ବୋହୂ: ସ୍ମିତା, ନାତି: ଆରିୟାନ, ଝିଅ: ସୋନାଲୀ, ଜ୍ୱାଇଁ: ସୌମ୍ୟରଞ୍ଜନ, ବନ୍ଧୁ ଓ ପରିବାରବର୍ଗ।
ଧ-୨୦୯୩୩

**ଏକାଦଶାହ ଉପଲକ୍ଷେ**



**ସ୍ୱର୍ଗତ କବୀନ୍ଦ୍ର ସାମଲ**
ରଥଗଡ଼ା, ହୋଟେଲ ଦେବକନ୍ୟା ନିକଟ
ଏଲ୍ଆଇସି ଲେନ୍, ଢେଙ୍କାନାଳ, ଜନ୍ମସ୍ଥାନ: କଲାଙ୍ଗ, ଭାପୁର, ଢେଙ୍କାନାଳ
ଆବିର୍ଭାବ: ୦୮।୦୪।୧୯୫୯
ତିରୋଧାନ: ୧୪।୦୬।୨୦୨୧
ଅସମୟରେ ଆମକୁ ଛାଡ଼ି ଚାଲିଗଲ ତୁମେ। ତୁମର ଆଦର୍ଶ ଚିରସ୍ମରଣୀୟ ହୋଇରହିବ। ତୁମର ଅମରାତ୍ମା ଶାନ୍ତି ଓ ସଦ୍‌ଗତି ଲାଭ କରୁ ଏତିକି ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ପ୍ରାର୍ଥନା।
ଶୋକସନ୍ତପ୍ତ: ପତ୍ନୀ: ବୀଣାପାଣି, ଝିଅ: ସସ୍ମିତା, ପୁତ୍ର: ଜଗଦିଶ, ଆଶିଷ, ପୁତ୍ରବଧୂ: ରୋଜାଲିନ, ଶାତି, ଆତ୍ମୀୟସ୍ୱଜନ, ବନ୍ଧୁ ଓ ପରିବାରବର୍ଗ।
ଧ-୭୦୩୨୯

**ପଞ୍ଚମ ଶ୍ରାଦ୍ଧବାର୍ଷିକ**



**ସ୍ୱର୍ଗତା ସ୍ଥିତିପ୍ରଜ୍ଞା ସାହୁ (ରୋଜି)**
କଟକ
ତିରୋଧାନ: ଦେବସ୍ନାନ ପୂର୍ଣ୍ଣିମା
ଆଜିର ଦିନରେ ଶ୍ରୀଜଗନ୍ନାଥ ମହାପ୍ରଭୁ ଓ ଶ୍ରୀଶ୍ରୀଠାକୁର ନିଗମାନନ୍ଦଙ୍କ ପାଖରେ ଆକୁଳ ପ୍ରାର୍ଥନା ତୋର ଆତ୍ମାର ସଦ୍‌ଗତି ହେଉ। ଝିଅ ଦାନ କରି ପୁଅ ପାଇଥିଲି ଶେଷରେ ହେଲା ଭଗାରି, ଶେଷ ସନ୍ତକ ମୋ ନାତି ଟୋକାଟାକୁ ରଖିଲେ ଅନ୍ତର କରି।
ତୋର: ବାବା, ମାମା, ଲୋନି ଓ ଓମ୍‌ଶ୍ରୀ
ଧ-୨୦୯୩୧

**CLASSIFIED DISPLAY**

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**GALAXY TOWER**
ଗୋଲ୍ଡ ମେଡାଲିଷ୍ଟ Govt. Approved କମ୍ପାନି ଦ୍ୱାରା ମାନ୍ୟତା ପ୍ରାପ୍ତ ସମସ୍ତ ଡିଜିଟାଲ ମଲ୍ଟିମିଡିଆ 4G/5G ଟାୱାର କମ୍ପାନି ଆପଣଙ୍କର ଖାଲି ଜମି, ଛାତ ଏବଂ ପ୍ଲଟରେ ଲଗାନ୍ତୁ ।
Rupees 60 ଲକ୍ଷ advance
45,000/- rent, 1 ଜଣଙ୍କୁ ଚାକିରି ସହିତ 20,000/- ଦରମା
Bansal Tower, B wing, Bangalore Karnataka-400021
8901110759

**जीप चाहिए**



पूरानी टोयोटो FJ 40 / 70
(कैसी भी कन्डीशन में चलेगी)
फोन करे : 9825205999
9316227171

**ବାବା ଅମିଲ୍ ସୁଫି**
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଂପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧ୍ୟାକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୁଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9911436726
8800979262

**»»ଚମତ୍କାରକୁ ନମସ୍କାର««**
ଆପଣ ବିବ୍ରତ ହୁଅନ୍ତୁ ନାହିଁ, ଆପଣଙ୍କର ସବୁ ସମସ୍ୟାର 2 ଘଣ୍ଟାରେ ଘରେ ବସି ସମାଧାନ
ବ୍ୟବସାୟ, ପ୍ରେମବିବାହ, ଗୃହକ୍ଲେଶ ମନପସନ୍ଦ ବିବାହ, ବିଦେଶ ଯାତ୍ରା, କୋର୍ଟ କେସ୍, ସଉତୁଣୀ/ଶତ୍ରୁ ମୁକ୍ତି, ସ୍ୱାମୀ-ସ୍ତ୍ରୀ ମନୋମାଳିନ୍ୟ, ଗୁଣିଗାରେଡ଼ି, କ୍ୟାରିୟରରେ ବାଧା, ଔଷଧ କାମ ନ କରିବା, ବଶୀକରଣ, ମୁଠକରଣୀ ଇତ୍ୟାଦି
ଯଦି କାହାର ସ୍ୱାମୀ, ପ୍ରେମିକ କିମ୍ବା ପୁଅ ଅନ୍ୟ କାହାର ବଶରେ ଆସନ୍ତି ତେବେ ଆମକୁ ନିଶ୍ଚୟ କଲ୍ କରନ୍ତୁ
21 ବିଦ୍ୟା ଓ ଅଲୌକିକ ଶକ୍ତିର ସମ୍ରାଟ
ବିଶ୍ୱପ୍ରସିଦ୍ଧ ତାନ୍ତ୍ରିକ ବାବା
ମକବୁଲ ଖାନ୍ ବଙ୍ଗାଲୀ
9520764524

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ହମ୍ ଦିଲ୍ ଦେ ଚୁକେ ସନମ୍


'ହମ୍ ଦିଲ୍ ଦେ ଚୁକେ ସନମ୍' ଚଳଚ୍ଚିତ୍ରରେ ଐଶ୍ୱର୍ଯ୍ୟା-ସଲ୍‌ମାନ

ବଲିଉଡ୍‌ର ଆଗଧାଡ଼ିର ନିର୍ଦ୍ଦେଶକ ସଞ୍ଜୟ ଲୀଳା ଭଁସାଲୀଙ୍କ 'ହମ୍ ଦିଲ୍ ଦେ ଚୁକେ ସନମ୍' ଚଳିତ ବର୍ଷ ଏହାର ମୁକ୍ତିଲାଭର ୨୨ ତମ ବର୍ଷ ପାଳନ କରିଛି। ଏହି ଚିତ୍ରଟି ସୁପରହିଟ୍ ହୋଇଥିଲା। ମାତ୍ର ୧୬ କୋଟି ବଜେଟରେ ନିର୍ମିତ ଉକ୍ତ ଫିଲ୍ମ ବକ୍ସ ଅଫିସ୍‌ରେ ୫୧ କୋଟି ଟଙ୍କା ଆୟ କରି ରେକର୍ଡ ସୃଷ୍ଟି କରିଥିଲା। ଏହାର ମୁଖ୍ୟ ଭୂମିକାରେ ସଲମାନ ଖାନ୍, ଐଶ୍ୱର୍ଯ୍ୟା ରାୟ, ଅଜୟ ଦେବଗନଙ୍କୁ ଦେଖିବାକୁ ମିଳିଥିଲା। ଶୁଣିବାକୁ ମିଳେ ଯେ ଏହି ଫିଲ୍ମରୁ ସଲମାନ-ଐଶ୍ୱର୍ଯ୍ୟାଙ୍କ ପ୍ରେମ କାହାଣୀ ସୃଷ୍ଟି ହୋଇଥିଲା। ୧୯୯୯ରେ ଚିତ୍ରଟି ପରଦା ଉପରକୁ ଆସିଥିଲା ଏବଂ ସେହି ବର୍ଷ ମୁକ୍ତିଲାଭ କରିଥିବା ସମସ୍ତ ସିନେମା ମଧ୍ୟରେ ଏହା ସର୍ବାଧିକ ଆୟ କରିଥିଲା। କେବଳ ସେତିକି ନୁହେଁ, ସଞ୍ଜୟଙ୍କ ପ୍ରଯୋଜିତ ଏବଂ ନିର୍ଦ୍ଦେଶିତ ଉକ୍ତ ସିନେମା ତିନୋଟି ଜାତୀୟ ପୁରସ୍କାର, ନଅଟି ଫିଲ୍ମ ଫେୟାର ପୁରସ୍କାର ଏବଂ ଏଗାରଟି ଆଇଫା ପୁରସ୍କାର ହାସଲ କରିବାରେ ସମର୍ଥ ହୋଇଥିଲା। 'ଢୋଲି ତାରୋ ଢୋଲ ବାଜେ', ହେଉ ଅବା 'ନିମ୍ବୁଡା'-ଏହାର ଗୀତଗୁଡ଼ିକ ମଧ୍ୟ ଅଲ-ଟାଇମ୍ ହିଟ୍ ହୋଇ ରହିଛି। ଏହି ଫିଲ୍ମର ନନ୍ଦିନୀ ଭୂମିକାକୁ କେବଳ ଐଶ୍ୱର୍ଯ୍ୟା ହିଁ ତୁଲାଇ ପାରିବେ ବୋଲି ମୂଳରୁ ସଞ୍ଜୟ ଜାଣିଥିଲେ। ଏହି ଫିଲ୍ମରେ ଆଉ ଏକ ଖାସ୍ କଥା ରହିଛି। ପ୍ରଥମେ ଏହାର ଟାଇଟଲ ଥିଲା 'ଦିଲ୍ ତୋ ହମନେ ଦିୟା ସନମ୍'। କିନ୍ତୁ ପରେ ସଞ୍ଜୟ ଏହାକୁ ପରିବର୍ତ୍ତନ କରି 'ହମ୍ ଦିଲ୍ ଦେ ଚୁକେ ସନମ୍' ରଖିଥିଲେ।

# ବାଜିବଲୋ ସାହାନାଇ


ଝିଲିକ୍

ଜଲିଉଡ୍‌ର ଅନ୍ୟତମ ସୁପରହିଟ୍ ନାଟକ ଭାବରେ 'ବାଜିବଲୋ ସାହାନାଇ'କୁ ନିଆଯାଇଥାଏ। ବେଶ୍ କିଛି ବର୍ଷ ପୂର୍ବେ ଏହି ନାଟକଟି ଗୌରୀ ଗଣନାଟ୍ୟ ଦ୍ୱାରା ପରିବେଷିତ ହୋଇ ସାଉଁଟିଥିଲା ଅନେକ ପ୍ରଶଂସା। ନାଟକଟିକୁ ରଚନା କରିବା ସହ ନିର୍ଦ୍ଦେଶନା ଦାୟିତ୍ୱ ତୁଲାଇଥିଲେ ଓଡ଼ିଆ ଯାତ୍ରା ଜଗତର ଅନ୍ୟତମ ଆଗଧାଡିର ନାଟ୍ୟକାର ତଥା ନିର୍ଦ୍ଦେଶକ ଆଶୁତୋଷ ମହାପାତ୍ର। ଏବେ ଏହାକୁ ଓଡ଼ିଆ ଚଳଚ୍ଚିତ୍ରର ରୂପ ଦିଆସରିଛି। ଶୁଭ ବିବାହରେ ସାହାନାଇଟିଏ ଲୋଡା ପଡ଼େ। ଏହାକୁ ପେସା କରି ଚଳୁଥିବା ଲୋକଟିର ଜୀବନରେ କେମିତି ଅନ୍ଧାର ଘୋଟି ଆସେ ଆଉ ତା'ପରେ କ'ଣ ହୁଏ ତାହାକୁ ନେଇ କାହାଣୀ ଗତିଶୀଳ। ଏପରି କାହାଣୀକୁ ନେଇ ନିର୍ମିତ ହୋଇଛି ଏହି ଚିତ୍ର, ଯାହାର ଟାଇଟଲ ରହିଛି 'ବାଜିବଲୋ ସାହାନାଇ' ଏବଂ ଫିଲ୍ମଟି ରିଲିଜ ଅପେକ୍ଷାରେ ରହିଛି। ଏହି ଫିଲ୍ମର ମୁଖ୍ୟ ଭୂମିକାରେ ରହିଛନ୍ତି ସମ୍ମିତ, ଅମ୍ଳାନ କୁମାର ଏବଂ ବଙ୍ଗୀୟ ଅଭିନେତ୍ରୀ ଝିଲିକ୍। ଏମାନଙ୍କ ବ୍ୟତୀତ ରାଇମୋହନ, ଅଶ୍ରୁମୋଚନ ମହାନ୍ତି, ଆଶୁତୋଷ, ଭୂପତି ତ୍ରିପାଠୀ, ସୁମନ, ପ୍ରତିଭା ପଣ୍ଡା, ଜୟୀରାମ ସାମଲ ଏବଂ ଅପେରା ଅଭିନେତା ହୃଷୀକେଶ ମଧ୍ୟ କାଷ୍ଟିଂରେ ଅଛନ୍ତି। ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ଅମୃତାଂଶୁ ପଟ୍ଟନାୟକ (ଟିଟନ)।

ତପୁ ମିଶ୍ରଙ୍କ ସ୍ମରଣେ

# ସ୍ମୃତିରେ ରହିବେ ସବୁଦିନ...

ସୁପରହିଟ୍ ଓଡ଼ିଆ ଚଳଚ୍ଚିତ୍ର 'ଆଇ ଲଭ୍ ୟୁ'ର 'ନା ରେ ନା ବଜାନା ବଂଶୀ' ଗୀତଟି କେତେ ଲୋକପ୍ରିୟ ତାହା କହିବା ଆବଶ୍ୟକ ନାହିଁ। ସ୍ୱରୂପ ନାୟକଙ୍କ ସ୍ୱର ସଂଯୋଜିତ ଏହି ଗୀତକୁ ଆଜି ବି ଅନେକେ ଗୁଣୁଗୁଣେଇ ଥାଆନ୍ତି। ପୁଣି 'ଶାଶୁ ଘର ଚାଲିଯିବି'ର ଟାଇଟଲ ଗୀତ ହେଉ ବା ମନ୍ମଥ ମିଶ୍ରଙ୍କ ସ୍ୱର ସଂଯୋଜିତ 'ପାଗଳ ପ୍ରେମୀ'ର 'ଆ ମାନେ ଆନନ୍ଦପୁର' ଆଦି ଅନେକ ଗୀତ ଆଜି ବି ଶ୍ରୋତାଙ୍କ ମନରେ ଉଜ୍ଜୀବିତ ହୋଇ ରହିଛି। ଏସବୁ ଗୀତ ପାଇଁ କଣ୍ଠଦାନ କରି ସେ ଶ୍ରୋତାଙ୍କ ହୃଦୟରେ ସୃଷ୍ଟି କରିଥିଲେ ଏକ ସ୍ୱତନ୍ତ୍ର ସ୍ଥାନ। ଜଣେ ଲୋକପ୍ରିୟ କଣ୍ଠଶିଳ୍ପୀ ଭାବରେ ସେ କେତେ ପ୍ରଶଂସା ସାଉଁଟିଛନ୍ତି ତାହା କହିବା ବାହୁଲ୍ୟ। ସେ ହେଲେ ଓଡ଼ିଆ ସଙ୍ଗୀତ ଜଗତର ଚର୍ଚ୍ଚିତା କଣ୍ଠଶିଳ୍ପୀ ତପୁ ମିଶ୍ର। ସେ ଆଜି ଆମ ଗହଣରେ ନାହାନ୍ତି ସତ, ହେଲେ ତାଙ୍କର ଅମାୟିକ ବ୍ୟକ୍ତିତ୍ୱ ଏବଂ ସୁଲଳିତ କଣ୍ଠ ସବୁଦିନ ପାଇଁ ସ୍ମରଣୀୟ ହୋଇ ରହିବ। କରୋନା ତାଙ୍କୁ ଆମଠାରୁ ଛଡାଇ ନେଇଛି, ଏପରି ନିଷ୍ଠୁର ସତ୍ୟକୁ ଗ୍ରହଣ କରିବାକୁ ପଡ଼ିବ। ସଙ୍ଗୀତ ପ୍ରତି ସେ କେତେ ସମର୍ପିତ ତାହା କମ୍ ବୟସରେ ତାଙ୍କଠାରେ ଦେଖିବାକୁ ମିଳିଥିଲା। ପିଲାଟି ଦିନରୁ ସେ ଗୀତ ଗାଇବା ପ୍ରତି ଆକର୍ଷିତ ହୋଇଥିଲେ। ତୁଳସୀ ଦୁଇ ପତ୍ରରୁ ବାସିଲା ଭଳି ସ୍କୁଲରେ ପଢ଼ିବା ସମୟରୁ ହିଁ ଭବିଷ୍ୟତରେ ସେ ଜଣେ ପରିଚିତା ଗାୟିକା ଯେ ହେବେ ତାହା ସ୍ପଷ୍ଟ ଭାବରେ ଜଣାପଡ଼ିଯାଇଥିଲା। ଏଥର କରୋନା କେବଳ ତପୁଙ୍କୁ ନୁହେଁ ଓଡ଼ିଆ ସଙ୍ଗୀତ ଜଗତର ବିଶିଷ୍ଟ ସଙ୍ଗୀତଜ୍ଞ ଅମରେନ୍ଦ୍ର ମହାନ୍ତି, ଶାନ୍ତିରାଜ ଖୋସଲାଙ୍କୁ ଅସମୟରେ ଛଡ଼ାଇ ନେଇଛି।

ଓଡ଼ିଆ ଚଳଚ୍ଚିତ୍ର 'କୁଳ ନନ୍ଦନ'ରୁ ସେ ବଡ଼ ପରଦାରେ ନିଜର ଗାୟିକା ଜୀବନ ଆରମ୍ଭ କରିଥିଲେ। ବ୍ରଜରାଜ ମୁଭିଜ ବ୍ୟାନରରେ ନିର୍ମିତ 'ଆଇ ଲଭ୍ ୟୁ' ତାଙ୍କୁ ରାତାରାତି ଯେଉଁ ସଫଳତା ଦେଇଥିଲା ତାହା ବର୍ଣ୍ଣନା କରିବା ଅନାବଶ୍ୟକ। ତା'ପରେ ସେ ଆଉ ପଛକୁ ଫେରି ଚାହିଁ ନ ଥିଲେ। ଗୋଟିଏ ପରେ ଗୋଟିଏ ଓଡ଼ିଆ ସିନେମା ପାଇଁ କଣ୍ଠଦାନ କରି ସେ ସାଉଁଟିଥିଲେ ଅଜସ୍ର ପ୍ରଶଂସା। ବଲିଉଡ୍‌ର ନାମୀ ବ୍ୟାନର ରାଜଶ୍ରୀ ପ୍ରଡକ୍ସନ ତଥା ସୁରଜ ବରଜ୍ୟାତାଙ୍କ ପ୍ରଯୋଜିତ ଏବଂ ବସନ୍ତ ସାହୁଙ୍କ ନିର୍ଦ୍ଦେଶିତ 'ଶାଶୁ ଘର ଚାଲିଯିବି'ର ଟାଇଟଲ ଗୀତ ତାଙ୍କ ସଙ୍ଗୀତ ଜୀବନର ଆଉ ଏକ ମାଇଲଖୁଣ୍ଟ। ଏଥିପାଇଁ ତାଙ୍କୁ ଶ୍ରେଷ୍ଠ ପ୍ରଚ୍ଛଦପଟ ଗାୟିକା ଭାବରେ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ମିଳିଥିଲା। ଏହାପରେ 'ସୁନା ଚଢ଼େଇ ମୋ ରୁପା ଚଢ଼େଇ', 'ତୁ ମୋ ସୁନା ତୁ ମୋ ହୀରା', 'ମନ ମୋର ପ୍ରଜାପତି', 'ଲୋଫର', 'ଚକୋଲେଟ୍', 'ମୋଷ୍ଟ ୱାଣ୍ଟେଡ୍', 'ତୁ ଥା ମୁଁ ଯାଉଛି ରୁଷି', 'ଅଞ୍ଜଳି', 'ଓଁ ନମଃ ଶିବାୟ', 'ଏଇ ମିଳନ ଯୁଗ ଯୁଗର', 'ସ୍ୱୟଂ ସିଦ୍ଧା', 'ସଞ୍ଜୁ ଆଉ ସଞ୍ଜନା', 'ଦିଲ୍ ତତେ ଦେଇଛି', 'ଶୁଭ ବିବାହ', 'ଆଖି ପଲକରେ ତୁ', 'ମିତରେ ମିତ', 'ଲଭ୍ ଡଟ୍ କମ୍', 'କେଉଁ ଦୁନିଆରୁ ଆସିଲ ବନ୍ଧୁ', 'ରୋମିଓ ଦ ଲଭର ବୟ', 'ନନ୍ଦିନୀ ଆଇ ଲଭ୍ ୟୁ', 'କଳିଙ୍ଗ ପୁତ୍ର', 'ବନ୍ଦେ ଉତ୍କଳ ଜନନୀ' ଆଦି ପ୍ରାୟ ୧୫୦ରୁ ଊର୍ଦ୍ଧ୍ୱ ଓଡ଼ିଆ ଚଳଚ୍ଚିତ୍ର ପାଇଁ କଣ୍ଠଦାନ କରି ତପୁ ନିଜକୁ ଜଣେ ଲୋକପ୍ରିୟ ଗାୟିକା ଭାବରେ ପରିଚିତ କରାଇ ପାରିଥିଲେ।



କୌଣସି ଗୀତ ଗାଇବା ସମୟରେ ତାଙ୍କୁ ଯଦି ଟିକିଏ ଖାପଛଡ଼ା ଲାଗିଲେ ସେ ସଙ୍ଗୀତ ନିର୍ଦ୍ଦେଶକଙ୍କ ସହ ଆଲୋଚନା କରିବାକୁ ପଛାଉ ନ ଥିଲେ। ଗୀତକୁ ସେ କେତେ ଭଲ ପାଉଥିଲେ ତାହା ସେ କଣ୍ଠଦାନ କରିଥିବା ଗୀତଗୁଡ଼ିକରୁ ସ୍ପଷ୍ଟ ଜଣାପଡ଼େ। ଯେହେତୁ ଶାସ୍ତ୍ରୀୟ ସଙ୍ଗୀତ ଉପରେ ତାଙ୍କର ଜ୍ଞାନ ଥିଲା ତେଣୁ ପ୍ରତିଟି ଗୀତକୁ କେତେ ଗୁରୁତ୍ୱ ଦେବାକୁ ପଡ଼େ ସେ ତାହା ଜାଣିପାରୁଥିଲେ। ସେଥିପାଇଁ ସେ କଣ୍ଠଦାନ କରିଥିବା ଓଡ଼ିଆ ଚଳଚ୍ଚିତ୍ରର ଗୀତ, ଭଜନ ଏବଂ ଶାସ୍ତ୍ରୀୟ ସଙ୍ଗୀତରେ ତାଙ୍କ କଣ୍ଠର ସ୍ୱତନ୍ତ୍ରତା ବାରି ହୋଇପଡ଼ିଥାଏ ଏବଂ ସେଗୁଡ଼ିକ ଶ୍ରୋତାଙ୍କୁ ଦେଇଥାଏ ଭରପୂର ମନୋରଞ୍ଜନ।

ତପୁଙ୍କର ଅକାଳ ବିୟୋଗ ତାଙ୍କ ପ୍ରଶଂସକଙ୍କୁ ବିଶେଷ ମର୍ମାହତ କରିଛି। ସ୍ୱର ସାଧନା ଜରିଆରେ ସେ ଅଗଣିତ ଶ୍ରୋତାମାନଙ୍କୁ ନିଜର ଗାୟନ ଶୈଳୀ ମାଧ୍ୟମରେ ବାନ୍ଧି ରଖୁଥିଲେ। ମହାମାରୀ କରୋନା ସହ ଦୀର୍ଘ ଏକ ମାସରୁ ଅଧିକ ସମୟ ଧରି ସେ ସଂଗ୍ରାମ କରି ଶେଷରେ ଜୀବନ ଯୁଦ୍ଧରେ ହାରିଗଲେ। ଶ୍ମଶାନରେ ବଧୂ ବେଶରେ ତପୁଙ୍କର ପାର୍ଥିବ ଶରୀର ପଞ୍ଚଭୂତରେ ବିଲୀନ ହୋଇଗଲା। ଏପରି ଜଣେ ଲୋକପ୍ରିୟ ସଙ୍ଗୀତ କଣ୍ଠଶିଳ୍ପୀଙ୍କ ମର ଶରୀର ଭସ୍ମୀଭୂତ ହେଲେ ମଧ୍ୟ ନିଜର ପରାକାଷ୍ଠା ବଳରେ ତପୁ ଶ୍ରୋତାଙ୍କ ମନରେ ଛାପ ହୋଇ ସବୁଦିନ ପାଇଁ ରହିଗଲେ। ତାଙ୍କର ଅମର ଆତ୍ମାର ସଦଗତି କାମନା କରିବା ସହ ସେ ଆରପାରିରେ ଭଲରେ ରୁହନ୍ତୁ ପ୍ରଭୁ ଜଗନ୍ନାଥଙ୍କ ନିକଟରେ ଏତିକି ପ୍ରାର୍ଥନା।

-ଦିଲୀପ ହାଲି, ଭୁବନେଶ୍ୱର
ମୋ : ୯୮୬୧୦୦୯୨୫୨

# ସ୍ୱିଟିରୁ ଅନୁଷ୍କା

'ବାହୁବଳୀ' ଫେମ୍ ଅନୁଷ୍କା ସେଟ୍ଟି। ଦକ୍ଷିଣ ଭାରତୀୟ ସିନେମା ଜଗତରେ ସେ ଜଣେ ପରିଚିତା ଅଭିନେତ୍ରୀ। ଅଭିନୟକୁ କ୍ୟାରିୟର କରିବା ପୂର୍ବରୁ ତାଙ୍କର ପ୍ରକୃତ ନାମ ଥିଲା ସ୍ୱିଟି ସେଟ୍ଟି। ହେଲେ ନିର୍ଦ୍ଦେଶକ ଏସ୍. ଏସ୍. ରାଜମୌଳି ତାଙ୍କୁ ନିଜର ନାମକୁ ସ୍ୱିଟି ପରିବର୍ତ୍ତେ ଅନୁଷ୍କା ରଖିବାକୁ ପରାମର୍ଶ ଦେଇଥିଲେ। ବାସ୍, ତା'ପରେ ସେ ତାଙ୍କର ସ୍କ୍ରିନ୍ ନେମ୍ ଅନୁଷ୍କା ରଖିଥିଲେ। ଥରେ ଏକ ଅଡିଶନ୍ ଦେଉଥିବା ସମୟରେ ତାଙ୍କଠାରେ ଅଭିନୟ ଦକ୍ଷତା ଦେଖିଥିଲେ ନିର୍ଦ୍ଦେଶକ ପୁରୀ ଜଗନ୍ନାଥ। ୨୦୧୫ରେ ମୁକ୍ତିଲାଭ କରିଥିବା 'ସାଇଜ ଜିରୋ' ପାଇଁ ଅନୁଷ୍କା ନିଜ ଓଜନ ୨୦ କିଗ୍ରା ବଢ଼ାଇଥିଲେ। ଆକ୍ଟିଂ ପୂର୍ବରୁ ସେ ଜଣେ ଯୋଗ ପ୍ରଶିକ୍ଷକ ଭାବରେ କାମ କରୁଥିଲେ। ଅନୁଷ୍କାଙ୍କର ଏକ ଭଲ ଗୁଣ ହେଲା ସେ ବିଭିନ୍ନ ଭାଷାରେ ପ୍ରକାଶିତ ଖବର କାଗଜ ସଂଗ୍ରହ କରି ରଖନ୍ତି। ତୁଲୁ ତାଙ୍କର ମାତୃଭାଷା, ହେଲେ ସେ ଇଂଲିଶରେ ଅନେକ କବିତା ରଚନା କରିଛନ୍ତି। ତେଲୁଗୁ ଫିଲ୍ମ 'ସୁପର' (୨୦୦୫)ରୁ ଅନୁଷ୍କା ନିଜର ବଡ଼ ପରଦା କ୍ୟାରିୟର ଆରମ୍ଭ କରିଥିଲେ ଏବଂ ଫିଲ୍ମଟି ହିଟ୍ ସାବ୍ୟସ୍ତ ହୋଇଥିଲା।



## ପ୍ରଶଂସା ପଛରେ..

ପୂଜା ହେଗ୍‌ଡେ ଏବେ ଜଣଙ୍କ ପ୍ରଶଂସାରେ ଶତମୁଖ। ସେ ହେଲେ ତାମିଲ ମେଗାଷ୍ଟାର ପ୍ରଭାସ। କଥା କ'ଣ କି ପ୍ରଭାସଙ୍କ ସହ ସେ ଏବେ 'ରାଧେଶ୍ୟାମ୍'ରେ ଅଭିନୟ କରିଛନ୍ତି। ଯେତେବେଳେ ତାଙ୍କୁ ଏହି ଅଫର ମିଳିଲା ସେତେବେଳେ ପୂଜାଙ୍କ ଖୁସି କହିଲେ ନ ସରେ। ଏ ନେଇ ସେ କହନ୍ତି, 'ପ୍ରଭାସଙ୍କ ପରି ଅଭିନେତାଙ୍କ ସହ ଆକ୍ଟିଂ କରିବାର ସୁଯୋଗ ଭାଗ୍ୟରେ ଥିଲେ ମିଳେ। ଏକ ରୋମାଣ୍ଟିକ କାହାଣୀକୁ ନେଇ 'ରାଧେଶ୍ୟାମ' ନିର୍ମିତ ହୋଇଛି। ଏଥିରେ ମୋତେ ମିଳିଥିବା ଭୂମିକା ମୋ କ୍ୟାରିୟରକୁ ନିଶ୍ଚୟ ମାଇଲେଜ ଦେବ ବୋଲି ଆଶା ରଖିଛି।' ଫିଲ୍ମଟିର ବଜେଟ ରହିଛି ୩୫୦ କୋଟି। କେବଳ ଏହି ଚିତ୍ରର ୨୬ଟି ସେଟ୍ ପାଇଁ ଖର୍ଚ୍ଚ ହୋଇଛି ୧୦୬ କୋଟି। ଫିଲ୍ମଟି ଚଳିତ ବର୍ଷ ଜୁଲାଇ ୩୦ରେ ପରଦା ଉପରକୁ ଆସିଥାଆନ୍ତା। ହେଲେ କରୋନା ପାଇଁ ରିଲିଜ ଡେଟ୍ ଘୁଞ୍ଚିବାର ସମ୍ଭାବନା ରହିଛି। ଏହି ଫିଲ୍ମରେ ପ୍ରଭାସ ଏବଂ ପୂଜାଙ୍କ ବ୍ୟତୀତ ସଚିନ ଖେଡେକର, କ୍ରିଷ୍ଣମ ରାଜୁ, ପ୍ରିୟଦର୍ଶୀ, ଭାଗ୍ୟଶ୍ରୀ, କୁନାଲ ରୟ ପ୍ରମୁଖ କଳାକାର ଅଭିନୟ କରିଛନ୍ତି।


ପୂଜା ହେଗ୍‌ଡେ

## ଅତୀତରୁ

➤ସୁପର ହିଟ୍ ଫିଲ୍ମ 'ମା ଓ ମମତା'ର 'ମମତାର ଫୁଲ ମା ନାହିଁ ତୋର', 'ଦିନରେ ବସନ୍ତ ଆମେ, ଆମେ ରାତିରେ ବାସନ୍ତୀ' ଆଦି ଗୀତ ଏବେ ମଧ୍ୟ ଅନେକ ସିନେପ୍ରେମୀଙ୍କ ମନରେ ବେଶ୍ ସତେଜ ହୋଇ ରହିଛି। ଏହି ଫିଲ୍ମର ଗୀତଗୁଡ଼ିକୁ ସ୍ୱରରେ ସଜାଇଥିଲେ ଭୁବନ-ହରି। ଏହି ଚିତ୍ରରେ ଦେଖିବାକୁ ମିଳିଥିଲା ଅନ୍ୟତମ ଲୋକପ୍ରିୟ ଯୋଡି ପ୍ରଶାନ୍ତ ନନ୍ଦ-ମହାଶ୍ୱେତା ରାୟଙ୍କୁ। ଏଥିରେ ଅନୀତା ଦାସ ଏବଂ ସାମୁଏଲ ସାହୁ (ବାବି) ମଧ୍ୟ ଅଭିନୟ କରିଥିଲେ।

➤ଛାୟାବାଣୀ ପ୍ରତିଷ୍ଠାନ, କଟକ ବ୍ୟାନରରେ ପ୍ରସ୍ତୁତ ହୋଇଥିଲା ଓଡ଼ିଆ ସିନେମା 'ଅକ୍ଷିତୃତୀୟା'। ଚିତ୍ରଟିର ନିର୍ଦ୍ଦେଶନା ଦେଇଥିଲେ ସୁଶୀଲ ମୁଖାର୍ଜୀ। ଶରତ ପୂଜାରୀ ନାୟକ ସାଜିଥିବା ବେଳେ ତାଙ୍କ ଅପୋଜିଟ୍‌ରେ ଥିଲେ ଅନୀତା ଦାସ। ଗୀତଗୁଡ଼ିକୁ ସ୍ୱର ଦେଇଥିଲେ ରାଖାଲ ମହାନ୍ତି।

➤ଅପରାଜିତାଙ୍କ ବଡ ପରଦା ଜୀବନ ଆରମ୍ଭ ହୋଇଥିଲା 'ଅସ୍ତରାଗ'ରୁ। ୧୯୮୨ରେ ମୁକ୍ତିଲାଭ କରିଥିବା ଏହି ଚିତ୍ରରେ ଉତ୍ତମ ମହାନ୍ତି, ଶରତ ପୂଜାରୀ ଏବଂ ରାଧା ପଣ୍ଡା ପ୍ରମୁଖ କଳାକାର ଅଭିନୟ କରିଥିଲେ। ସଙ୍ଗୀତ ନିର୍ଦ୍ଦେଶକ ଥିଲେ ପ୍ରଫୁଲ୍ଲ କର।

# ଏ ମନ ଖୋଜୁଥାଏ ଯାହା...

ବେଳେବେଳେ ମଣିଷ ଆଶା କରୁଥିବା ଜିନିଷଟି ହାତପାଆନ୍ତାରେ ମିଳିଯାଇଥାଏ। ଆଉ ତାକୁ ପାଇବା ପରେ ସଂପୃକ୍ତ ବ୍ୟକ୍ତିଙ୍କର ଖୁସିର ସୀମା ରହି ନ ଥାଏ। ଦେଖୁନାହାନ୍ତି, ଯେତେବେଳେ ନିଜ ମନ ପସନ୍ଦର ଭୂମିକାଟିଏ ପାଇଲେ ସେତେବେଳେ ସେ କେମିତି ତିନି ରାତି ଶୋଇପାରି ନ ଥିଲେ। ସେ ହେଲେ ନବାଗତ ରାଜବୀର। ତାଙ୍କ ଅଭିନୀତ ପ୍ରଥମ ସିନେମା ଥିଲା 'ଲଭ୍ ଫିଭର'। ହେଲେ ଯେତେବେଳେ ସେ 'ଅରୁନ୍ଧତୀ'ର କାହାଣୀ ଏବଂ ନିଜ ଭୂମିକା ବିଷୟରେ ଜାଣିଲେ ସେତେବେଳେ ସେ ତିନି ରାତି ଶୋଇପାରି ନ ଥିଲେ। ''ଏହି ଫିଲ୍ମର କାହାଣୀ ଏବଂ ମୋ ଭୂମିକା ମୋତେ ଏତେ ପ୍ରଭାବିତ କରିଥିଲା ଯେ ମୋ ଖୁସି ବନ୍ଧବାଡ ମାନି ନଥିଲା। ଏପରି କି ମୁଁ ତିନି ରାତି ଖୁସିରେ ଶୋଇ ପାରି ନ ଥିଲି। ଫିଲ୍ମଟି ଦର୍ଶକ ନିଶ୍ଚୟ ଗ୍ରହଣ କରିବେ ବୋଲି ମୋର ଆଶା ରହିଛି ବୋଲି କହନ୍ତି ରାଜବୀର।'' ରମେଶ ରାଉତଙ୍କ ନିର୍ଦ୍ଦେଶିତ ଏହି ସିନେମାରେ ତାଙ୍କର ନାୟିକା ସାଜିଛନ୍ତି ଏଲିନା ପ୍ରିୟଦର୍ଶିନୀ।

# ଟେନ୍‌ସନରେ ଶ୍ରୀଧର

ଓଲିଉଡ୍ ପ୍ରଯୋଜକ ଶ୍ରୀଧର ମାର୍ଥା ଏବେ ଟେନସନରେ। କାରଣ କ'ଣ ଜାଣନ୍ତି ? ସେ ପ୍ରଯୋଜନା କରିଥିବା ଦୁଇଟି ସିନେମା 'ପାଟଣାଗଡ଼' ଏବଂ 'ଦିଲ୍ ମୋର ମାନେନା' ରିଲଜ ହୋଇପାରୁନି। କାରଣ ଏ ନେଇ ବାଧକ ସାଜିଛି କରୋନା ମହାମାରୀ। ଏ ସମ୍ପର୍କରେ ଶ୍ରୀଧର କହନ୍ତି, 'ପ୍ରାୟ ଦୁଇ ବର୍ଷ ହେବ କରୋନା ତାହାର କାୟା ବିସ୍ତାର କରିଛି। ଏଥିପାଇଁ ଏଣ୍ଟରଟେନମେଣ୍ଟ ଜଗତ ବେଶ୍ ପ୍ରଭାବିତ ହୋଇଛି। କୋଭିଡ ଗାଇଡଲାଇନ ଅନୁସାରେ ପ୍ରେକ୍ଷାଳୟ ବନ୍ଦ। ତେଣୁ ନିରୁପାୟ ହୋଇ ଅପେକ୍ଷା କରିବାକୁ ପଡୁଛି। ମୋ ପ୍ରଯୋଜିତ ତଥା ରିଲିଜ ଅପେକ୍ଷାରେ ଥିବା ଫିଲ୍ମଦ୍ୱୟ ଦର୍ଶକଙ୍କୁ ସ୍ୱତନ୍ତ୍ର ମନୋରଞ୍ଜନ ଯୋଗାଇବ ବୋଲି ମୋର ବିଶ୍ୱାସ ରହିଛି। ଏହାର ରିଲିଜକୁ ନେଇ ଟେନସନରେ ଅଛି। ତଥାପି ଧୈର୍ଯ୍ୟର ସହ ଅପେକ୍ଷା କରିବି। ଏବେ ଏକ ନୂଆ ସିନେମାର ପ୍ରାରମ୍ଭିକ କାମ ଆରମ୍ଭ କରିବାକୁ ଯୋଜନା କରୁଛି।'



ତେବେ ଏହି ଫିଲ୍ମଦ୍ୱୟରେ କି ମସଲା ରହିଛି ତାହା ରିଲିଜ ପରେ ହିଁ ଜଣାପଡ଼ିବ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୧୨ Press Regd. No.ORIORI/2005/14845 Postal Regd. No. BN/42/21-23. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ଗୁରୁବାର, ଜୁନ୍ ୨୪/୨୦୨୧ Sambalpur, Thursday, June 24/ 2021

# ଭାରତର ସଂଘର୍ଷ

## ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ ଫାଇନାଲ

ସାଉଥାମ୍ପଟନ,୨୩।୬

ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍‌ର ଫାଇନାଲ ମୁକାବିଲାରେ ଭାରତ ସଂଘର୍ଷ ଜାରି ରଖିଛି। ଉନ୍ନତ ଖେଳି ପ୍ରଦର୍ଶନ କରି ନ୍ୟୁଜିଲାଣ୍ଡ ବିଜୟୀ ହେବାର ସମ୍ଭାବନା ସୃଷ୍ଟି କରିଛି। ବର୍ଷା ଯୋଗୁ ପ୍ରାୟ ଅଢେଇ ଦିନର ଖେଳ ବାତିଲ ହୋଇଥିଲା। ମ୍ୟାଚ୍ ଫଳାଫଳ ପାଇଁ ଷଷ୍ଠ ଦିବସରେ ରିଜର୍ଭ ଡେ'ଖେଳ ଆୟୋଜନ ହୋଇଥିଲା। ଭାରତ ପ୍ରଥମ ଇନିଂସରେ ୯୨.୧ ଓଭରରେ ୨୧୭ ରନକରି ଅଲଆଉଟ ହୋଇଥିଲା। ଜବାବରେ ନ୍ୟୁଜିଲାଣ୍ଡ ୯୯.୨ ଓଭରରେ ୨୪୯ ରନକରି ଅଲଆଉଟ ହୋଇ ୩୨ ରନର ମହତ୍ତ୍ୱପୂର୍ଣ୍ଣ ଅଗ୍ରଣୀ ହାସଲ କରିଥିଲା। ଭାରତ ଦ୍ୱିତୀୟ ଇନିଂସରେ ବିପର୍ଯ୍ୟୟର ସମ୍ମୁଖୀନ ହେବା ସହ ବୁଧବାର ୭୩ ଓଭରରେ ମାତ୍ର ୧୭୦ ରନକରି ସମସ୍ତ ଉଇକେଟ ହରାଇଥିଲା। ଫଳରେ ନ୍ୟୁଜିଲାଣ୍ଡ ସମ୍ମୁଖରେ ୧୩୯ ରନର ବିଜୟଲକ୍ଷ ଧାର୍ଯ୍ୟ ହୋଇଥିଲା। ଦ୍ୱିତୀୟ ଇନିଂସ ଆରମ୍ଭ କରି ନ୍ୟୁଜିଲାଣ୍ଡ ରିପୋର୍ଟ ଲେଖା ହେବା ବେଳକୁ ୩୧ ଓଭରରେ ୨ ଉଇକେଟ ହରାଇ ୮୫ ରନ ସଂଗ୍ରହ କରିଛି। ରସ ଟେଲର ୨୭ ଓ କେନ ୱିଲିୟମସନ ୧୮ ରନକରି ବ୍ୟାଟିଂ



ଏକ୍ସଟ୍ରାକଭରକୁ ଶଟ୍ ଖେଳୁଛନ୍ତି ରସ୍ ଟେଲର।

ଜାରି ରଖିଛନ୍ତି। ଦୁଇ ଓପନର ଟମ୍ ଲଥାମ ୯ ଓ ଡେଭନ କନୱେ ୧୯ ରନକରି ରବିଚନ୍ଦ୍ରନ ଅଶ୍ୱିନଙ୍କ ଦ୍ୱାରା ଆଉଟ ହୋଇଥିଲେ।

### ସୁଯୋଗ ହରାଇଲା ଭାରତ

କୌଣସି ଉଇକେଟ ଯୋଡ଼ିରେ ବଡ଼ ଭାଗୀଦାରି ଗଢ଼ି ନ ପାରି ଭାରତ ସୁଯୋଗ ହାତଛଡ଼ା କରିଥିଲା। କୌଣସି ବ୍ୟାଟ୍ସମ୍ୟାନ ଅର୍ଦ୍ଧଶତକ ହାସଲ କରିପାରି ନ ଥିଲେ। ଦଳ ତରଫରୁ ଉଇକେଟକିପର ବ୍ୟାଟ୍ସମ୍ୟାନ ରିଷଭ ପନ୍ତ ସର୍ବାଧିକ ୪୧ ରନ ସଂଗ୍ରହ କରିଥିଲେ। ଅନ୍ତିମ ୧୦୬ ରନରେ ଭାରତ ୮ ଉଇକେଟ ହରାଇଥିଲା। ନ୍ୟୁଜିଲାଣ୍ଡ ଅଭିଜ୍ଞ ଦ୍ରୁତ ବୋଲର ଟିମ ସୌଦି ଓ ଟ୍ରେଣ୍ଟ ବୋଲ୍ଟ ଭାରତ ପାଇଁ ଘାତକ ସାବ୍ୟସ୍ତ ହୋଇଥିଲେ। ଓଭରନାଇଟ୍ ବ୍ୟାଟ୍ସମ୍ୟାନ ଚେତେଶ୍ୱର ପୂଜାରା ଓ ଅଧିନାୟକ ବିରାଟ କୋହଲି ଯଥାକ୍ରମେ ୧୨ ଓ ୮ ରନରୁ ଖେଳ ଆରମ୍ଭ କରିଥିଲେ। କୋହଲି ଆଉ ମାତ୍ର ଅଧିକ ୫ ରନକରି ୧୩ ରନରେ ଆଉଟ ହୋଇଥିଲେ। ସେହିପରି ପୂଜାରା ଆଉ ୩ ରନକରି ୧୫ ରନରେ ପ୍ୟାଭିଲିୟନ ଫେରିଥିଲେ। ଦୁଇ ବ୍ୟାଟ୍ସମ୍ୟାନ ଦ୍ରୁତ ବୋଲର କାଏଲ ଜେମିସନଙ୍କ ଶିକାର ହୋଇଥିଲେ। ଏହା ପୂର୍ବରୁ ପଞ୍ଚମ ଦିବସରେ ଦୁଇ ଓପନର ରୋହିତ ଶର୍ମା ଓ ଶୁବମନ ଗିଲ ଯଥାକ୍ରମେ ୩୦ ଓ ୮ ରନକରି ଅଭିଜ୍ଞ ଦ୍ରୁତ ବୋଲର ସୌଦିଙ୍କ ଦ୍ୱାରା ଏଲ୍‌ବିଡବ୍ଲ୍ୟୁ ହୋଇ ପ୍ୟାଭିଲିୟନ ଫେରିଥିଲେ। ପ୍ରଥମ ଇନିଂସରେ ୪୯ ରନର ଗୁରୁତ୍ୱପୂର୍ଣ୍ଣ ଇନିଂସ ଖେଳିଥିବା ଉପ-ଅଧିନାୟକ ଅଜିଙ୍କ୍ୟ ରାହାନେ ବିଫଳ ହୋଇଥିଲେ। ସେ ମାତ୍ର ୧୫ ରନ କରିଥିଲେ। ଅଲରାଉଣ୍ଡର ରବୀନ୍ଦ୍ର ଜାଡେଜା ୧୬ ରନକରି ନେଲ ୱାଗନରଙ୍କ ଦ୍ୱାରା ଆଉଟ ହୋଇଥିଲେ। ସେହିପରି ରବିଚନ୍ଦ୍ରନ ଅଶ୍ୱିନ ୭ ରନକରି ବୋଲ୍ଟଙ୍କ ତୃତୀୟ ଶିକାର ହୋଇଥିଲେ। ଶେଷରେ ମହମ୍ମଦ ସାମି ୧୩ ଓ ଯଶପ୍ରୀତ ବୁମ୍ରା ଖାତା ଖୋଲିବା ପୂର୍ବରୁ ସୌଦିଙ୍କ ଦ୍ୱାରା ଆଉଟ ହୋଇଥିଲେ। ଇଶାନ୍ତ ଶର୍ମା ୧ ରନକରି ଅପରାଜିତ ରହିଥିଲେ। ନ୍ୟୁଜିଲାଣ୍ଡ ତରଫରୁ ବୋଲିଂରେ ସୌଦି ସର୍ବାଧିକ ୪, ବୋଲ୍ଟ ୩, ଜେମିସନ ୨ ଓ ୱାଗନର ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ। ଦ୍ୱିତୀୟ ଇନିଂସରେ ୩ଟି କ୍ୟାଚ୍ ନେଇ ନ୍ୟୁଜିଲାଣ୍ଡ ଉଇକେଟକିପର ବିଜେ ୱାଟଲିଂ। ସର୍ବାଧିକ କ୍ୟାଚ୍ ନେବାରେ ସେ ଭାରତର ମହେନ୍ଦ୍ର ସିଂ ଧୋନୀଙ୍କୁ ପଛରେ ପକାଇଛନ୍ତି।

**ସଂକ୍ଷିପ୍ତ ସ୍କୋର**

ଭାରତ ପ୍ରଥମ ଇନିଂସ- ୯୨.୧ ଓଭରରେ ୨୧୭ ଅଲ୍‌ଆଉଟ। ନ୍ୟୁଜିଲାଣ୍ଡ ପ୍ରଥମ ଇନିଂସ- ୯୯.୨ ଓଭରରେ ୨୪୯ ଅଲ୍‌ଆଉଟ। ଭାରତ ଦ୍ୱିତୀୟ ଇନିଂସ- ୭୩ ଓଭରରେ ୧୭୦ ଅଲଆଉଟ (ପନ୍ତ- ୪୧, ରୋହିତ- ୩୦, ସୌଦି- ୪/୪୮, ବୋଲ୍ଟ- ୩/୩୯, ଜେମିସନ- ୨/୩୦, ୱାଗନର- ୧/୪୪)। ନ୍ୟୁଜିଲାଣ୍ଡ ଦ୍ୱିତୀୟ ଇନିଂସ: ୩୧ ଓଭରରେ ୮୫/୨ (ୱିଲିୟମସନ- ୧୮*, ଟେଲର- ୨୭*, କନୱେ- ୧୯, ଅଶ୍ୱିନ- ୨/୧୭)।

# ବିଶ୍ୱରଞ୍ଜନ, ବିଭୁକଲ୍ୟାଣଙ୍କୁ ଦାୟିତ୍ୱ

ଭୁବନେଶ୍ୱର, ୨୩।୬(କ୍ରୀଡ଼ା ପ୍ରତିନିଧି)

ଜୁନିୟର ପୁରୁଷ ହକି ବିଶ୍ୱକପ ଭାରତରେ ନଭେମ୍ବର ୨୪ରୁ ଡିସେମ୍ବର ୫ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହାର ଭେନ୍ୟୁ ଏପର୍ଯ୍ୟନ୍ତ ଘୋଷଣା କରାଯାଇ ନ ଥିଲେ ହେଁ ଅନ୍ତର୍ଜାତୀୟ ହକି ଫେଡେରେଶନ ପକ୍ଷରୁ ବୁଧବାର ଅଫିସିଆଲଙ୍କ ନାମ ଘୋଷଣା କରାଯାଇଛି। ଫଳରେ ଓଡ଼ିଶାର ବିଶ୍ୱରଞ୍ଜନ ଷଡ଼ଙ୍ଗୀ ଟେକ୍ନିକାଲ ଅଫିସିଆଲଭାବେ କାର୍ଯ୍ୟନିର୍ବାହ କରିବେ ବୋଲି ସ୍ପଷ୍ଟ ହୋଇଛି। ପ୍ରକାଶ ଯୋଗ୍ୟ ଯେ, ବିଶ୍ୱରଞ୍ଜନ ପୂର୍ବରୁ ଅନେକ ଜାତୀୟ-ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଅଫିସିଆଲ ଦାୟିତ୍ୱ ସଫଳତାର ସହ ସମ୍ପାଦନ କରିଛନ୍ତି। ଏହାର ପୁରସ୍କାର ସ୍ୱରୂପ ତାଙ୍କୁ ସମ୍ମାନଜନକ ଜୁନିୟର ହକି ବିଶ୍ୱକପରେ ଅଫିସିଆଲ ହେବାର ସୁଯୋଗ ମିଳିଛି। ପ୍ରକାଶିତ ତାଲିକା ଅନୁସାରେ ଅନ୍ୟତମ ଓଡ଼ିଆ ବିଭୂକଲ୍ୟାଣ ନାୟକ ମେଡିକାଲ ଅଫିସର ନିଯୁକ୍ତ ହୋଇଛନ୍ତି। ଗତବର୍ଷ ଅଲିମ୍ପିକ୍ସ ପାଇଁ ଏଫ୍ଆଇଏଚ୍ ପକ୍ଷରୁ ତାଙ୍କ ନାମ ଘୋଷଣା କରାଯାଇଥିଲା। ୨୦୧୮ରେ ଭୁବନେଶ୍ୱରରେ ଅନୁଷ୍ଠିତ ହକି ବିଶ୍ୱକପରେ ମଧ୍ୟ ବିଭୂକଲ୍ୟାଣ ମେଡିକାଲ ଅଫିସର





ବିଶ୍ୱରଞ୍ଜନ ଷଡ଼ଙ୍ଗୀ ଓ ବିଭୂକଲ୍ୟାଣ ନାୟକ।

ଦାୟିତ୍ୱ ତୁଲାଇଥିଲେ। ଏହା ବ୍ୟତୀତ ୨୦୦୭ରୁ ୨ ବର୍ଷ ପାଇଁ ଭାରତୀୟ ଯୁଥ୍ ବକ୍ସିଂ ଟିମ୍, ୨୦୦୯ରୁ ଭାରତୀୟ ଜାତୀୟ ହକି ଦଳସହ ରହି ୨୦୦୯ ଓ ୨୦୧୦ ସୁଲତାନ ଆଜଲାନଶାହ

**ଜୁନିୟର ହକି ବିଶ୍ୱକପ**

କପ୍, ୨୦୧୦ ରାଜ୍ୟଗୋଷ୍ଠୀ କ୍ରୀଡ଼ା, ଏସିଆନ ଗେମ୍ସ, ପୁରୁଷ ହକି ବିଶ୍ୱକପ (ନୂଆଦିଲ୍ଲୀ) ଏବଂ ୨୦୧୨ ଦୋହା କାତାର ଏସିଆନ ଚାମ୍ପିୟନ୍ସ ଟ୍ରଫିରେ ଏହି ଦାୟିତ୍ୱ ସଫଳତାର ସହ ତୁଲାଇଛନ୍ତି। ଓଡ଼ିଶାର ଏହି ୨ ଜଣଙ୍କୁ ଛାଡ଼ିଦେଲେ ଆଉ ଜଣେ ଭାରତୀୟ ଏହି ତାଲିକାରେ ରହିଛନ୍ତି। ସେ ହେଉଛନ୍ତି ଦୀପକ ଯୋଶୀ। ସେ ୧୪ ଜଣିଆ ଅମ୍ପାୟର ତାଲିକାରେ ରହିଛନ୍ତି। ଜୁନିୟର ହକି ବିଶ୍ୱକପ ପାଇଁ ଆୟୋଜକ ଭାରତକୁ ଛାଡ଼ିଦେଲେ ଇଂଲଣ୍ଡ, ଫ୍ରାନ୍ସ, ଜର୍ମାନୀ, ନେଦରଲାଣ୍ଡ୍ସ, ସ୍ପେନ ଯୋଗ୍ୟତା ହାସଲ କରି ସାରିଛନ୍ତି। ୨୦୨୧ ଜୁନିୟର ଓସେନିଆ କପ୍‌ରୁ ୨, ଜୁନିୟର ଏସିଆ କପ୍‌ରୁ ୩, ଜୁନିୟର ଆଫ୍ରିକା କପ୍‌ରୁ ୨ ଏବଂ ଜୁନିୟର ପାନ୍ ଆମେରିକାନ୍ ଚାମ୍ପିୟନଶିପ୍‌ରୁ ୨ଟି ଦଳ ଯୋଗ୍ୟତା ହାସଲ କରିବେ। ମୋଟ ୧୬ ଦଳକୁ ନେଇ ପ୍ରତିଯୋଗିତା ହେବ।

# ଜାଡେଜା ନମ୍ବର ୱାନ୍ ଟେଷ୍ଟ ଅଲ୍‌ରାଉଣ୍ଡର

ଦୁବାଇ, ୨୩।୬ (ପି.ଟି.)

ସଦ୍ୟ ପ୍ରକାଶିତ ଆଇସିସି ଟେଷ୍ଟ ର୍ୟାଙ୍କିଙ୍ଗ୍‌ରେ ୱେଷ୍ଟଇଣ୍ଡିଜର ଜାସନ ହୋଲ୍‌ଡରଙ୍କୁ ହଟାଇ ଭାରତର ରବୀନ୍ଦ୍ର ଜାଡେଜା ବିଶ୍ୱର ନମ୍ବର ୱାନ ଅଲ୍‌ରାଉଣ୍ଡର ହୋଇଛନ୍ତି। ହୋଲ୍‌ଡର (୩୮୪)ଙ୍କଠାରୁ ଜାଡେଜା ୨ ପଏଣ୍ଟ ଆଗରେ ରହିଛନ୍ତି। ଇଂଲଣ୍ଡ ଅଲ୍‌ରାଉଣ୍ଡର ବେନ୍ ଷ୍ଟୋକ୍ସ ୩୭୭ ପଏଣ୍ଟ ସହ ତୃତୀୟ ସ୍ଥାନରେ ଅଛନ୍ତି।



ଅନ୍ୟ ଜଣେ ଭାରତୀୟ ରବିଚନ୍ଦ୍ରନ ଅଶ୍ୱିନ ୩୫୩ ପଏଣ୍ଟ ସହ ଚତୁର୍ଥ ସ୍ଥାନ ଅଧିକାର କରିଛନ୍ତି। ତାଙ୍କ ପଛକୁ ବାଂଲାଦେଶର ଶକିବ ଅଲ୍ ହସନ (୩୩୮) ରହିଛନ୍ତି। ବୋଲିଂ ର୍ୟାଙ୍କିଙ୍ଗରେ କିନ୍ତୁ ଅଶ୍ୱିନ ୮୫୦ ପଏଣ୍ଟ ସହ ଅଷ୍ଟ୍ରେଲିଆର ପ୍ୟାଟକମିନ୍ସ(୯୦୮)ଙ୍କ ପଛରେ ଦ୍ୱିତୀୟ ସ୍ଥାନରେ ଅଛନ୍ତି। ନ୍ୟୁଜିଲାଣ୍ଡର ଟିମ୍ ସୌଦି (୮୩୦) ତୃତୀୟ ହୋଇଛନ୍ତି। ଅନ୍ୟପକ୍ଷରେ ବ୍ୟାଟ୍ସମ୍ୟାନ ତାଲିକାର ପ୍ରଥମ ୫ଟି ସ୍ଥାନରେ କୌଣସି ପରିବର୍ତ୍ତନ ଘଟି ନାହିଁ। ଭାରତ ଅଧିନାୟକ ବିରାଟ କୋହଲି ୮୧୪ ପଏଣ୍ଟ ସହ ପୂର୍ବଭଳି ଚତୁର୍ଥ ସ୍ଥାନରେ ରହିଛନ୍ତି। ଅଷ୍ଟ୍ରେଲିଆର ଷ୍ଟିଭ୍ ସ୍ମିଥ୍ ୮୯୧ ପଏଣ୍ଟ ସହ ପ୍ରଥମ

**ଟେଷ୍ଟ ର୍ୟାଙ୍କିଙ୍ଗ୍**

ସ୍ଥାନ ବଜାୟ ରଖିଥିବାବେଳେ ତାଙ୍କ ପଛକୁ ପଛ ରହିଛନ୍ତି ନ୍ୟୁଜିଲାଣ୍ଡର କେନ୍ ୱିଲିୟମସନ (୮୮୬) ଓ ଅଷ୍ଟ୍ରେଲିଆର ମାର୍ନସ ଲାବୁସାନେ (୮୭୮)। ଇଂଲଣ୍ଡ ଅଧିନାୟକ ଜୋ ରୁଟ୍ (୭୯୭) ପାଞ୍ଚ ନମ୍ବରରେ ରହିଥିବାବେଳେ ତାଙ୍କ ପଛକୁ ରିଷଭ ପନ୍ତ ଓ ରୋହିତ ଶର୍ମା ପ୍ରତ୍ୟେକ ୭୪୭ ପଏଣ୍ଟ ସହ ମିଳିତ ୬ଷ୍ଠ ସ୍ଥାନରେ ଅଛନ୍ତି।

# ଅଲିମ୍ପିକ୍ ଦିବସରେ କ୍ରୀଡ଼ାମନ୍ତ୍ରୀଙ୍କ ଶୁଭେଚ୍ଛା

**ଭୁବନେଶ୍ୱର, ୨୩।୬ (କ୍ରୀଡ଼ା ପ୍ରତିନିଧି):** ଅନ୍ତର୍ଜାତୀୟ ଅଲିମ୍ପିକ୍ ଦିବସ ଅବସରରେ କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା ରାଜ୍ୟର ସମସ୍ତ କ୍ରୀଡ଼ାବିତ୍ ଓ କ୍ରୀଡ଼ାପ୍ରେମୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଅଲିମ୍ପିକ୍ କେବଳ ଏକ କ୍ରୀଡ଼ା ନୁହେଁ, ଏହା ଦେଶ ଦେଶ ମଧ୍ୟରେ ବନ୍ଧୁତା ଓ ମୈତ୍ରୀଭାବ ସୃଷ୍ଟି କରିବାର ଏକ ବଳିଷ୍ଠ ମାର୍ଗ। ଉନ୍ନତ ଖେଳ ପ୍ରଦର୍ଶନ ସହିତ ସମଗ୍ର ବିଶ୍ୱରେ ନିଜର ତଥା ନିଜ ଦେଶର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବାର ଦକ୍ଷତା କେବଳ ଜଣେ କ୍ରୀଡ଼ାବିତ୍ ନିକଟରେ ସମ୍ଭବପର। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସରକାର ସମୟରେ କ୍ରୀଡ଼ାକୁ ଯେଉଁଭଳି ଅଗ୍ରାଧିକାର ଦିଆଯାଇଛି ତାହା ପୂର୍ବରୁ କେବେ ସମ୍ଭବ ହୋଇ ନ ଥିଲା। ଅଲିମ୍ପିକ୍ ପାଇଁ ମନୋନୀତ ଏବଂ ପ୍ରସ୍ତୁତ ହେଉଥିବା ସମସ୍ତ ଖେଳାଳିଙ୍କୁ ଶୁଭେଚ୍ଛା ଜଣାଉଛି ବୋଲି ତୁଷାରକାନ୍ତି ନିଜ ବାର୍ତ୍ତାରେ କହିଛନ୍ତି।

# ଚେକ୍ ଗଣରାଜ୍ୟକୁ ହରାଇଲା ଇଂଲଣ୍ଡ

ଲଣ୍ଡନ,୨୩।୬

ୟୁରୋକପ୍ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟରେ ଇଂଲଣ୍ଡ ଏକ ଗୁରୁତ୍ୱପୂର୍ଣ୍ଣ ବିଜୟ ହାସଲ କରିଛି। ମଙ୍ଗଳବାର ଗ୍ରୁପ୍ ଡି'ରେ ଇଂଲଣ୍ଡ ୧-୦ ଗୋଲରେ ଚେକ୍ ଗଣରାଜ୍ୟକୁ ପରାସ୍ତ କରିଛି। ୩ଟି ମ୍ୟାଚ୍ ଖେଳି ଇଂଲଣ୍ଡ ୨ଟି ବିଜୟ ଓ ଗୋଟିଏ ଡ୍ର ସହ ୭ ପଏଣ୍ଟ ହାସଲ କରି ଗ୍ରୁପ୍ ଶୀର୍ଷକୁ ଉଠିଛି। ଅନ୍ୟପଟେ ଚେକ୍ ଗଣରାଜ୍ୟ ୩ଟି ମ୍ୟାଚ୍ ଖେଳି ଗୋଟିଏ ଲେଖାଏ ବିଜୟ, ପରାଜୟ ଓ ଡ୍ର ସହ ୪ ପଏଣ୍ଟ ହାସଲ କରି ଦ୍ୱିତୀୟ ସ୍ଥାନରେ ରହିଛି।



ରହିମ ଷ୍ଟର୍ଲିଂ

ସ୍ଥାନୀୟ ୱେମ୍ବଲେ ଷ୍ଟାଡିୟମରେ ଖେଳାଯାଇଥିବା ଏହି କଡ଼ା ସଂଘର୍ଷପୂର୍ଣ୍ଣ ମ୍ୟାଚ୍‌ରେ ରହିମ ଷ୍ଟର୍ଲିଂ ଇଂଲଣ୍ଡକୁ ବିଜୟୀ କରାଇଥିଲେ। ଦ୍ୱାଦଶ ମିନିଟ୍‌ରେ ସେ ଏକ ସୁନ୍ଦର ଗୋଲ ଦେଇ ଇଂଲଣ୍ଡକୁ ଅଗ୍ରଣୀ କରାଇଥିଲେ। ବୃହତ୍ ବିଜୟ ହାସଲ କରିପାରି ନ ଥିଲେ ମଧ୍ୟ ଇଂଲଣ୍ଡ ପ୍ରଭାବୀ ପ୍ରଦର୍ଶନ କରିଥିଲା। ବଲ୍‌କୁ ଅଧିକ ସମୟ ଇଂଲଣ୍ଡ ଖେଳାଳିମାନେ ନିଜ ପାଖରେ ରଖିଥିଲେ। ସେହିପରି ପାସ୍ ଓ ପାସ୍ ଆକ୍ୟୁରେସିରେ ମଧ୍ୟ ଇଂଲଣ୍ଡ ବହୁ ଆଗରେ ରହିଥିଲା। ଷ୍ଟର୍ଲିଂଙ୍କ ପ୍ରଦର୍ଶନକୁ ଇଂଲଣ୍ଡ କୋଚ୍ ଗାରେଥ ସାଉଥଗେଟ୍ ପ୍ରଶଂସା କରିଛନ୍ତି। ଷ୍ଟର୍ଲିଂ ହେଡ୍ କରି ଗୋଲ ସ୍କୋର କରିଥିଲେ ଓ ଚଳିତ ୟୁରୋକପ୍‌ରେ ଏହା ତାଙ୍କର ଦ୍ୱିତୀୟ ଗୋଲ ସାବ୍ୟସ୍ତ ହୋଇଛି। ଘରୋଇ ପରିବେଶ ଇଂଲଣ୍ଡ ପାଇଁ ଅନୁକୂଳ ପରିସ୍ଥିତି

**ୟୁରୋକପ୍ ଫୁଟ୍‌ବଲ**

ସୃଷ୍ଟି କରିଥିଲା। ଏବେ ରାଉଣ୍ଡ ଅଫ୍ ୧୬ରେ ଇଂଲଣ୍ଡ ୱେମ୍ବଲେ ଷ୍ଟାଡିୟମରେ ୨୯ ତାରିଖରେ ମ୍ୟାଚ୍ ଖେଳିବ ଓ ବିଜୟୀ ହେଲେ ରୋମ୍‌ରେ କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ଅବତୀର୍ଣ୍ଣ ହେବ। ୨୦୧୪ ଓ ୨୦୧୮ ବିଶ୍ୱକପ୍ ଓ ୟୁରୋ ୨୦୧୬ରେ ଷ୍ଟର୍ଲିଂ ଗୋଲ ଦେଇପାରି ନ ଥିଲେ ମଧ୍ୟ ଏଥର ସଫଳ ହୋଇଛନ୍ତି। ୟୁରୋକପ୍‌ରେ କ୍ରୋଏସିଆ ନକ୍‌ଆଉଟ ପର୍ଯ୍ୟାୟକୁ ଉଠିଛି। ମଙ୍ଗଳବାର ଅନୁଷ୍ଠିତ ଗ୍ରୁପ୍ ଡି' ମୁକାବିଲାରେ କ୍ରୋଏସିଆ ୩-୧ ଗୋଲରେ ସ୍କଟ୍‌ଲାଣ୍ଡକୁ ହରାଇ ଏହି ସଫଳତା ପାଇଛି।

# ସାଇକ୍ଲିଂ ଟିମ୍ ମ୍ୟାନେଜର ୩ ବର୍ଷ ସସ୍‌ପେଣ୍ଡ

**ଏଗ୍ଲି (ସୁଇଜରଲାଣ୍ଡ), ୨୩।୬ (ଏପି):** ବହୁ ମହିଳା ରାଇଡରଙ୍କୁ ଯୌନ ଉତ୍ପୀଡ଼ନ ଦେଇଥିବା ଅଭିଯୋଗରେ ଜଣେ ମହିଳା ସାଇକ୍ଲିଂ ଟିମ୍ ମ୍ୟାନେଜରଙ୍କୁ ଖେଳର ପରିଚାଳନା ପରିଷଦ (ୟୁସିଆଇ) ୩ ବର୍ଷ ସସ୍‌ପେଣ୍ଡ କରିଛି। ସେ ହେଉଛନ୍ତି ଡଲ୍‌ସିନି-ଭାନ୍ ଇକ୍ ପ୍ରକ୍ସିମସ୍ ଟିମ୍‌ର ନିର୍ଦ୍ଦେଶକ ମାର୍କ ବ୍ରାକେ। ୩ବର୍ଷ ସସ୍‌ପେଣ୍ଡ ଥିବା ସମୟରେ ସାଇକ୍ଲିଂ ସ୍ପୋର୍ଟ୍ସର କୌଣସି ପ୍ରକାର କାର୍ଯ୍ୟକଳାପରେ ସମ୍ପୃକ୍ତ ହୋଇପାରିବେ ନାହିଁ। ବ୍ରାକେ ସେମାନଙ୍କ ପ୍ରତି ଅସଦାଚରଣ କରିଥିବା ଅନେକ ରାଇଡର ଅଭିଯୋଗ ଆଣିଥିଲେ। ଶୃଙ୍ଖଳା କମିଟିର ଏଥିକ୍ସ କମିଶନ ଅଭିଯୋଗର ସତ୍ୟତା ନେଇ ତଦନ୍ତ କରିଥିଲା। ବ୍ରାକେ ଦୋଷୀ ସାବ୍ୟସ୍ତ ହେବା ପରେ ୟୁସିଆଇ ତାଙ୍କୁ ଦଣ୍ଡ ବିଧାନ କରିଥିଲା।

# 'ଗୌରବମୟ ଯାତ୍ରା ବଜାୟ ରହିଛି'

ଭୁବନେଶ୍ୱର, ୨୩।୬(କ୍ରୀଡ଼ା ପ୍ରତିନିଧି)

'ଓଡ଼ିଶା, ହକି, ଅଲିମ୍ପିକ' ଏହି ତିନୋଟି ଶବ୍ଦର ପରସ୍ପର ମଧ୍ୟରେ ବେଶ୍ ଘନିଷ୍ଠ ସମ୍ପର୍କ ଥିଲା ଭଳି ମୋର ମନେ ହୁଏ। ଈଶ୍ୱରଙ୍କ ଆଶୀର୍ବାଦ ଓ ମୋର କଠିନ ପରିଶ୍ରମ ଯୋଗୁ ପ୍ରଥମ ଥର ପାଇଁ ମତେ ୧୯୯୬ ଆଟଲାଣ୍ଟା ଅଲିମ୍ପିକରେ ଦେଶ ପାଇଁ ଖେଳିବାର ସୁଯୋଗ ମିଳିଥିଲା। ପରବର୍ତ୍ତୀ ସମୟରେ ୨୦୦୦ ମସିହାରେ ସିଡ୍‌ନୀ ଅଲିମ୍ପିକ ଓ ୨୦୦୪ ମସିହାରେ ଏଥେନ୍ସ ଅଲିମ୍ପିକରେ ଖେଳିବାର ସୁଯୋଗ ମିଳିଛି। ମୋ ସହ ଓଡ଼ିଶାର ଲାଜାରୁସ ବାର୍ଲା, ଇଗ୍ନେସ ତିର୍କୀ, ଉଇଲିୟମ ଖାଲ୍‌କୋଙ୍କ ଭଳି ଦକ୍ଷ ଖେଳାଳି ଦେଶ ପାଇଁ ଅଲିମ୍ପିକ ଖେଳିବାର ଧାରାକୁ ଆଗକୁ ନେଲେ। ୧୯୯୬ରୁ ଆରମ୍ଭ ହୋଇଥିବା ଏହି ଗୌରବମୟ ଯାତ୍ରା ଆଜି ମଧ୍ୟ ବଜାୟ ରହିଛି। ଟୋକିଓ ଅଲିମ୍ପିକରେ ବୀରେନ୍ଦ୍ର ଲାକ୍ରା, ଅମିତ ରୋହିଦାସ ଓ ଦୀପ୍‌ଗ୍ରେସ ଏକ୍କା ଦେଶ ପାଇଁ ଖେଳିବେ, ତେଣୁ ମୁଁ ବହୁତ ଖୁସି। ସେହିପରି ବୀରେନ୍ଦ୍ର ଓ ଦୀପ୍‌ଗ୍ରେସଙ୍କୁ ଉପଅଧିନାୟକ ଓ ଉପଅଧିନାୟିକା ଦାୟିତ୍ୱ ମଧ୍ୟ ମିଳିଛି। ଯାହା ଆମ ପାଇଁ ଗୌରବର କଥା ବୋଲି ଅନ୍ତର୍ଜାତୀୟ ଅଲିମ୍ପିକ ଦିବସ ଅବସରରେ ପ୍ରକାଶ କରିଛନ୍ତି ଭାରତୀୟ ହକି ଦଳର ପୂର୍ବତନ ଅଧିନାୟକ ପଦ୍ମଶ୍ରୀ ଦିଲୀପ ତିର୍କୀ।

ଦିଲୀପ କହିଛନ୍ତି ଯେ ମୁଁ ଯେବେ ଖେଳରୁ ଅବସର ନେଲି ସେ ସମୟରେ ରାଜ୍ୟରେ ହକି ପାଇଁ ଭିତ୍ତିଭୂମିର ଅଭାବ ଥିଲା।



୨୦୦୮ରେ ଭାରତ ହକିରେ ଅଲିମ୍ପିକ ପାଇଁ ଯୋଗ୍ୟତା ହାସଲ ନ କରିବା ମତେ ବେଶ୍ ବ୍ୟଥିତ କରିଥିଲା। ରାଜ୍ୟରେ ପ୍ରତିଭାର ଅଭାବ ନାହିଁ, କିନ୍ତୁ ଭିତ୍ତିଭୂମିର ଅଭାବ ଯୋଗୁ ରାଜ୍ୟରୁ ହକି ଅଲିମ୍ପିଆନ ବାହାରିବେ କି ନାହିଁ ସେଥିପାଇଁ ମୋ ମନରେ ସନ୍ଦେହ ଥିଲା। ଜଣେ ପୂର୍ବତନ ହକି ଖେଳାଳି ଭାବେ ଯୁବ ପ୍ରତିଭାଙ୍କୁ ପ୍ରୋତ୍ସାହନ ଦେବା ମୋର ଦାୟିତ୍ୱ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ହକି ପ୍ରତି ଭଲ ପାଇବା ମୋର ସବୁ ସନ୍ଦେହ ଦୂର କରିଦେଇଛି। ହକିର ବିକାଶ ପାଇଁ ମୁଖ୍ୟମନ୍ତ୍ରୀଙ୍କ ପ୍ରତିବଦ୍ଧତା ଓଡ଼ିଶା ତଥା ହକିକୁ ଦେଇଛି ସ୍ୱତନ୍ତ୍ର ପରିଚୟ। ତାଙ୍କ ଦୃଢ଼ ନେତୃତ୍ୱ ଯୋଗୁ ଓଡ଼ିଶା ଆଜି ବିଶ୍ୱ ହକିର ପ୍ରାଣକେନ୍ଦ୍ର। ଆଜି ଓଡ଼ିଶାରେ ବିଶ୍ୱସ୍ତରୀୟ ଭିତ୍ତିଭୂମି ଦେଖି ମୁଁ ଗର୍ବିତ। ହକି ବିଶ୍ୱକପ ସମେତ

**ଅନ୍ତର୍ଜାତୀୟ ଅଲିମ୍ପିକ୍ ଦିବସରେ ଦିଲୀପଙ୍କ ବାର୍ତ୍ତା**

ବିଭିନ୍ନ ବିଶ୍ୱସ୍ତରୀୟ ଟୁର୍ଣ୍ଣାମେଣ୍ଟ ଆୟୋଜନ ଆମ ପାଇଁ ଗର୍ବ ଓ ଗୌରବର ବିଷୟ। ମୋ ନିଜ ଜିଲା ସୁନ୍ଦରଗଡ଼ରେ ଦେଶର ସବୁଠାରୁ ବଡ଼ ହକି ଷ୍ଟାଡିୟମ ନିର୍ମାଣ ହେଉଛି। ଭୁବନେଶ୍ୱର ସମେତ ରାଉରକେଲାରେ ୨୦୨୩ ହକି ବିଶ୍ୱକପ୍‌ର ଅନେକ ମ୍ୟାଚ ସେଠାରେ ଆୟୋଜନ ହେବ। ଜଣେ ସୁନ୍ଦରଗଡ଼ିଆ ତଥା ଓଡ଼ିଆ ହିସାବରେ ଏହା ମୋ ପାଇଁ ନିହାତି ଗର୍ବ ଓ ଗୌରବର ବିଷୟ ବୋଲି ଦିଲୀପ ପ୍ରକାଶ କରିଛନ୍ତି।

# ଭାରତର ଅଲିମ୍ପିକ ଥିମ୍ ଗୀତ ଉନ୍ମୋଚିତ

**ନୂଆଦିଲ୍ଲୀ, ୨୩।୬ (ପି.ଟି.):** ଭାରତର ଅଫିସିଆଲ ଅଲିମ୍ପିକ ଥିମ୍ ଗୀତ ବୁଧବାର ଉନ୍ମୋଚିତ ହୋଇଯାଇଛି। କ୍ରୀଡ଼ାମନ୍ତ୍ରୀ କିରେନ ରିଜିଜୁ ଇଭେଣ୍ଟର ମୁଖ୍ୟ ଅତିଥି ଥିଲେ। 'ଲକ୍ଷ୍ୟ ତେରା ସାମ୍‌ନେ ହାଏ' ଶୀର୍ଷକ ଗୀତଟିର ରଚନା କରିଛନ୍ତି ଓ ଗାଇଛନ୍ତି ମୋହିତ ଚୌହାନ। ଭାରତୀୟ ଅଲିମ୍ପିକ ଆସୋସିଏଶନ ଇଭେଣ୍ଟର ଆୟୋଜନ କରିଥିବାବେଳେ ଏଥିରେ ଏହାର ସଭାପତି, ସାଧାରଣ ସମ୍ପାଦକ, ଡେପୁଟି ଚିଫ୍ ଡି' ମିଶନ, କ୍ରୀଡ଼ା ସଚିବ ଓ ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ (ସାଇ) ପ୍ରମୁଖ ଯୋଗ ଦେଇଥିଲେ। ଗେମ୍ସ ଜୁଲାଇ ୨୩ରୁ ଆରମ୍ଭ ହେବ। ଏଥିରେ ଭାରତର ୧୦୦ରୁ ଅଧିକ ଆଥ୍‌ଲେଟ ଭାଗ ନେବେ।

# ଛୁଟି ନେଲେ କ୍ଲାନ୍ତ ଟୋକିଓ ଗଭର୍ନର

**ଟୋକିଓ,୨୩।୬:** ଅଲିମ୍ପିକ୍ସ ଆରମ୍ଭ ହେବାକୁ ଆଉ ଠିକ ମାସେ ରହିଥିବା ବେଳେ ଟୋକିଓ ଗଭର୍ନର ୟୁରିକୋ କୋଇକେ ଛୁଟି ନେଇଛନ୍ତି। ଅତ୍ୟଧିକ ମାତ୍ରାରେ କ୍ଲାନ୍ତ ହୋଇଥିବାରୁ ସେ ବିଶ୍ରାମ ନେବାକୁ ନିଷ୍ପତ୍ତି ନେଇଛନ୍ତି ମେଟ୍ରୋପଲିଟାନ ସରକାର ସୂଚନା ଦେଇଛନ୍ତି। ଆୟୋଜକ ସହରର ନେତୃତ୍ୱ ନେଉଥିବାର କାରଣରୁ କୋଇକେ ଅଲିମ୍ପିକ୍ସ ଓ ପାରା ଅଲିମ୍ପିକ୍ସ ପ୍ରସ୍ତୁତି ନେଇ ବିଭିନ୍ନ ଦାୟିତ୍ୱରେ ରହିଥିଲେ। ଏଥିସହ ସେ ଟୋକିଓରେ ଚାଲିଥିବା କରୋନ ଭାଇରସ ଲଢେଇ ଅଗ୍ରଣୀ ଭୂମିକାରେ ମଧ୍ୟ ଥିଲେ।

କୋଇକେ ବିଳମ୍ବିତ ରାତି ପର୍ଯ୍ୟନ୍ତ କାର୍ଯ୍ୟ କରୁଥିଲେ। ବରିଷ୍ଠ ଅଧିକାରୀମାନଙ୍କ ସହ ସେ ମଧ୍ୟ ବୈଠକରେ ବସୁଥିଲେ। ମଙ୍ଗଳବାର ସେ କୋଭିଡ୍-୧୯ ସମ୍ପର୍କିତ ଏକ ବୈଠକରେ ଯୋଗ ଦେଇଥିଲେ ଓ ନିଜର କଣ୍ଠସ୍ୱର ଖରାପ ହୋଇଥିବାରୁ କ୍ଷମା ମାଗିଥିଲେ। ସେ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି ବୋଲି ଜାପାନର କେତେକ ଗଣମାଧ୍ୟମ ରିପୋର୍ଟ ପ୍ରକାଶ କରିଛନ୍ତି। ଜୁଲାଇ ୧୫ ତାରିଖରେ କୋଇକେ ୬୯ ବର୍ଷରେ ପଦାର୍ପଣ କରିବେ। ସେ ଦର୍ଘ ୨୦ ବର୍ଷ ଧରି ଜାପାନ ଶାସକ ଦଳ କଞ୍ଜରଭେଟିଭ ଲିବେରାଲ ଡେମୋକ୍ରାଟିକ ପାର୍ଟିର ସଦସ୍ୟ ରହିଛନ୍ତି। ସେ ପାର୍ଟିର ଓ କ୍ୟାବିନେଟର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପଦରେ ରହି ସଫଳତାର ସହ ଦାୟିତ୍ୱ ସମ୍ପାଦନ କରିଛନ୍ତି। ସେ ଜାପାନର ପ୍ରଥମ ମହିଳା ପ୍ରତିରକ୍ଷା ମନ୍ତ୍ରୀ ଭାବେ କାର୍ଯ୍ୟ କରିଛନ୍ତି। ଟୋକିଓ ଗର୍ଭନର ଭାବେ ସେ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟକରି ବେଶ୍ ପ୍ରଶଂସିତ ହୋଇଛନ୍ତି।




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ

## ପୋଷ୍ଟାଲ ଡିଭିଜନ୍ ପକ୍ଷରୁ ସ୍ପେଶାଲ କ୍ୟାନ୍ସଲେଶନ ଉନ୍ମୋଚିତ

ଭବାନୀପାଟଣା,(ଡି.ଏନ.ଏ.): କଳାହାଣ୍ଡି ଡାକ ବିଭାଗ ପକ୍ଷରୁ ସ୍ପେସାଲ କ୍ୟାନସଲେଶନ ଉନ୍ମୋଚିତ ହୋଇଛି। ଭବାନୀପାଟଣା ଡାକ ବିଭାଗ ଅଧୀକ୍ଷକ ଭାଗ୍ୟଧର ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଜ୍ୟ ସଭା ସଦସ୍ୟ ସୁଜିତ କୁମାର ମୁଖ୍ୟଅତିଥି ଭାବେ ଯୋଗଦେଇ ସ୍ପେସାଲ କ୍ୟାନସେଲଶେନକୁ ଉନ୍ମୋଚନ କରିଥିଲେ। ଏହି ଅବସରରେ ଡାକ ବିଭାଗ ପକ୍ଷରୁ ବାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଡାକବିଭାଗ ସହଅଧୀକ୍ଷକ ନୀଳମଣି ଜାନୀଙ୍କ ସମେତ ପୋଷ୍ଟମାଷ୍ଟର, ଡେପୁଟି ପୋଷ୍ଟମାଷ୍ଟର ଓ ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଖଣ୍ଡହତା ଡକାୟତି ଘଟଣା: ଜଣେ ଯୁବକଙ୍କୁ ଗିରଫ କଲା ପୋଲିସ

ଅମରପାଲି,୨୩।୬(ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ସୁବଲୟା ଥାନା ଖଣ୍ଡହତା ଗ୍ରାମରେ ସୋମବାର ଘଟିଥିବା ଡକାୟତି ଘଟଣାରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି । ଅଭିଯୁକ୍ତ ହେଲେ ଖଣ୍ଡହତା କଦଳୀମୁଣ୍ଡା ଗ୍ରାମର ଗୋପୀନାଥ ପଧାନ( ୩୦) । ତାଙ୍କ ଠାରୁ ନଗଦ ୪୩ ହଜାର ଟଙ୍କା ଓ ସୁନା କାନଫୁଲ ଜବତ ହୋଇଛି । ଗ୍ରାମର ବରୁଣ ପ୍ରଧାନଙ୍କ ଘରେ ଚାରିରୁ ଅଧିକ ଡକାୟତ ପଶି ପ୍ରାୟ ସାଢେ ତିନି ଲକ୍ଷ ଟଙ୍କା ସହ ସୁନାଗହଣା ଲୁଟ କରିଥିଲେ ।

### କୋଣାର୍କ ବିଜ୍ଞାନ ବନ ଉଦ୍‌ଘାଟିତ

ଭବାନୀପାଟଣା,୨୩।୬ (ଡି.ଏନ.ଏ.): କଳାହାଣ୍ଡି ଜିଲା ଉତ୍ତର ବନଖଣ୍ଡ ଡିଭିଜନ ପକ୍ଷରୁ ଭବାନୀପାଟଣା ବ୍ଲକ କୁତୁଖାଲଠାରେ ନୂତନ ଭାବେ ନିର୍ମିତ 'କୋଣାର୍କ ବିଜ୍ଞାନ ବନ' ଏବଂ ଭଟାଙ୍ଗପଦର ପଞ୍ଚାୟତର ପର୍ଯ୍ୟଟନସ୍ଥଳୀର ଅନ୍ୟତମ ଜଳପ୍ରପାତ ରାବଣଦରଠାରେ ନିର୍ମିତ 'ରାବଣଦର ଏମ୍ପାୟାର' ଉଦ୍‌ଘାଟିତ ହୋଇଛି। ଏହାକୁ ଶକ୍ତି, ଶିଳ୍ପ ଏମ୍‌ଏସ୍‌ଏମ୍‌ଇ ଓ ଗୃହ ରାଷ୍ଟ୍ରମନ୍ତ୍ରୀ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ର ଏବଂ ରାଜ୍ୟ ସଭା ସଦସ୍ୟ ସୁଜିତ କୁମାର ଉଦ୍‌ଘାଟନ କରିଛନ୍ତି। ଲାଞ୍ଜିଗଡ ବିଧାୟକ ପ୍ରଦୀପ କୁମାର ଦିଶାରୀ, ଜିଲା ପରିଷଦ ଅଧ୍ୟକ୍ଷା ନମିତାରାଣୀ ସାହୁ, ଜିଲାପାଳ ଡ. ଗାଭାଲି ପରାଗ ହର୍ଷଦ, ଜିଲା ଉତ୍ତର ବନଖଣ୍ଡ ଅଧିକାରୀ ନିତିଶ କୁମାର ଉପସ୍ଥିତ ଥିଲେ।

### କଳାହାଣ୍ଡି ବିଶ୍ୱବିଦ୍ୟାଳୟ ନୂତନ ରେଜିଷ୍ଟ୍ରାର ନିଯୁକ୍ତ

ଭବାନୀପାଟଣା,୨୩।୬ (ଡି.ଏନ.ଏ.): କଳାହାଣ୍ଡି ବିଶ୍ୱବିଦ୍ୟାଳୟ ନୂତନ ରେଜିଷ୍ଟ୍ରାର ଭାବେ ପୀତାମ୍ବର ଭୋଇଙ୍କୁ ରାଜ୍ୟ ସରକାରଙ୍କ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ନିଯୁକ୍ତି ପ୍ରଦାନ କରାଯାଇଛି। ଭୋଇ ପୂର୍ବରୁ କଳାହାଣ୍ଡି ଜିଲାପାଳଙ୍କ ଅଫିସରେ ଡେପୁଟି କଲେକ୍ଟର ଭାବେ କାର୍ଯ୍ୟ କରୁଥିବା ବେଳେ ବର୍ତ୍ତମାନ ସାଧାରଣ ପ୍ରଶାସନ ବିଭାଗରେ କାର୍ଯ୍ୟରତ ଥିଲେ। ତାଙ୍କ ଘର କଳାହାଣ୍ଡି ଜିଲା ବୋର୍ଡାରେ। ସେ ଭବାନୀପାଟଣା କଲେଜରେ ୧୯୯୨ ବ୍ୟାଚରେ ସ୍ନାତକ ଅଧ୍ୟୟନ କରିଥିଲେ।

### ରେଡ ଜଳ ପ୍ରକଳ୍ପରେ ଅନିୟମିତତା

ନର୍ଲା,୨୩।୬ (ଡି.ଏନ.ଏ.): କଳାହାଣ୍ଡି ଜିଲା ନର୍ଲା ବ୍ଲକ ସାନ୍ତପୁର ପଞ୍ଚାୟତ ଧୁଷଗୁଡାଠାରେ ଜଳ ସମ୍ପଦ ବିଭାଗ ପକ୍ଷରୁ ରେଡ ଜଳ ସେଚନ ପ୍ରକଳ୍ପ ପାଇଁ ରାଜ୍ୟ ସରକାର ୨୦୦୩ରେ ପ୍ରକଳ୍ପ ଆରମ୍ଭ କରିଥିଲେ। ଉକ୍ତ କ୍ଷୁଦ୍ର ଜଳ ପ୍ରକଳ୍ପ ଡାହାଣ କେନାଲ ୧୭ କି.ମି. ନିର୍ମାଣ ପାଇଁ ୪୦ କୋଟି ଏବଂ ବାମ କେନାଲ ୧୨ କି.ମି. ନିର୍ମାଣ ପାଇଁ ୩୦ କୋଟି ଟଙ୍କା ଖର୍ଚ୍ଚ ହୋଇଥିବା ବେଳେ ଗୋଟିଏପଟେ ଶାନ୍ତପୁର, ଘଣ୍ଟମାଳ, ଗାଡେବନ୍ଧ, ନିଶାନପୁର ପଞ୍ଚାୟତର ଶହ ଶହ ଚାଷୀ ବିଭାଗୀୟ ଅଧିକାରୀମାନଙ୍କ ମନମୁଖି କାର୍ଯ୍ୟ ପାଇଁ ଚାଷ କରିପାରୁନାହାନ୍ତି। କେନାଲ ନିର୍ମାଣରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ଆଣିବା ସହ ଅଧାପନ୍ତରିଆ କାର୍ଯ୍ୟ କରି ଲାଧିକ ଅର୍ଥ ଆତ୍ମସାତ କରାଯାଉଥିବା ଅଭିଯୋଗ କରିଛନ୍ତି ଚାଷୀ। ଜିଲାପାଳ ଦୃଷ୍ଟି ଦେବାକୁ ଦାବି ହେଉଛି।

### ବନ୍ଧୁକ ଦେଖାଇ ଟ୍ରକ୍ ଡ୍ରାଇଭରଙ୍କଠାରୁ ଲୁଟିଲେ ୭ ହଜାର ଟଙ୍କା

ବଲାଙ୍ଗୀର ଅଫିସ, ୨୩।୬: ବଲାଙ୍ଗୀର ସହର ଉପକଣ୍ଠ ଛୁଇଁବନ୍ଧ ଅଞ୍ଚଳରୁ ୨୬ ନମ୍ବର ଜାତୀୟ ରାଜପଥରେ ଅଟକି ଥିବା ଏକ ଟ୍ରକ୍ ଡ୍ରାଇଭରଙ୍କୁ ବନ୍ଧୁକ ଓ ଛୁରୀ ଦେଖାଇ ୪ ଜଣ ଲୁଟେରା ୭ ହଜାର ଟଙ୍କା ଲୁଟି ନେଇଥିବା ଅଭିଯୋଗ ହୋଇଛି। ଛୁଇଁବନ୍ଧ ନିକଟରେ ଏକ ଟ୍ରକ୍ (ସିଜି୦୭ ସିଏ ୬୭୯୮) ଖରାପ ହୋଇଯାଇଥିଲା। ଉକ୍ତ ଟ୍ରକ୍‌କୁ ମରାମତି ପାଇଁ ଜଣେ ମେକାନିକ୍‌କୁ ଡକାଯାଇଥିଲା। ଟ୍ରକ୍‌ରେ ଡ୍ରାଇଭର ବସି ମେକାନିକକୁ ଅପେକ୍ଷା କରିଥିଲେ। ଅପରାହ୍ଣ ପ୍ରାୟ ୩ଟାରେ ୪ ଜଣ ଯୁବକ ଏକ ବନ୍ଧୁକ ଓ ଛୁରୀ ଧରି ସେଠାକୁ ପହଞ୍ଚି ଉକ୍ତ ଡ୍ରାଇଭରଙ୍କୁ ଭୟଭୀତ କରି ତାଙ୍କଠାରୁ ୭ ହଜାର ଟଙ୍କା ଲୁଟି ଫେରାର ହୋଇଯାଇଥିଲେ। ଡ୍ରାଇଭର ସୁଦର୍ଶନ ବଡ଼ିଆ ଏନେଇ ପୁଇଁତଲା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ତେବେ ଖବର ଲେଖା ହେବା ପର୍ଯ୍ୟନ୍ତ ଥାନାରେ ମାମଲା ରୁଜୁ ହୋଇନଥିବା ଜଣାପଡିଛି। ଘଟଣା ସମ୍ପର୍କରେ ଟ୍ରକ୍ ଅପରେଟର୍ସ ଆସୋସିଏଶନ ସଭାପତି ବୀରେନ୍ ମିଶ୍ର ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି।

# ପ୍ରସ୍ତୁତ ହୋଇନାହିଁ ଡିପିଆର୍

ବଲାଙ୍ଗୀର ଅଫିସ, ୨୩।୬


ବଲାଙ୍ଗୀର ଜାତୀୟ ରାଜପଥ ବାଇପାସ୍ ରାସ୍ତା ପାଇଁ ଚିହ୍ନଟ ସ୍ଥାନ।

**ବଲାଙ୍ଗୀର ବାଇପାସ୍ ରାସ୍ତା ପ୍ରକଳ୍ପ**
- ଜମି କ୍ଷତିପୂରଣ ଟଙ୍କା ବଣ୍ଟନ ସରିନାହିଁ
- ୮୩ ପ୍ରତିଶତ କ୍ଷତିପୂରଣ ଟଙ୍କା ବଣ୍ଟନ ହୋଇଛି
- ଆଗାମୀ ମାସ ଶେଷ ସୁଦ୍ଧା ଡିପିଆର ପଠାଯିବ: ଏନ୍‌ଏଚ୍ ନିର୍ବାହୀ ଯନ୍ତ୍ରୀ

ବଲାଙ୍ଗୀର ସହରର ଜାତୀୟ ରାଜପଥ ବାଇପାସ୍ ରାସ୍ତା ନିର୍ମାଣ ସକାଶେ କେନ୍ଦ୍ର ସରକାର ଅନୁଦାନ ଅନୁମୋଦନ କରିବା ଇତିମଧ୍ୟରେ ୩ବର୍ଷ ସମୟ ବିତିଯାଇଛି। ହେଲେ ପ୍ରକଳ୍ପର ଆଶାନୁରୂପ ଅଗ୍ରଗତି ହେଉନାହିଁ। ଏପର୍ଯ୍ୟନ୍ତ ପ୍ରକଳ୍ପର ଡିଟେଲ ପ୍ରୋଜେକ୍ଟ ରିପୋର୍ଟ (ଡିପିଆର୍) ପ୍ରସ୍ତୁତ ହୋଇ ନ ଥିବାରୁ ଏହା କେବେ ସମ୍ପୂର୍ଣ୍ଣ ହେବେ ତାହା ସ୍ପଷ୍ଟ ହୋଇନାହିଁ। ବିଭାଗ ପକ୍ଷରୁ ଡିପିଆର ପଠାଗଲା ପରେ ଏହାକୁ କେନ୍ଦ୍ର ସରକାରଙ୍କ ରାସ୍ତା, ପରିବହନ ଓ ରାଜପଥ ମନ୍ତ୍ରଣାଳୟ ପକ୍ଷରୁ ଅନୁମୋଦନ କରାଯିବ। ଡିପିଆର ଏଷ୍ଟିମେଟ୍ ଅନୁମୋଦନ କଲାପରେ ଅନୁଦାନ ବ୍ୟବସ୍ଥା କରାଯାଇ ଟେଣ୍ଡର ପ୍ରକ୍ରିୟା ଆରମ୍ଭ ହେବ। ତେବେ ଯେଭଳି ଭାବେ ପ୍ରକଳ୍ପର ଅଗ୍ରଗତି ଚାଲିଛି ଏଥିସକାଶେ ଆହୁରି ଅନେକ ସମୟ ଲାଗିଯିବା ସ୍ପଷ୍ଟ। ଜାତୀୟ ରାଜପଥ ନିର୍ବାହୀ ଯନ୍ତ୍ରୀ ହେମନ୍ତ କୁମାର ନାଏକଙ୍କୁ ପଚାରିବାରୁ ଆଉ ଆଗାମୀ ମାସ ଶେଷ ସୁଦ୍ଧା ଡିପିଆର ପଠାଯିବ ଓ ଏହାପରେ ଆନୁସଙ୍ଗିକ ପଦକ୍ଷେପ ଆରମ୍ଭ ହେବ ବୋଲି ସେ କହିଛନ୍ତି। ତହସିଲଦାର ମଘବନ ବାଗଙ୍କୁ ପଚରାଯିବାରୁ ଖୁବ୍ ଶୀଘ୍ର ଅନ୍ୟ ଜମିର କ୍ଷତିପୂରଣ ଟଙ୍କା ମଧ୍ୟ ବଣ୍ଟନ କରାଯିବ ବୋଲି ସେ କହିଛନ୍ତି।

୨୦୦୧ ମସିହାରେ ତତ୍କାଳୀନ ବିଧାୟକ ଅନଙ୍ଗ ଉଦୟ ସିଂଦେଓ ଏହି ପ୍ରକଳ୍ପର ଶିଳାନ୍ୟାସ କରିଥିଲେ। ଏହାପରେ ୨୦୧୩ରେ ଏହି ବାଇପାସ୍ ରାସ୍ତା ପ୍ରକଳ୍ପ ପାଇଁ ପ୍ରାୟ ୪୨କୋଟି ଟଙ୍କାର ଅନୁଦାନ ଦିଆଯାଇଥିଲା। ତେବେ ସେତିକି ଅନୁଦାନ ମିଳିଥିଲେ ମଧ୍ୟ ଏହି ପ୍ରକଳ୍ପ ଆଗେଇ ପାରି ନ ଥିଲା। ୨୦୧୮ରେ ଏହି ପ୍ରକଳ୍ପ ପାଇଁ କେନ୍ଦ୍ର ସରକାର ୧୯୦ କୋଟି ଟଙ୍କାର ଅନୁଦାନକୁ ମଞ୍ଜୁର କରିଥିଲେ। ତେବେ ଅନୁଦାନ ଅନୁମୋଦନ କରାଯିବାର ପ୍ରାୟ ତିନିବର୍ଷ ସମୟ ଅତିବାହିତ ହୋଇଥିଲେ ମଧ୍ୟ ଜମି କ୍ଷତିପୂରଣ ବଣ୍ଟନ ସମସ୍ୟା ତୁଟିନାହିଁ। ବଲାଙ୍ଗୀର ତହସିଲ ଅଫିସରୁ ମିଳିଥିବା ସୂଚନା ମୁତାବକ ଏପର୍ଯ୍ୟନ୍ତ ଏହି ବାଇପାସ୍ ରାସ୍ତା ଜମି କ୍ଷତିପୂରଣ ବାବଦରେ ୮୩ ପ୍ରତିଶତ ଅର୍ଥାତ୍ ୧୪୩.୯୭ କୋଟି ଟଙ୍କା ବଣ୍ଟନ ହୋଇସାରିଛି। ତେବେ ଆଉ ଯେଉଁ ଜମି ରହିଛି ତାହା ଅନେକ କାରଣରୁ ବିବାଦୀୟ ହୋଇରହିଛି। ଜମି ମୂଲ୍ୟାୟନରେ ବ୍ୟାପକ ତ୍ରୁଟି, ଚଞ୍ଚକତା ଓ ବର୍ଦ୍ଧିତ ମୂଲ୍ୟ ବାଇଁ ଦୀର୍ଘବର୍ଷ ହେଲା ଏହି ପ୍ରକଳ୍ପ ଝୁଲିକରି ରହିଯାଇଥିଲା। ବାଇପାସ୍ ରାସ୍ତା ପ୍ରକଳ୍ପରେ ପ୍ରଭାବିତ କୃଷି ଜମିରେ ଢ଼େର ମୂଲ୍ୟାୟନ ହୋଇଥିବା ଦର୍ଶାଇ ଷ୍ଟାଣ୍ଡିଂ ଫାଇନାନ୍ସ କମିଟି ଆପତ୍ତି ଉଠାଇଥିଲେ। ଫଳରେ ଏହି ପ୍ରକଳ୍ପ ଅନିଶ୍ଚିତତା ମଧ୍ୟକୁ ଠେଲି ହୋଇଯାଇଥିଲା। ତେବେ ଦୀର୍ଘବର୍ଷ ପରେ କେନ୍ଦ୍ର ସରକାର ଏହି ବାଇପାସ୍ ରାସ୍ତାର ଅନୁଦାନକୁ ଅନୁମୋଦନ କରିଥିଲେ।

# ବଜାରକୁ ଆସିଲା ହ୍ୟୁଣ୍ଡାଇର ନୂଆ ଏସ୍‌ୟୁଭି ଆଲ୍‌କାଜର


ପରିଚାଳନା ନିର୍ଦ୍ଦେଶକ କ୍ଷୀରୋଦ କୁମାର ପଟ୍ଟନାୟକ ହ୍ୟୁଣ୍ଡାଇ ଆଲ୍‌କାଜର ଗାଡି ଲୋକାର୍ପଣ କରୁଛନ୍ତି।

ବଲାଙ୍ଗୀର ଅଫିସ, ୨୩।୬

**ବଲାଙ୍ଗୀର ବିନୋଦ ହ୍ୟୁଣ୍ଡାଇରେ ହେଲା ଶୁଭ ଉଦ୍‌ଘାଟନ**

ଅଗ୍ରଣୀ ଓ ଲୋକଙ୍କ ବିଶ୍ୱାସଯୋଗ୍ୟ ହ୍ୟୁଣ୍ଡାଇ ପ୍ରସ୍ତୁତ କରିଛି ଅତ୍ୟାଧୁନିକ ଏସ୍‌ୟୁଭି ଗାଡି ହ୍ୟୁଣ୍ଡାଇ ଆଲ୍‌କାଜର। ବଲାଙ୍ଗୀର ବିନୋଦ ହୁଣ୍ଡାଇ ଶୋ'ରୁମ୍‌ରେ ବୁଧବାର ଏହି ନୂତନ ଗାଡିର ଶୁଭ ଉଦ୍‌ଘାଟନ କରାଯାଇଛି। କୋଭିଡ ନିୟମାନୁସାରେ ଅନୁଷ୍ଠିତ ଉଦ୍‌ଘାଟନ କାର୍ଯ୍ୟକ୍ରମରେ ମୁଖ୍ୟଅତିଥିଭାବେ ବିନୋଦ ଗ୍ରୁପ୍‌ର ପରିଚାଳନା ନିର୍ଦ୍ଦେଶକ କ୍ଷୀରୋଦ କୁମାର ପଟ୍ଟନାୟକ ଯୋଗଦେଇ ନୂଆ ଏସ୍‌ୟୁଭି ଆଲ୍‌କାଜର ଗାଡିର ଲୋକାର୍ପଣ କରିଥିଲେ। ଏହି ଅବସରରେ ପରିଚାଳନା ନିର୍ଦ୍ଦେଶକ ପଟ୍ଟନାୟକ କେକ୍ କାଟିଥିଲେ। ଏହି କାର୍ଯ୍ୟକ୍ରମରେ ବିନୋଦ ହ୍ୟୁଣ୍ଡାଇର ଜେନେରାଲ ମ୍ୟାନେଜର ସ୍ୱରୂପ ପଟ୍ଟନାୟକ, ରାଜକିଶୋର ପାଠୀ, ପ୍ରେମାନନ୍ଦ ପ୍ରଧାନ, ସୁଧାଂଶୁ ଶେଖର ଦାସଙ୍କ ସହ ବିନୋଦ ହ୍ୟୁଣ୍ଡାଇ ବଲାଙ୍ଗୀରର ସମସ୍ତ ଷ୍ଟାଫ୍ ଉପସ୍ଥିତ ଥିଲେ। ହ୍ୟୁଣ୍ଡାଇ ଆଲ୍‌କାଜର ଏକ ଉତ୍ତମ ଓ ଅତ୍ୟାଧୁନିକ ଗାଡି। ମିଡ୍ ଲାର୍ଜ ଏସ୍‌ୟୁଭି ୬/୭ ସିଟ୍‌ର ସ୍ପେସିଫିକେଶନରେ ଏହି ଗାଡି ଗ୍ରାହକଙ୍କ ନିର୍ଭରଯୋଗ୍ୟ ଓ ପସନ୍ଦର ଗାଡି। ଏହି ଗାଡିର ଲମ୍ବ ୪୫୦୦ ମିଲିମିଟର, ଚଉଡା ୧୭୯୦ ମିଲିମିଟର, ଉଚ୍ଚତା ୧୬୭୫ ମିଲିମିଟର ରହିଛି। ହ୍ୱିଲ୍ ବିଏମ୍‌ସି ୨୭୬୦ ମିଲିମିଟର, ଗ୍ରାଉଣ୍ଡ କ୍ଲିଅରାନ୍ସ ୧୯୫ ସେଣ୍ଟିମିଟର ଓ ଟର୍ନିଂ ରେଡିଅସ୍ ୫.୬ ମିଟର ରହିଛି। କକ୍‌ପିଟ ଇନ୍ସପାୟାର ଡିଜାଇନ୍ ଅତ୍ୟନ୍ତ ଆକର୍ଷଣୀୟ ଓ ସୁବିଧାଜନକ। ଏଥିରେ ୨୬.୦୩ ସେଣ୍ଟିମିଟର ହାଇଡେଫିନେସନ୍ ଟଚ୍ ସ୍କ୍ରିନ୍ ମ୍ୟୁଜିକ୍ ସୁବିଧା ରହିଛି। ପାନାରୋମିକ୍ ସନ୍ ରୁଫ୍ ସହ ସମସ୍ତ ସିଟ୍ ପାଇଁ ପ୍ରଶସ୍ତ ଜାଗା ରହିଛି। ଫୋଲ୍ଡିଂ ପରେ ମଧ୍ୟ ଅତ୍ୟନ୍ତ ସୁବିଧାଜନକ ଭାବେ ପ୍ରଶସ୍ତ ଜାଗା ଥିବାରୁ ବସିବାବେଳେ ଏହା ଖୁବ୍ ଆରାମଦାୟକ ହୋଇପାରିଛି। ଏଭଳି ଏକ ଗାଡି ବଜାରକୁ ପ୍ରବେଶ କରିଥିବାରୁ ଏହା ଗ୍ରାହକଙ୍କୁ ଆକୃଷ୍ଟ କରିବ ବୋଲି କୁହାଯାଇଛି ।

# ଗୋଚର, ଶ୍ମଶାନ ଜମି ଦଖଲ ଉଦ୍ୟମକୁ ବିରୋଧ


ଜବରଦଖଲ ଉଦ୍ୟମକୁ ଲୋକେ ବିରୋଧ କରୁଛନ୍ତି।

ଟିଟିଲାଗଡ଼, ୨୩।୬ (ଡି.ଏନ.ଏ)

ଟିଟିଲାଗଡ ତହସିଲ ଅନ୍ତର୍ଗତ ଭାଟିପଡା ତୁର୍ଲା ପାଓମେକ୍ସ କାରଖାନା ସମ୍ମୁଖରେ ଟିଟିଲାଗଡ-କଣ୍ଟାବାଞ୍ଜି ରାସ୍ତାକଡରେ ଥିବା ମୂଲ୍ୟବାନ ସରକାରୀ ଜମି ଦଖଲ ଉଦ୍ୟମକୁ ସ୍ଥାନୀୟ ଲୋକେ ବିରୋଧ କରିଛନ୍ତି। ଉକ୍ତ ଜମିରେ ସ୍ଥାନୀୟ ଲୋକେ ଚାରଣ ଭୂମିଭାବେ ଉପଯୋଗ କରୁଥିବା ବେଳେ ଏକ ମନ୍ଦିର, ଶ୍ମଶାନ, ଖେଳ ପଡିଆ ଆଦି ରହିଛି। ଏହାକୁ ନିଜର ବୋଲି ଜଣେ ବିତ୍ତଶାଳୀ ଲୋକ ଜବରଦଖଲ କରିବାକୁ ନେଇ ଟିଟିଲାଗଡ ତହସିଲଦାରଙ୍କ ନିକଟରେ ଅଭିଯୋଗ ହୋଇଛି। ଜିଲା ପରିଷଦ ସଭ୍ୟ ଦିଲୀପ ଖର୍ସେଲ, ଲଛମନ ସୁନାନୀ, ଭୋଦେବ ଭୋଇ, ଗତ ମାଝି, ମାଧବୀ ମାଝି, ସନଙ୍ଗ ଗହୀର, ନିରାକାର ସୁନାନୀ, ତୁଫାନ ଜାଲ, ଦିଲୀପ ମାଝି, ପଙ୍କଜ ଜାଲ ପ୍ରମୁଖ ଅଭିଯୋଗ କରିଛନ୍ତି ଯେ ବହୁ କାଳରୁ ଉକ୍ତ ଜମି ଅନାବନା ଗଛଲତାରେ ଭର୍ତ୍ତି ହୋଇରହିଛି। ସେଠାରେ ଶବଦାହ ପାଇଁ ସରକାରଙ୍କ ପକ୍ଷରୁ ଏକ ଶ୍ମଶାନ ଗୃହ ନିର୍ମାଣ ହୋଇଛି। ଏହା ସହ ଖେଳ ପଡିଆ, ଦୁର୍ଗା ମନ୍ଦିର ରହିଛି। ଉକ୍ତ ଖାଲି ସ୍ଥାନରେ ଲୋକେ ନିଜ ଗୋରୁ ଚରାଇଥାନ୍ତି। କିଛି ବର୍ଷ ତଳେ ଭାଟିପଡାର ଜଣେ ବ୍ୟକ୍ତି ଅଙ୍ଗନୱାଡି ଗୃହ ନିର୍ମାଣ ପାଇଁ ୨ ଡିସିମିଲ ଜମି ଦାନ କରିଥିଲେ। ଏ ନେଇ ବଲାଙ୍ଗୀର ଜିଲାପାଳଙ୍କ ଆଦେଶକ୍ରମେ ରାଜସ୍ୱ ବିଭାଗ ପକ୍ଷରୁ ଉକ୍ତ ବ୍ୟକ୍ତିଙ୍କୁ ଏହି ସ୍ଥାନରେ ୨ ଡିସିମିଲ ଜମି ପ୍ରଦାନ କରାଯାଇଥିଲା। ତେବେ ସେହି ସ୍ଥାନରେ ୫୦ଡିସିମିଲ ଜମି କ୍ରୟ କରିଥିବା ଜନୈକ ବ୍ୟବସାୟୀ ଦାବି କରିବା ସହ ପାଚେରି ନିର୍ମାଣ କରିବା ପାଇଁ ଆସିଥିବା ବେଳେ ଲୋକେ ଏହାକୁ ବିରୋଧ କରିଥିଲେ। ତହସିଲଦାରଙ୍କଠାରେ ଅଭିଯୋଗ ପରେ ରାଜସ୍ୱ ନିରୀକ୍ଷକ ଉକ୍ତ ସ୍ଥାନ ପରିଦର୍ଶନ କରିଥିଲେ। ଏ ସମ୍ପର୍କରେ ତହସିଲଦାର ପ୍ରେମଲାଲ ହିଆଲଙ୍କୁ ଯୋଗାଯୋଗ କରିବାରୁ ଅଭିଯୋଗର ସେ ତଦନ୍ତ କରିବେ ବୋଲି କହିଛନ୍ତି। ଅପରପକ୍ଷରେ ଏହି ସରକାରୀ ଜମି କେହି ଦଖଲ ଉଦ୍ୟମ କଲେ ଆନ୍ଦୋଳନ ତୀବ୍ରତର ହେବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

# ବିଷକ୍ରିୟାରେ ବୃଦ୍ଧଙ୍କ ମୃତ୍ୟୁ ଅଭିଯୋଗ

ଲୋଇସିଂହା,୨୩।୬(ଡି.ଏନ.ଏ)

ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜରେ ଗୁରୁତର ଅବସ୍ଥାରେ ଭର୍ତ୍ତି ହୋଇଥିବା ବୁଢୀପଦର ଗ୍ରାମର ଟିକେଲାଲ ବେହେରା(୬୩)ଙ୍କ ମଙ୍ଗଳବାର ବିଳମ୍ବିତ ରାତିରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି । ବିଷକ୍ରିୟା ତଥା ବିଷାକ୍ତ ମଦ ପିଇ ମୃତ୍ୟୁ ହୋଇଥିବା ପରିବାର ଲୋକେ କହିଛନ୍ତି। ବୁଧବାର ସକାଳେ ଲୋଇସିଂହା ପୋଲିସ ମୃତଦେହ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି । ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ ୧୩/୨୧) ରୁଜୁ ହୋଇଛି । ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ଆଇଆଇସି ରମାକାନ୍ତ ଜେନା ପ୍ରକାଶ କରିଛନ୍ତି। ଟିକେଲାଲ ବେହୋର ମୂଳ ମଜୁରି କରି ପରିବାର ପ୍ରତିପୋଷଣ କରୁଥିଲେ। ମଙ୍ଗଳବାର ସେ ଗ୍ରାମର କଣେ ବ୍ୟକ୍ତିଙ୍କ ଖେତକୁ ଧାନ ବୁଣିବାକୁ ଯାଇଥିଲେ । ଅପରାହ୍ନରେ ଘରକୁ ଫେରି ଅସୁସ୍ଥତା ଅନୁଭବ କରିବା ସହ ବାନ୍ତି କରିଥିଲେ । ପରିବାର ଲୋକେ ତାଙ୍କୁ ଲୋଇସିଂହା ଡାକ୍ତରଖାନାକୁ ଚିକିତ୍ସା ପାଇଁ ଆଣିଥିଲେ । ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ନ ଘଟିବାରୁ ଡାକ୍ତର ତାଙ୍କୁ ବଲାଙ୍ଗୀର ପଠାଇଥିଲେ । ବିଳମ୍ବିତ ରାତିରେ ତାଙ୍କର ମୃତ୍ୟୁ ଘଟିଥିବା ତାଙ୍କ ପୁଅ ଡୋଲାମଣୀ ବେହେରା କହିଛନ୍ତି। ଘରେ ବାନ୍ତି କଲାବେଳେ ବିଷ ବାସ୍ନା ଆସିଥିଲା। ପରିବାର ଲୋକେ ପଚରାଉଚରା କରିବା ପରେ କାମରୁ ଫେରିଲା ବେଳେ ଖୋଲା ମଦ ପିଇଥିବା ଟିକେଲାଲ କହିଥିବା ତାଙ୍କ ପୁଅ ଡୋଲାମଣୀ ଏବଂ ଜୟନ୍ତ କହିଛନ୍ତି। ବିଷାକ୍ତ ମଦରେ ତାଙ୍କର ମୃତ୍ୟୁ ହୋଇଥିବା ସେମାନେ ଅଭିଯୋଗ କରିଛନ୍ତି। ଚିକିତ୍ସା କରୁଥିବା ଡାକ୍ତର ମଧ୍ୟ ଫୁଡ ପଇଜନିଂ ବୋଲି କହିଥିବା ସେମାନେ ଜଣାଇଛନ୍ତି।

# ତଳଶ୍ରେଣୀର ଉପେକ୍ଷା ଅଧଃପତନର ମୂଳ କାରଣ

ବଲାଙ୍ଗୀର ଅଫିସ, ୨୩।୬

**ସ୍ୱାମୀ ବିବେକାନନ୍ଦ ଲୋକ ସଂସଦ ପକ୍ଷରୁ ଇ-ପାଠଚକ୍ର**

ସ୍ୱାମୀ ବିବେକାନନ୍ଦ ଲୋକ ସଂସଦ ବଲାଙ୍ଗୀର ଜିଲା ଶାଖା ପକ୍ଷରୁ ମଙ୍ଗଳବାର ସନ୍ଧ୍ୟାରେ ଏକ ଇ-ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ୍ ଡ. ଛାୟାକାନ୍ତ ଷଡଙ୍ଗୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପାଠଚକ୍ରରେ ବିବେକାନନ୍ଦଙ୍କ ଦର୍ଶନରେ ସମାଜବାଦ ଶୀର୍ଷକରେ ଆଲୋଚନା ଅନୁଷ୍ଠିତ ହୋଇଥିଲା। ମୁଖ୍ୟବକ୍ତାଭାବେ ପଶ୍ଚିମ ଓଡିଶା କୃଷକ ସଙ୍ଗଠନ ସମନ୍ୱୟ ସମିତି ଆବାହକ ଲିଙ୍ଗରାଜ ଯୋଗଦେଇ ବିବେକାନନ୍ଦଙ୍କ ସମାଜବାଦୀ ଦର୍ଶନର ବିଭିନ୍ନ ଦିଗ ଉପରେ କହିଥିଲେ। କାର୍ଲମାକ୍ସଙ୍କ ସମାଜବାଦରେ ଭୌତିକ ପ୍ରଗତିକୁ ଗୁରୁତ୍ୱ ଦିଆଯାଇ ଥିବାବେଳେ ବିବେକାନନ୍ଦଙ୍କ ସମାଜବାଦ ଆଧ୍ୟାତ୍ମିକ ସମାଜବାଦୀ ଦର୍ଶନ ଉପରେ ଆଧାରିତ ଥିଲା ବୋଲି କହିଥିଲେ। ବିବେକାନନ୍ଦଙ୍କ ବିଚାରରେ ନାରୀମାନଙ୍କ ପ୍ରତି ତିରସ୍କାର, ତଳଶ୍ରେଣୀର ଲୋକଙ୍କ ପ୍ରତି ଉପେକ୍ଷା, ଶୋଷଣ ଓ ନିର୍ଯାତନା ହିଁ ଭାରତ ପରାଧୀନତା ଓ ପତନର ମୂଳ କାରଣ ବୋଲି ସେ କହିଥିଲେ। ଶୂଦ୍ର, ଗରିବ, ପୀଡିତ ବର୍ଗଙ୍କ ଅସହାୟତା, ଦୁଃଖ ଓ ଦୈନ୍ୟତା ଦେଖି ବିବେକାନନ୍ଦ ବିଚଳିତ ହୋଇପଡିଥିଲେ। ସେ ଯେଉଁ ମର୍ମରେ ଭାରତ ଶୂଦ୍ରଙ୍କର ହେବ ବୋଲି କହିଥିଲେ ସେଥିରେ ସେ ଗୁରୁତ୍ୱ ଦେଇଥିଲେ ଯେ ଶୂଦ୍ରମାନେ ଅନ୍ୟ କାହାର ବିଚାର, ଦର୍ଶନ ଓ ବ୍ୟବସ୍ଥାକୁ ନେଇ ରାଜତ୍ୱ କରିପାରିବେ ନାହିଁ। ବରଂ ସେମାନେ ସେମାନଙ୍କ ଶୂଦ୍ରତ୍ୱ ବିଚାରକୁ ନେଇ ରାଜତ୍ୱ କରିପାରିବେ ବୋଲି ଆଲୋଚନା କରିଥିଲେ। ସଭାପତୀୟ ଅଭିଭାଷଣରେ ଡ. ଷଡଙ୍ଗୀ ସମାଜବାଦ୍‌ରେ ଆଧ୍ୟାତ୍ମିକତାକୁ ସମ୍ମିଳିତ କରିବାରେ ବିବେକାନନ୍ଦଙ୍କ ଭୂମିକା ଉପରେ ଆଲୋଚନା କରିଥିଲେ। ଆଲୋଚନା ପରେ ପ୍ରାଶ୍ନୋତ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅଧ୍ୟାପକ କବିରାଜ ଭୋଇ ସ୍ୱାଗତ ବକ୍ତବ୍ୟ ଦେଇଥିଲେ। ଅଧ୍ୟାପିକା ବାସନ୍ତୀ ସାହୁ ମନ୍ତ୍ରପାଠ କରିଥିଲେ। ଅଧ୍ୟାପକ ରୋବର୍ଟ୍ ଜାଲ ବିବେକାବାଣୀ ଶୁଣାଇଥିଲେ। ଶେଷରେ ଅଧ୍ୟାପକ ଲକ୍ଷ୍ମଣ କୁମାର ମେହେର ଶାନ୍ତିପାଠ କରିଧନ୍ୟବାଦ ଅର୍ପଣ କରିଥିଲେ।


ଲିଙ୍ଗରାଜ ବକ୍ତବ୍ୟ ରଖୁଛନ୍ତି।

# କ୍ଷେତ୍ରାଞ୍ଚଳ ପରିଦର୍ଶନ କଲେ ତହସିଲଦାର

ବଲାଙ୍ଗୀର ଅଫିସ, ୨୩।୬

ବଲାଙ୍ଗୀର ସହର ଉପକଣ୍ଠରୁ ଅବାଧରେ ମୋରମ ଚୋରି କରି ଚାଲାଣ କରାଯାଉଛି। ଏ ସମ୍ପର୍କରେ ୨୩ତାରିଖ ଧରିତ୍ରୀରେ ଖବର ପ୍ରକାଶ ପରେ ପ୍ରଶାସନ ତତ୍ପରତା ପ୍ରକାଶ କରିଛି। ବୁଧବାର ତହସିଲଦାର ମଘବନ ବାଗ କ୍ଷେତ୍ରାଞ୍ଚଳ ପରିଦର୍ଶନରେ ଯାଇଥିଲେ। ଯେଉଁ ସ୍ଥାନରୁ ମୋରମ ଚୋରି କରାଯାଉଛି ଉକ୍ତ ଅଞ୍ଚଳ ବୁଲି ଦେଖିଥିଲେ। କିଭଳି ଭାବେ ଏହି ଅଞ୍ଚଳରୁ ମୋରମ ଚୋରିକୁ ରୋକିହେବ ସେନେଇ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି। ପ୍ରାୟ ଦୁଇବର୍ଷ ତଳୁ ଏଠାରୁ ମୋରମ୍ ନିଆଯାଉଥିବା ସେ କହିଥିଲେ। ତହସିଲ ବିଭାଗ ଓ ଖୁଜେନପାଲି ରାଜସ୍ୱ ନିରୀକ୍ଷକଙ୍କ ଅପାରଗତାକୁ ଲୁଚାଇବାକୁ ଯାଇ ଦୁଇବର୍ଷ ତଳରୁ ଏଠାରୁ ମୋରମ ଚୋରି କଥା କୁହାଯାଉଛି। ମଙ୍ଗଳବାର ଏହି ଅଞ୍ଚଳରୁ ଏକ ଟ୍ରାକ୍ଟରରେ ଦିନବେଳା ମୋରମ ଚୋରାଚାଲାଣ ହେଉଥିବା ଦେଖାଯାଇଥିଲା। ଖୋଲାଖୋଲି ଚାଲାଣ ହେଉଥିଲେ ମଧ୍ୟ ବିଭାଗ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ। ତହସିଲର କେତେକ କର୍ମଚାରୀଙ୍କ ଗୋଚରରେ ଏପରି ଚାଲିଥିବା ଚର୍ଚ୍ଚା ହେଉଛି। ଦିନବେଳା ମୋରମ୍ ଚୋରାଚାଲାଣ ହେଉଥିବା ନେଇ ତହସିଲଦାରଙ୍କୁ କୁହାଯିବା ପରେ ସୂଚନା ମିଳିଲେ ଉଚିତ୍ କାର୍ଯ୍ୟାନୁଷ୍ଠାନ କରାଯିବ ବୋଲି ସେ କହିଛନ୍ତି।

# ଉନ୍ନୟନ କାମର ସମୀକ୍ଷା କଲେ ଜିଲାପାଳ

କେସିଙ୍ଗା, ୨୩।୬ (ଡି.ଏନ.ଏ.)

ବୁଧବାର କଳାହାଣ୍ଡି ଜିଲାପାଳ ଡ.ଗଭାଲି ପରାଗ ହର୍ଷଦ କେସିଙ୍ଗା ବ୍ଲକ ଓ ଏନ୍‌ଏସି ଗସ୍ତ କରି ବିଭିନ୍ନ ଉନ୍ନୟନ କାମ ସମୀକ୍ଷା କରିଥିଲେ। ଏହି ଅବସରରେ ପ୍ରଥମେ ବ୍ଲକର ଶିରୋଲ ପଞ୍ଚାୟତସ୍ଥିତ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗରେ ପ୍ରସ୍ତୁତି ହେଉଥିବା ସୋୟାବିନ ବଡ଼ି, ପାମ୍ପଡ଼ ଦେଖିଥିଲେ। ଏନଏସି ବସ୍ତି ପହଞ୍ଚଳ ପରିଦର୍ଶନ କରିଥିଲେ ଏବଂ ହିତାଧିକାରୀଙ୍କ ସହିତ ପ୍ରଧାନମନ୍ତ୍ରୀ ଆବସ ଯୋଜନା ଗୃହ ନିର୍ମାଣ ବିଷୟରେ ପଚାରି ବୁଝିଥିଲେ। ସହରର ମଧ୍ୟ ଭାଗରେ ଥିବା ବିଦ୍ୟାପୀଠର ସ୍ମାର୍ଟ ସ୍କୁଲ ଏବଂ ଷ୍ଟାଡିୟମ, ପାର୍କ ପରିଦର୍ଶନ କରିଥିଲେ। ସେହିପରି ବ୍ଲକର କସ୍ତୁପଡା, ତୁଣ୍ଡଲା ଓ ବେଲଖଣ୍ଡିର ସ୍ମାର୍ଟ ସ୍କୁଲ ପରିଦର୍ଶନ କରି ସ୍ମାର୍ଟ ସ୍କୁଲର ବିଭିନ୍ନ ଉନ୍ନତି ବିଷୟରେ କମିଟି ସଦସ୍ୟଙ୍କ ସହିତ ଆଲୋଚନା କରିଥିଲେ। ଜିଲାପାଳଙ୍କ ଗସ୍ତ ସମୟରେ କେସିଙ୍ଗା ବିଡିଓ ପ୍ରଫୁଲ୍ଲ କୁମାର ଅଦୁ, ଏନଏସି ନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ, ଜେଇ ଦିଲୀପ କୁମାର ପଟେଲ, ଶିରୋଲ ସରପଞ୍ଚ ହେମନ୍ତ ନାଗ, ଏନଏସି କର୍ମଚାରୀ ପ୍ରମୁଖ ଏହି ସାମିଲ ଥିଲେ।


ଜିଲାପାଳ ପ୍ରଧାନମନ୍ତ୍ରୀ ଆବସ ଯୋଜନା ଗୃହ ନିର୍ମାଣ କାର୍ଯ୍ୟ ପରିଦର୍ଶନ କରୁଛନ୍ତି।

# ୨୨୫ ଚାଷୀଙ୍କ କ୍ଷେତ୍ର ପୋଖରୀ ସମ୍ପୂର୍ଣ୍ଣ

କେସିଙ୍ଗା, ୨୩।୬ (ଡି.ଏନ.ଏ.)


ଉକ୍କେଲା ପଞ୍ଚାୟତ କୋକୋମୁଣ୍ଡାର କ୍ଷେତ୍ର ପୋଖରୀ।

**ମୃତ୍ତିକା ସଂରକ୍ଷଣ ଓ ଜଳ ବିଭାଜିକା ଉନ୍ନୟନ ବିଭାଗ**
- ଖରିଫ, ରବି ଋତୁରେ ହେଉଛି ଚାଷ

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକରେ ୨୨୫ଜଣ ଚାଷୀଙ୍କ ମଧ୍ୟରେ ହସ ଫୁଟାଇଛି ଭବାନୀପାଟଣା ମୃତ୍ତିକା ସଂରକ୍ଷଣ ଓ ଜଳ ବିଭାଜୀକା ଉନ୍ନୟନ ବିଭାଗ। ଯେଉଁ ଜମିରେ ଚାକୁଣ୍ଡା ବୁଣିଲେ ଉଠୁ ନ ଥିଲା ସେଠି ଆଜି ଉଭୟ ଖରିଫ ଓ ରବି ଋତୁରେ ଚାଷ କରି ଚାଷୀ ସୁନା ଫଳାଉ ଥିବା ଦେଖିବାକୁ ମିଳୁଛି। କେସିଙ୍ଗା ବ୍ଲକ ବାଲସି, ଉକ୍କେଲା, ଚାଞ୍ଚେର, ଅଧମୁଣ୍ଡା, କିଙ୍କିଆ, କାଣ୍ଡେଲ, ପରଲସିଙ୍ଗା, ଲଇତରା, ଗାଇଗାଁ, ଫଟକାମାଲ ଆଦି ଗ୍ରାମପଞ୍ଚାୟତରେ ୨୦୧୯-୨୦ ଆର୍ଥିକ ବର୍ଷରେ ୫୦ଟି ଏବଂ ୨୦୨୦-୨୧ ଆର୍ଥିକ ବର୍ଷରେ ୧୭୫ଟି କ୍ଷେତ୍ର ପୋଖରୀ (ଫାର୍ମଫଣ୍ଡ) ସମ୍ପୂର୍ଣ୍ଣ କରାଯାଇଛି। ରାଜ୍ୟ ସରକାରଙ୍କ ୫ଟି ଅଧୀନରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ଉଦ୍ୟାନ, ମତ୍ସ୍ୟ ଓ ପ୍ରାଣୀ ବିଭାଗକୁ କେସିଙ୍ଗା ବ୍ଲକର ୧୦ଟି ଗ୍ରାମପଞ୍ଚାୟତରେ ମୃତ୍ତିକା ସଂରକ୍ଷଣ ଓ ଜଳ ବିଭାଜୀକା ଉନ୍ନୟନ ବିଭାଗ ଦ୍ୱାରା ୨୨୫ଜଣ ଚାଷୀଙ୍କୁ ୨୨୫ଟି କ୍ଷେତ୍ର ପୋଖରୀ ପ୍ରଦାନ କରାଯାଇଛି। କେସିଙ୍ଗା ବ୍ଲକ ୨୨୫ଜଣ ଚାଷୀ ପଡିଆ ଜମିରେ ଅମଳ କରୁଥିବା ଦେଖିବାକୁ ମିଳୁଛି। ଏହି ପ୍ରକଳ୍ପରେ ଚାଷୀମାନେ ଖରିଫ ଓ ରବି ଋତୁରେ ମାଛ, କଦଳି, ଅମୃତଭଣ୍ଡା, ସଜନା, କାନ୍ଦୁଲ ଆଦି ଫସଲ କରୁଛନ୍ତି। ମରୁଡି ସମୟରେ ଏହି ପୋଖରୀରୁ ଜଳସେଚନ କରି ଧାନ ଚାଷ କରିପାରୁଛନ୍ତି। ମୃତ୍ତିକା ସଂରକ୍ଷଣ ଓ ଜଳ ବିଭାଜିକା ଉନ୍ନୟନ ବିଭାଗ ଦ୍ୱାରା ଏମ୍‌ଜିଏନ୍‌ଆରଇଜିଏସ୍‌ରେ ଚାଷୀଙ୍କୁ ସୁବିଧା ଦିଆଯାଇଛି। ଏହି ପ୍ରକଳ୍ପ କେସିଙ୍ଗା ବ୍ଲକର ୧୦ଟି ଗ୍ରାମପଞ୍ଚାୟତରେ କାର୍ଯ୍ୟକାରୀ ହେବା ଫଳରେ ଚାଷ ଜମିକୁ ଠିକ ଭାବେ ଜଳସେଚିତ କରାଯାଇ ପାରୁଛି। ଚାଷୀମାନେ ଏକାଧିକ ଚାଷ ଅମଳ କରି ରୋଜଗାରକ୍ଷମ ହେଉଛନ୍ତି। ଏ ସଂକ୍ରାନ୍ତରେ ବିଭାଗୀୟ ସହକାରୀ ମୃତ୍ତିକା ସଂରକ୍ଷଣ ଅଧିକାରୀ ସତ୍ୟନାରାୟଣ ଆଚାରୀଙ୍କୁ ପଚାରିବାରୁ କେସିଙ୍ଗା ଚାଷୀଙ୍କୁ ଆବଶ୍ୟକତା ଅନୁସାରେ କ୍ଷେତ୍ର ପୋଖରୀ ଦିଆଯିବ ଏବଂ ଉନ୍ନତଧରଣ ଚାଷରେ ସାମିଲ କରାଯିବ ବୋଲି ପ୍ରକାଶ କରିଥିଲେ।

ଧରିତ୍ରୀ
DHARITRI
ସମ୍ବଲପୁର, ଗୁରୁବାର, ୨୪ ଜୁନ୍, ୨୦୨୧



## ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ବଳିଦାନ ଦିବସ ପାଳିତ

କୋକସରା,(ଡି.ଏନ.ଏ.): କଳାହାଣ୍ଡି ଜିଲା କୋକସରା ବ୍ଲକ ଆମପାଣି ଓ କୋକସରା ମଣ୍ଡଳ ଭାଜପା ପକ୍ଷରୁ ବୁଧବାର ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ୬୭ତମ ବଳିଦାନ ଦିବସ ପାଳିତ ହୋଇଯାଇଛି। କୋକସରାଠାରେ ତ୍ରିନାଥ ବାଗଙ୍କ ଅଧକ୍ଷତାରେ ଗରୁଡ଼ଧ୍ୱଜ ମାଝି, ତ୍ରିନାଥ ଶବର, ଗୋପାଳ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ। ଆମପାଣି ମଣ୍ଡଳ ପକ୍ଷରୁ ମଣ୍ଡଳ ସଭାପତି ଅର୍ଜୁନ ଭାଟି, ସମ୍ପାଦକ ମଧୁବନ ପାତ୍ର, ଭଜମନ ନାଏକ, ସୁଶିଳ ସତନାମୀ, ଚକ୍ରଧର ବେଶ୍ରା ପ୍ରମୁଖ ଭାଜପା କାର୍ଯ୍ୟକର୍ତ୍ତା ଡ଼. ମୁଖାର୍ଜୀଙ୍କ ସ୍ମୃତିଚାରଣ କରିବା ସହ ତାଙ୍କ ତ୍ୟାଗ ଓ ବଳିଦାନକୁ ମନେ ପକାଇଥିଲେ ।

### ସଂକ୍ଷେପରେ

## ବାଇକ୍-ସ୍କୁଟି ମୁହାଁମୁହିଁ ଧକ୍କା: ୩ ମୃତ, ୩ ଗୁରୁତର

ନୂଆପଡ଼ା ଅଫିସ,୨୩।୬: ନୂଆପଡା ଜିଲା ଖଡିଆଳ ଥାନା ଖୁଦପେଜ ଗାଁ ନିକଟରେ ମଙ୍ଗଳବାର ବାଇକ୍ ଓ ସ୍କୁଟି ମଧରେ ମୁହାଁମୁହିଁ ଧକ୍କା ହେବାରୁ ଜଣେ ମହିଳାଙ୍କ ସମେତ ୩ଜଣଙ୍କ ମୃତ୍ୟୁ ଘଟିଛି। ମୃତକମାନେ ହେଲେ ଖଡିଆଳ ଥାନା ପଲସଦା ଗାଁର ହରିପ୍ରିୟା ପ୍ରଧାନୀ (୪୫), ଡମଝର ଗାଁର ବବଲୁ ରାଉତ (୨୨) ଓ ଦମାପଲା ଗାଁର କପିଳେନ୍ଦ୍ର ରଣା (୧୮)। ଅନ୍ୟ ୩ଜଣ ଗୁରୁତରଙ୍କୁ ଖଡିଆଳ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ବୋଡେନ ବ୍ଲକ ଡମଝର ଗାଁରୁ ଖଡିଆଳକୁ ଧାନ ଆଣିବା ପାଇଁ ଉଗ୍ରେସନ ରାଉତ (୪୮), ତାଙ୍କ ପୁଅ ବବଲୁ ଓ ଭଣଜା ପୂର୍ଣ୍ଣ ଏକ ସ୍କୁଟିରେ ଯାଉଥିଲେ। ଅନ୍ୟପଟେ ଖଡିଆଳପଟୁ କପିଳେନ୍ଦ୍ର ୨ଜଣ ମହିଳା ହରିପ୍ରିୟା ଏବଂ ଅନ୍ୟ ଜଣଙ୍କୁ ବାଇକ୍‌ରେ ବସାଇ ପଲସଦା ଗାଁକୁ ଆସୁଥିଲେ। ଖୁଦପେଜ ନିକଟରେ ବାଇକ୍ ମୁହାଁମୁହିଁ ଧକ୍କା ହୋଇଥିଲା। ଘଣାସ୍ଥଳରେ ହରିପ୍ରିୟାଙ୍କ ମୃତ୍ୟୁ ହୋଇଥିଲା। ଗୁରୁତର ଅବସ୍ଥାରେ ବବଲୁ, କପିଳେନ୍ଦ୍ର ଓ ତାଙ୍କ ସହିତ ଥିବା ଅନ୍ୟ ଜଣେ ମହିଳାଙ୍କୁ ଖଡିଆଳ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ କପିଳେନ୍ଦ୍ର ଓ ବବଲୁଙ୍କ ମୃତ୍ୟୁ ଘଟିଥିଲା। ଆହତ ୩ଜଣ ଖଡିଆଳ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଖବର ପାଇ ଖଡିଆଳ ପୋଲିସ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ପରେ ପରିବାରଲୋକଙ୍କୁ ହସ୍ତାନ୍ତର କରିଛି।

## ଗୋଷ୍ଠୀ ଶିକ୍ଷା ପରିବାର ପକ୍ଷରୁ ରକ୍ତଦାନ ଶିବିର

ନୂଆପଡ଼ା ଅଫିସ,୨୩।୬: ନୂଆପଡ଼ା ଗୋଷ୍ଠୀ ଶିକ୍ଷା ପରିବାର ପକ୍ଷରୁ ଏକ ରକ୍ତଦାନ ଶିବିର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଭାଲୁକୋନା (ବିରୋମାଲ)ଠାରେ ଅନୁଷ୍ଠିତ ହୋଇଯାଇଛି। ଶିବିରକୁ କଳାହାଣ୍ଡି ଏମ୍‌ପି ବସନ୍ତ କୁମାର ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ । ନୂଆପଡା ବିଧାୟକ ରାଜେନ୍ଦ୍ର କୁମାର ଡୋଲକିଆ ସମ୍ମାନିତ ଅତିଥି, ଜିଲା ପରିଷଦ ଉପାଧ୍ୟକ୍ଷ ଭାନୁ ପ୍ରତାପ ସିଂ ମାଝି, ନୂଆପଡା ବ୍ଲକ ଅଧ୍ୟକ୍ଷା ତାରେଶ୍ୱରୀ ସାହୁ, ସରୋଜ କୁମାର ସାହୁ, ଜିଲା ଶିକ୍ଷା ଅଧିକାରୀ ସୁଧାଂଶୁ ପ୍ରମୁଖ ଅନ୍ୟତମ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଶିବିରରେ ସେଚ୍ଛାକୃତ ଭାବେ ୩୪ଜଣ ରକ୍ତଦାନ କରିଥିଲେ। ଗୋଷ୍ଠୀ ଶିକ୍ଷା ଅଧିକାରୀ ହେମସାଗର ମହାନନ୍ଦଙ୍କ ତତ୍ତ୍ୱାବଧାନରେ ରକ୍ତଦାନ ଶିବିରକୁ ଶିକ୍ଷକ ଚୈତରାମ ନାଏକ, ଯୌବନ ସଲମା, ଆଶିସ ପାଣିଗ୍ରାହୀ, ଅମରଚନ୍ଦ ଚନ୍ଦ୍ରକାର ପ୍ରମୁଖ ସହଯୋଗ କରିଥିଲେ। ୨୮ଥର ରକ୍ତଦାନ କରିଥିବା ଶିକ୍ଷକ ଗଙ୍ଗାରାମ ସତନାମିଙ୍କୁ ଉପଢୌକନ ଓ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା। ଶିବିରରେ ବ୍ଲକର ସମସ୍ତ ସିଆରସିସି, ଶିକ୍ଷକଶିକ୍ଷୟିତ୍ରୀମାନେ ସହଯୋଗ କରିଥିଲେ।

## ଖଡ଼ିଆଳ ସହର: ପାନୀୟ ଜଳ ଆବଣ୍ଟନରେ ଅନିୟମିତତା

ଖଡିଆଳ,୨୩।୬ (ଡି.ଏନ.ଏ.): ନୂଆପଡା ଜିଲା ଖଡିଆଳ ସହରକୁ ତିଖାଲି ଜଳଭଣ୍ଡାରରୁ ପାନୀୟ ଜଳ ପ୍ରକଳ୍ପ ଦ୍ୱାରା ଜଳ ଯୋଗାଣ ହେଉଛି। ଏହି ପ୍ରକଳ୍ପ ଦ୍ୱାରା ଖଡିଆଳ ସହରରେ ପାନୀୟ ଜଳ ଆବଣ୍ଟନ ନେଇ ବ୍ୟବସ୍ଥା ଥିବା ବେଳେ ଗୃହ ସଂଯୋଗୀକରଣରେ ଅନିୟମିତତା ହେବା ଅଭିଯୋଗ ହୋଇଛି। ଖଡିଆଳ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟଠାରୁ ଏହା ଦୁଇ ଇଞ୍ଚ ଲୁହା ପାଇପରେ ଗୃହକୁ ଜଳ ଯୋଗାଣ ହେଉଥିବା ଜଣାପଡିଛି। ପାନୀୟ ଜଳ ବଣ୍ଟନ ପ୍ରକଳ୍ପରେ ହାପ ଇଞ୍ଚ ପାଇପରେ ଗୃହକୁ ସଂଯୋଗକରଣ ବ୍ୟବସ୍ଥା ଥିବା ବେଳେ ଏହାକୁ ବ୍ୟତିକ୍ରମ କରି ଦୁଇ ଇଞ୍ଚ ପାଇପରେ ଗୃହକୁ ପାନୀୟ ଜଳ ବଣ୍ଟନ ପ୍ରକଳ୍ପରୁ ସଂଯୋଗ କରିଥିବା ଅଭିଯୋଗ ହେଉଛି। ଏହାଦ୍ୱାରା ତାଲିମୁଣ୍ଡକୁ ପାନୀୟ ଜଳ ଠିକ ଭାବେ ପହଞ୍ଚି ପାରୁନାହିଁ। ପ୍ରତ୍ୟେକ ୱାର୍ଡକୁ ସମୟ ଅନୁସାରେ ପାଣି ଯୋଗାଇ ଦିଆଯାଉଥିବା ବେଳେ ତାଲିମୁଣ୍ଡ ଆଜାଦ ଛକଠାରୁ ପୁଟୁପଡା ପର୍ଯ୍ୟନ୍ତ ରହିଛି। ଏପରି ଅନେକ ସ୍ଥାନରେ ଯଦି ଜଳ ସଂଯୋଗୀକରଣ ଅନିୟମିତତାରେ କରାଯାଏ ତାହା ହେଲେ ତଲିମୁଣ୍ଡବାସୀଙ୍କ ସମସ୍ୟା ଆଗାମୀ ଦିନରେ ଦ୍ୱିଗୁଣିତ ହେବା ସମ୍ଭାବନା ରହିଛି। ଏଥିପ୍ରତି ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।

# ଭଙ୍ଗାଘରେ ବିତୁଛି ଜୀବନ

ଖପ୍ରାଖୋଲ, ୨୩।୬(ଡି.ଏନ.ଏ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଧଣ୍ଡାମୁଣ୍ଡା ପଞ୍ଚାୟତ ସଦର ଗାଁର ବଂଶୀ ପରାଭୁଏ(୪୫)। ଗତ ୫ ବର୍ଷ ହେଲା ଅଜଣା ରୋଗରେ ପୀଡିତ ହୋଇଛନ୍ତି। ସ୍ତ୍ରୀ ସୁମିତ୍ରା, ୨ ନାବାଳିକା ଝିଅଙ୍କୁ ନେଇ ତାଙ୍କ ପରିବାର। ବଡଝିଅକୁ ୧୩ ଓ ସାନକୁ ୭ ବର୍ଷ। ସରକାରୀ ସହାୟତା କହିଲେ କେବଳ ପରିବାରକୁ ମିଳୁଛି ୨୦କେଜି ଚାଉଳ। ୫ବର୍ଷ ହେଲା ସ୍ୱାମୀ ରୋଗାକ୍ରାନ୍ତ ହେଲା ପରେ ସ୍ତ୍ରୀ ମୂଲ ଲାଗି ପରିବାର ଚଳାଉଛନ୍ତି। ମୁଣ୍ଡ ଗୁଞ୍ଜିବାକୁ ଘର ନ ଥିବାରୁ ଚାଳ ଛପର ଘରେ ପଲିଥିନ ଟାଣି ରହୁଛନ୍ତି।


ସ୍ତ୍ରୀଙ୍କ ସହ ଭଙ୍ଗା କୁଡିଆ ସମ୍ମୁଖରେ ବଂଶୀ ପରାଭୁଏ।

### ଅଜଣା ରୋଗରେ ପୀଡିତ ବଂଶୀ ପରାଭୁଏ

ଏମିତିକି ଘର ସଜାଡିବା ପାଇଁ ସମର୍ଥ ହେଉନାହାନ୍ତି। ଚଲାବୁଲା କରି ପାରୁ ନ ଥିଲେ ହେଁ, ପ୍ରମାଣପତ୍ର ନ ଥିବାରୁ ବଂଶୀଙ୍କୁ ଏ ଯାଏ ମିଳିନି ଭିନ୍ନକ୍ଷମ ଭତ୍ତା। ଘର ପାଇଁ ଅନେକ ଥର ପଞ୍ଚାୟତରେ ଜଣାଇଥିଲେ କୌଣସି ସୁଫଳ ମିଳିନାହିଁ। ନାହିଁ । ବଂଶୀ ପରାଭୁଏଙ୍କୁ ସରକାରୀ ସହାୟତା ଯୋଗାଇ ଦେବା ସମ୍ପର୍କରେ ବାରମ୍ବାର ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଛି ବୋଲି କହିଛନ୍ତି ସମିତି ସଭ୍ୟ ଶୋଭନମୟ ମିଶ୍ର।

## ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାମ ଫଳକରେ ବିକୃତ ଚିତ୍ର

ଲାଠୋର, ୨୩।୬(ଡି.ଏନ.ଏ.)

ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆର୍‌ଇଜିଏସ୍)ର କାର୍ଯ୍ୟ ଫଳକରେ ମହାତ୍ମା ଗାନ୍ଧୀଙ୍କ ଫଟୋ ଚିତ୍ର ରହିବାର ସରକାରୀ ନିୟମ ରହିଛି। ହେଲେ କେତେକ ଜାଗାରେ ଏହାର ବ୍ୟତିକ୍ରମ ଦେଖା ଦେଉଥିବା ବେଳେ ଆଉ କେତେକ ଜାଗାରେ ମହାତ୍ମା ଗାନ୍ଧୀଙ୍କ ଫଟୋଚିତ୍ରକୁ ବିକୃତ କରି ଅଙ୍କା ଯାଇଛି। ଶ୍ରମିକମାନଙ୍କ ଚିତ୍ର ବି ଠିକ୍ ନାହିଁ। ଏପରିକି ନାମ ଫଳକରେ ଉଲ୍ଲେଖିତ ଶବ୍ଦର ମଧ୍ୟ ତ୍ରୁଟିପୂର୍ଣ୍ଣ ରହିଛି। ଖପ୍ରାଖୋଲ ବ୍ଲକ କରୁଆଁଝର ପଞ୍ଚାୟତ ଅନ୍ତର୍ଗତ ମଶିଣା ଗ୍ରାମରେ ଏହିପରି ଦେଖିବାକୁ



ବିକୃତଭାବେ ଅଙ୍କା ଯାଇଥିବା କାର୍ଯ୍ୟ ଫଳକ।

ମିଳିଛି। ଚଳିତ ବର୍ଷ ୭ ଲକ୍ଷ ୪୬ହଜାର ଟଙ୍କା ବ୍ୟୟ ଅଟକଳରେ ମଶିଣା ଗ୍ରାମରେ ଏମ୍‌ଜିଏନ୍‌ଆରଇଜିଏସ୍‌ରେ ଏକ ଚେକଡ୍ୟାମ କାମ ଆରମ୍ଭ କରାଯାଇଛି। ସେଠାରେ ଲାଗିଥିବା କାର୍ଯ୍ୟ ଫଳକରେ ବିକୃତଭାବେ ଫଟୋଚିତ୍ର ଅଙ୍କା ଯାଇଛି। କାର୍ଯ୍ୟ ଦାୟିତ୍ୱରେ ଥିବା ଯନ୍ତ୍ରୀ ଓ ଅନ୍ୟ ଅଧିକାରୀ ଏସବୁ କି ଦେଖି ସଂଶୋଧନ କରିବାକୁ ନ କହିବା ଆଲୋଚନାର ବିଷୟ ହୋଇଛି। ଏହି ଫଟୋଚିତ୍ର ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଏନେଇ ଖପ୍ରାଖୋଲ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରଭାତ କୁମାର ସାହୁଙ୍କୁ ତାଙ୍କ ମୋବାଇଲ ନଂ ୯୪୩୭୧୫୦୫୩୫ରେ ଯୋଗାଯୋଗ କରାଯାଇଥିଲା। ରିଙ୍ଗ ହେଉଥିଲେ ମଧ ରିସିଭ ନ କରିବାରୁ ପ୍ରତିକ୍ରିୟା ମିଳିପାରି ନାହିଁ।

## ନେପାଳୀ ନାଗରିକଙ୍କୁ ଟିକାକରଣ ନିର୍ଦ୍ଦେଶ

ଭୁବନେଶ୍ୱର, ୨୩।୬(ବ୍ୟୁରୋ)

ଓଡ଼ିଶାରେ ରହି କାର୍ଯ୍ୟ କରୁଥିବା ନେପାଳୀ ନାଗରିକଙ୍କୁ ଟିକାକରଣ କରାଯିବ। ଏ ନେଇ ସ୍ୱାସ୍ଥ୍ୟ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର ବୁଧବାର ସମସ୍ତ ଜିଲାପାଳ, ମହାନଗର ନିଗମ କମିଶନର, ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଚିଠି ଲେଖି ଜଣାଇଛନ୍ତି। ରାଜ୍ୟରେ ଶ୍ରମିକ ବା କର୍ମଚାରୀ ଭାବେ କାର୍ଯ୍ୟ କରୁଥିବା ନେପାଳୀ ନାଗରିକଙ୍କୁ ଟିକା ଦେବା ବ୍ୟବସ୍ଥା କରିବା ପାଇଁ ସେ ନିର୍ଦ୍ଦେଶ ଦେଇଛନ୍ତି। ଯେହେତୁ କୋୱିନ ପୋର୍ଟାଲରେ ପଞ୍ଜୀକରଣ ନିମନ୍ତେ ସେମାନଙ୍କ ପାଖରେ କୌଣସି ପରିଚୟପତ୍ର ନ ଥାଇପାରେ, ତେଣୁ ବିନା ପରିଚୟପତ୍ରରେ ସେମାନଙ୍କୁ ଟିକା ଦେବା ନେଇ କେନ୍ଦ୍ର ସରକାର ଯେଉଁ ଏସ୍‌ଓପି ଜାରି କରିଛନ୍ତି, ସେହି ଆଧାରରେ ଟିକାକରଣ କରିବା ଲାଗି ଅତିରିକ୍ତ ମୁଖ୍ୟ ଶାସନ ସଚିବ ମହାପାତ୍ର କହିଛନ୍ତି।

## ଉନ୍ନୟନ କାର୍ଯ୍ୟ ତଦାରଖ କଲେ ମନ୍ତ୍ରୀ



ମନ୍ତ୍ରୀ ଏବଂ ଅନ୍ୟ ଅଧିକାରୀମାନେ ବାଲାଜୀ ସ୍ମାର୍ଟ ହାଇସ୍କୁଲ ପରିଦର୍ଶନ କରୁଛନ୍ତି।

ଜୁନାଗଡ, ୨୩।୬ (ଡି.ଏନ.ଏ.)

### ଶିକ୍ଷା କ୍ଷେତ୍ରରେ ନୂତନ ପ୍ରଗତି ଆଣିବ ମହିଚଲା ବାଲାଜୀ ସ୍ମାର୍ଟ ହାଇସ୍କୁଲ

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ମହିଚଲାଠାରେ ଏକ ସ୍ମାର୍ଟ ହାଇସ୍କୁଲ ନିର୍ମାଣ ଚାଲିଛି। ସ୍ମାର୍ଟ ହାଇସ୍କୁଲର ଉନ୍ନୟନ କାର୍ଯ୍ୟ ତଦାରଖ କରିବା ଲାଗି ଶକ୍ତିମନ୍ତ୍ରୀ କ୍ୟାପଟେନ୍ ଦିବ୍ୟ ଶଙ୍କର ମିଶ୍ର ଗସ୍ତ କରିଥିଲେ। ଏଥିରେ ମନ୍ତ୍ରୀ ମିଶ୍ରଙ୍କ ସମେତ ଉପଜିଲାପାଳ ଦିବାକର ଟି.ଏସ୍, ବିଡିଓ ଦୁଲାରାମ ମାରାଣ୍ଡି, ସରପଞ୍ଚ ଅଜୟ ବେହେରା, ପ୍ରଧାନଶିକ୍ଷକ ବାଞ୍ଛାନିଧି ପଣ୍ଡା, କନିଷ୍ଠ ଯନ୍ତ୍ରୀ ସଞ୍ଜୟ ମଲ୍ଲିକ ଏବଂ ଅନ୍ୟ ସରକାରୀ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ସ୍ମାର୍ଟ ହାଇସ୍କୁଲ ମହିଚଲା ଅଞ୍ଚଳରେ ଶିକ୍ଷା କ୍ଷେତ୍ରରେ ନୂତନ ପ୍ରଗତି ଆଣିବ ବୋଲି ଆଶା କରାଯାଉଛି। ଜୁନାଗଡ ବିଧାୟକ ତଥା ଶକ୍ତିମନ୍ତ୍ରୀ ମିଶ୍ରଙ୍କ ଉଦ୍ୟମରେ ହେଉଥିବା ଏହି ବାଲାଜୀ ସ୍ମାର୍ଟ ହାଇସ୍କୁଲରେ ଡିଜିଟାଲ ପାଠପଢା ହେବା ସହ ଡିଜିଟାଲ ଶ୍ରେଣୀ ଗୃହ, ଅତ୍ୟାଧୁନିକ ଜ୍ଞାନ ପ୍ରଣାଳିର ଲାଇବ୍ରେରୀ, କମ୍ପ୍ୟୁଟର କକ୍ଷ, ଇଣ୍ଟରନେଟ୍, ୱାଇଫାଇ ସୁବିଧା ଆଦି ବ୍ୟବସ୍ଥା କରାଯାଉଛି। ଉନ୍ନତମାନର ଓ ଅତ୍ୟାଧୁନିକ ସ୍ମାର୍ଟ ହାଇସ୍କୁଲରେ ପାଠପଢି ଅଞ୍ଚଳର ଅନେକ ଗରିବ ଛାତ୍ରୀଛାତ୍ର ଉପକୃତ ହୋଇ ପାରିବେ ବୋଲି ମହିଚଲା ସରପଞ୍ଚ ଅଜୟ ବେହେରା ପ୍ରକାଶ କରନ୍ତି।

## ଗଜବେଶ ଦର୍ଶନରୁ ବଞ୍ଚିତ ହେବେ ଶ୍ରଦ୍ଧାଳୁ

କେନ୍ଦ୍ରାପଡ଼ା ଅଫିସ,୨୨।୬

### ପ୍ରଶାସନ ପକ୍ଷରୁ ୧୪୪ ଧାରା ଜାରି

କେନ୍ଦ୍ରାପଡ଼ା ସହରର ଇଚ୍ଛପୁରସ୍ଥିତ ମନ୍ଦିରରେ ତୁଳସୀ କ୍ଷେତ୍ରାଧିପତି ଶ୍ରୀ ବଳଦେବଜୀଉଙ୍କ ସ୍ନାନ ପୂର୍ଣ୍ଣିମା ରୀତିନୀତି ସହକାରେ ଗୁରୁବାର ପାଳନ ହେବ । ଏଥିସହ ଅପରାହ୍ନ ୧.୩୦ ମିନିଟରେ ଶ୍ରୀଜୀଉଙ୍କ ଗଜବଦନ ବେଶ ହେବ । ତେବେ ଏହି ବେଶ ଓ ଦେବସ୍ନାନ ନୀତି ଦର୍ଶନରୁ ଶ୍ରଦ୍ଧାଳୁମାନେ ବଞ୍ଚିତ ହେବେ । କରୋନା ମହାମାରୀକୁ ଦୃଷ୍ଟିରେ ରଖି ଉପଜିଲାପାଳ ନିରଞ୍ଜନ ବେହେରା ମନ୍ଦିରର ୫୦୦ ମିଟର ଦୂର ପର୍ଯ୍ୟନ୍ତ ସିଆରପିସିର ଧାରା ୧୪୪ ଲାଗୁ କରିଛନ୍ତି । ତେବେ ଏହି ସମୟରେ ସେବାୟତମାନେ ଶ୍ରୀଜୀଉଙ୍କ ନୀତିକାନ୍ତି ପାଇଁ ମନ୍ଦିରକୁ ପ୍ରବେଶ କରିପାରିବେ ବୋଲି ଚିଠି ନଂ. ୫୫୨୯ରେ ଉଲ୍ଲେଖ କରିଛନ୍ତି। ସୂଚନାଯୋଗ୍ୟ, ସକାଳ ୬ରୁ ୭ଟା ମଧ୍ୟରେ ଶ୍ରୀଜୀଉ ସ୍ନାନ ମଣ୍ଡପକୁ ବିଜେ କରିବେ । ନୀତିସ୍ନାନ ପୂର୍ବାହ୍ନ ୧୦ଟାରେ ହେବାକୁ ଥିବା ବେଳେ ଅନବସର ଗୃହକୁ ରାତି ୮ଟାରେ ଶ୍ରୀଜୀଉ ଗମନ କରିବେ ବୋଲି ଟ୍ରଷ୍ଟ ବୋର୍ଡ ନିର୍ବାହୀ ଅଧିକାରୀ ବଳଭଦ୍ର ପତ୍ରୀ ସୂଚନା ଦେଇଛନ୍ତି।

## ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାମ ପ୍ରାପ୍ୟ ପାଇଁ ଦାବିପତ୍ର


ଦାବିପତ୍ର ଦେବାକୁ ଆସିଥିବା ବୋଡେନ ବ୍ଲକ ଲିଟିସର୍ଗି ପଞ୍ଚାୟତ କେଉଁବୁର୍ଲାର ଶ୍ରମିକମାନେ।

ନୂଆପଡ଼ା ଅଫିସ,୨୩।୬

ନୂଆପଡା ଜିଲା ବୋଡେନ ବ୍ଲକ ଲିଟିସର୍ଗି ପଞ୍ଚାୟତ କେଉଁବୁର୍ଲା ଗାଁ ଲୋକେ ଏମ୍‌ଜିଏନ୍‌ଆରଇଜିଏସ୍‌ରେ କାମ କରି ପ୍ରାପ୍ୟ ନ ପାଇଇବାରୁ ଶେଷରେ ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ମଙ୍ଗଳବାର ବୋଡେନ ବ୍ଲକ କେଉଁବୁର୍ଲା ଗାଁର ୭୦ଜଣ ଶ୍ରମିକ ଉକ୍ତ ଯୋଜନାରେ କାମ କରି ପାଉଣା ପାଇଁ ବୋଡେନ ବିଡିଓଙ୍କୁ ସାକ୍ଷାତ କରିବାକୁ ଯାଇଥିଲେ। ବିଡିଓ ବିଭିନ୍ନ ଆଳ ଦେଖାଇ ଶ୍ରମିକମାନଙ୍କ ସହିତ ସାକ୍ଷାତ କଲେନାହିଁ। ଶ୍ରମିକମାନେ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଅପେକ୍ଷା କରିଥିଲେ। ଶେଷରେ ଏପିଓ ଆସି ଦାବିପତ୍ର ଗ୍ରହଣ କରିଥିଲେ। ଗୋଟିଏ ମାସ ଭିତରେ ସମସ୍ତ ଶ୍ରମିକଙ୍କ ପାଉଣା ମିଳିବା ସହିତ ଦୋଷି କର୍ମଚାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଜିଲାରେ ବାରମ୍ବାର ଅଭିଯୋଗ କଲା ପରେ ମଧ୍ୟ ଉକ୍ତ ଯୋଜନାରେ କାର୍ଯ୍ୟ କରିଥିବା ଶ୍ରମିକମାନେ ପାଉଣା ପାଇବାରେ ବିଳମ୍ବ ହେଉଛି। ବର୍ତ୍ତମାନ ଲକଡାଉନରେ ଲୋକେ କାମଧନ୍ଦା ନ ପାଇ ଘରେ ବସି ରହିଛନ୍ତି। କାର୍ଯ୍ୟ କରିଥିବା ପାଉଣା ନ ପାଇଲେ ଚଳିବେ କେମିତି। ଗୋଟିଏ ମାସ ଭିତରେ ପାଉଣା ନ ମିଳିଲେ ଦଳିତ ଅଧିକାର ମଞ୍ଚ ସଭାପତି କମଳ ଚରଣ ତାଣ୍ଡି ବୋଡେନ ବ୍ଲକ କାର୍ଯ୍ୟାଳୟରେ ତାଲା ଦେବା ସହିତ ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ଅନ୍ଦୋଳନ ଜାରି ରହିବ ବୋଲି ଚେତାବନୀ ଦେଇଛନ୍ତି।

## ୧୧ଲକ୍ଷରୁ ଊର୍ଦ୍ଧ୍ୱ ମୂଲ୍ୟର ବ୍ରାଉନସୁଗାର ଜବତ

ଭଦ୍ରକ ଅଫିସ, ୨୩।୬

ଭଦ୍ରକ ଟାଉନ ପୋଲିସ ବୁଧବାର ୧୧୦ ଗ୍ରାମର ବ୍ରାଉନସୁଗାର ଜବତ କରିବା ସହ ୨ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଆଗରପଡ଼ା ଅଞ୍ଚଳର ବଡ଼ବର୍ଚ୍ଚିକୟାଁ ଗାଁର ଜଗବନ୍ଧୁ ଲେଙ୍କା ଓ କାଦବରାଙ୍ଗର ଇନ୍ଦ୍ରମଣି ସାହୁ। ଏମାନେ ବାଲେଶ୍ୱର ଜିଲା ଜଳେଶ୍ୱର ଅଞ୍ଚଳରୁ ଆଣି ଭଦ୍ରକରେ ବ୍ୟବସାୟ କରି ଆସୁଥିଲେ ବୋଲି ଭଦ୍ରକ ଏସ୍‌ଡିପିଓ ସାର୍ଥକ ରାୟ ଟାଉନ ଥାନା ପରିସରରେ ଥାନାଧିକାରୀ ଉମାଶଙ୍କର ନାୟକଙ୍କ ଉପସ୍ଥିତିରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଗିରଫ ଦୁଇ ଜଣଙ୍କୁ ଜାତୀୟ ରାଜପଥ-୧୬ ପାର୍ଶ୍ୱ ମୋଟେଲ ଛକରୁ ଗିରଫ କରାଯାଇଛି। ଦୁହିଁଙ୍କ ଠାରୁ ଗୋଟିଏ ମୋଟର ସାଇକେଲ, ଦୁଇଟି ମୋବାଇଲ ଓ ୨ ହଜାର ଟଙ୍କା ସେମାନଙ୍କ ନିକଟରୁ ପୋଲିସ ଜବତ କରିଛି। ଏନେଇ ଥାନାରେ ଏକ ମାମଲା(ନଂ.୨୫୪/୨୧)ରୁଜୁହୋଇଛି। ଜବତ ବ୍ରାଉନସୁଗାରର ମୂଲ୍ୟ ୧୧ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ବୋଲି ସୂଚନା ଦିଆଯାଇଛି।

## ୧୨ ନଂ. ୱାର୍ଡ ରାସ୍ତା ଉପରେ ଆଣ୍ଠୁଏ ନର୍ଦ୍ଦମାପାଣି


ରାସ୍ତାରେ ନର୍ଦ୍ଦମାପାଣି ବହୁଛି।

ଖଡିଆଳ, ୨୩।୬ (ଡି.ଏନ.ଏ.)

ନୂଆପଡା ଜିଲା ଖଡିଆଳ ୧୨ ନଂ. ୱାର୍ଡ ରାସ୍ତାରେ ବହୁଛି ସହରର ନର୍ଦ୍ଦମା କାଦୁଅ ପାଣି। ଜଣେ ବ୍ୟକ୍ତିଙ୍କ ନିଜସ୍ୱ ଜମିକୁ ଦୀର୍ଘ ବର୍ଷ ଧରି ନର୍ଦ୍ଦମା କାଦୁଅ ପାଣି ଯାଉଥିଲା ଫଳରେ ବ୍ୟକ୍ତି ଜଣଙ୍କ ଜମିରେ ଚାଷ କରିପାରୁ ନ ଥିଲେ। ସେ ନାଳକୁ ବନ୍ଦ କରିଦେବା ଯୋଗୁ କାଦୁଅ ପାଣି ଏବେ ଲୋକଙ୍କ ଘରେ ପଶୁଛି। ଏହି ସମସ୍ୟା ସମାଧାନ ପାଇଁ ଖଡିଆଳ ଏନଏସିକୁ ଅନେକ ଥର ଅଭିଯୋଗ କରିଛନ୍ତି। କିନ୍ତୁ ବିଭାଗୀୟ ଅଧିକାରୀମାନେ ଧ୍ୟାନ ଦେଉ ନ ଥିବାରୁ ପ୍ରତ୍ୟେକ ବର୍ଷ ୱାର୍ଡବାସୀ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଜିଲା ପ୍ରଶାସନ ଦୃଷ୍ଟି ଦେଇ ନୂତନ ନାଳ ତିଆରି କରି ସମସ୍ୟାର ସମାଧାନ କରିବାକୁ ୱାର୍ଡବାସୀ ଦାବି କରିଛନ୍ତି। ଏହି ବିଷୟରେ ଏନ୍‌ଏସି ନିର୍ବାହୀ ଅଧିକାରୀ ଚିନ୍ମୟ ଆଚାର୍ଯ୍ୟଙ୍କୁ ପଚାରିବାରୁ ବହୁଶୀଘ୍ର ଏହାର ସମାଧାନ କରାଯିବ ବୋଲି କହିଥିଲେ।

## ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ମକା ବିହନ ବଣ୍ଟନ

ଜୁନାଗଡ, ୨୩।୬ (ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡସ୍ଥିତ କୃଷି ସୂଚନା ଓ ପରାମର୍ଶ କେନ୍ଦ୍ରଠାରେ ମିଠା ମକା ବିହନ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜୁନାଗଡ ଆତ୍ମାର ଅଧକ୍ଷ ଅଶୋକ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ମନ୍ତ୍ରୀ କ୍ୟାପଟେନ୍ ଦିବ୍ୟ ଶଙ୍କର ମିଶ୍ର, ସମ୍ମାନିତ ଅତିଥି ଭାବେ କୃଷି ଜିଲା ଅଧିକାରୀ ରାମଚନ୍ଦ୍ର ବାରିକ, ଆତ୍ମାର ଆବାହକ ଗଜାନନ ସାହୁ, ଏଏଓ ନୌକେଶ୍ୱର ନାଗ, ଭବାନୀପାଟଣାର ପୂର୍ବତନ ପୌରାଧକ୍ଷ ଆଦିତ୍ୟ ପ୍ରସାଦ ନନ୍ଦ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ପୋରାଗାଁର ପଦ୍ମାଳୟା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଓ ଘଣ୍ଟବାହାଲିର ମା' ଲଙ୍କେଶ୍ୱରୀ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ୩୨ ହେକ୍ଟର ପାଇଁ ମିଠା ମକା ବିହନ (ମଞ୍ଜି) ବଣ୍ଟନ କରାଯାଇଥିଲା। ଆତ୍ମା ସହାୟତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଏଫଏସି ସଦସ୍ୟା ମନିଷା ସାହୁ, ସଦସ୍ୟ ଗୋପୀନାଥ ଶବର,ଲ କ୍ଷ୍ମଣ ରଣବୀର, ଶୁସାନ୍ତ ନାଏକ, ଦିପେନ ସାହୁ, ଆଦିତ୍ୟ ସାହୁ, ଅଗସ୍ତି ପଟେଲ, ବିଟଏମ୍ ଭବତୋଷ କର, ଏଟିଏମ୍ ପ୍ରଶାନ୍ତ ରାଉତ, ନିତ୍ୟ ସୁନ୍ଦର ସାହୁପ୍ରମୁଖ ସହଯୋଗ କରିଥିଲେ।

## ଅସହାୟ ପରିବାରକୁ ସହାୟତା ଦେବ ପ୍ରଶାସନ

ଲାଠୋର, ୨୩।୬(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ମାଲପଡା ପଞ୍ଚାୟତ ଅଧୀନ ଜଲପାଙ୍କେଲ ଗ୍ରାମର ଅସହାୟ ମହିଳା ଜ୍ୟୋତ୍ସ୍ନା ମେହେରଙ୍କ ପରିବାର ପାଖରେ ପହଞ୍ଚିଛି ପ୍ରଶାସନ। ସିଏମଓଙ୍କ ନିର୍ଦ୍ଦେଶକ୍ରମେ ଖପାଖୋଲ ବ୍ଲକ ପ୍ରଶାସନ ସମ୍ପୃକ୍ତ ମହିଳାଙ୍କୁ ମଧୁବାବୁ ପେନ୍‌ସନ ଏବଂ ବାସଗୃହ ଯୋଗାଇ ଦେବା ପାଇଁ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ସୁପାରିସ କରିବ। ଆଗାମୀ ଦିନରେ ପରିବାର ମଙ୍ଗଳ ଯୋଜନାରେ ସାମିଲ କରି ସାହାଯ୍ୟ ଯୋଗାଇ ଦିଆଯିବ ବୋଲି ସୂଚନା ଦେଇଛନ୍ତି ବ୍ଲକ ଗ୍ରାମ ପଞ୍ଚାୟତ ଅଧିକାରୀ ସୁଶାନ୍ତ ପାଣି। ସୂଚନା ଅନୁସାରେ ଚଳିତ ଏପ୍ରିଲ ୩୦ତାରିଖରେ ଜ୍ୟୋତ୍ସ୍ନାଙ୍କ ସ୍ୱାମୀ ରାମ ମେହେର ଜ୍ୱରରେ ଆକ୍ରାନ୍ତ ହୋଇଥିଲେ। ଚିକିତ୍ସା ପାଇଁ ତାଙ୍କୁ ଖପ୍ରାଖୋଲ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ହେଲେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ସ୍ୱାମୀଙ୍କ ମୃତ୍ୟୁରେ ଦୁଇପିଲାଙ୍କୁ ନେଇ ଜ୍ୟୋତ୍ସ୍ନା କିପରି ପରିବାର ଚଳାଇବେ ଚିନ୍ତାରେ ପଡିଥିଲେ। ଏହାକୁ ନେଇ ଗତ ୧୮ତାରିଖ ଧରିତ୍ରୀରେ ସାହାଯ୍ୟ ଅପେକ୍ଷାରେ ଅସହାୟ ପରିବାର ଶୀର୍ଷକ ଖବର ପ୍ରକାଶ ପାଇଥିଲା। ଏହି ଖବରକୁ ସାମାଜିକ କର୍ମୀ ଦୀପା ବାରିକ ସିଏମଓ ଓଡ଼ିଶା ଏବଂ ମୋ ସରକାର ୫-ଟିକୁ ଟୁଇଟ କରି ସାହାଯ୍ୟ କରିବାକୁ ଅନୁରୋଧ କରିଥିଲେ।

## କାଠଫାଳିଆ ମାଡ଼ରେ ଶିକ୍ଷକଙ୍କ ମୃତ୍ୟୁ

ଖଜୁରିପଡ଼ା(ଡି.ଏନ.ଏ.)/ ବଲସକୁମ୍ପା,୨୩।୬

### ସୁପ୍ ଦୋକାନୀଙ୍କ ସହ ବଚସାରୁ ହତ୍ୟାକାଣ୍ଡ

କନ୍ଧମାଳ ଜିଲା ଖଜୁରିପଡ଼ା ଥାନା ଅନ୍ତର୍ଗତ ପୁଡୁଜିସୁଗା ଗାଁ ନିକଟରେ ମଙ୍ଗଳବାର ରାତିରେ ଜଣେ ଶିକ୍ଷକଙ୍କୁ ସଂଘବଦ୍ଧ ଭାବେ କାଠଫାଳିଆରେ ପିଟି ହତ୍ୟା କରାଯାଇଛି। ମୃତକ ହେଲେ ବଡଭୂଇଁ ଦଳପଡ଼ା ଗ୍ରାମର ସୁଜିତ କୁମାର ସାହାଣୀ (୨୭)। ପୋଲିସ ବୁଧବାର ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇଛି। ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ଏହି ଘଟଣାରେ ୨ ଜଣଙ୍କୁ ଅଟକ ରଖାଯାଇ ତଦନ୍ତ ଚାଲିଛି।

ଦଳପଡ଼ା ଗ୍ରାମର ସୁଜିତ କଟକ ଜିଲା ବଡମ୍ବା ନରସିଂହପୁର ଅଞ୍ଚଳରେ ଏକ ସରକାରୀ ସ୍କୁଲରେ ଶିକ୍ଷକତା କରୁଥିଲେ। ସେ କିଛିଦିନ ହେଲା ଗାଁକୁ ଆସିଥିଲେ। ମଙ୍ଗଳବାର ସୁଜିତ ଓ ତାଙ୍କ ସାଙ୍ଗ ଟିପେଇ ସାହାଣୀ ଲାଇନ୍‌ପଡ଼ା ନିକଟ ପାଣ୍ଡୁଗୁଡ଼ା ଗ୍ରାମକୁ ଏକ ବିବାହ ଭୋଜିରେ ଯୋଗ ଦେବାକୁ ଯାଇଥିଲେ। ଲାଇନ୍‌ପଡା ହାଟପଦା ସାହିର ଜଣେ ସୁପ ଦୋକାନୀଙ୍କ ସହ କୌଣସି କଥାକୁ ନେଇ ତାଙ୍କର ଯୁକ୍ତିତର୍କ ହୋଇଥିଲା। ସୁପ୍ ଦୋକାନୀ ଫୋନ୍ କରି ତାଙ୍କ ସାଙ୍ଗମାନଙ୍କୁ ଡାକିବାରୁ ଅଧିକ ଗଣ୍ଡଗୋଳ ଯେଭଳି ନ ହେବ ସୁଜିତ ଓ ଟିପେଇ ସେଠାରୁ ପଳାଇ ଆସି ବିଲମାଳରେ ଲୁଚି ରହିଥିଲେ। ରାତି ପ୍ରାୟ ସାଢ଼େ ୯ଟାରେ ଉଭୟେ ଗାଁକୁ ଫେରୁଥିଲେ। କାଣ୍ଡାପଡ଼ା ପତ୍ରଫୋଡ଼ି ସମ୍ମୁଖ ରାସ୍ତାରେ ସୁପ୍ ଦୋକାନୀ ଓ ତାଙ୍କ ସାଙ୍ଗମାନେ ରାସ୍ତାରେ କାଠ ପକାଇ ସେମାନଙ୍କୁ ଅଟକାଇବା ସହ କାଠଫାଳିଆରେ ସଂଘବଦ୍ଧ ଆକ୍ରମଣ କରିଥିଲେ। ଫଳରେ ଘଟଣାସ୍ଥଳରେ ସୁଜିତଙ୍କ ମୃତ୍ୟୁ ଘଟିଥିଲା। ଟିପେଇ ସେଠାରୁ କୌଶଳକ୍ରମେ ଖସିଯାଇ ଘଟଣା ସମ୍ପର୍କରେ ସୁଜିତଙ୍କ ପରିବାରକୁ ଜଣାଇଥିଲେ। ଗ୍ରାମବାସୀ ଓ ପରିବାର ଲୋକେ ସେଠାରେ ପହଞ୍ଚି ପୋଲିସକୁ ଖବର ଦେଇଥିଲେ। ଏ ନେଇ ନଂ. ୭୦/୨୧ରେ ହତ୍ୟା ମାମଲା ରୁଜୁ କରାଯାଇଛି।